# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୧୪/୨୦୨୦ (୨୦ ପୃଷ୍ଠା) Sambalpur, Tuesday, January 14 / 2020 ★★

୧୬ଶ ଭାଗ ୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




### ତାମିଲ ଫିଲ୍ମରେ ତାପସୀଙ୍କ ଜଲୱା

ବଲିଉଡ୍ ବିୟୁଟି ତାପସୀ ପନ୍ନୁଙ୍କୁ ତାମିଲ ସିନେମାର ଆନନ୍ଦ ଭିକତାନ ଆୱାର୍ଡ ମିଳିଛି। ମୁଭି 'ଗେମ୍ ଓଭର' ପାଇଁ ତାପସୀଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି।

୧୨

୧୮

### ସ୍ୱସ୍ତିଙ୍କୁ ରୌପ୍ୟ ପଦକ

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍ ସାଇକ୍ଲିଂରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ।



■ କଂଗ୍ରେସର ସିଏଏ ବିରୋଧୀ ମେଳି

# ବିରୋଧୀ ଏକତାକୁ ଝଟକା

■ ଯୋଗଦେଲେନି ଏସ୍‌ପି, ବିଏସ୍‌ପି, ଟିଏମ୍‌ସି, ଶିବସେନା, ଡିଏମ୍‌କେ ଓ ଏଏପି

■ ମୋଦି, ଶାହା ଲୋକଙ୍କୁ ବୋକା ବନାଉଛନ୍ତି: ସୋନିଆ

■ ପ୍ରମୁଖ ପ୍ରସଙ୍ଗରୁ ସରକାର ଦୂରେଇ ଯାଉଛନ୍ତି: ରାହୁଲ

ନୂଆଦିଲ୍ଲୀ, ୧୩।୧

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ପାର୍ଲାମେଣ୍ଟ ହାଉସ୍‌ରେ ସୋମବାର କଂଗ୍ରେସ ଡାକିଥିବା ବୈଠକକୁ ଝଟକା ଲାଗିଛି। ବୈଠକରେ ୧୫ଟି ଦଳର ନେତାମାନେ ଯୋଗଦେଇଥିବାବେଳେ ପ୍ରମୁଖ ବିରୋଧୀ ଦଳ ଏସ୍‌ପି, ବିଏସ୍‌ପି, ଟିଏମ୍‌ସି, ଶିବସେନା, ଡିଏମ୍‌କେ ଓ ଏଏପିର କୌଣସି ନେତା ଏଥିରେ ଯୋଗଦେଇ ନ ଥିଲେ। ସିଏଏ ବିରୋଧୀ ମେଳିକୁ ତାଙ୍କୁ ଆମନ୍ତ୍ରଣ କରାଯାଇ ନ ଥିବା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ପ୍ରକାଶ କରିଥିବାବେଳେ ଭାରତ ବନ୍ଦବେଳେ କଂଗ୍ରେସ ଓ ବାମପନ୍ଥୀ ସମର୍ଥକମାନେ ଟିଏମ୍‌ସି କର୍ମୀଙ୍କୁ ଆକ୍ରମଣ କରିବା ଘଟଣାକୁ ନେଇ ମମତା ବୈଠକରୁ ଦୂରେଇ ରହିଥିବା ଜଣାପଡ଼ିଛି। ସେହିଭଳି ରାଜସ୍ଥାନରେ ବିଏସ୍‌ପିର ୬ ବିଧାୟକଙ୍କୁ କଂଗ୍ରେସ ହାତେଇନେବା ଘଟଣାରେ ବିଏସ୍‌ପି ନେତ୍ରୀ ମାୟାବତୀ ସୋନିଆ ଡାକିଥିବା ବୈଠକକୁ ବର୍ଜନ କରିଛନ୍ତି। ତାମିଲନାଡୁରେ ସ୍ଥାନୀୟ କଂଗ୍ରେସ ନେତାଙ୍କ ଉପରେ ରାଗି ଡିଏମ୍‌କେ ବୈଠକରୁ ଦୂରେଇ ରହିବା ଜଣାପଡ଼ିଛି। ମହାରାଷ୍ଟ୍ରରେ କଂଗ୍ରେସ ସହଯୋଗୀ ଶିବସେନାର ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ବିରୋଧୀ ମେଳିରେ ଯୋଗଦେଇ ନ ଥିଲେ।

ଅନୁଷ୍ଠିତ ବୈଠକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସିଏଏ, ଏନ୍‌ଆର୍‌ସିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ବର୍ଷିଥିଲେ। ୧୫ ବିରୋଧୀ ଦଳ ନେତାଙ୍କ ମେଳିରେ ☞ପୃଷ୍ଠା–୪

# କାର୍ଯ୍ୟକାରୀ ନେଇ ବଢ଼ିପାରେ ଅଡୁଆ

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

ଆଦିବାସୀ ଗ୍ରାମକୁ ମିଳିବ କ୍ଷମତା। ସେମାନଙ୍କ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ର ଅକ୍ଷୁଣ୍ଣ ରହିବ। ସବୁକିଛି ନିଷ୍ପତ୍ତି ନେବ ଗ୍ରାମ ପରିଷଦ(କାଉନ୍‌ସିଲ)। ସେମାନଙ୍କ ଜୀବନଜୀବିକା, ପରମ୍ପରା ଓ କୌଳିକ ବୃତ୍ତିରେ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବେ ନାହିଁ। ରାଜ୍ୟରେ ଥିବା ୧୪ଟି ଅନୁସୂଚିତ ଜନଜାତିବହୁଳ ଜିଲାରେ କାର୍ଯ୍ୟକାରୀ ହେବ 'ପଞ୍ଚାୟତ ଏକ୍ସଟେନ୍‌ସନ ସିଡ୍ୟୁଲ୍‌ଡ ଏରିଆ'(ପେସା) ନିୟମ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପେସା ରୁଲ୍ସ–୨୦୧୯ ପ୍ରସ୍ତୁତ କରାଯାଇଛି। ହେଲେ ଅବକାରୀ ଅଧିକାରକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। କାରଣ ମହୁଲି ଭାଟି ଓ ତତ୍‌ସମ୍ପର୍କିତ ବିଷୟ ଅବକାରୀ ବିଭାଗ ଅଧୀନରେ ରହିଛି। ଏହି ଅଧିକାର ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ହାତରେ ରହିବ ନା କାଉନ୍‌ସିଲ ଉପରେ ନ୍ୟସ୍ତ କରାଯିବ ସେନେଇ ସମ୍ପୃକ୍ତ ବିଭାଗର ମତାମତ ଲୋଡ଼ାଯାଇଥିଲା। ଏହି ସମସ୍ୟା ଦୂର ହେବାପରେ ଏକ ଚିଠା ବିଲ୍ ଆଇନ ବିଭାଗର ଅନୁମୋଦନ ଲାଭ କରିଛି। ଏହି ରୁଲ୍ସର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀ କହିଛନ୍ତି।



■ ପ୍ରସ୍ତୁତ ହେଲା ପେସା ରୁଲ୍ସ

■ ନିଜ ନିଷ୍ପତ୍ତି ନିଜେ ନେବେ ଆଦିବାସୀ

■ ୨୦୬୮ ପଞ୍ଚାୟତ ହାତରୁ କ୍ଷମତା ଯିବା ଭୟ

■ ସବୁ ଆଦିବାସୀ ଗ୍ରାମରେ ଗଠନ ହେବ ପରିଷଦ

କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦି ୭ ଜିଲାରେ ସମ୍ପୂର୍ଣ୍ଣ ପେସା ରୁଲ୍ସ ଲାଗୁହେବାକୁ ଥିବା ବେଳେ ସମ୍ବଲପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, ଦେବଗଡ଼, ବାଲେଶ୍ୱର, କେନ୍ଦୁଝର ଆଦି ଜିଲାରେ ଆଂଶିକ ଭାବେ କାର୍ଯ୍ୟକାରୀ ହେବ। ମୋଟ୍ ୧୨୨ ବ୍ଲକର ୨୦୬୮ଟି ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେବ। ଏହିସବୁ ପଞ୍ଚାୟତରେ ପ୍ରାୟ ୧୩ ହଜାର କାଉନ୍‌ସିଲ ଗଠନ କରାଯିବ। ପ୍ରତ୍ୟେକ ଅନୁସୂଚିତ ଜନଜାତି ଗ୍ରାମରେ ଗୋଟିଏ ଲେଖାଏ କାଉନ୍‌ସିଲ ରହିବ। ଗ୍ରାମସଭା ଦ୍ୱାରା ନିର୍ବାଚିତ ପ୍ରତ୍ୟେକ କାଉନ୍‌ସିଲ୍‌ରେ ଜଣେ ଅଧ୍ୟକ୍ଷ ଓ ୬ଜଣ ସଦସ୍ୟ ରହିବେ। ଏହି ପରିଷଦ ହାତରେ ଗ୍ରାମର ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବ। ଲଘୁ ବନଜାତ ଦ୍ରବ୍ୟ, ଖାଦ୍ୟଶସ୍ୟର ମୂଲ୍ୟ ନିର୍ଦ୍ଧାରଣ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ, ହିତାଧିକାରୀ ଚୟନ, ଶିକ୍ଷାନୁଷ୍ଠାନ ଓ ଅଙ୍ଗନୱାଡ଼ି ଆଦି ଅନୁଷ୍ଠାନର ପରିଚାଳନା ଏବଂ ଅନ୍ୟ ସ୍ଥାନୀୟ ବିଷୟରେ ଗ୍ରାମସଭା ପ୍ରସ୍ତାବ ଆଧାରରେ କାଉନ୍‌ସିଲ ନିଷ୍ପତ୍ତି ନେବ। ଏହାଦ୍ୱାରା ଆଦିବାସୀଙ୍କ ସଂସ୍କୃତି, ପରମ୍ପରା, ଜୀବିକା ସୁରକ୍ଷିତ ରହିବା ସହ ଜଳ, ଜମି, ଜଙ୍ଗଲଗୁଡ଼ିକର ମଧ୍ୟ ସୁରକ୍ଷା ହୋଇପାରିବ। ଜଙ୍ଗଲ ଅଧିକାର ବିଷୟରେ ମଧ୍ୟ ଗ୍ରାମ ପରିଷଦ ନିଷ୍ପତ୍ତି ନେବ।

ପେସା ଆଇନ କାର୍ଯ୍ୟକାରୀ ହେବାକୁ ଥିବା ପଞ୍ଚାୟତଗୁଡ଼ିକର କୌଣସି କ୍ଷମତା ରହିବ ନାହିଁ। କେନ୍ଦ୍ର ସରକାର ୧୯୯୬ରେ ପେସା ଆଇନ କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ଯୋଗୁ ଆଦିବାସୀମାନଙ୍କୁ ସେମାନଙ୍କ ମୂଳ ବସତିରୁ ବିସ୍ଥାପିତ ହେବାକୁ ପଡୁଛି। ଅଚାନକ ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରୁନାହାନ୍ତି। ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି। ଫଳରେ ଯେତେ ଯୋଜନା କଲେ ମଧ୍ୟ ଆଦିବାସୀମାନଙ୍କର ବିକାଶ ହୋଇପାରୁନାହିଁ। ସେମାନଙ୍କ ଜରିଆରେ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ କରିବା ପେସା ଆଇନର ମୂଳ ଲକ୍ଷ୍ୟ। ୧୧ଟି ଆଦିବାସୀବହୁଳ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ☞ପୃଷ୍ଠା–୪

## ନିର୍ଭୟା ମାମଲା

# କ୍ୟୁରେଟିଭ୍ ପିଟିଶନ ଶୁଣାଣି ଆଜି

ନୂଆଦିଲ୍ଲୀ, ୧୩।୧

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର କ୍ୟୁରେଟିଭ୍ ପିଟିଶନର ଶୁଣାଣି କରିବେ। ଜଷ୍ଟିସ୍ ଏନ୍.ଭି ରମାନା, ଅରୁଣ ମିଶ୍ର, ଆର୍.ଏଫ୍. ନରିମାନ, ଆର୍ ବାନୁମଥୀ ଏବଂ ଅଶୋକ ଭୂଷଣଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ପିଟିଶନର ଶୁଣାଣି କରିବେ ବୋଲି ଜଣାପଡିଛି। ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ବିନୟ ଶର୍ମା ଏବଂ ମୁକେଶ କ୍ୟୁରେଟିଭ୍ ପିଟିଶନ ଦାଏର କରିଥିଲେ। ଫାଶୀଦଣ୍ଡରୁ ମୁକ୍ତି ପାଇବା ପାଇଁ ଏହା ଅପରାଧୀମାନଙ୍କର ଶେଷ ଅସ୍ତ୍ର ଥିଲା। ଜାନୁୟାରୀ ୨୨ ତାରିଖ ସକାଳ ୭ଟାରେ ୪ ଅପରାଧୀଙ୍କୁ ଫାଶୀ ଦେବା ପାଇଁ ପଟିଆଲା ହାଉସ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ। ଏଥିପାଇଁ ଅପରାଧୀମାନେ ରହିଥିବା ତିହାର ଜେଲ୍‌ରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଜେଲ୍‌ରେ ଫାଶୀର ଡମି କରାଯାଇଥିଲା। ଫାଶୀ ଦଉଡିର ମୋଟେଇ ନିର୍ଦ୍ଧାରଣ ପାଇଁ ଅପରାଧୀମାନଙ୍କ ବେକର ମୋଟେଇ ମାପ ନିଆଯିବା ବେଳେ ସେମାନେ କାନ୍ଦିଥିଲେ। ସୋମବାର ଫାଶୀର ରିହରସାଲ ମଧ୍ୟ କରାଯାଇଛି। ଏହା ସପ୍ତାହେ ଧରି ଚାଲିବ। ଅଭିଯୁକ୍ତମାନଙ୍କ ଓଜନ ଏବଂ ଉଚ୍ଚତା ଅନୁଯାୟୀ ବାଲି ବୋଝେଇ ବସ୍ତା ରଖି ଫାଶୀର ନକଲ କରାଯାଇଛି। ଫାଶୀ ଦେବା ପାଇଁ ଉତ୍ତରପ୍ରଦେଶ ଜେଲ କର୍ତ୍ତୃପକ୍ଷ ମିରଟରୁ ପୱନ ଜଲ୍ଲାଦଙ୍କୁ ପଠାଇବେ ବୋଲି ସ୍ପଷ୍ଟ କରିଛନ୍ତି। ଆଉ ଜଣେ ଘାତକଙ୍କୁ ଖୋଜାଚାଲିଛି। ଯଦି ଦ୍ୱିତୀୟ ଘାତକ ନ ମିଳନ୍ତି ତେବେ ପୱନ ସମସ୍ତ ୪ ଅପରାଧୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇବେ ବୋଲି ତିହାର ଜେଲ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇ ମୁମୂର୍ଷୁ ଅବସ୍ଥାରେ ରାସ୍ତାରେ ଫିଙ୍ଗିଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖିବୁଜିଥିଲେ।


ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ ପୃଷ୍ଠା - ୮ ଓ ୯


## ମକର ସଂକ୍ରାନ୍ତି ପାଇଁ ସରକାରୀ ଛୁଟି

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

ଆସନ୍ତା ୧୫ ତାରିଖ ମକର ସଂକ୍ରାନ୍ତି ସରକାରୀ ଛୁଟି। ଉକ୍ତଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି।


ଆଜିର ସମ୍ପାଦକୀୟ

କୋଚିରୁ ଶିକ୍ଷା


### ଆଜିର ମନ୍ତବ୍ୟ

"ଦେଶବ୍ୟାପୀ ଏନ୍‌ଆର୍‌ସି ଲାଗୁ କରିବା ଅନାବଶ୍ୟକ ଓ ଏହାର କୌଣସି ଯଥାର୍ଥତା ନାହିଁ।

–ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

# କଡ଼ାକଡ଼ି ହେବ ପ୍ରଥମ ବର୍ଷ ଯୁକ୍ତ୨ ପରୀକ୍ଷା

■ ସବୁ କଲେଜରେ ଏକାସଙ୍ଗେ ପରୀକ୍ଷା

■ ଫେଲ୍ ହେଲେ ପୁଣି ଦେବେ

ଭୁବନେଶ୍ୱର, ୧୩।୧ (ବ୍ୟୁରୋ)

ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ରାଜ୍ୟ ସରକାର ବ୍ୟାପକ ମାତ୍ରାରେ ପ୍ରୟାସ ଚଳାଇଛନ୍ତି। ବିଗତ ଦିନଗୁଡ଼ିକ ଅପେକ୍ଷା ଯଦି ବର୍ତ୍ତମାନ ସମୟକୁ ତୁଳନା କରାଯାଏ, ତେବେ ଉଭୟ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ପିଲାଙ୍କ ପାଠପଢ଼ାରେ ଉନ୍ନତି ଆଣିବାକୁ ଅନେକ ଯୋଜନା କରିଛନ୍ତି। ସେହି କ୍ରମରେ ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସ୍କୁଲ ଓ ଗଣଶିକ୍ଷା ବିଭାଗ ଆଉ ଏକ ନୂଆ ପଦକ୍ଷେପ ନେଇଛି। ଏଣିକି ଯୁକ୍ତ ୨ର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ପୂର୍ବଭଳି କରା ନ ଯାଇ ଆଗକୁ କଡ଼ାକଡ଼ି କରାଯିବ। ପୂର୍ବରୁ ଯେପରି ପ୍ରଥମ ବର୍ଷର ଯୁକ୍ତ୨ ପିଲାମାନେ ନାଁକୁ ମାତ୍ର ପରୀକ୍ଷା ଦେଉଥିଲେ ଆଉ ସେମିତି ହେବନାହିଁ। ଅନ୍ୟପଟେ କଲେଜଗୁଡ଼ିକ ମଧ୍ୟ ନିଜ ସୁବିଧା ଅନୁଯାୟୀ ପରୀକ୍ଷା କରିପାରିବେ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାକୁ ମଧ୍ୟ ଏକ ବ୍ୟବସ୍ଥିତ ଢଙ୍ଗରେ କରାଯିବାକୁ ସ୍ଥିର କରାଯାଇଛି। ଯଦି ପ୍ରଥମ ବର୍ଷ ପରୀକ୍ଷାରେ କୌଣସି ପିଲା ଫେଲ୍ ହୁଅନ୍ତି ତେବେ ସେମାନଙ୍କ ପାଇଁ ଆଉ ଥରେ ପରୀକ୍ଷା କରାଯିବ ବୋଲି ଜଣାପଡିଛି।

ଆଗାମୀ ଦିନରେ ଯୁକ୍ତ୨ର ପ୍ରଥମ ବର୍ଷ ପରୀକ୍ଷା ପ୍ରତ୍ୟେକ କଲେଜରେ ନିର୍ଦ୍ଦିଷ୍ଟ ଗୋଟିଏ ସମୟରେ କରାଯିବ। ମନଇଚ୍ଛା କଲେଜଗୁଡିକ ନିଜ ସୁବିଧା ଅନୁଯାୟୀ ଆଉ ପରୀକ୍ଷା କରିପାରିବେ ନାହିଁ। ସେହିପରି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷାର ଫଳ ଯାହା ହେଲେ ମଧ୍ୟ ଯେପରି ଅଲ୍ ପାସ୍ ବ୍ୟବସ୍ଥା ରହିଥିଲା ସେଥିରେ ପରିବର୍ତ୍ତନ ହେବାକୁ ଯାଉଛି। ଯଦି ଯୁକ୍ତ ୨ ପ୍ରଥମ ବର୍ଷର କୌଣସି ପିଲା ପରୀକ୍ଷାରେ ଫେଲ୍ ହୁଏ ତେବେ ସେମାନଙ୍କୁ ଆଉ ଥରେ ପରୀକ୍ଷା ଦେବାକୁ ପଡ଼ିବ। ଫେଲ୍ ଛାତ୍ରୀଛାତ୍ରଙ୍କୁ କିଛିଦିନ ମଧ୍ୟରେ ଆଉ ଥରେ ପରୀକ୍ଷା ଦେବାକୁ ପଡିବ ବୋଲି ଜଣାପଡିଛି। ଏଥିପାଇଁ ସମସ୍ତ କଲେଜକୁ ଆଉ ଥରେ ଏକ ସପ୍ତାହ ସମୟ ମିଳିବ। ତା' ମଧ୍ୟରେ କଲେଜଗୁଡିକୁ ପୁଣିଥରେ ପରୀକ୍ଷା ଶେଷ କରିବାକୁ ପଡ଼ିବ। ଯଦି ଦ୍ୱିତୀୟ ଥର ସେହି ପିଲାମାନେ ଫେଲ୍ ହୁଅନ୍ତି ତେବେ ସେ କ୍ଷେତ୍ରରେ କ'ଣ କରାଯିବ ସେନେଇ କୌଣସି ନିଷ୍ପତ୍ତି ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଏହି ପ୍ରସ୍ତାବକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ୱୀକୃତି ଦେଇସାରିଥିବା ମଧ୍ୟ ଜଣାପଡ଼ିଛି।

ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଯୁକ୍ତ ୨ ଛାତ୍ରୀଛାତ୍ର ପ୍ରଥମ ବର୍ଷ ପାଠପଢ଼ା ଠିକ୍‌ରେ ନ ପଢ଼ି ଦ୍ୱିତୀୟ ବର୍ଷକୁ ସେମିତି ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି; ଯେଉଁଥିପାଇଁ ସେମାନଙ୍କ ପଢ଼ା ଠିକ୍‌ରେ ହୋଇପାରୁନାହିଁ। ଗୋଟିଏ ବର୍ଷ ଅଯଥାରେ ଚାଲିଯାଉଛି। ତେଣୁ ସେମାନଙ୍କ ଦାୟିତ୍ୱବୋଧ ଏବଂ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।





Vencobb FRESH CHICKEN

13.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 79 | 131 | 141 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 80 | 132 | 142 |
| BHM | 78 | 129 | 139 |

*Conditions Apply

Issued in the Interest of Consumers





❝ ଦେଶର ଅର୍ଥନୈତିକ ସ୍ଥିତିକୁ ନେଇ ଛାତ୍ରୀଛାତ୍ରଙ୍କୁ ସମ୍ମୁଖୀନ ହେବାର ପ୍ରଧାନମନ୍ତ୍ରୀଙ୍କ ସତ୍‌ସାହସ ନାହିଁ।

- ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ସଂକ୍ଷେପରେ

### ମୁଶରଫ୍‌ଙ୍କ ମୃତ୍ୟୁଦଣ୍ଡାଦେଶ ରଦ୍ଦ



**ଇସ୍‌ଲାମାବାଦ,୧୩।୧**-ପାକିସ୍ତାନର ପୂର୍ବତନ ସାମରିକ ଶାସକ ପରଭେଜ ମୁଶରଫ୍‌ଙ୍କୁ ରାଜଦ୍ରୋହ ମାମଲାରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଏହାକୁ ଲାହୋର ହାଇକୋର୍ଟ ସୋମବାର ରଦ୍ଦ କରିଛନ୍ତି। ଫଳରେ ମୁଶରଫ୍ ଆଶ୍ୱସ୍ତ ହୋଇଛନ୍ତି। ରାୟରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅସାମ୍ବିଧାନିକ ବୋଲି ହାଇକୋର୍ଟ କହିଛନ୍ତି। ମୁଶରଫ୍‌ଙ୍କ ବିରୋଧରେ ରାଜଦ୍ରୋହ ମାମଲା ଆଇନତଃ ଠିକ୍ ଭାବେ ପ୍ରସ୍ତୁତ କରାଯାଇନାହିଁ ବୋଲି ହାଇକୋର୍ଟଙ୍କ ୩ଜଣିଆ ଖଣ୍ଡପୀଠ ରାୟରେ ଦର୍ଶାଇଛନ୍ତି। ବିଚାରପତି ସୟେଦ ମଜାହର ଅଲି ଆକ୍‌ବର ନକ୍‌ଭି, ବିଚାରପତି ମହମ୍ମଦ ଆମୀର ଭାଟ୍ଟି ଓ ବିଚାରପତି ଚୌଧୁରୀ ମାସୁଦ୍ ଜହାଙ୍ଗୀର ସ୍ୱତନ୍ତ୍ର ଟ୍ରିବ୍ୟୁନାଲର ରାୟକୁ ଖାରଜ କରିଦେଇଛନ୍ତି। ପ୍ରକାଶଥାଉ କି, ୨୦୧୯ ଡିସେମ୍ବର ୧୭ରେ ଇସ୍‌ଲାମାବାଦର ସ୍ୱତନ୍ତ୍ର କୋର୍ଟ ରାଜଦ୍ରୋହ ମାମଲାରେ ମୁଶରଫ୍‌ଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ।

### ଏଏପିରେ ମିଶିଲେ ୨ କଂଗ୍ରେସ ନେତା

**ନୂଆଦିଲ୍ଲୀ,୧୩।୧(ପି.ଟି.)**- ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ଏଏପି ନିଜ ଶକ୍ତି ବୃଦ୍ଧି କରିବାରେ ଲାଗିଛି। ସୋମବାର ୨ କଂଗ୍ରେସ ନେତା ରାମ୍ ସିଂ ନେତାଜୀ ଓ ବିନୟ୍ ମିଶ୍ର ଦଳରେ ସାମିଲ ହୋଇଛନ୍ତି। ବିନୟ୍ ପୂର୍ବତନ କଂଗ୍ରେସ ଏମ୍‌ପି ମହାବଳ ମିଶ୍ରଙ୍କ ପୁଅ। ରାମ୍ ସିଂ ନେତାଜୀ ଜଣେ ପୂର୍ବତନ କଂଗ୍ରେସ ବିଧାୟକ। ସେମାନେ ଏଏପି ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଦିଆଙ୍କ ସମ୍ମୁଖରେ ଦଳରେ ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜୟ ଭଗବାନ ଉପକାର ଓ ନବୀନ ଦୀପୁ ଚୌଧୁରୀ ମଧ ଏଏପିରେ ଯୋଗ ଦେଇଛନ୍ତି।

[ଇତିହାସର ଆଇନାରେ]

### ଜାନୁୟାରୀ ୧୪ର ପ୍ରମୁଖ ଘଟଣା

୧୯୦୭ ଜାନୁୟାରୀ ୧୪ରେ ଜାମାଇକାର କିଙ୍ଗଷ୍ଟୋନରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ପ୍ରାୟ ଏକ ହଜାର ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୫ ଥିଲା। ଭୂକମ୍ପ ପରେ ସୁନାମି ଆସିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୨୦୧୦ ଜାନୁୟାରୀ ୧୪ରେ ୟେମେନ ଆତଙ୍କବାଦୀ ସଙ୍ଗଠନ ଅଲ୍ କାଏଦା ବିରୋଧରେ ଖୋଲା ଯୁଦ୍ଧ ଡାକରା ଦେଇଥିଲା। ୧୯୯୮ରୁ ୟେମେନ୍‌ରେ ଆମେରିକା ସହଯୋଗରେ ଅଲ୍ କାଏଦା ସରକାର ବିରୋଧୀ କାର୍ଯ୍ୟରେ ଲିପ୍ତରହି ବିଭିନ୍ନ ହିଂସାକାଣ୍ଡ ରଚନା କରୁଥିଲା।

## ■ ପାର୍ଲାମେଣ୍ଟ ଭବନ ଆକ୍ରମଣ ପଛରେ ଡିଏସ୍‌ପି ଦାବିନ୍ଦର

# ଅଫଜଲ ଗୁରୁଙ୍କ ସହ ଥିଲା ସମ୍ପର୍କ

**ନୂଆଦିଲ୍ଲୀ,୧୩।୧**

ଦୁଇ ଆତଙ୍କବାଦୀଙ୍କ ସହ ଧରାପଡ଼ି ରବିବାର ଗିରଫ ହୋଇଥିବା ଜମ୍ମୁ-କଶ୍ମୀରର ପୋଲିସ ଅଫିସର ଦାବିନ୍ଦର ସିଂଙ୍କ ସମ୍ପର୍କରେ ନୂଆ ତଥ୍ୟ ପଦାକୁ ଆସିଛି। ପାର୍ଲାମେଣ୍ଟ ଆକ୍ରମଣ ମାମଲାରେ ଫାଶୀ ପାଇଥିବା ଅଫଜଲ ଗୁରୁଙ୍କ ସହ ଏହି ଡିଏସ୍‌ପିଙ୍କ ସମ୍ପର୍କ ଥିଲା ବୋଲି ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଶ୍ରୀନଗର ବିମାନବନ୍ଦରରେ ଆଣ୍ଟିହାଇଜାକ୍ ୟୁନିଟରେ ପୋଷ୍ଟିଂ ହୋଇଥିବା ଏହି ଅଫିସରଙ୍କର ଚଳିତ ମାସରେ ଏସ୍‌ପି ଭାବେ ପଦୋନ୍ନତି ହେବାର ଥିଲା। ସଂସଦ ଭବନ ଓ ପୁଲ୍‌ୱାମା ଆକ୍ରମଣ ଷଡ଼ଯନ୍ତ୍ର ପଛରେ ତାଙ୍କର ସମ୍ପୃକ୍ତି ଥିବା କଂଗ୍ରେସ ଅଭିଯୋଗ କରିଛି।

ଅଫଜଲ ଗୁରୁଙ୍କ ବିଚାର ଚାଲିଥିବାବେଳେ ତାଙ୍କ ଓକିଲ ତଳ କୋର୍ଟରେ ଏକ ଚିଠିକୁ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ, ଯାହା ଅରୁନ୍ଧତୀ ରାୟଙ୍କ ପୁସ୍ତକ 'ଦି ହ୍ୟାଙ୍ଗିଙ୍ଗ୍ ଅଫ୍ ଅଫଜଲ ଗୁରୁ ଆଣ୍ଡ ଦି ଷ୍ଟ୍ରେଞ୍ଜ୍ କେସ୍ ଅଫ୍ ଦି ଆଟାକ୍ ଅନ୍ ଇଣ୍ଡିଆନ୍ ପାର୍ଲାମେଣ୍ଟ'ରେ ସ୍ଥାନ ପାଇଛି। ଓକିଲ ସୁଶୀଲ କୁମାରଙ୍କୁ ଅଫଜଲ ଲେଖିଥିବା ଏହି ଚିଠିରେ ସେ ଜମ୍ମୁ-କଶ୍ମୀର ପୋଲିସର ଏସ୍‌ଟିଏଫ୍ ଏବଂ ଏହାର ଅଫିସର ଦାବିନ୍ଦର ସିଂଙ୍କ ତରଫରୁ ଜଣେ ଆତଙ୍କବାଦୀ ମହମ୍ମଦଙ୍କୁ ସହାୟତା କରିଥିବା ଉଲ୍ଲେଖ ଅଛି। ମହମ୍ମଦଙ୍କୁ ସାଙ୍ଗରେ ନେଇ ଦିଲ୍ଲୀ ଯିବା ଓ ତାଙ୍କ ରହିବା ପାଇଁ ବ୍ୟବସ୍ଥା କରିବାକୁ ଦାବିନ୍ଦର ହିଁ ଅଫଜଲଙ୍କୁ କହିଥିଲେ।



ଅଫଜଲ ଗୁରୁ — ଦାବିନ୍ଦର ସିଂ

୨୦୦୧ ଡିସେମ୍ବର ୧୩ ପାର୍ଲାମେଣ୍ଟ ଭବନ ଆକ୍ରମଣବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ୫ ଆତଙ୍କବାଦୀଙ୍କ ମଧ୍ୟରୁ ମହମ୍ମଦ ଅନ୍ୟତମ। ମହମ୍ମଦଙ୍କ ମୃତଦେହ ନିକଟରୁ ଏକ ଫୋନ ମିଳିଥିଲା ଯାହାକୁ ସେ ନଭେମ୍ବର ୨୮ରୁ ବ୍ୟବହାର କରୁଥିଲେ। ଏହି ଫୋନ୍ ତାଙ୍କୁ କଶ୍ମୀର ଏସ୍‌ଟିଏଫ୍ ଦେଇଥିଲା ବୋଲି ଅଫଜଲ ଜଣାଇଥିଲେ ମଧ କୋର୍ଟ ଏହାକୁ ଗ୍ରହଣ କରି ନ ଥିଲେ।

ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ବିଚ୍ଛିନ୍ନତାବାଦୀ ଭାବେ ଅଫଜଲଙ୍କ ଅଭିଯାନ ବିଫଳ ହେବାରୁ ସେ କଶ୍ମୀର ଫେରିଥିଲେ। ଏହା ପରେ ତାଙ୍କ ଉପରେ ଆରମ୍ଭ ହୋଇଥିଲା ଏସ୍‌ଟିଏଫ୍‌ର ଅତ୍ୟାଚାର। ତେଣୁ ଏସ୍‌ଟିଏଫ୍ କଥା ମାନି ମହମ୍ମଦଙ୍କୁ ସହାୟତା କରିବା ବ୍ୟତୀତ ତାଙ୍କର ଅନ୍ୟ ଉପାୟ ନ ଥିଲା ବୋଲି ଅଫଜଲ ଚିଠିରେ ଉଲ୍ଲେଖ କରିଥିଲେ। ସେଥିପାଇଁ ସେ ଏକ ଆମ୍ବାସାଡର କାର୍ କିଣିଥିଲେ, ଯାହାକୁ ପାର୍ଲାମେଣ୍ଟ ଭବନ ଆକ୍ରମଣରେ ବ୍ୟବହାର କରାଯାଇଥିଲା। କାର କିଣାଯିବା ପରେ ଅଫଜଲଙ୍କୁ କଶ୍ମୀର ଫେରିଯିବା ପାଇଁ ଆତଙ୍କବାଦୀ ମହମ୍ମଦ କହିଥିଲେ। ତେବେ ଅଫଜଲ ଫେରିବା ପୂର୍ବରୁ ଶ୍ରୀନଗର ବସ୍‌ଷ୍ଟାଣ୍ଡରୁ ଗିରଫ ହୋଇଥିଲେ।

### ଘରେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିଲେ

ଗିରଫ ଡିଏସ୍‌ପି ଦାବିନ୍ଦରଙ୍କୁ ସୋମବାର ନିଲମ୍ବନ କରାଯାଇଛି। ତାଙ୍କ ସହ ଗିରଫ ଦୁଇ ଆତଙ୍କବାଦୀଙ୍କ ସହ ୩ ଜଣଙ୍କୁ ସେ ଘରେ ଆଶ୍ରୟ ଦେଇଥିଲେ। ବାଦାମି ବାଗ୍ କ୍ୟାଣ୍ଟନମେଣ୍ଟରେ ଥିବା ସେନାର ୧୫ତମ କର୍ପସ୍ ମୁଖ୍ୟାଳୟ ନିକଟରେ ତାଙ୍କ ବାସଭବନ ରହିଛି। ୪ ମାସ ପୂର୍ବରୁ ଦାବିନ୍ଦର ସାହସିକତା ପାଇଁ ରାଷ୍ଟ୍ରପତିଙ୍କଠାରୁ ମେଡାଲ ପାଇଥିଲେ। ଶନିବାର ସେ ହିଜବୁଲ ମୁଜାହିଦିନ ଆତଙ୍କବାଦୀ ନଭିଦ୍ ବାବା ଏବଂ ଅଲତାଫଙ୍କ ସହ ଏକ କାରରେ ଯାଉଥିବାବେଳେ ଗିରଫ ହୋଇଥିଲେ।

## ■ ଆମେରିକା ସୈନ୍ୟଙ୍କୁ ପୁଣି ଟାର୍ଗେଟ କଲା ଇରାନ

# ଏୟାରବେସ୍ ଉପରେ ୮ ରକେଟ ମାଡ଼

**ବାଗଦାଦ,୧୩।୧**

ଦୁଇ ପାରମ୍ପରିକ ଶତ୍ରୁ ଇରାନ ଓ ଆମେରିକା ମଧ୍ୟରେ ଚରମ ଉତ୍ତେଜନା ଲାଗି ରହିଥିବାବେଳେ ରବିବାର ରାତିରେ ଇରାକରେ ଆମେରିକା ସେନାକୁ ଟାର୍ଗେଟ କରିବାକୁ ଯାଇ ୮ ରକେଟ ମାଡ଼ କରିଛି ତେହେରାନ। ଏଥିରେ ଇରାକ ବାୟୁସେନାର ୪ ସୈନ୍ୟ ଆହତ ହୋଇଛନ୍ତି। ଗତ ସପ୍ତାହରେ ଇରାନର ରକେଟ ମାଡ଼ ପରେ ଅନେକ ଆମେରିକୀୟ ସୈନ୍ୟ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିବାରୁ ସଦ୍ୟ ଆକ୍ରମଣରୁ ସେମାନେ ବର୍ତ୍ତିଯାଇଥିବା କୁହାଯାଉଛି। ତେବେ ଆକ୍ରମଣ ପାଇଁ ଇରାନ ନିଜକୁ ଦାୟୀ କରିନାହିଁ।

ଇରାକ ରାଜଧାନୀ ବାଗଦାଦଠାରୁ ୮୦ କିଲୋମିଟର ଦୂର ସଲାହୁଦ୍ଦିନ ପ୍ରଦେଶରେ ଥିବା ଅଲ୍ ବଲାଡ ଏୟାରବେସ ଉପରେ ରବିବାର ୮ଟି କଚ୍ୟୁଶା ରକେଟ ମାଡ଼ ହୋଇଛି। ଅଲ୍-ବଲାଡ ହେଉଛି ଇରାକର ମୁଖ୍ୟ ଏୟାରବେସ୍। ଏଠାରେ ଆମେରିକାରୁ ଇରାକ କିଣିଥିବା ଏଫ-୧୬ ଯୁଦ୍ଧବିମାନକୁ ରଖାଯାଇଛି। ପୂର୍ବରୁ ଏହି ବାୟୁସେନା ଘାଟିରେ ଆମେରିକୀୟ ଯବାନ ଓ ଠିକାଦାରମାନେ ରହୁଥିଲେ। ଗତ ମାସରେ ଇରାନ ଆକ୍ରମଣରେ ଆମେରିକାର ଜଣେ ଠିକାଦାରଙ୍କ ମୃତ୍ୟୁ ଘଟିଥିଲା। ଗତ ୩ ତାରିଖରେ ବାଗଦାଦ ବିମାନବନ୍ଦରରେ

### ୪ ଇରାକୀ ସୈନ୍ୟ ଆହତ



ଆମେରିକା ସେନା ଡ୍ରୋନ ଆକ୍ରମଣ କରିଥିଲା। ଏଥିରେ ଇରାନର ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ସମେତ କେତେଜଣ ସେନା ଅଧିକାରୀ ନିହତ ହୋଇଥିଲେ। ଏହା ପରେ ଆମେରିକା ଉପରେ ପ୍ରତିଶୋଧ ନେବା ପାଇଁ ଇରାନର ସୁପ୍ରିମ ଲିଡର ଆୟାତୋଲା ଖୋମିନି ଧମକ ଦେଇଥିଲେ। ୮ ତାରିଖରେ ଇରାକର ଦୁଇଟି ବାୟୁସେନା ଘାଟିକୁ ଟାର୍ଗେଟ କରି ଇରାନ ରକେଟ ମାଡ଼ କରିଥିଲା। ଏହାର କିଛି ଘଣ୍ଟା ପରେ ଇରାନ ଭୁଲ୍‌ବଶତଃ ୟୁକ୍ରେନର ଏକ ଯାତ୍ରୀବାହୀ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ୧୭୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଆକ୍ରମଣରେ କୌଣସି ଜଣେ ହେଲେ ଆମେରିକୀୟ ସୈନ୍ୟ ମୃତାହତ ହୋଇ ନ ଥିବା ଦୃଢ଼ୋକ୍ତି ବାଢ଼ିବା ସହ ଇରାନ ଉପରେ ଅତିରିକ୍ତ କଟକଣା ଲଗାଇଥିଲେ।



ଜଳନ୍ଧରଠାରେ ଲୋହରୀ ଉତ୍ସବ ଅବସରରେ ଯୁବତୀମାନେ ଗିଧା ନୃତ୍ୟ ପରିବେଷଣ କରୁଛନ୍ତି।

# 'ମୋଦିଙ୍କ ବିରୋଧରେ ମୁହଁ ଖୋଲିଲେ ପୋତିଦେବି'

**ଆଲିଗଡ଼,୧୩।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମୁହଁ ଖୋଲିଲେ ମାଟିରେ ଜିଅନ୍ତା ପୋତି ଦିଆଯିବ ବୋଲି ଭାଜପା ନେତା ରଘୁରାଜ୍ ସିଂ ଚେତାବନୀ ଦେଇଛନ୍ତି। ସିଏଏକୁ ନେଇ ଆଲିଗଡ଼ରେ ସେ ଏକ ରାଲିକୁ ଉଦ୍‌ବୋଧନ ଦେଇ



ରଘୁରାଜ୍ ସିଂ

### ଭାଜପା ନେତାଙ୍କ ଚେତାବନୀ

ମୋଦି ଓ ଯୋଗୀଙ୍କୁ ମୁର୍ଦ୍ଦାବାଦ ନ କହିବା ଲାଗି ପରାମର୍ଶ ଦେଇଛନ୍ତି। ଦାଉଦଙ୍କଠାରୁ ଟଙ୍କା ନେଇ ଆମ ଅଫିସରଙ୍କ କାମରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ନିସ୍ତୁକ ମାଡ଼ ମରାଯିବ। ସିଏଏକୁ ବିରୋଧ କରି ଆଲିଗଡ଼ ମୁସ୍‌ଲିମ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ କରୁଥିବା ଲୋକଙ୍କ ଉପରେ ସେ ପ୍ରବଳ ବର୍ଷିଛନ୍ତି। ରଘୁରାଜ୍‌ଙ୍କ ଏଭଳି ବିବାଦୀୟ ମନ୍ତବ୍ୟ ପରେ ଭାଜପା ତାଙ୍କଠାରୁ ଦୂରେଇଯାଇଛି। ଦଳର ମୁଖପାତ୍ର ଚନ୍ଦ୍ରମୋହନ କହିଛନ୍ତି, ରଘୁରାଜ୍ ବିଧାୟକ କି ମନ୍ତ୍ରୀ ନୁହନ୍ତି। ଶ୍ରମ ବିକାଶ ପରିଷଦର ଅଧ୍ୟକ୍ଷ ସୁନୀଲ ଭରାଲା ରଘୁରାଜ୍‌ଙ୍କୁ ଶ୍ରମ ବିଭାଗର ଜଣେ ଉପଦେଷ୍ଟା ବୋଲି ପ୍ରକାଶ କରିଛନ୍ତି।

# ରତନ ଟାଟାଙ୍କ ବିରୋଧରେ ମାମଲା ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ରତନ ଟାଟା ଓ ଅନ୍ୟମାନଙ୍କ ବିରୋଧରେ ବମ୍ବେ ଡାଇଙ୍ଗ୍ ଅଧ୍ୟକ୍ଷ ନୁସ୍‌ଲି ୱାଡିଆ ଦାଏର କରିଥିବା ସମସ୍ତ ମାନହାନି ମାମଲା ସୋମବାର ପ୍ରତ୍ୟାହାର କରିନେଇଛନ୍ତି।



ଟାଟା ଗ୍ରୁପ୍‌ର କେତେକ କମ୍ପାନୀ ବୋର୍ଡରୁ ୱାଡିଆଙ୍କୁ ବାଦ୍ ଦିଆଯିବା ପରେ ୨୦୧୬ରେ ସେ ରତନ ଟାଟା ଓ ଟାଟା ସନ୍ସର କେତେଜଣ ଡାଇରେକ୍ଟରଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ୱାଡିଆଙ୍କ ମାନହାନି କରିବା ଟାଟାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ବମ୍ବେ ହାଇକୋର୍ଟ କହିବା ପରେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୱାଡିଆଙ୍କ ମର୍ଯ୍ୟାଦା ହାନି କରିବାର କୌଣସି ଉଦ୍ଦେଶ୍ୟ ଟାଟା ଓ ଅନ୍ୟମାନଙ୍କର ନ ଥିଲା ବୋଲି ସର୍ବୋଚ୍ଚ ଅଦାଲତ ରେକର୍ଡ କରିବା ପରେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବମ୍ବେ ଡାଇଙ୍ଗ୍ ଅଧ୍ୟକ୍ଷଙ୍କୁ ମାମଲା ପ୍ରତ୍ୟାହାର ପାଇଁ ଅନୁମତି ଦେଇଥିଲେ। ଏକାଠି ବସି ମତପାର୍ଥକ୍ୟ ଦୂରକରିବା ପାଇଁ ଗତ ୬ ତାରିଖରେ ସର୍ବୋଚ୍ଚ ଅଦାଲତ ୱାଡିଆ ଓ ଟାଟାଙ୍କୁ ପରାମର୍ଶ ଦେଇଥିଲେ।

# ଏସିଡ୍ ପୀଡ଼ିତାଙ୍କୁ ପେନ୍‌ସନ ଦେବେ ଉତ୍ତରାଖଣ୍ଡ ସରକାର

**ଡେରାଡୁନ୍ ,୧୩।୧(ପି.ଟି.)**

'ଛପାକ୍' ଚଳଚ୍ଚିତ୍ର ଦ୍ୱାରା ପ୍ରଭାବିତ ହୋଇ ଉତ୍ତରାଖଣ୍ଡ ସରକାର ରାଜ୍ୟରେ ଥିବା ଏସିଡ୍ ପୀଡ଼ିତାମାନଙ୍କ ପାଇଁ ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି। ଏହା ସେମାନଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବାରେ ସହାୟକ ହୋଇପାରିବ। ଉତ୍ତରାଖଣ୍ଡର ହରିଦ୍ୱାର, ନୈନିତାଲ ଓ ଉଦ୍ଧାମସିଂ ନଗର ଜିଲାରେ ୧୦ ଜଣ ଏସିଡ ପୀଡ଼ିତା ଅଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅଣାଯିବ।

## ■ ଜେଏନ୍‌ୟୁ ହିଂସା ତଥ୍ୟ ସଂରକ୍ଷଣ

# ପୋଲିସ, ହ୍ୱାଟ୍ସଆପ୍, ଗୁଗଲ୍‌କୁ ଜବାବ ମାଗିଲେ ହାଇକୋର୍ଟ

**ନୂଆଦିଲ୍ଲୀ,୧୩।୧(ପି.ଟି.)**

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଗତ ୫ ତାରିଖରେ ହୋଇଥିବା ହିଂସାକାଣ୍ଡର ତଥ୍ୟ ସଂରକ୍ଷଣ ପାଇଁ ଏହାର ୩ ଜଣ ପ୍ରଫେସର ଦିଲ୍ଲୀ ହାଇକୋର୍ଟରେ ଦାଏର କରିଥିବା ପିଟିଶନ ଉପରେ ଅଦାଲତ ସୋମବାର ଦିଲ୍ଲୀ ସରକାର, ପୋଲିସ, ହ୍ୱାଟ୍ସଆପ୍ ଏବଂ ଗୁଗଲ୍‌ଠାରୁ ଜବାବ ମାଗିଛନ୍ତି। ହିଂସାବେଳର ସିସିଟିଭି ଫୁଟେଜ୍ ସଂରକ୍ଷଣ ରଖି ହସ୍ତାନ୍ତର କରିବା ଲାଗି ଜେଏନ୍‌ୟୁ ପ୍ରଶାସନକୁ କୁହାଯାଇଥିଲା ବୋଲି ଦିଲ୍ଲୀ ପୋଲିସ ଅଦାଲତଙ୍କୁ ଜଣାଇଛି। ବିଶ୍ୱବିଦ୍ୟାଳୟ ପ୍ରଶାସନଠାରୁ ପୋଲିସକୁ କୌଣସି ଜବାବ ମିଳିନାହିଁ ବୋଲି ଦିଲ୍ଲୀ ସରକାରଙ୍କ ପକ୍ଷରୁ ଆଇନଜୀବୀ ରାହୁଲ ମେହର ହାଇକୋର୍ଟଙ୍କୁ କହିଥିଲେ। ପୋଲିସ ହ୍ୱାଟ୍ସଆପ୍‌କୁ ମଧ ଦୁଇଟି ଗ୍ରୁପ୍ 'ୟୁନିଟି ଏଗେନେଷ୍ଟ ଲେଫ୍ଟ' ଏବଂ 'ଫ୍ରେଣ୍ଡସ୍ ଅଫ ଆର୍‌ଏସ୍‌ଏସ୍'ର ଡାଟା ସଂରକ୍ଷଣ ପାଇଁ ଲେଖିଥିଲା ବୋଲି ରାହୁଲ ଜଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ହେବ।

ଗତ ୫ରେ କେତେଜଣ ମୁଖାପିନ୍ଧା ବ୍ୟକ୍ତି ଜେଏନ୍‌ୟୁ କ୍ୟାମ୍ପସ୍‌ରେ ପଶି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ଏନେଇ ବସନ୍ତକୁଞ୍ଜ ଥାନାରେ ୩ଟି ଏତଲା ଦାଏର ହୋଇଥିଲା। ପ୍ରଫେସର ଅମିତ ପରମେଶ୍ୱରନ୍, ଅତୁଲ ସୁଦ୍ ଏବଂ ଶୁକ୍ଳା ବିନାୟକ ସାୱନ୍ତ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ଥିବା ସମସ୍ତ ସିସିଟିଭିର ଫୁଟେଜ ସଂରକ୍ଷଣ ରଖିବା ପାଇଁ ଦିଲ୍ଲୀ ସରକାର ଓ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

### ଶ୍ରେଣୀ ବର୍ଜନ କଲେ ଜେଏନ୍‌ୟୁ ଶିକ୍ଷକ, ଛାତ୍ର

**ନୂଆଦିଲ୍ଲୀ,୧୩।୧(ପି.ଟି.)**–ଜେଏନ୍‌ୟୁରେ ସୋମବାରଠାରୁ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ମିଳିତ ଭାବେ ଏହାକୁ ବର୍ଜନ କରିଛନ୍ତି। ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଶ୍ରେଣୀ ବର୍ଜନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ସମୟ ସାରଣୀ ପ୍ରସ୍ତୁତ ପାଇଁ କୁଳପତି ବିଭିନ୍ନ ବିଭାଗକୁ କହିଥିଲେ ହେଁ ତାହା ପ୍ରସ୍ତୁତ ହୋଇନାହିଁ। ପ୍ରଥମେ ସମସ୍ୟା ସମାଧାନ ହେଉ, ତା'ପରେ ଆମେ ପାଠପଢ଼ାରେ ମନଦେବୁ ବୋଲି ସ୍କୁଲ ଅଫ୍ ସୋସିଆଲ ସାଇନ୍ସର ଜଣେ ଛାତ୍ର କହିଛନ୍ତି। ଦେୟ ବୃଦ୍ଧିକୁ ନେଇ ଛାତ୍ରୀଛାତ୍ର ଅସନ୍ତୁଷ୍ଟ ଥିବାବେଳେ ୫ ତାରିଖ ଆକ୍ରମଣ ଘଟଣା ପରେ ଉତ୍ତେଜନା ଲାଗି ରହିଛି। କୁଳପତି ଏମ୍. ଜଗଦେଶ କୁମାରଙ୍କ ବହିଷ୍କାର ପାଇଁ ଶିକ୍ଷକ ଓ ଛାତ୍ରମାନେ ଦାବି କରିଛନ୍ତି।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ






■ କେନ୍ଦୁଝର ଫାଶୀଦଣ୍ଡ ମାମଲା

## ଫେବୃୟାରୀ ୩ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୧୩।୧:** କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ୨୦୧୭ ଜାନୁୟାରୀ ୧୩ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଉକ୍ତ ମାମଲାରେ ତଳ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଫାଶୀଦଣ୍ଡ ପାଇଥିବା ଆସାମୀ ସୁନୀଲ ନାୟକଙ୍କ ଆବେଦନର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ମାତ୍ର ସୁନୀଲଙ୍କ ପକ୍ଷରୁ କୌଣସି ଓକିଲ ନିଯୁକ୍ତ ହୋଇ ନ ଥିବାରୁ ଶୁଣାଣି ହୋଇପାରି ନ ଥିଲା। ଫଳରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଫେବୃୟାରୀ ୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତଦିନ ଯଦି ସୁନୀଲଙ୍କ ପକ୍ଷରୁ କୌଣସି ଓକିଲ ନିଯୁକ୍ତ ନ ହୁଅନ୍ତି ତେବେ ତାଙ୍କ ପାଇଁ ରାଜ୍ୟ ସରକାର ଓକିଲ ଦେବେ ବୋଲି କୋର୍ଟ କହିଛନ୍ତି।

### ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୯୩୪୮୨୦୯୫୩୪

ବ୍ୟାପକ ହେଉଛି ଚୋରା ଗଞ୍ଜେଇ ଚାଷ

# କ୍ଷତି ସହୁଛି ରାଜକୋଷ

କଟକ ଅଫିସ, ୧୩।୧

ରାଜ୍ୟରେ ବଢୁଛି ଗଞ୍ଜେଇ ଚାଷ। ଏହି ଚାଷ ପାଇଁ କ୍ଷତି ସହୁଛି ରାଜ୍ୟ ରାଜକୋଷ। କାରଣ ଗଞ୍ଜେଇ ଚାଷକୁ ରୋକିବା ଓ ନଷ୍ଟ କରିବା ପାଇଁ ସରକାରଙ୍କ ପକ୍ଷରୁ ଅବକାରୀ, ପୋଲିସ, ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ପଛରେ ବାର୍ଷିକ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଗଞ୍ଜେଇ ଚାଷ ରୋକାଯିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟର ୧୦ ଜିଲାରେ ଏହି ଚୋରା ଗଞ୍ଜେଇ ଚାଷ କାୟା ମେଲିଛି। ସରକାରଙ୍କ ପ୍ରତିକାରମୂଳକ ପଦକ୍ଷେପ ସତ୍ତ୍ୱେ ପ୍ରତିବର୍ଷ ଗଞ୍ଜେଇ ଚାଷର ଆୟତନ ବଢ଼ିବା ଘଟଣା ଚିନ୍ତାର କାରଣ ହୋଇଛି। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରମାଣ କରୁଛି ଯେ ସରକାରୀ ଅଧିକାରୀମାନଙ୍କ ସହିତ ଚୋରା ଗଞ୍ଜେଇ ଚାଷୀମାନଙ୍କର ଭିତିରି ସମ୍ପର୍କ ରହୁଛି। କିନ୍ତୁ ସରକାର ଅଯଥାରେ ରାଜକୋଷରୁ ବାର୍ଷିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି।

ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ, ବୌଦ୍ଧ, ଦେବଗଡ଼, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ସମ୍ବଲପୁର ଆଦି ଜିଲାରେ ଚୋରା ଗଞ୍ଜେଇ ଚାଷ କରାଯାଉଛି। ୨୦୧୭-୧୮ରେ ଏହି ୧୦ ଜିଲାର ୪୫୮୪.୨୦ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଛି। ସେହିପରି ୨୦୧୮-୧୯ରେ ୯୪୭୩.୫୫ ଏବଂ ୨୦୧୯-୨୦(ଡିସେମ୍ବର ସୁଦ୍ଧା) ୯୫୬୭.୧୬ ଏକର ଜମିରେ ଗଞ୍ଜେଇ ଚାଷ କରାଯାଇଛି। ଏ ବାବଦରେ କିଛି ମୁଷ୍ଟିମେୟ ଲୋକ ବିପୁଳ ଅର୍ଥ ରୋଜଗାର କରୁଥିବାବେଳେ ରାଜ୍ୟ ସରକାର ବହୁ ଅର୍ଥ ଖର୍ଚ୍ଚ କରି ମଧ୍ୟ ସେମାନଙ୍କୁ ଅଟକାଇ ପାରୁନାହାନ୍ତି। ଅବକାରୀ ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, କେଉଁଠି ଜଙ୍ଗଲ ଜମିରେ ତ କେଉଁଠି ରାଜସ୍ୱ ବିଭାଗ ଜମିରେ ଗଞ୍ଜେଇ ଚାଷ କରାଯାଉଛି। ସରକାରଙ୍କ ଜମିରେ ଏଭଳି ବେଆଇନ ଚାଷ ରୀତିମତ ବଢୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ରହୁନାହିଁ। ତେବେ ବିପୁଳ କ୍ଷତି ଓ ଅନ୍ୟ କେତେକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗଞ୍ଜେଇ ଚାଷକୁ ରାଜ୍ୟରେ ଆଇନସମ୍ମତ ଅନୁମତି ଦେବାପାଇଁ ରାଜ୍ୟ ସରକାର ଗତ ନଭେମ୍ବରରେ ଉଦ୍ୟମ କରିଥିଲେ। ମାତ୍ର ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ସରକାର ଏଭଳି ନିଷ୍ପତ୍ତିରୁ ଓହରି ଯାଇଥିଲେ। କିନ୍ତୁ ଓଡ଼ିଶା ହେଉଛି ଗଞ୍ଜେଇ ଉତ୍ପାଦନରେ ଦେଶର ଏକ ପ୍ରମୁଖ ରାଜ୍ୟ। ଗୋଟିଏ ଏକର ଜମିରେ ୧୫୦୦ ଗଞ୍ଜେଇ ଗଛ ବଢ଼ିବାର କ୍ଷମତା ଓଡ଼ିଶା ମୃତ୍ତିକାରେ ରହିଥିବା ଅବକାରୀ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଅବସରପ୍ରାପ୍ତ ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଦେଶର କେବଳ ହିମାଚଳ ପ୍ରଦେଶରେ ଗଞ୍ଜେଇ ଚାଷକୁ ସରକାରୀ ମାନ୍ୟତା ଦିଆଯାଇଛି। ଓଡ଼ିଶାରେ ଗଞ୍ଜେଇ ଉତ୍ପାଦନ ପାଇଁ ଭିତ୍ତିଭୂମି ରହିଛି। ଯଦି ସରକାର ଏହାକୁ ଏକ ସୀମିତ ଅଞ୍ଚଳରେ ସୁରକ୍ଷାବଳୟ ମଧ୍ୟରେ ଔଷଧୀୟ ବ୍ୟବହାର ପାଇଁ ଚାଷ କରନ୍ତେ, ତେବେ ସରକାରଙ୍କ ରାଜସ୍ୱ ବଢ଼ିବା ସହିତ ଏହା ମଧ୍ୟ ରୋଗୀ କଲ୍ୟାଣରେ ଲାଗିପାରନ୍ତା।

ଅବକାରୀ ବିଭାଗ କହିବା ଅନୁଯାୟୀ, ଗୋଟିଏ ଗଞ୍ଜେଇ ଗଛ ମୂଲ୍ୟକୁ ୧ହଜାର ଟଙ୍କାରେ ଆକଳନ କରାଯାଇଥାଏ। ଏହି ଅନୁପାତରେ ଦେଖିଲେ ବିଗତ ୩ ବର୍ଷରେ ରାଜ୍ୟରେ ମୋଟ ୩ହଜାର ୬୭ କୋଟି ୧୨ ଲକ୍ଷ ୩୬ହଜାର ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। କହିବାକୁ ଗଲେ, ବର୍ଷକୁ ଯେତିକି ଗଞ୍ଜେଇ ଗଛ ନଷ୍ଟ କରାଯାଉଛି ତାହାର ମୂଲ୍ୟକୁ ଦେଖିଲେ ରାଜ୍ୟ ବଜେଟର ଏକ ପ୍ରମୁଖ ଭାଗ ସହିତ ସମାନ ହେବ।

ଅବକାରୀ କମିଶନର ଅଞ୍ଜନ କୁମାର ମାଣିକଙ୍କ କହିବା ଅନୁଯାୟୀ, ବେଆଇନ ଚାଷ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସୂଚନା ମିଳିବା ମାତ୍ରେ ତାହାକୁ ନଷ୍ଟ କରାଯାଉଛି ଓ ଚୋରା ବ୍ୟବସାୟୀଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବେ ବାଚସ୍ପତି

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ବିଧାନ ଭବନରେ ଆସନ୍ତା ୧୮ରେ ସପ୍ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ(ଭାରତ ଅଞ୍ଚଳ) ସମ୍ମିଳନୀ ଆୟୋଜିତ ହେବ। ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେବେ। ଏଥିରେ ଲୋକସେବା ଓ ରାଜ୍ୟ ବିଧାନସଭାକୁ କିପରି ଉପଯୁକ୍ତ ଢଙ୍ଗରେ ପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ। ଦେଶର ସମ୍ବିଧାନ ଓ ବିଧାନସଭା ପରିଚାଳନା ନିୟମାବଳୀ ଅନୁଯାୟୀ ଗୃହ ପରିଚାଳନା ଠିକ୍ ଭାବେ କରିବା ସକାଶେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବା ସହିତ ସଂସଦୀୟ ନିୟମାବଳୀ ପ୍ରଣୟନ କରାଯିବ। ଏମ୍‌ପି, ବିଧାୟକ ଓ ଗୃହର କର୍ମଚାରୀମାନଙ୍କୁ ଗୃହ ପରିଚାଳନାରେ ସହାୟତା ପ୍ରଦାନ କରିବା, ଉତ୍ତମ ପ୍ରଶାସନ ତଥା ରାଜ୍ୟଗୋଷ୍ଠୀର ମୂଲ୍ୟବୋଧକୁ କାର୍ଯ୍ୟକାରୀ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ଏଥିସହିତ ବିଧାନସଭା ଓ ଲୋକ ସଭାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ଏବଂ କମ୍ପ୍ୟୁଟରୀକରଣ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଚସ୍ପତି ଏହା ପୂର୍ବରୁ ଲୋକ ସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ଅନ୍ୟ ଏକ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ସମ୍ମିଳନୀକୁ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ, ଉତ୍ତରପ୍ରଦେଶ ଶାଖା ଦ୍ୱାରା ଆୟୋଜନ କରାଯାଉଛି। ୧୯ରେ ପାତ୍ର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବାଚସ୍ପତିଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ମଣ୍ଡଳୀରେ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ବିଧାନସଭା ସଚିବ ଦାଶରଥି ଶତପଥୀ ମଧ୍ୟ ସାମିଲ ହୋଇଛନ୍ତି।

## ରାଜା ବାହାଦୁର ନିଷ୍ଠାପର ଜନସେବକ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧(ବ୍ୟୁରୋ)

ଖଲ୍ଲିକୋଟର ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଜଣେ ସଫଳ ବ୍ୟକ୍ତିତ୍ୱ ଥିଲେ। ଉଭୟ ରାଜତନ୍ତ୍ର ଏବଂ ଗଣତନ୍ତ୍ରରେ ସେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଜନସାଧାରଣଙ୍କ ଶ୍ରଦ୍ଧା ଓ ଆଦର ଲାଭ କରିପାରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା, ଗଞ୍ଜାମ ଓ ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଯଥେଷ୍ଟ ଥିଲା। ଜଣେ ସ୍ୱାଭିମାନୀ ଓଡ଼ିଆ ଓ ନିଷ୍ଠାପର ଜନସେବକ ଭାବେ ସେ ସବୁଦିନ ପାଇଁ ଲୋକଙ୍କ ହୃଦୟରେ ବଞ୍ଚି ରହିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ସୂଚନା ଭବନଠାରେ ଆୟୋଜିତ ତାଙ୍କ ୧୨୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରାଜା ବାହାଦୁରଙ୍କ କାର୍ଯ୍ୟଧାରା, ଆଦର୍ଶ, ପ୍ରତିବଦ୍ଧତା ଏବଂ ଓଡ଼ିଶା ମାଟି ପ୍ରତି ତାଙ୍କର ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ଉତ୍ସବରେ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନରେ ଖଲ୍ଲିକୋଟ ରାଜ ପରିବାରର ଅବଦାନ ଉପରେ ଆଲୋକପାତ କରିଥିଲେ। ରାଜା ବାହାଦୁରଙ୍କୁ ଜଣେ ବିକାଶ ପୁରୁଷ ଭାବେ ସେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ବିକାଶ କ୍ଷେତ୍ରରେ ରାଜା ବାହାଦୁରଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜା ବାହାଦୁରଙ୍କ ଦୂରଦୃଷ୍ଟି ଓ ଦେଶଭକ୍ତି ଉତ୍ତରପିଢ଼ିକୁ ଅନୁପ୍ରାଣିତ କରିବ ବୋଲି ଆଶା ପ୍ରକଟ କରିଥିଲେ। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ରାଜା ବାହାଦୁରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ ସିଂ ସ୍ୱାଗତ ଭାଷଣ ଓ ପୂଜ୍ୟପୂଜା ସାହିତ୍ୟ ସଂସଦ ସମ୍ପାଦକ ମହେଶ୍ୱର ବରାଡ଼ ଧନ୍ୟବାଦ ଦେଇଥିଲେ। ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।



ଜୟଦେବ ଭବନରେ ଅନୁଷ୍ଠିତ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

## ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ

ପୁରୀ ଅଫିସ, ୧୩।୧

ମକରସଂକ୍ରାନ୍ତି ପୂର୍ବଦିନକୁ ନବାଙ୍କ କୁହାଯାଏ। ନବାଙ୍କ ପୂର୍ବଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦୁଗ୍ଧ ମେଲାଣ ନୀତି ଅନୁଷ୍ଠିତ ହେବାର ବିଧି ରହିଛି। ତେଣୁ ସୋମବାର ମହାପ୍ରଭୁଙ୍କ ଦୁଗ୍ଧ ମେଲାଣ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଦ୍ୱିପହର ଧୂପ ବଢ଼ିବା ପରେ ରାମକୃଷ୍ଣ ଆଜ୍ଞାମାଳପ୍ରାପ୍ତ ହୋଇ ଘଣ୍ଟ, ଛତା ଓ କାହାଳୀ ପଟୁଆରରେ ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖରେ ବିଜେ ହୋଇଥିଲେ। ତାଙ୍କ ସହିତ ଲେଙ୍କା, ଆସ୍ଥାନ ପଢିଆରୀ, ମହାଭୋଇ, ପୂଜାପଣ୍ଡା ସାମନ୍ତ, ମହାଜନ, ଭିତରଚ୍ଛ ସେବକ ଆସିଥିଲେ। ମହାଭୋଇ ସେବକ ମଠ ସମ୍ମୁଖରେ ବନ୍ଧାଯାଇଥିବା ଗାଈଠାରୁ ରୁପା ପିଙ୍ଗଣରେ ଦୁଗ୍ଧ ଦୁହିଁଥିଲେ। ଏହି କ୍ଷୀରକୁ ଦୁଇ ଭାଗ କରାଯାଇଥିଲା। ଗୋଟିଏ ଭାଗରେ ଲେଙ୍କା କର୍ପୁର ପକାଇ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରି ଭିତରଚ୍ଛଙ୍କୁ ପ୍ରଦାନ କରିଥିଲେ। ଏହାପରେ ଭିତରଚ୍ଛ ଠାକୁରଙ୍କୁ କ୍ଷୀର ମଣୋହି କରିଥିଲେ। ଆଉ ଗୋଟିଏ ଭାଗ କ୍ଷୀରକୁ ମହାଭୋଇ ସେବକ ମାଟି ଗଡୁରେ ଶିକାରେ ବସାଇ ଶ୍ରୀମନ୍ଦିରକୁ ନେଇଥିଲେ। ଏହାପରେ ପୂଜାପଣ୍ଡା ସାମନ୍ତ ମଠର ପନ୍ତି ଆସ୍ଥାନରେ ପନ୍ତି ସମ୍ପନ୍ନ କରିଥିଲେ। ଗଡୁରେ ଯାଇଥିବା କ୍ଷୀରରେ ଦହି ପ୍ରସ୍ତୁତ ହୋଇ ମକର ସଂକ୍ରାନ୍ତି ନୀତିରେ ଲାଗି ହେବ।

## ନକଲି ଜର୍ଦ୍ଦା କାରଖାନା ଉପରେ ଚଢ଼ାଉ

ଚଣ୍ଡିଖୋଲ/ଛତିଆ, ୧୩।୧(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଛତିଆ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି ପୋଲିସ। ଉକ୍ତ ନକଲି କାରଖାନା ଉପରେ ସୋମବାର ଭୋର ସମୟରେ ପୋଲିସ ଚଢାଉ କରି ବିପୁଳ ପରିମାଣର ଜର୍ଦ୍ଦା ଓ ମସଲା ଜବତ କରିଛି। ଏହି ବେଆଇନ କାରବାର ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିଦ୍ୟାଧରପୁର ଗ୍ରାମର ନାରାୟଣ ନାଥ (୪୮), ତାଙ୍କ ପୁଅ ଚନ୍ଦନ ନାଥ (୨୫), ତପନ ବେହେରା (୩୦) ଓ ବୁଲୁ ପାଲ (୪୫)।

ସୂଚନା ଥାଉକି, ଗୋପାଳ ଜର୍ଦ୍ଦା କମ୍ପାନୀର ଜେନେରାଲ ମ୍ୟାନେଜର କୈଳାସ ସିଂହ ଚୌହାନ ଛତିଆ ଅଞ୍ଚଳରେ ବେଆଇନ ନକଲି ଜର୍ଦ୍ଦା ବିକ୍ରି ହେଉଥିବା ନେଇ ଯାଜପୁର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ସୋମବାର ଭୋର ୫ଟାରେ ଡିଏସ୍‌ପି ଚିନ୍ମୟ ନାୟକ ଓ ଡିଏସ୍‌ପି ଦୀପକ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ହଠାତ୍ ବିଦ୍ୟାଧରପୁର ଗ୍ରାମରେ ଚଢାଉ କରିଥିଲେ। ଚଢାଉ ସମୟରେ ୩ବସ୍ତା ନକଲି ଜର୍ଦ୍ଦା ଓ ଏହାକୁ ପ୍ୟାକିଂ କରିବା ପାଇଁ ରହିଥିବା ବିପୁଳ ଡବାଗୁଡ଼ିକୁ ଜବତ କରିଥିଲେ। ଏଥିସହିତ ଜର୍ଦ୍ଦା ତିଆରି ପାଇଁ ବ୍ୟବହୃତ କେମିକାଲ୍ସ ଓ ପାଉଡର ଗୁଣ୍ଡଗୁଡ଼ିକୁ ପୋଲିସ ଜବତ କରିଥିଲା। ଗୋପାଳ ଜର୍ଦ୍ଦା ୬୦ ଓ ଡିଲକ୍ସ ଜର୍ଦ୍ଦାକୁ ନକଲ କରି ଏମାନେ ବିକ୍ରି କରୁଥିଲେ। ଏଥିସହିତ ଗୋପାଳ ୬୦ ଜରି ପ୍ୟାକିଂ ପତା, ବ୍ୟବହୃତ ଯନ୍ତ୍ରାଂଶ, କିରୋସିନ ଓ ରଙ୍ଗ ଜବତ କରାଯାଇଛି। ଗୋଟିଏ ଡବା ପ୍ୟାକିଂ ମେଶିନ, ପଲିଥିନ ପ୍ୟାକିଂ ମେଶିନ, ଏହାକୁ ପ୍ରସ୍ତୁତ କରିବାକୁ ରହିଥିବା ପଲିଥିନ ଅଖା ସହ କାଗଜ ପେଟିଗୁଡ଼ିକୁ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ନାରାୟଣ ଓ ଚନ୍ଦନ ବାପପୁଅ। ଚଢାଉ ସମୟରେ ଗୋପାଳ ଜର୍ଦ୍ଦା କମ୍ପାନୀର ଜେନେରାଲ ମ୍ୟାନେଜରଙ୍କ ସହ ଶିବଦାତା କମ୍ପାନୀର ସରଭିଲେନ୍ସ ସୁପରଭାଇଜର ରାଜୀବ ଝା ଉପସ୍ଥିତ ଥିଲେ। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ତେବେ ଏହି ଚଢାଉ ସମୟରେ ନକଲି କାରବାରର ମୁଖ୍ୟଙ୍କ ସହ ଏଥିରେ ସମ୍ପୃକ୍ତ ଆଉ କେତେଜଣ ବ୍ୟକ୍ତି ପୋଲିସକୁ ଚକମା ଦେଇ ଖସି ଯାଇଥିବା ସୂଚନା ମିଳିଛି। ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।


ଜବତ ହୋଇଥିବା ନକଲି ଜର୍ଦ୍ଦା ଓ ପ୍ୟାକିଂ ମେଶିନ।

■ ବାପା, ପୁଅ ସମେତ ୪ ଗିରଫ
■ ବିପୁଳ ପରିମାଣର ଜର୍ଦ୍ଦା, ମସଲା, ବ୍ୟବହୃତ ସାମଗ୍ରୀ, ମେଶିନ ଜବତ

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିରିଆ ରାଷ୍ଟ୍ରଦୂତ

## ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ପ୍ରଶଂସନୀୟ: ଆବାସ

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ଭାରତରେ ଥିବା ସିରିଆ ରାଷ୍ଟ୍ରଦୂତ ରିଆଦ ଆବାସ ଏବଂ ତାଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ମଣ୍ଡଳୀ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନରେ ଭେଟି ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଏବଂ ସିରିଆର ମିଳିତ ସ୍ୱାର୍ଥ ସମ୍ପର୍କରେ ବିଭିନ୍ନ ବିଷୟ ଆଲୋଚନା କରିଛନ୍ତି। ଏଥିସହିତ ସିରିଆ ରାଷ୍ଟ୍ରଦୂତ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ହେଉଥିବା ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ତାଙ୍କ ପାଇଁ ଏକ ବଡ଼ ସମ୍ମାନ। ଓଡ଼ିଶା ଓ ସିରିଆ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆମ ଦେଶକୁ ନିମନ୍ତ୍ରଣ କରୁଛୁ। ଶିକ୍ଷାକ୍ଷେତ୍ରରେ ଓଡ଼ିଶାର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଆବାସ କହିଛନ୍ତି। ଓଡ଼ିଶା ତୃଣମୂଳସ୍ତରରୁ ଅନେକ ପରିବର୍ତ୍ତନ କରିପାରିଛି। ଓଡ଼ିଶା ସରକାରଙ୍କ ଦୁଃସ୍ଥ ଓ ଅସହାୟଙ୍କୁ ସଶକ୍ତ ଏବଂ ସମର୍ଥନ ଏକ ଦୃଷ୍ଟାନ୍ତ। ଏଥିସହିତ ଆବାସ କିଟ୍ ବିଶ୍ୱବିଦ୍ୟାଳୟ ଗସ୍ତକରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଭେଟି ଆଲୋଚନା କରିଥିଲେ।

ଇରାନ ଓ ଆମେରିକା ବିବାଦ ଯୋଗୁ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ସମ୍ପର୍କରେ ଆବାସ ଗଣମାଧ୍ୟମକୁ କହିଛନ୍ତି ଯେ, ଏହି ଅଞ୍ଚଳରେ ଆମେରିକାର ନୀତି ଭୁଲ୍ ପ୍ରମାଣିତ ହୋଇଛି। ଆମେରିକାକୁ ତାଙ୍କ ଦେଶ ବିଶ୍ୱାସକୁ ନେଇପାରିବ ନାହିଁ। ଦକ୍ଷିଣ କୋରିଆ, ୟୁକ୍ରେନ୍ ଏବଂ ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଆମେରିକାର ସମସ୍ତ ପ୍ରକଳ୍ପ ଫେଲ୍ ମାରିଛି। ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକା ବନ୍ଦ କରିପାରିବ ନାହିଁ। ସେହି ରାଷ୍ଟ୍ର ମଧ୍ୟପ୍ରାଚ୍ୟ କିମ୍ବା ୟୁକ୍ରେନ୍‌ରେ କୌଣସି ବିକାଶ କରିପାରିନାହିଁ। ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍‌ର ନୀତିକୁ ଆମେରିକା ଅନୁସରଣ କରୁଛି। ଇସ୍ରାଏଲ୍ ସିରିଆର ଜମିକୁ ଅଧିଗ୍ରହଣ କରି ରଖିଛି। ସମସ୍ୟାର ସମାଧାନ ପାଇଁ ଆମେ ଇଚ୍ଛୁକ ଥିଲାବେଳେ ଇସ୍ରାଏଲ୍ ଏ ଦିଗରେ କୌଣସି ସକାରାତ୍ମକ ପଦକ୍ଷେପ ନେଉନାହିଁ ବୋଲି ଆବାସ କହିଛନ୍ତି।


ସିରିଆ ରାଷ୍ଟ୍ରଦୂତ ରିଆଦ ଆବାସଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା।





ବଡ଼ ମାଛ ଧରିବାକୁ ହେଲେ ବନ୍‌ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବା। - ଶ୍ରୀ ରାମକୃଷ୍ଣ ପରମହଂସ



■ ଚର୍ଚ୍ଚାରେ କଂଗ୍ରେସ ସାଂଗଠନିକ ନେତୃତ୍ୱ

# ଯୁବ ସଭାପତି ଚୟନକୁ ନେଇ ବଢୁଛି ଅଡୁଆ

## ଯୁବକଂଗ୍ରେସ ସଭାପତି ପରିବର୍ତ୍ତନ ଅଧିକାର ପିସିସିର ନାହିଁ: ରଘୁବଂଶୀ

ଭୁବନେଶ୍ୱର,୧୩।୧(ବ୍ୟୁରୋ)

ପୁଣିଥରେ କଂଗ୍ରେସର ସାଙ୍ଗଠନିକ ନେତୃତ୍ୱକୁ ନେଇ ବିବାଦ ଦେଖିବାକୁ ମିଳିଛି। ଗୋଟିଏ ପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଜୋରଦାର ପ୍ରୟାସ ଚଳାଇଥିବା ବେଳେ ବର୍ତ୍ତମାନ ଯୁବ କଂଗ୍ରେସକୁ ନେଇ ବିବାଦ ମୁଣ୍ଡ ଟେକିଲାଣି। ଚଳିତ ମାସ ଗତ ୭ ତାରିଖରେ ପିସିସି ପକ୍ଷରୁ ଯୁବ କଂଗ୍ରେସ ସଭାପତି ଚୟନ କରିବା ପାଇଁ ଏକ ନୂଆ କମିଟି ଗଢାଯାଇଥିଲା। ତେବେ ଉକ୍ତ କମିଟିକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ଯୁବ କଂଗ୍ରେସ ସଭାପତି ପରିବର୍ତ୍ତନ ଅଧିକାର ପିସିସିର ନ ଥିବା ଭାରତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତିଭା ରଘୁବଂଶୀ ସୋମବାର ସୂଚନା ଦେଇଛନ୍ତି। ରଘୁବଂଶୀଙ୍କ ଏଭଳି ବୟାନ ପରେ ଯୁବ କଂଗ୍ରେସ ସଭାପତି ଚୟନ ପାଇଁ ପିସିସି ପକ୍ଷରୁ ଗଠନ କରାଯାଇଥିବା କମିଟିର ବୈଧତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଦେଶ ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରଘୁବଂଶୀ ଯୋଗଦେଇ ଲୋକନାଥ ମହାରଥୀ ବର୍ତ୍ତମାନ ମଧ୍ୟ ଯୁବ କଂଗ୍ରେସ ସଭାପତି ଥିବା କହିଛନ୍ତି। ଏଥିସହିତ ପିସିସି ପକ୍ଷରୁ ଗଠନ କରାଯାଇଥିବା କମିଟିର କାର୍ଯ୍ୟକ୍ରମ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି। ଉକ୍ତ କମିଟି ପକ୍ଷରୁ ଗତ ରବିବାର ଦଳୀୟ କାର୍ଯ୍ୟାଳୟଠାରେ ଏକ ମତାମତ ସଂଗ୍ରହ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ରାଜ୍ୟରେ ଯେଉଁ ଯୁବ କଂଗ୍ରେସ କର୍ମୀ ଓ ନେତା ଦଳ ପାଇଁ କାମ କରୁଛନ୍ତି ସେମାନେ ଦଳର ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ କ'ଣ କରାଯିବା ଦରକାର ସେନେଇ ନିଜର ମତାମତ ରଖିପାରିବେ ବୋଲି କୁହାଯାଇଥିଲା। ସେହି ଅନୁଯାୟୀ ବହୁ ଯୁବ ନେତା ନିଜର ମତାମତ ରଖିଥିଲେ। ଏହାସହ ନିର୍ବାଚନ ପଦ୍ଧତି ନ କରି ଚୟନ ପ୍ରକ୍ରିୟାରେ ଯୁବ କଂଗ୍ରେସ ସଭାପତି ବାଛିବାକୁ ବହୁ ଯୁବ ନେତା ମତ ରଖିଥିବା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ପରେ ପ୍ରତିକ୍ରିୟା ରଖିଥିଲେ। ପ୍ରାୟ ୫ଜଣ ଯୁବ ନେତା ସଭାପତି ହେବାକୁ ଆଗ୍ରହୀ ଥିବା ମଧ୍ୟ ସେ କହିଥିଲେ। ଏନେଇ ଏକ ରିପୋର୍ଟ ପ୍ରସ୍ତୁତ କରିବାପରେ ପିସିସିକୁ ପଠାଯିବ। ପିସିସି ପକ୍ଷରୁ ଉକ୍ତ ରିପୋର୍ଟକୁ ଏଆଇସିସିକୁ ଦିଆଯିବ ବୋଲି ମଧ୍ୟ ସେ କହିଥିଲେ। ହେଲେ ଯୁବ ସଭାପତି ଚୟନ ପାଇଁ ପିସିସିର ଅଧିକାର ନ ଥିବା ରଘୁବଂଶୀ କହିବାପରେ ନୂଆ ରାଜନୀତି ଦେଖାଦେଇଛି। ଏହାସହିତ ଯୁବ ସଭାପତି ପାଇଁ ଆଗ୍ରହୀ ଥିବା ନେତାମାନେ ନିଜ ସମର୍ଥକମାନଙ୍କ ସହ ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚି ରଘୁବଂଶୀଙ୍କୁ ସାକ୍ଷାତ କରିଛନ୍ତି। ତେବେ ଏପରି ସ୍ଥିତିରେ ରଘୁବଂଶୀଙ୍କ ପ୍ରତିକ୍ରିୟାକୁ ନେଇ ପ୍ରଦୀପ ମାଝୀ କହିଛନ୍ତି, ଦଳର ଯୁବ, ଛାତ୍ର ଏବଂ ମହିଳା ସଙ୍ଗଠନ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଯାଇଛି। ତେଣୁ ପିସିସିକୁ ସକ୍ରିୟ କରିବା ପାଇଁ ଏହିସବୁ ସଙ୍ଗଠନ ସଜାଡ଼ିବା ଆବଶ୍ୟକ। ଖୁବ୍‌ଶୀଘ୍ର ପିସିସିର ନୂଆ କମିଟି ଗଠନ ହୋଇଯିବ। ଏହାପରେ ଯୁବ, ଛାତ୍ର ଓ ମହିଳା ସଭାପତି ନୂତନ ବଛାଯିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ ଦଳର ଜଣେ ଆଗଧାଡ଼ିର ନେତାଙ୍କ କହିବାନୁଯାୟୀ, ଦଳ ବର୍ତ୍ତମାନ ଏକାଧିକ ଗୋଷ୍ଠୀରେ ବିଭକ୍ତ ହୋଇରହିଛି। ବର୍ତ୍ତମାନର ଯୁବ ସଭାପତିଙ୍କ ସହ ପିସିସି ସଭାପତିଙ୍କ ପଡୁନାହିଁ। ସେଥିଲାଗି ସେ ଗୋଟିଏ ଗୋଷ୍ଠୀ ଜରିଆରେ ନୂତନ ସଭାପତି ଚୟନ ପାଇଁ ଲାଗିଛନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ମଧ୍ୟ ଗୋଟି ଚାଳନା ଆରମ୍ଭ କରିଦେଇଥିବା ସେ କହିଛନ୍ତି।

# ପୋଲରୁ ଖସିଲା ପୋଲିସ ଗାଡ଼ି

## ଥାନାଧିକାରୀ, ଡ୍ରାଇଭର ଗୁରୁତର

ରାଇକିଆ,୧୩।୧(ଡ଼ି.ଏନ.ଏ.)



ଦୁର୍ଘଟଣାଗ୍ରସ୍ତ ଗାଡ଼ି। ଆହତ ଥାନାଧିକାରୀ।

କନ୍ଧମାଳ ଜିଲା ରାଇକିଆ ଥାନା ପୋଲିସ ଗାଡ଼ି ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗଞ୍ଜେଇ ଚାଲାଣ କରୁଥିବା ଏକ କାର୍ ପିଛା କରିବା ବେଳେ ଭାରସାମ୍ୟ ହରାଇ ପୋଲିସ ଗାଡ଼ିଟି ପୋଲ ତଳକୁ ଖସିପଡ଼ିଥିଲା। ଏଥିରେ ଥାନାଧିକାରୀ ଅଲେଖ ଗରଡ଼ିଆ, ଡ୍ରାଇଭର ଆର୍ଯ୍ୟଦେବ ପ୍ରଧାନଙ୍କ ସମେତ ୨ ଜଣ ହୋମଗାର୍ଡ ଆହତ ହୋଇଛନ୍ତି। ଥାନାଧିକାରୀଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଡ୍ରାଇଭରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ରାଇକିଆ ଡାକ୍ତରଖାନାରେ ଉଭୟଙ୍କ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ପଠାଯାଇଛି।

ରାଇକିଆ-ମଣ୍ଡାକିଆ ରାସ୍ତାରେ ଯାଉଥିବା ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଗାଡ଼ିରେ ଥାନାଧିକାରୀ ଗରଡ଼ିଆ ଓ ଅନ୍ୟମାନେ ଉକ୍ତ କାର୍‌କୁ ପିଛା କରିଥିଲେ। ମଣ୍ଡାକିଆ ପୋଲ ନିକଟରେ ପୋଲିସ ଗାଡ଼ି ଓଭରଟେକ ପାଇଁ ଉଦ୍ୟମ କରୁଥିବା ବେଳେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲା। ଫଳରେ ଥାନାଧିକାରୀଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ। ଅନ୍ୟପକ୍ଷରେ ଗଞ୍ଜେଇ ଥିବା କାର୍‌ଟିକୁ ବୁଡ଼ାମାହା ନିକଟରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଛନ୍ତି। ଏ ନେଇ ରାଇକିଆ ଥାନାରେ ନଂ.୪/୨୦ରେ ଏକ ମାମଲା ରୁଜୁ ହୋଇଛି। ଜି.ଉଦୟଗିରି ଏସଡିପିଓ ଜୟକୃଷ୍ଣ ବେହେରା ଘଟଣାସ୍ଥଳ ଅନୁଧାନ କରିଥିବା ବେଳେ ଟିକାବାଲି ଥାନାଧିକାରୀ ରେବତି ଶବର ତଦନ୍ତରେ ସହଯୋଗ କରିଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ସାରଙ୍ଗଡ଼ ଥାନା ଅଧିକାରୀ ଅନିତା କିଡ଼ୋଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି ବୋଲି ଏସ୍‌ଡିପିଓ କହିଛନ୍ତି।

# ବଙ୍ଗୀୟ ମହିଳା ପର୍ଯ୍ୟଟକଙ୍କୁ ବଳାତ୍କାର

ଭୋଗରାଇ, ୧୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ତାଳସାରୀ ମେରାଇନ୍ ଥାନା ଅଧୀନ ଚନ୍ଦନେଶ୍ୱରସ୍ଥିତ ଏକ ହୋଟେଲରେ ଜଣେ ବଙ୍ଗୀୟ ମହିଳାଙ୍କୁ ରବିବାର ରାତିରେ ବଳାତ୍କାର କରାଯାଇଛି। ପୀଡ଼ିତା ପର୍ଯ୍ୟଟକଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ହୋଟେଲ ମ୍ୟାନେଜରଙ୍କ ସହ ପୀଡ଼ିତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପଶ୍ଚିମବଙ୍ଗ ମାଲଦା ଇଂଲିଶ ବଜାର ଅଞ୍ଚଳର ଏହି ମହିଳା ଦୀଘା ବୁଲିବାକୁ ଆସିଥିଲେ। ସେ ଘରକୁ ଫେରିବା ସମୟରେ ଟ୍ରେନ୍ ଫେଲ୍ ହୋଇ ରେଳଷ୍ଟେଶନରେ ନିରାଶ ହୋଇ ବସିଥିଲେ। ଏହି ସମୟରେ ଜଣେ ୩୨ ବର୍ଷୀୟ ଯୁବକ ତାଙ୍କ ସହିତ କଥାବାର୍ତ୍ତା ହୋଇ ବିଶ୍ୱାସ ଜନ୍ମାଇଥିଲେ। ସେ ମହିଳାଙ୍କୁ ତାଙ୍କ ଘରେ ଆଶ୍ରୟ ଦେବାକୁ କହି ଚନ୍ଦନେଶ୍ୱରସ୍ଥିତ ଏକ ହୋଟେଲକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ପରେ ୫ହଜାର ଟଙ୍କା ଓ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ସୋମବାର ପୀଡ଼ିତା ତାଳସାରୀ ମେରାଇନ୍ ଥାନାରେ ଅଭିଯୋଗ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ଡ୍ରୋନ୍ ପଞ୍ଜୀକରଣ ପାଇଁ ଶେଷ ସୁଯୋଗ

■ ୩୧ ପରଠାରୁ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୩।୧(ବ୍ୟୁରୋ)



ଏଣିକି ମନଇଚ୍ଛା ଆଉ ଉଡ଼ିପାରିବନି ଡ୍ରୋନ୍। ଏପରି କି ବିନା ପଞ୍ଜୀକରଣରେ ବେଆଇନ ଭାବେ ଡ୍ରୋନ୍ ପାଖରେ ରଖିଲେ ଓ ବିନାନୁମତିରେ ଉଡ଼ାଣ କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଏଥିପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦେଶରେ ରହିଥିବା ଘରୋଇ ବା ବେସାମରିକ(ସିଭିଲ) ଡ୍ରୋନ୍‌ଗୁଡ଼ିକର ପଞ୍ଜୀକରଣ ପାଇଁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସୁଯୋଗ ଦେଇଛି। ଯେଉଁମାନେ ଡ୍ରୋନ୍ ରଖିଛନ୍ତି, ସେମାନେ ଭୟ କିମ୍ବା କୌଣସି ଆଶଙ୍କା ନ କରି ସ୍ୱେଚ୍ଛାକୃତ ଭାବେ ଜଣାଇବାକୁ ମନ୍ତ୍ରଣାଳୟ ସୋମବାର ସୂଚନା ଜାରି କରିବା ସହ ଏହାପରଠାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛି। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏକ ଅନ୍‌ଲାଇନ୍ ଲିଙ୍କ୍ ଜାରି କରାଯାଇଛି। ୧୪ ଜାନୁୟାରୀରୁ ୩୧ ତାରିଖ ମଧ୍ୟରେ ବେଆଇନ ଡ୍ରୋନ୍ ଓ ପରିଚାଳକଙ୍କ ସମ୍ପର୍କରେ ଉକ୍ତ ଲିଙ୍କ୍ (https://digitalsky.dgca.gov.in)ରେ ଜଣାଇବାକୁ କୁହାଯାଇଛି। ଏହାପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ଗାଇଡ୍‌ଲାଇନ୍ ଅନୁସାରେ ଆବଶ୍ୟକ ଯାଞ୍ଚ କରାଯାଇ ଡ୍ରୋନ୍ ପଞ୍ଜୀକରଣ କରାଯିବ। ଏଥିସହ ପରିଚାଳକଙ୍କୁ ୟୁନିକ୍ ଆଇଡେଣ୍ଟିଫିକେଶନ (ୟୁଆଇଏନ୍) ନମ୍ବର ଓ ଅନମ୍ୟାନ୍‌ଡ ଏୟାରକ୍ରାଫ୍ଟ ଅପରେଟର ପରମିଟ୍ (ୟୁଏଓପି) ମିଳିବ। ସେହିପରି ଡ୍ରୋନ୍ ଆକ୍‌ନଲେଜମେଣ୍ଟ ନମ୍ବର (ଡିଏଏନ୍) ଓ ଅପରେଟର ଆକ୍‌ନଲେଜମେଣ୍ଟ ନମ୍ବର (ଓଏଏନ୍) ମଧ୍ୟ ପ୍ରଦାନ କରାଯିବ। ଏହାପରେ ସିଭିଲ ଆଭିଏଶନ ରେଗୁଲେଶନ (ସିଏଆର୍) ନିୟମ ଆଧାରରେ ଡ୍ରୋନ୍ ଉଡ଼ାଣ ପାଇଁ ଅନୁମତି ମିଳିବ। ବିନା ଡିଏଏନ ଓ ଓଏଏନରେ ଡ୍ରୋନ୍ ଉଡ଼ାଣ କଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତରେ ମାତ୍ରାଧିକ ବେସାମରିକ ଡ୍ରୋନ୍‌ର ବ୍ୟବହାର ହେଉଥିବା ଓ ଏହା ଦେଶର ସୁରକ୍ଷା ତଥା ବିମାନ ଚଳାଚଳରେ ସମସ୍ୟା ସୃଷ୍ଟିର ଆଶଙ୍କା କରି ମନ୍ତ୍ରଣାଳୟ ଏପରି ନିଷ୍ପତ୍ତି ନେଇଛି।

# ଆଜି ସରିବ ପହିଲି ଭୋଗ ନୀତି

ପୁରୀ ଅଫିସ, ୧୩।୧

ପବିତ୍ର ଧନୁସଂକ୍ରାନ୍ତିଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିଲା ପହିଲି ଭୋଗ ନୀତି। ଏହା ମକରସଂକ୍ରାନ୍ତି ପୂର୍ବ ମାସାନ୍ତ ପର୍ଯ୍ୟନ୍ତ ଚାଲିବାର ବିଧି ରହିଛି। ତେଣୁ ମଙ୍ଗଳବାର ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଶେଷ ହେବ। ଏହିଦିନ ମହାପ୍ରଭୁଙ୍କ ନବାଙ୍କ ବେଢା ଓ ନବାଙ୍କ ବେଶ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିର ସ୍ୱତ୍ୱ ଲିପି ଅନୁଯାୟୀ, ପହିଲି ଭୋଗରେ ଠାକୁରଙ୍କ ପାଖରେ ବଡ଼ଝିଲି, ଦରସୁଆ, ବଡି, ଝିଲି, ବଡବଡା, କାକେରା, ସାନ ଅମାଲୁ, ନଳୀ, ଆରିସା, ଏଣ୍ଡୁରି, ମୁଗେଇ, ଝଡେଇନେଦା, ଚୁଡ଼ା ପୁଆ, ଛତୁ, ନଡୁ, ଗଜା, ଖଇରଚୁଳ, ଗଇଣ୍ଠା, ମଣ୍ଡା, ଛତୁପୁଆ, କଣ୍ଟେଇ ଆଦି ଲାଗି କରାଯାଇଥାଏ। ମାସେ ଧରି ଗୋପାଳ ବଲ୍ଲଭ ଭୋଗ ସହିତ ପହିଲି ଭୋଗ ହୋଇଥାଏ। କାଉ କା' କହିବା ପୂର୍ବରୁ ଏହି ଭୋଗ ଠାକୁରଙ୍କ ପାଖରେ ଅର୍ପଣ କରାଯିବାର ବିଧି ରହିଛି। ଶ୍ରୀମନ୍ଦିରରେ ପହିଲି ଭୋଗ ମା' ଯଶୋଦାଙ୍କ ସେବା। ମା' ଯଶୋମତୀ ପୁଷମାସ ଶୀତଦିନରେ ଶୀତକାଳୀନ ସୁସ୍ୱାଦୁ ପିଠା ତିଆରି କରିଥାନ୍ତି । ଥଣ୍ଡା ଲାଗିଯିବ ବୋଲି କୁଆ କା' କରିବା ପୂର୍ବରୁ କଳାକାହ୍ନୁଙ୍କୁ ଖୁଆଇ ଶୀତ ଲୁଗା ଘୋଡ଼ାଇ ଦେଇ ଜଗତବାସୀଙ୍କ ଗୁହାରି ଶୁଣିବା ନିମନ୍ତେ ପ୍ରସ୍ତୁତ କରାଇଥାନ୍ତି।





ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବାଶିଷ ମହାନ୍ତି (ବାପୁ)
ତିରୋଧାନ: ୨୩।୦୧।୨୦୧୧
ଶ୍ରୀଜଗନ୍ନାଥ ତୋର ଅମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ।
ଧ-୬୮୭୪୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଭାତ କୁମାର ସେଠୀ
ଗୌଡ଼ନୂଆଗାଁ, ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା
ଆବିର୍ଭାବ: ୧୩।୦୨।୧୯୬୨
ତିରୋଧାନ: ୨୪।୦୧।୨୦୧୯
ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଅଶ୍ରୁଳ ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: ଚାରୁଲତା ସେଠୀ, ପୁଅ: ପୀୟୂଷ ଓ ପ୍ରତୀକ, ଝିଅ: ସୋନାଲି, ରୂପାଲୀ, ମିତାଲି, ଶେଫାଳି, ଶିଉଳି, ନିରାଳୀ, ଭାଣିଜୀ: ରିମା ଓ ରିକ୍ସିମା ।
ଧ-୧୬୮୭୪


ଜିଲା ଚିଠି

ସୁନ୍ଦରଗଡ଼



## ଶ୍ରେୟ ପାଇଁ ଲଢ଼େଇ

ଆଜିକାଲି ସମସ୍ତେ ପ୍ରଚାରପ୍ରିୟ। ଯିଏ ଯାହା ବି କରୁ ନିଜର ପାରିବାପଣିଆ ଜାହିର କରିବା ପାଇଁ ପଛାଉ ନାହାନ୍ତି। ଏଭଳି ଘଟଣା ସୁନ୍ଦରଗଡ଼ ଜିଲାରେ ଦେଖିବାକୁ ମିଳିଛି। ଜିଲାରେ କାର୍ଯ୍ୟକାରୀ ହେଉଥିବା ଓ ହେବାକୁଥିବା ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ରାଜନୈତିକ ଦଳ ଓ ନେତାଙ୍କ ମଧ୍ୟରେ ଶ୍ରେୟ ନେବାର ପ୍ରତିଯୋଗିତା ଦେଖିବାକୁ ମିଳୁଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ବାଦ୍ ଜିଲାରେ ଖଣିଜ ପାଣ୍ଠି ଅନୁଦାନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଚାଲିଛି। ହେଲେ ସେହି କାମ ପାଇଁ କିଏ ଦାବି କରିଥିଲା, କିଏ କାର୍ଯ୍ୟକାରୀ କରାଇବାରେ ଓ କିଏ ଅନୁଦାନ ମଞ୍ଜୁର କରାଇବାରେ ସଫଳ ହୋଇଛି ସେ ନେଇ ନେତାମାନେ ନିଜର ଆତ୍ମପ୍ରଚାରର ଢୋଲ ପିଟିବା ସାଧାରଣରେ ବେଶ ରୋଚକ ହୋଇଛି। ଜିଲାର ୭ ବିଧାନସଭା ଆସନ ମଧ୍ୟରୁ ଶାସକ ବିଜେଡି ୨ଟି ସ୍ଥାନ ଅକ୍ତିଆର କରିଥିବା ବେଳେ ଭାଜପା ୩ ଏବଂ କଂଗ୍ରେସ ଓ ସିପିଆଇଏମ୍ ଗୋଟିଏ ଲେଖା ଆସନରେ ବିଜୟୀ ହୋଇଥିଲା। ନିର୍ବାଚିତ ଜନପ୍ରତିନିଧିମାନେ ନିଜ ଦଳ ଓ ନିଜ ପତିଆରା ବୃଦ୍ଧି ପାଇଁ ସଫଳତାର ଶ୍ରେୟ ନେଇ କିଭଳି ଲୋକଙ୍କ ନିକଟତର ହେବେ ସେ ନେଇ ଅଣ୍ଟା ଭିଡ଼ି ଲଢ଼େଇ କରିବାକୁ ପଛେଇ ନାହାନ୍ତି। ଆଗକୁ ପୌର ନିର୍ବାଚନର ବୈତରଣୀ ପାର ହେବା ପାଇଁ ନିଜର ଓ ନିଜ ଦଳର କିଭଳି କ୍ଷେତ୍ର ପ୍ରସ୍ତୁତ ହେବ ସେ ନେଇ ଅଙ୍କକଷା ଚାଲିଥିବା ବେଳେ କିଛି ନେତା ମିଡିଆକୁ ଢାଲ କରି କାଗଜ ବାଘ ପାଲଟିଛନ୍ତି। ନିକଟରେ ସୁନ୍ଦରଗଡ଼ର ଜୀବନରେଖା କୁହାଯାଉଥିବା ତଥା ସହର ଦେଇ ପ୍ରବାହିତ ଇବ୍ ନଦୀରେ ରିଂ ରୋଡ ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ୮୪ କୋଟି ୫୦ଲକ୍ଷ ଟଙ୍କା ଜିଲାପାଳଙ୍କ ଦ୍ୱାରା ଅନୁମୋଦନ ହେବା ପରେ ଏହାର ଶ୍ରେୟ ନେବାପାଇଁ ୨ ପ୍ରମୁଖ ରାଜନୈତିକ ଦଳର ନେତାଙ୍କ ଲଢ଼େଇ ବେଶ୍ ରୋଚକ ହୋଇଛି। ପ୍ରକଳ୍ପ କିଭଳି ଶୀଘ୍ର କାର୍ଯ୍ୟକାରୀ ହେବ ସେ ଦିଗ ପ୍ରତି ଦୃଷ୍ଟି ନ ଦେଇ ଉଭୟ ନେତାଙ୍କ ଶ୍ରେୟର ଲଢ଼େଇ ସୋସିଆଲ ମିଡିଆରେ ପହଞ୍ଚିଛି। ନେତା ଓ ନିର୍ବାଚିତ ଜନପ୍ରତିନିଧିମାନେ ପରସ୍ପର ମଧ୍ୟରେ ଶ୍ରେୟ ପାଇଁ ଲଢ଼େଇ ନ କରି ଦଳମତ ନିର୍ବିଶେଷରେ ଜିଲାର ବିକାଶ ପାଇଁ ଆସୁଥିବା ଅନୁଦାନଗୁଡ଼ିକର ସୁବିନିଯୋଗ ଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

– ଜୟ ନାରାୟଣ ମେଣ୍ଟୁଳି


ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ନୟାପଲ୍ଲୀ ଶାଖା
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨/୫୨୩

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ସମ୍ପୂର୍ଣ୍ଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଶୁଭାସିନୀ ପଣ୍ଡା, ୨) ଶ୍ରୀ ଲିଙ୍ଗରାଜ ପଣ୍ଡା, ୩) ଶ୍ରୀ ସୁଗନ୍ଧରାଜ ପଣ୍ଡା,** ସମସ୍ତଙ୍କ ବାସସ୍ଥାନ ଠିକଣା- ୮୭, ବୁଦ୍ଧେଶ୍ୱରୀ କଲୋନୀ, ପ୍ଲଟ୍ ନଂ.: ୧୧୫୬/୨୮୦୪, ଲକ୍ଷ୍ମୀସାଗର, ଉପରସାହି, ଭୁବନେଶ୍ୱର | ଟ.୪,୪୯,୬୪୮/- (+୩୧.୦୮.୨୦୧୯ ଠାରୁ ସୁଧ) | ୨୪.୦୯.୨୦୧୯ / ୧୦.୦୧.୨୦୨୦ | ଜମି ଏବଂ ଗୃହ ଆଦି ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୧୫୬/୨୮୦୪, ଖାତା ନଂ.: ୧୫୯୩/୧୦୫୫, ମୌଜା: ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୧୧୫୬, ପଶ୍ଚିମ: ସରକାରୀ ଡ୍ରେନ୍, ଉତ୍ତର: ପ୍ଲଟ୍ ନଂ. ୧୧୫୫, ଦକ୍ଷିଣ: ସରକାରୀ ଡ୍ରେନ୍ |
| **ଋଣଗ୍ରହୀତାମାନେ: ୧) ଶ୍ରୀ ନିରଞ୍ଜନ ସାମନ୍ତରାୟ, ୨) ଶ୍ରୀ ନରସିଂହ ସାମନ୍ତରାୟ,** ଉଭୟଙ୍କ ବାସସ୍ଥାନ ଠିକଣା- ନୟା ବଜାର, କଟକ, ଚଣ୍ଡି ମନ୍ଦିର ନିକଟ, କଟକ-୭୫୩୦୦୪ / **ଜାମିନ୍‌ଦାର: ଶ୍ରୀମତୀ ସ୍ମୃତିସୁଧା ସାମନ୍ତରାୟ,** ବାସସ୍ଥାନ ଠିକଣା-୮୧୪/୨୯୨୬, ନୟା ବଜାର, କଟକ, ଚଣ୍ଡି ମନ୍ଦିର ନିକଟ, କଟକ-୭୫୩୦୦୪ | ଟ.୧୧,୦୬,୦୯୦/- (+୩୧.୦୮.୨୦୧୯ ଠାରୁ ସୁଧ) | ୧୧.୧୦.୨୦୧୯ / ୧୦.୦୧.୨୦୨୦ | ଜମି ଏବଂ ଗୃହ ଆଦି ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୮୧୪/୨୯୨୬, ଖାତା ନଂ.: ୧୯୯/୯୪୮, ମୌଜା: ସାର୍ଦ୍ଦୋଳ, ତହସିଲ: କଟକ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଏ. ବାରିକଙ୍କ ପ୍ଲଟ୍, ପଶ୍ଚିମ: ଉତ୍ତମ ଦାଶଙ୍କ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ଏ.କେ. ଦାଶଙ୍କ ପ୍ଲଟ୍ |

**ତାରିଖ: ୧୩.୦୧.୨୦୨୦, ସ୍ଥାନ: ଭୁବନେଶ୍ୱର** **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ, ମଧୁପାଟଣା, କଟକ-୭୫୩୦୧୦

ଦଖଲ ନୋଟିସ୍ (ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ସୁଜିତ କୁମାର ସ୍ୱାଇଁ,** ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ, ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ | **ଜାମିନ୍‌ଦାର: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ,** ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ / **ସମ୍ପତ୍ତି ମାଲିକ: ଶ୍ରୀ ସୁଜିତ କୁମାର ସ୍ୱାଇଁ,** ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ | **ଶ୍ରୀ ସୁଜିତ କୁମାର ସ୍ୱାଇଁ,** ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପୋଖରୀପୁଟ, ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୨, ଭୁବନେଶ୍ୱର, ଓଡ଼ିଶା, ଏଚ୍‌ଆଇଜି ଡୁପ୍ଲେକ୍ସ, ହାଉସ୍ ନଂ. ଏ/୧୬ | ୧୩.୧୦.୨୦୧୯ | ୦୯.୦୧.୨୦୨୦ | ୨୨.୧୦.୨୦୧୯ ସୁଦ୍ଧା ଟ.୧,୧୧,୫୧,୮୮୦/- + ୨୩.୧୦.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ଆଦି ପାୱାର ଟେକ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁଜିତ କୁମାର ସ୍ୱାଇଁ,** ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ, ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ | **ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ଶ୍ରୀ ସୁନିଲ କୁମାର ସ୍ୱାଇଁ, ୨) ଶ୍ରୀ ଅଜିତ କୁମାର ସ୍ୱାଇଁ,** ଉଭୟଙ୍କ ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ, ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ / **ସମ୍ପତ୍ତି ମାଲିକମାନେ: ଶ୍ରୀ ସୁଜିତ କୁମାର ସ୍ୱାଇଁ, ଶ୍ରୀ ସୁନିଲ କୁମାର ସ୍ୱାଇଁ ଏବଂ ଶ୍ରୀ ଅଜିତ କୁମାର ସ୍ୱାଇଁ** | ସମ୍ପତ୍ତିର ସମସ୍ତ ଅଂଶବିଶେଷ **(୧) ଶ୍ରୀ ସୁଜିତ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୭, ପ୍ଲଟ୍ ନଂ.: ୨୨୯୧/୩୬୪୮, ୨୨୯୫/୩୬୪୬ ଏବଂ ୨୩୧୦/୩୬୪୭, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ ଡିସିମିଲି ଏବଂ ଏକର୦.୦୨ଡିସିମିଲି ଓ ଖାତା ନଂ.: ୯୮୫/୭୮୦, ପ୍ଲଟ୍ ନଂ.: ୨୨୯୧/୩୬୫୧, ୨୨୯୫/୩୬୪୯ ଏବଂ ୨୩୧୦, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରି, **(୨) ଶ୍ରୀ ସୁନିଲ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୮, ପ୍ଲଟ୍ ନଂ.: ୨୨୯୧/୩୬୪୨, ୨୨୯୫/୩୬୪୦ ଏବଂ ୨୩୧୦/୩୬୪୧, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରି, **(୩) ଶ୍ରୀ ଅଜିତ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୯, ପ୍ଲଟ୍ ନଂ.: ୨୨୯୧/୩୬୪୩, ୨୨୯୫/୩୬୪୪ ଏବଂ ୨୩୧୦/୩୬୪୫, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୬୭ଡିସିମିଲି ଏବଂ ଏକର୦.୦୪ଡିସିମିଲି, କିସମ: ଘରବାରି। | ୧୩.୧୦.୨୦୧୯ | ୦୯.୦୧.୨୦୨୦ | ୨୨.୧୦.୨୦୧୯ ସୁଦ୍ଧା ଟ.୧,୯୦,୮୧,୦୯୬/- + ୨୩.୧୦.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ଆଦି ପାୱାର ଟେକ୍ ପ୍ରା. ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସୁଜିତ କୁମାର ସ୍ୱାଇଁ, ନିର୍ଦ୍ଦେଶକ: ଶ୍ରୀ ସୁନିଲ କୁମାର ସ୍ୱାଇଁ,** ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ | **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଅଜିତ କୁମାର ସ୍ୱାଇଁ,** ପିତା: ଶ୍ରୀ ମହେନ୍ଦ୍ର କୁମାର ସ୍ୱାଇଁ, ସା: ଖପୁରିଆ, ବାଳାଶ୍ରମ ନିକଟ, ପୋ: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦ / **ସମ୍ପତ୍ତି ମାଲିକମାନେ: ଶ୍ରୀ ସୁଜିତ କୁମାର ସ୍ୱାଇଁ, ଶ୍ରୀ ସୁନିଲ କୁମାର ସ୍ୱାଇଁ ଏବଂ ଶ୍ରୀ ଅଜିତ କୁମାର ସ୍ୱାଇଁ** | **ପ୍ରାଇମେରୀ ସିକ୍ୟୁରିଟିଜ୍: (୧)** ବନ୍ଧକପ୍ରାପ୍ତ କଞ୍ଚା ମାଲ, ପ୍ରକ୍ରିୟାରେ ଥିବା ଷ୍ଟକ, ତିଆରି ମାଲ ଏବଂ ପ୍ରାପ୍ୟ ଓ କମ୍ପାନୀର ସମସ୍ତ ଚଳନ୍ତି ସମ୍ପତ୍ତି। **(୨)** ବ୍ୟାଙ୍କ ଫାଇନାନ୍ସ ଦ୍ୱାରା କ୍ରୟ କରାଯାଇଥିବା ବନ୍ଧକପ୍ରାପ୍ତ କାରଖାନା ଏବଂ ଯନ୍ତ୍ରପାତି। **(୩)** ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ଖାତା ନଂ.: ୨୮୦, ରେଭିନ୍ୟୁ ପ୍ଲଟ୍ ନଂ.: ୨୪୭୭(ଅଂଶ), ଅନୁରୂପ ଇଡ଼କୋ ସେଡ୍ ନଂ.: ଏସ୍-୨/୧୬୬, କ୍ଷେତ୍ର: ଏକର୦.୧୯୧ଡିସିମିଲି, ମୌଜା: ତାରୋଳ, ଇଡ଼କୋ ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ, ଜଗତପୁର। **କୋଲାଟରାଲ ସିକ୍ୟୁରିଟିଜ୍:** ସମ୍ପତ୍ତିର ସମସ୍ତ ଅଂଶବିଶେଷ **(୧) ଶ୍ରୀ ସୁଜିତ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୭, ପ୍ଲଟ୍ ନଂ.: ୨୨୯୧/୩୬୪୮, ୨୨୯୫/୩୬୪୬ ଏବଂ ୨୩୧୦/୩୬୪୭, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ ଡିସିମିଲି ଏବଂ ଏକର୦.୦୨ଡିସିମିଲି ଓ ଖାତା ନଂ.: ୯୮୫/୭୮୦, ପ୍ଲଟ୍ ନଂ.: ୨୨୯୧/୩୬୫୧, ୨୨୯୫/୩୬୪୯ ଏବଂ ୨୩୧୦, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରି, **(୨) ଶ୍ରୀ ସୁନିଲ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୮, ପ୍ଲଟ୍ ନଂ.: ୨୨୯୧/୩୬୪୨, ୨୨୯୫/୩୬୪୦ ଏବଂ ୨୩୧୦/୩୬୪୧, ଯଥାକ୍ରମେ କ୍ଷେତ୍ର: ଏକର୦.୦୫ଡିସିମିଲି, ଏକର୦.୧୦୭ଡିସିମିଲି ଏବଂ ଏକର୦.୦୨ଡିସିମିଲି, କିସମ: ଘରବାରି, **(୩) ଶ୍ରୀ ଅଜିତ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପ୍ରତାପନଗରୀ, ଖାତା ନଂ.: ୯୮୫/୭୭୯, ପ୍ଲଟ୍ ନଂ.: ୨୨୯୧/୩୬୪୩, ୨୨୯୫/୩୬୪୪ ଏବଂ ୨୩୧୦/୩୬୪୫, ଯଥାକ୍ରମେ କ୍ଷେତ୍ର: ଏକର୦.୦୩ଡିସିମିଲି, ଏକର୦.୦୬୭ଡିସିମିଲି ଏବଂ ଏକର୦.୦୪ଡିସିମିଲି, କିସମ: ଘରବାରି, **(୪) ଶ୍ରୀ ସୁଜିତ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ପୋଖରୀପୁଟ, ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୨, ଭୁବନେଶ୍ୱର, ଓଡ଼ିଶା, ଏଚ୍‌ଆଇଜି ଡୁପ୍ଲେକ୍ସ, ହାଉସ୍ ନଂ. ଏ/୧୬, କ୍ଷେତ୍ର: ୨୪୦୦ ବର୍ଗଫୁଟ, ପ୍ଲିନ୍ଥ କ୍ଷେତ୍ର: ୨୬୭୧ ବର୍ଗଫୁଟ, କିସମ: ଘରବାରି। | ୧୩.୧୦.୨୦୧୯ | ୦୯.୦୧.୨୦୨୦ | ୨୨.୧୦.୨୦୧୯ ସୁଦ୍ଧା ଟ.୪,୧୨,୫୭,୭୯୧/- + ୨୩.୧୦.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ପଣ୍ଡା,** ପିତା: ୰ ଯୁଗଳ କିଶୋର ପଣ୍ଡା, ସା: ପ୍ଲଟ୍ ନଂ.: ୨୯୭, ମେଘେଶ୍ୱର ମନ୍ଦିର ନିକଟ, ଟଙ୍କପାଣି ରୋଡ଼, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨ | **ସମ୍ପତ୍ତି ମାଲିକ: ଶ୍ରୀ ରାଜେଶ କୁମାର ପଣ୍ଡା** | **ଶ୍ରୀ ରାଜେଶ କୁମାର ପଣ୍ଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାସୁଆଘାଇ, ଖାତା ନଂ.: ୩୯୦/୨୯୪, ପ୍ଲଟ୍ ନଂ.: ୨୯୭/୧୬୬୪, କ୍ଷେତ୍ର: ଏକର୦.୦୭୪ଡିସିମିଲି ଏବଂ ଖାତା ନଂ.: ୩୯୦/୪୨୭, ପ୍ଲଟ୍ ନଂ.: ୨୯୭/୧୩୦୯, କ୍ଷେତ୍ର: ଏକର୦.୦୪୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୧୯ଡିସିମିଲି** | ୦୧.୦୩.୨୦୧୯ | ୦୯.୦୧.୨୦୨୦ | ୨୮.୦୨.୨୦୧୯ ସୁଦ୍ଧା ଟ.୪୨,୮୭,୧୮୨/- + ୦୧.୦୩.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ସୁକାନ୍ତି କନ୍‌ଷ୍ଟ୍ରକ୍ସନ୍ ଆଣ୍ଡ୍ ଅଦର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଦୀପ୍ତ କୁମାର ପାଇକରାୟ,** ସା: ନିଳାଦ୍ରୀ ବିହାର, ଜୀବନଧାରା ନର୍ସିଂ ହୋମ୍ ନିକଟ, ପୋ: ନୟାବଜାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ, ପିନ୍-୭୫୩୦୦୪, ଓଡ଼ିଶା | **ଜାମିନ୍‌ଦାର: ଶ୍ରୀମତୀ ସୁକାନ୍ତି ପାଇକରାୟ,** ସ୍ୱାମୀ: ୰ ଗୋପିନାଥ ପାଇକରାୟ, ସା: ନିଳାଦ୍ରୀ ବିହାର, ଜୀବନଧାରା ନର୍ସିଂ ହୋମ୍ ନିକଟ, ପୋ: ନୟାବଜାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ, ପିନ୍-୭୫୩୦୦୪, ଓଡ଼ିଶା / **ସମ୍ପତ୍ତି ମାଲିକ: ଶ୍ରୀମତୀ ସୁକାନ୍ତି ପାଇକରାୟ** | **ଶ୍ରୀମତୀ ସୁକାନ୍ତି ପାଇକରାୟଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର **(୧)** ଖାତା ନଂ.: ୬୫୦/୯୬୪, ପ୍ଲଟ୍ ନଂ.: ୭୮୪, କ୍ଷେତ୍ର: ଏକର୦.୦୩୧ଡିସିମିଲି, କିସମ: ଘରବାରି, ମୌଜା: କଟକ ସହର, ୟୁନିଟ୍-୨୮, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର, **(୨)** ଖାତା ନଂ.: ୫୩୯, ପ୍ଲଟ୍ ନଂ.: ୭୮୫/୧୩୪୮, କ୍ଷେତ୍ର: ଏକର୦.୦୪୯ଡିସିମିଲି, କିସମ: ଘରବାରି, ମୌଜା: କଟକ ସହର, ୟୁନିଟ୍-୨୮, ଥାନା: ଚାଉଳିଆଗଞ୍ଜ, ତହସିଲ: କଟକ ସଦର। ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୭୮୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୭୬୯, ପଶ୍ଚିମ: ପ୍ଲଟ୍ ନଂ. ୭୮୩ | ୦୪.୧୧.୨୦୧୯ | ୦୯.୦୧.୨୦୨୦ | ୩୦.୦୯.୨୦୧୯ ସୁଦ୍ଧା ଟ.୭୫,୦୯,୯୦୯.୦୫ + ୦୧.୧୦.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୧୩.୦୧.୨୦୨୦**
**ସ୍ଥାନ: କଟକ**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ । କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି । ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା । –ଶ୍ରୀମା



# କୋଚିରୁ ଶିକ୍ଷା

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ଏବେ ମାଟିରେ ମିଶାଇ ଦିଆଯାଇଛି । ମାରାଡୁ ମ୍ୟୁନିସିପାଲିଟିରେ ଥିବା ଏହିସବୁ ଉଚ୍ଚ ଅଟ୍ଟାଳିକା କୋଷ୍ଟାଲ ରେଗୁଲେଶନ ଜୋନ୍ ନର୍ମସ ବା ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମକୁ ଉଲ୍ଲଂଘନ କରିଥିବାରୁ ସେଗୁଡ଼ିକୁ ଧୂଳିସାତ୍ କରାଯାଇଛି । କେରଳ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି ଓ ସମ୍ପୃକ୍ତ ଅଧିକାରୀଙ୍କ ତତ୍‌କ୍ଷଣାତ୍ ନିଷ୍ପତ୍ତି ସ୍ୱାଗତଯୋଗ୍ୟ । ଜନସାଧାରଣ ଓ ପରିବେଶ ପାଇଁ ଏହା ଉତ୍ତମ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏଠାରେ ମନେପଡ଼େ ୨୦୧୮ରେ କେରଳରେ ଘଟିଥିବା ବନ୍ୟା ବିଭୀଷିକା ଦୃଶ୍ୟ । ପାହାଡ଼ ପାଦଦେଶ, ନଦୀ ତଟବର୍ତ୍ତୀ ଅଞ୍ଚଳ କେନାଲ ଓ ଡ୍ରେନ୍‌ଗୁଡ଼ିକୁ ପୋତାଯାଇ ସେଠାରେ ପର୍ଯ୍ୟଟନର ବିକାଶ କରିବା ଲାଗି ଅଟ୍ଟାଳିକା ନିର୍ମାଣ କରାଯାଇଥିଲା । ଏପରି କି ଘରୋଇ ଆପାର୍ଟମେଣ୍ଟ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଗଢ଼ି ଉଠିଥିଲା । ଫଳରେ ବର୍ଷାଋତୁରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇ ନ ପାରି ଜନବସତିଗୁଡ଼ିକୁ ଜଳମଗ୍ନ କରି ଦେଇଥିଲା । ଏଥିଯୋଗୁ ଶହ ଶହ ଲୋକଙ୍କ ଜୀବନ ଯିବା ସହ ଘରଦ୍ୱାର ଭାଙ୍ଗିରୁଜି ଯାଇଥିଲା । ଅନୁରୂପ ଘଟଣା ୨୦୧୩ରେ ଉତ୍ତରାଖଣ୍ଡରେ ପ୍ରକୃତି ରଚିଥିବା ତାଣ୍ଡବଲୀଳାରୁ ଦେଖିବାକୁ ମିଳିଥିଲା । ଛୋଟଛୋଟ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ଲାଗି ଉପକୂଳ ଅଞ୍ଚଳର ନଦୀ କଡ଼ରେ ଥିବା ଅସଂଖ୍ୟ ଗଛକୁ କାଟି ଦିଆଯାଇଥିଲା । ଏହିଭଳି ଅନେକ ପ୍ରକୃତି ବିରୋଧୀ କାର୍ଯ୍ୟ ଯୋଗୁ ଲୋକେ ଦେଶର ବିଭିନ୍ନ ଭାଗରେ ବିପତ୍ତି ଭୋଗୁଥିଲେ ମଧ୍ୟ ତାହାକୁ ଭଲ ଭାବେ ହୃଦୟଙ୍ଗମ କରିପାରୁନାହାନ୍ତି ।

ଓଡ଼ିଶା କଥା ଦେଖିଲେ, ଏଠାରେ ପୁରୀଠାରୁ ଆରମ୍ଭ କରି ଉପକୂଳ ଅଞ୍ଚଳର ବିଭିନ୍ନ ସ୍ଥାନରେ କୋଷ୍ଟାଲ ରେଗୁଲେଶନ ଜୋନ୍ ନର୍ମସକୁ ବାରମ୍ବାର ଉଲ୍ଲଂଘନ କରାଯାଉଛି । ଯେତେ ପ୍ରକାର କଟକଣା କରାଗଲେ ମଧ୍ୟ ସେଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ପୁରୀ ବେଳାଭୂମି ଅଞ୍ଚଳକୁ ଦେଖିଲେ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକ ସମୁଦ୍ର ଆଡ଼କୁ ମାଡ଼ି ଚାଲିଛନ୍ତି । ପୁରୀ ସହରର ନିର୍ମାଣ କ୍ଷେତ୍ରର ଢାଞ୍ଚା ଦିନକୁ ଦିନ ବଦଳିବାରେ ଲାଗିଛି । ପରିବେଶ ନିୟମକୁ ଉଲ୍ଲଂଘନ କରାଯାଉଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ଗୋଟିଏ ପରେ ଗୋଟିଏ ଓଡ଼ିଶାକୁ ମାଡ଼ି ଆସୁଛି । ଗତବର୍ଷ ବାତ୍ୟା ଫନୀ ଉପକୂଳ ବିଶେଷକରି ପୁରୀ ଓ ଏହାର ଆଖପାଖ ଅଞ୍ଚଳରେ ରଚିଥିବା ବିଭୀଷିକାକୁ ଲୋକେ ମର୍ମେ ମର୍ମେ ଅନୁଭବ କରିଛନ୍ତି । କେବଳ ପୁରୀ ନୁହେଁ, ଗଞ୍ଜାମର ଗୋପାଳପୁରଠାରୁ ବାଲେଶ୍ୱର ଯାଏ ଉପକୂଳ ଅଞ୍ଚଳରେ ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମକୁ ଖୋଲାଖୋଲି ବେଖାତିର କରାଯାଉଛି । ସେହିପରି କଟକ ଓ ଭୁବନେଶ୍ୱରରେ ଯିଏ ଯେଉଁଠି ପାରୁଛନ୍ତି ନିର୍ମାଣର ପସରା ମେଲାଇ ଦେଉଛନ୍ତି । ଏପରିକି ଛୋଟ ଛୋଟ କେନାଲକୁ ପୋତି ଦିଆଯାଉଛି । ଡ୍ରେନ୍‌କୁ ସଙ୍କୁଚିତ କରାଯାଇ ତା' କଡ଼ରେ ଘର ନିର୍ମାଣ କରାଯାଉଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ତାହା ସହର ଭିତରକୁ ପ୍ରବେଶ କରୁଛି । କଟକର ଭୌଗୋଳିକ ସ୍ଥିତି ଦେଖିଲେ ସେଠାରେ ସାମାନ୍ୟ ବର୍ଷାରେ ନାଳନର୍ଦ୍ଦମା ପୂରିଉଠିଥାଏ । ହେଲେ କିଛିବର୍ଷ ହେବ ରାଜଧାନୀ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳ ବାରମ୍ବାର ଜଳମଗ୍ନ ହୋଇଯାଉଛି । ଚାରିଚକିଆ ଛୋଟିଆ ଗାଡ଼ିଗୁଡ଼ିକ ଭାସି ଯାଉଥିବାର ଦୃଶ୍ୟ ଗଣମାଧ୍ୟମରୁ ଦେଖିବାକୁ ମିଳିଛି । ଏପରି କି ସହର ଭିତରେ ନର୍ଦ୍ଦମା ସହିତ ସଂଯୋଗ କରୁଥିବା ଗାତରେ ପଡ଼ି ଲୋକଙ୍କ ମୃତ୍ୟୁ ଘଟିଛି । ଉଦାହରଣ ଖୋଜିଲେ ଅନେକ ମିଳିବ ।

ଆଜି ଓଡ଼ିଶାର ସହରଗୁଡ଼ିକର ଏପରି ଅବସ୍ଥା ହେବା ପଛରେ ରହିଛି ବେଆଇନ ଅଟ୍ଟାଳିକା ନିର୍ମାଣ । ଭୁବନେଶ୍ୱର ଏକ ଯୋଜନାବଦ୍ଧ ସହର ବୋଲି କୁହାଯାଏ । କେବଳ ସେତିକି ନୁହେଁ, ଏହା ସ୍ମାର୍ଟସିଟିର ମଧ୍ୟ ମାନ୍ୟତା ପାଇଛି । ଅନେକ ବିଲ୍‌ଡର ବା ନିର୍ମାଣକାରୀ ସଂସ୍ଥା ନିୟମ ଉଲ୍ଲଂଘନ କରିବା ଅସ୍ୱାଭାବିକ ପରିସ୍ଥିତି ଉପୁଜାଉଛି । ଅବଶ୍ୟ ଏଥିଲାଗି ପ୍ରଥମତଃ ଦାୟୀ ବିଡିଏ, ବିଏମ୍‌ସି, ସିଡିଏ ଭଳି ନଗର ଉନ୍ନୟନ କର୍ତ୍ତୃପକ୍ଷ । ଏମାନଙ୍କ ଅନୁମତି ବିନା ନିର୍ମାଣ କାର୍ଯ୍ୟ ଆଗେଇବା ଅସମ୍ଭବ । ସବୁ ବେନିୟମ କାମ ଏହି କର୍ତ୍ତୃପକ୍ଷଙ୍କ ଜାଣତରେ ହୁଏ ବୋଲି ସମସ୍ତେ ଜାଣନ୍ତି । ଭୁଲ୍ ପାଇଁ ସର୍ବକ୍ଷମା ଯୋଜନା ରହୁଛି । ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସରକାରୀ ନିୟମ ସୁହାଇଲା ଭଳି ମନେହେଉଛି । କୋଚିର ମାରାଡୁ ଅଞ୍ଚଳରେ ବେଆଇନ ଆପାର୍ଟମେଣ୍ଟଗୁଡ଼ିକୁ ବିସ୍ଫୋରଣ କରାଯାଇ ଧ୍ୱଂସ କରାଯିବା ଦେଶର ପ୍ରଥମ ଘଟଣା ହୋଇଥିବାରୁ ତାହାକୁ ଦୃଷ୍ଟାନ୍ତ ଭାବେ ନିଆଯିବା ଉଚିତ । ଓଡ଼ିଶାରେ ସରକାରୀ ଅଧିକାରୀଙ୍କ ଉପରେ ନିର୍ମାଣ ଶିଳ୍ପର ବଡ଼ବଡ଼ିଆଙ୍କ ଚାପ ହେଉ ବା ଲାଞ୍ଚ ଯୋଗୁ ବେନିୟମ କାର୍ଯ୍ୟ ଆଇନରେ ପରିଣତ ହୋଇଯାଉଥିବା ବାରମ୍ବାର ଅଭିଯୋଗ ହୋଇଥାଏ ।

ଆଜିର ପରିସ୍ଥିତିକୁ ଦେଖିଲେ ଯେଭଳି ଭାବେ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି, ସେଭଳି ସ୍ଥଳେ ମଣିଷ ବେଆଇନ କାର୍ଯ୍ୟ କରି ପ୍ରକୃତି ବିରୋଧୀ ହୋଇଗଲେ ଏହାର କୁଫଳ ମାନବ ସମାଜକୁ ଭୋଗିବାକୁ ପଡ଼ିବ । ତେଣୁ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ । କିଛି ଲୋକଙ୍କ ବେପରୁଆ ବ୍ୟବହାର ଯୋଗୁ ସମସ୍ତଙ୍କୁ ପ୍ରକୃତିର କ୍ରୋଧ ସହିବାକୁ ପଡୁଛି ।

## ଚିରନ୍ତନୀ

ତୋ ବିହୁନେ ଏ ଜଗତ–ପଥ ଅମାକାର,
ମୁହିଁ ସିନା ସୃଷ୍ଟି, ତୁ ଯେ ସ୍ରଷ୍ଟା ତୁ ଯେ କବି !
ମୁଁ ଦେଖାଏଁ ରୂପ ମାତ୍ର ତୋର ପ୍ରେମେ ଦ୍ରବି
କୋମଳ ବୋଲାଏଁ ମୁହିଁ, ତୋହରି ଆକାର
ସ୍ମରି ନିଶିଦିନ ମୁଁ ଯେ ସୁନ୍ଦରୀ ଜଗତେ !

(ପୁରୁଷ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | D | E | 1 | | 8 | 5 | 7 | | | | | |
| | 4 | | | | | | | E | | | B | 3 | | |
| | | A | | | | C | | | | | | 0 | | |
| | | | | | 3 | A | | | | | | | 8 | 9 |
| | E | | 9 | B | | | D | | | | 6 | | | C |
| | | D | | | | | A | 1 | | | | | E | |
| 0 | | | | | | | | 7 | B | D | 5 | 9 | | 1 |
| | 9 | | | 2 | 5 | | B | | | 3 | C | | 7 | 8 |
| 4 | 1 | | | | | | | | 2 | | | | D | |
| | | 7 | E | A | | 3 | | 8 | | | 1 | 5 | 4 | |
| | | | | | | | | 0 | 5 | 9 | | | | B |
| 2 | | | | | | | | B | | 4 | | | | |
| | 3 | | | | B | 8 | | | | 0 | | | C | |
| | | | 7 | 0 | | | 5 | | 6 | | 8 | | | |
| | | 5 | | 6 | A | 2 | 4 | D | | | | E | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | A | 6 | C | E | B | 7 | 3 | 8 | 2 | 5 | 4 | 0 | 9 | 1 |
| C | E | 4 | 9 | 7 | 2 | 1 | B | A | 3 | 8 | 0 | 6 | D | 5 |
| 5 | 0 | 1 | D | 3 | A | 4 | E | 9 | 7 | 6 | C | B | 8 | 2 |
| B | 8 | 3 | 0 | 4 | 5 | D | 2 | 6 | 1 | 9 | A | 7 | E | C |
| 7 | 2 | 9 | 6 | 8 | 1 | 0 | C | 5 | E | B | D | 4 | A | 3 |
| 0 | 1 | 8 | 7 | B | C | E | A | 3 | 6 | D | 5 | 2 | 4 | 9 |
| A | 9 | 2 | 8 | D | E | B | 6 | 1 | 4 | C | 7 | 5 | 3 | 0 |
| 4 | 5 | B | 2 | 6 | 9 | C | 0 | D | 8 | A | 3 | 1 | 7 | E |
| 6 | 3 | 7 | 5 | A | 0 | 8 | 4 | 2 | 9 | E | 1 | D | C | B |
| E | D | C | 3 | 1 | 4 | 9 | 5 | 7 | 0 | 2 | B | 8 | 6 | A |
| 8 | B | 0 | E | 9 | 6 | A | 7 | C | D | 1 | 2 | 3 | 5 | 4 |
| 2 | C | 5 | 4 | 0 | 8 | 3 | 1 | E | A | 7 | 6 | 9 | B | D |
| 3 | 6 | E | 1 | C | D | 2 | 9 | B | 5 | 4 | 8 | A | 0 | 7 |
| 1 | 7 | A | B | 5 | 3 | 6 | D | 4 | C | 0 | 9 | E | 2 | 8 |
| 9 | 4 | D | A | 2 | 7 | 5 | 8 | 0 | B | 3 | E | C | 1 | 6 |

ଗତକାଲିର ଉତ୍ତର

# ଅପରାଧ ଯଦି ପ୍ରତିନିଧିର ଯୋଗ୍ୟତା ହୁଏ



ସହଦେବ ସାହୁ

ବଳାତ୍କାର ଭଳି ଅପରାଧ କାହିଁକି ବଢୁଛି ବୋଲି ପ୍ରଶ୍ନ କଲେ ଆମେ ନିଜେ ଦାୟୀ ହୋଇଯିବା । କାରଣ ଏବଂ ଉଦାହରଣ ଖୋଜିବା ଲାଗି ଓଡ଼ିଶା କଥା କହିଲେ କାହାର ନା କାହାର ଶତ୍ରୁ ହୋଇଯିବା । ତେଣୁ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ଉଦାହରଣ ନେବା । ବିଚାରାଧୀନ ଅପରାଧୀମାନେ ଯଦି ଆମର ପ୍ରତିନିଧି ହେବେ ଏବଂ ସେମାନଙ୍କୁ ରାଜନୈତିକ ଦଳର ସୁପ୍ରିମୋ ବା ହାଇକମାଣ୍ଡ ଦଳ ତରଫରୁ ପ୍ରାର୍ଥୀ କରାଇବେ ଏବଂ ଆମେ ସେମାନଙ୍କୁ ଭୋଟ୍ ଦେବା ତେବେ ଆମେ ଦାୟୀ ନୋହୁଁ କି ?

୭ ବର୍ଷ ତଳେ ୨୦୧୨ରେ ରାଞ୍ଚି (ଝାଡ଼ଖଣ୍ଡ)ର ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ୱାର୍ଡେନ୍ ସୁଚିତ୍ରା ମିଶ୍ରଙ୍କୁ ସ୍କୁଲର ଡାଇରେକ୍ଟର ଶଶିଭୂଷଣ ମେହେଟା ହତ୍ୟା କରିଛନ୍ତି ବୋଲି ଖବର ପ୍ରକାଶ ପାଇଥିଲା । ଧୁରୁଆସ୍ଥ ଗାନ୍ଧୀ ଆଶ୍ରମ ନିକଟ ରାସ୍ତାରୁ ସୁଚିତ୍ରାଙ୍କ ମୃତଦେହ ମିଳିଥିଲା । ସୁଚିତ୍ରା ମିଶ୍ର ବିଧବା ଥିଲେ ଏବଂ ମେହେଟା ତାଙ୍କ ସହିତ ସମ୍ପର୍କ ରଖିଥିଲେ । ସେହି ସମ୍ପର୍କରୁ ଦୂରେଇ ଯିବା ପାଇଁ ସେ ସୁପାରି ଦେଇ ବିଧବାଟିକୁ ହତ୍ୟା କରାଇଥିଲେ । ମେହେଟା ଗିରଫ ହେଲେ, କିନ୍ତୁ ବିଚାର ଏବେ ବି ସରିନାହିଁ, ମେହେଟା ୭ ବର୍ଷ ହେଲା ଜାମିନରେ ଅଛନ୍ତି ।

ଏକ ଜନସ୍ୱାର୍ଥ ମାମଲାରୁ ଜଣାଯାଏ ଆମ ଦେଶର ବିଧାୟକ ଓ ସାଂସଦମାନଙ୍କ ଉପରେ ପ୍ରାୟ ୪୧୨୨ଟି କେସ୍ ଅଛି, ୧୯୯୧ ମସିହାରୁ ବି ଗୋଟିଏ କେସ୍ ଅଛି ଯାହାର ଚାର୍ଜଶିଟ୍ ଏ ଯାଏ ଦାଖଲ ହୋଇନାହିଁ । ପୁଣି ୨୬୪ ମାମଲାରେ ତ ହାଇକୋର୍ଟ ମୁଲତବୀ ଆଦେଶ ଦେଇଛନ୍ତି । ମୁଲତବୀ ମାନେ ମାମଲା ଚାଲିଥିବା ପର୍ଯ୍ୟନ୍ତ ଅଭିଯୁକ୍ତ ବେଶ୍ ଖୁସିରେ ବୁଲିବ । ଅଭିଯୋଗକାରୀ ଉପରେ ଅଭିଯୁକ୍ତ ଦାଉ ସାଧିବାର ସମୟ ପାଇଯିବ, ଯେପରି ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ଘଟିଥିଲା । ୨୦୧୭ ଜୁନ୍ ୪ରେ ୧୭ ବର୍ଷୀୟା ଝିଅଟି ବଳାତ୍କାର ଅଭିଯୋଗ କରିଥିଲା । ସେତେବେଳେ ଅଭିଯୁକ୍ତ କୁଲଦୀପ ସିଂହ ସେଙ୍ଗାର ଭାଜପା ବିଧାୟକ ଥିଲେ । ସେ ମାମଲାଟିକୁ ଚପାଇଦେବା ଲାଗି ଝିଅଟିର ବାପାଙ୍କ ନାଁରେ ମକଦ୍ଦମା କରାଇଦେଲେ, ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଇଥିଲେ । ବଳାତ୍କାର ମାମଲାରେ ପୋଲିସ କିଛି ନ କରିବାରୁ ଝିଅଟି ୨୦୧୮ ଏପ୍ରିଲ ୮ରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଘର ଆଗରେ ଆତ୍ମାହୁତି ଉଦ୍ୟମ କଲା । ତା' ପରେ ପରେ ବିଚାରାଳୟ ହାଜତରେ ଝିଅଟିର ବାପାଙ୍କ ମୃତ୍ୟୁ ଘଟିଲା । ମକଦ୍ଦମା ଚାଲିଥିଲା ବେଳେ ୨୦୧୯ ଜୁଲାଇ ୨୮ରେ ଅଭିଯୋଗକାରିଣୀ ଯାଉଥିବା ଗାଡ଼ିରେ ଏକ ଟ୍ରକ୍ ଧକ୍କା ଲଗାଇ ପୀଡ଼ିତାକୁ ଗୁରୁତର ଆଘାତ ଦିଆଗଲା, ତା'ର ଦୁଇ ସମ୍ପର୍କୀୟ ମଲେ । ସାରା ଦେଶ ଉତ୍ତେଜିତ ହେବା ପରେ ଜୁଲାଇ ୩୧ରେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ମାମଲାଟିକୁ ନଜରକୁ ନେଲେ ଏବଂ ଡିସେମ୍ବର ୧୬ରେ ସେଙ୍ଗାର ଆଜୀବନ କାରାଦଣ୍ଡ ପାଇଲେ । ସାରା ଦେଶ ମାତି ନ ଥିଲେ ବିଧାୟକ ପଦରୁ ସେଙ୍ଗାର ତଡ଼ା ଖାଇ ନ ଥାନ୍ତେ, ଦଣ୍ଡ ପାଇବା ତ ଦୂରର କଥା ! ଲୋକଙ୍କର ପ୍ରତିନିଧି ହିସାବରେ ଛାତି ଫୁଲେଇ ଖୁଲମ୍‌ଖୁଲା ବୁଲୁଥାନ୍ତେ । ଏ ହେଉଛି ଆମ ଲୋକପ୍ରତିନିଧିମାନଙ୍କ ଏବଂ ସେମାନଙ୍କୁ ପ୍ରାର୍ଥୀ କରାଉଥିବା ଦଳନେତାଙ୍କ କଳାକାରନାମା !

ନିର୍ବାଚନ ରଣାଙ୍ଗନରେ ଠିଆ ହେଉଥିବା ପ୍ରାର୍ଥୀଙ୍କ ଭିତରୁ ଶତକଡା ୨୬ ଫୌଜଦାରି କେସ୍‌ରେ ଏବଂ ଶତକଡା ୧୭ ଗୁରୁତର ଫୌଜଦାରି ମାମଲାରେ ଅଭିଯୁକ୍ତ । ଭାଜପାରୁ ଝାଡ଼ଖଣ୍ଡର ଆଉ ଜଣେ ପ୍ରାର୍ଥୀ ଭାନୁପ୍ରତାପ ସାହିଙ୍କ ନାଁରେ ୧୩୦ କୋଟିର ଔଷଧ କେଳେଙ୍କାରୀ ଅଛି । କେବଳ ଭାଜପା ଭଳି ଗୋଟିଏ ଦଳର ଏ କଥା ନୁହେଁ । ଏଡିଆର୍ (ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ) ରିପୋର୍ଟ ଓ ଝାଡ଼ଖଣ୍ଡ ଇଲେକଶନ୍ ୱାଚ୍ ତରଫରୁ ପ୍ରକାଶିତ ଏକ ହିସାବ ଅନୁଯାୟୀ ଡିସେମ୍ବର ୭ରେ ହୋଇଥିବା ୨ୟ ପର୍ଯ୍ୟାୟ ଝାଡ଼ଖଣ୍ଡ ବିଧାନ ସଭା ନିର୍ବାଚନରେ ଲଢ଼ିଥିବା କଂଗ୍ରେସ ପ୍ରାର୍ଥୀମାନଙ୍କ ଭିତରୁ ଶତକଡା ୬୭ ଫୌଜଦାରି ମାମଲାରେ ଅଭିଯୁକ୍ତ ।

ନିର୍ବାଚନ ଅଧିକାରୀଙ୍କ ପାଖରେ ପ୍ରଦତ୍ତ ଶପଥପାଠରୁ ଜଣାଯାଏ, କଂଗ୍ରେସ ପ୍ରାର୍ଥୀଙ୍କ ଭିତରୁ ଶତକଡା ୬୭, ଜେଏମ୍‌ଏମ୍ ପ୍ରାର୍ଥୀଙ୍କ ଭିତରୁ ଶତକଡା ୫୦, ଏଜେଏସ୍‌ୟୁ ପ୍ରାର୍ଥୀଙ୍କ ଭିତରୁ ଶତକଡା ୪୨, ଭାଜପା ପ୍ରାର୍ଥୀଙ୍କ ଭିତରୁ ଶତକଡା ୪୦ ଏବଂ ଜେଭିଏମ୍‌ପି ପ୍ରାର୍ଥୀଙ୍କ ଭିତରୁ ଶତକଡା ୪୦ ଭାଗ ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ । ଏମାନଙ୍କ ଭିତରେ କଂଗ୍ରେସ ଅଗ୍ରଣୀ । ନାରୀ ସମ୍ପୃକ୍ତି ଥିବା ଫୌଜଦାରି ମକଦ୍ଦମାରେ ୪ ପ୍ରାର୍ଥୀ ଅଛନ୍ତି । ତା' ଭିତରୁ ଜଣଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଅଛି । ୮ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ଅଭିଯୋଗ ଅଛି । ଆଉ ୪ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଅଛି । ପୁଣି ୩ ଜଣ ପ୍ରାର୍ଥୀ କହିଛନ୍ତି ଯେ, ସେମାନେ ଆଗରୁ ଦଣ୍ଡ ପାଇସାରିଛନ୍ତି ସେମାନଙ୍କ ଅପରାଧ ପାଇଁ ।

ଏ ତ ଗଲା ପ୍ରାର୍ଥୀଙ୍କ କଥା । ନିର୍ବାଚିତ ହୋଇଯାଇଥିବା ବ୍ୟକ୍ତିଙ୍କ କଥା ଶୁଣନ୍ତୁ । ୨୦୧୯ ମେ'ରେ ଏଡିଆର୍ ରିପୋର୍ଟ ଅନୁଯାୟୀ ଉପସ୍ଥିତ ଲୋକ ସଭା ସଦସ୍ୟମାନଙ୍କ ଭିତରୁ ପ୍ରାୟ ଅଧାଅଧି ଫୌଜଦାରି ମକଦ୍ଦମାରେ ଲିପ୍ତ । ଶତକଡା ୨୯ ଭାଗ ବଳାତ୍କାର, ହତ୍ୟା ଓ ହତ୍ୟା ଉଦ୍ୟମ କିମ୍ବା ନାରୀ–ବିରୋଧୀ ଅପରାଧରେ ଜଡ଼ିତ । ଏଭଳି ଅପରାଧ ୨୦୧୪ ତୁଳନାରେ ଶତକଡା ୨୬ ବଢ଼ିଛି । ୫୩୯ ବିଜୟୀ ପ୍ରାର୍ଥୀଙ୍କ ଅନୁଶୀଳନରୁ ଜଣାଯାଇଛି ୨୩୩ ସାଂସଦ ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ । ଦଳ ଅନୁଯାୟୀ ଭାଜପା ସାଂସଦଙ୍କ ଭିତରେ ୧୧୬ ଦାଗୀ ଅଛନ୍ତି, ତାହା ଦଳର ବିଜୟୀ ସାଂସଦଙ୍କ ସଂଖ୍ୟାର ଶତକଡା ୩୯ ଭାଗ । ତା' ତଳକୁ କଂଗ୍ରେସ । ତା'ର ୨୯ ସାଂସଦ ଅଭିଯୁକ୍ତ, ଯାହା ଦଳର ବିଜୟୀ ପ୍ରାର୍ଥୀଙ୍କ ଭିତରୁ ଶତକଡା ୫୭ । ସେହିପରି ଜେଡିୟୁର ୧୩ ସାଂସଦ (୮୧%), ଡିଏମ୍‌କେର ୧୦ ସାଂସଦ (୪୩%) ଏବଂ ତୃଣମୂଳ କଂଗ୍ରେସର ୯ ସାଂସଦ (୪୧%) ଫୌଜଦାରି ମକଦ୍ଦମାରେ ଅଭିଯୁକ୍ତ ।

ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡ ନିର୍ବାଚନରେ ମାଓବାଦୀ କମାଣ୍ଡର, ନରହତ୍ୟାକାରୀ, ଯୌନଶୋଷଣକାରୀ ତଥା ଅର୍ଥକେଳେଙ୍କାରୀରେ ଜଡ଼ିତ ଥିବା ବ୍ୟକ୍ତିମାନେ ପ୍ରାର୍ଥୀ ଥିଲେ । ସତେଯେପରି ଅପରାଧୀ ଗୋଷ୍ଠୀ ଓ ରାଜନୈତିକ ଦଳମାନଙ୍କ ଭିତରେ ଏକ ଭିତିରି ବୁଝାମଣା ଅଛି । ଏ କଥା ଆଡଭୋକେଟ୍ ରାଜୀବ କୁମାର କହୁଛନ୍ତି– ଝାଡ଼ଖଣ୍ଡ ହେଉଛି ପ୍ରଥମ ପ୍ରଦେଶ ଯେଉଁଠି ରାଜନୈତିକ ଘୋଡ଼ାବେପାର ଘେନି ଏକ ମକଦ୍ଦମା ଚାଲିଛି । ନେତାମାନଙ୍କ ସଫେଇ ବା ଆଳ ଯେ, ଯେ ପର୍ଯ୍ୟନ୍ତ କୋର୍ଟ ସେମାନଙ୍କୁ ଦଣ୍ଡ ନ ଦେଇଛି ସେମାନଙ୍କୁ ଅପରାଧୀ କହିହେବ ନାହିଁ । ଏହା ଏକ ଲୋକଦେଖାଣିଆ ଯୁକ୍ତି । ସମସ୍ତେ ଜାଣନ୍ତି ସାଂସଦ ବା ବିଧାୟକମାନଙ୍କ ନାଁରେ କେସ୍ ଥିଲେ ବର୍ଷ ବର୍ଷ ଧରି ମାମଲା ଗଡୁଥିବ, ଦଶ ବାର ବର୍ଷ ତ ସାମାନ୍ୟ କଥା, ସାକ୍ଷୀ ମଲା ଯାଏ କେସ୍ ବିଚାର ପରିସରକୁ ଆସୁ ନ ଥିବ । ସାକ୍ଷୀକୁ ସୁରକ୍ଷା ଦିଆଯାଉ ନ ଥିବାରୁ ସେ ମରିବା ନିଶ୍ଚିତ ଏବଂ ମରିଗଲେ ସାକ୍ଷ୍ୟ ଅଭାବରୁ କେସ୍ ଅପ୍ରମାଣିତ ହେବା ନିଶ୍ଚିତ । ନ ହେଲେ ଅଭିଯୋଗକାରୀ ମରିଗଲା ଯାଏ ମାମଲା ଚାଲିଥିବ । ତାକୁ ନ୍ୟାୟ ମିଳିବ ନାହିଁ । ତା' ଛଡା ବିଭିନ୍ନ କାରଣ ଦେଖାଇ ନେତାମାନେ ଖସିଯିବାର ବାଟ ବାହାର କରିନିଅନ୍ତି । ଆଇନରେ ଅଛି ଅଭିଯୁକ୍ତ ଯେ ପର୍ଯ୍ୟନ୍ତ ଦୋଷୀ ବୋଲି ପ୍ରମାଣିତ ନ ହୋଇଛି ସେ ନିରୀହ ଧରାଯିବ ଏବଂ ଯଦି ତା' ପାଖରେ ଟଙ୍କା ଅଛି ତା' ନିରୀହପଣିଆ ସେ ବଞ୍ଚିଥିଲା ଯାଏ ରହିଥିବ । ସେ ବଡ଼ ବଡ଼ ଓକିଲ ଲଗାଇ ଏ କୋର୍ଟରୁ ସେ କୋର୍ଟ ଯାଇ ମକଦ୍ଦମାକୁ ସରିବାକୁ ଦେବ ନାହିଁ କିମ୍ବା ମକଦ୍ଦମା କରିଥିବା ଲୋକ ମଲା ପର୍ଯ୍ୟନ୍ତ ମକଦ୍ଦମା ଚଲାଉଥିବ ଏବଂ ମକଦ୍ଦମାକାରୀ ମଲା ପରେ ମକଦ୍ଦମା ଆପେ ଆପେ ଉଭେଇଯିବ, ଅଭିଯୋଗକାରୀ ନ ଥିବାରୁ ସେ ଖଲାସ ହେବା ସହଜ ହୋଇଯିବ ।

ଏକ ଜନସ୍ୱାର୍ଥ ମାମଲାରେ ଏ ସବୁ କଥା ଜାଣିଲା ପରେ ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି– ରାଜନେତାମାନଙ୍କ ଉପରେ ଥିବା ମାମଲାଗୁଡ଼ିକର ଶୀଘ୍ର ଶୀଘ୍ର ଶୁଣାଣି ପାଇଁ ସ୍ୱତନ୍ତ୍ର କୋର୍ଟମାନ ବସାଯାଉ । ସେଭଳି କୋର୍ଟ ତ ଆମ ପ୍ରତିନିଧିମାନଙ୍କ ସରକାର ବସାଇବେ, ଯେଉଁମାନଙ୍କୁ ଦଳର ସର୍ବୋଚ୍ଚ ନେତା ଏ ଯାଏ ଛତ୍ରଛାୟା ଯୋଗାଇଛନ୍ତି । ଅପରାଧୀଙ୍କୁ ଆମ ପ୍ରତିନିଧି ବୋଲି ବାଛିବାକୁ ଏ ଦଳପତିମାନେ ତ ଆମକୁ ବାଧ୍ୟ କରୁଛନ୍ତି । ଯଦି ଆମେ ଅପରାଧୀଙ୍କୁ ଆମର ପ୍ରତିନିଧି ବାଛିବା ଆମେ ଅପରାଧରେ ସହଯୋଗୀ ବା ଆବେଟର୍ ହେଉନାହାନ୍ତି କି ? ଅପରାଧୀଙ୍କୁ ଯଦି ପ୍ରତିନିଧି କରିବା ଆମେ ନିଜେ ଅପରାଧୀ କାହିଁକି ନ ହେବା ? ବଳାତ୍କାର କରୁଥିବା ଲୋକ ଯଦି ସହଜରେ ପ୍ରତିନିଧି ହୋଇପାରେ ସେହି ମଣ୍ଡଳୀର ଭୋଟର ଓ ତା' ପିଲା କାହିଁକି ପଛରେ ପଡ଼ିବ ?

ଇ–ମେଲ୍: sahadevas@yahoo.com

# ପୋଖରୀ ତୁଠ



ଡା. ବାସୁଦେବ ପ୍ରଧାନ

ଆମ ପିଲାବେଳେ ଗାଁଲୋକେ ସମସ୍ତେ ପୋଖରୀରେ ଗାଧାନ୍ତି । କାଁ ଭାଁ କୂଅ ଥାଏ ଗାଁରେ । କୂଅପାଣି କେବଳ ରୋଷେଇବାସ ଓ ପିଇବା ପାଇଁ ବ୍ୟବହାର ହୁଏ । ଶୌଚ, ସ୍ନାନ ସବୁ ହୁଏ ପୋଖରୀରେ । ଗହ୍ମାପୂନେଇଁ ଦିନ ଗୋରୁ ବି ପୋଖରୀରେ ଗାଧାନ୍ତି । ଧୋବା ଲୁଗାପଟା ତା' ତୁଠରେ ସଫାକରେ । ଧୋବା ତୁଠ ଗାଧୁଆ ତୁଠଠାରୁ ଅଲଗା ଥାଏ । କଇଁ, ପଦ୍ମ ପତ୍ର ଉପରେ ଭାସୁଥାଏ । ପାଣି ଉପରକୁ ମୁଣ୍ଡ ଟେକନ୍ତି ପଦ୍ମ ଓ ଧଳା, ନାଲି, ନେଳି କଇଁ । ପଦ୍ମପତ୍ରରେ ଢଳ ଢଳ ହୁଏ ପାଣି । ଏ ସଂସାର ଭିତରେ ଆମେ ପଦ୍ମପତ୍ରର ପାଣି ଭଳି (ପଦ୍ମପତ୍ରମିବାମ୍ଭସା) ନିର୍ଲିପ୍ତ ରହିବାକୁ ଶାସ୍ତ୍ରରେ ପରାମର୍ଶ ଦିଆଯାଇଛି । ପଦ୍ମଫୁଲ ପୋଖରୀର ଶୋଭା ବଢ଼ାଏ । ପଦ୍ମଫୁଲ ଫୁଟୁଥିବାରୁ ତ ତା' ନାଁ ପୁଷ୍କରିଣୀ, ଯାହାର ତଦ୍‌ଭବ ରୂପ ହେଉଛି ପୋଖରୀ । ପଦ୍ମଫୁଲର ଅନେକ ପ୍ରତିଶବ୍ଦରେ ଇନ୍ (ଅସ୍ତ୍ୟର୍ଥେ) ଓ ଈ (ସ୍ତ୍ରୀପ୍ରତ୍ୟୟ) ଲଗେଇଲେ ତାହାର ଅର୍ଥ ହେବ ପୋଖରୀ । ଯେମିତି ପୁଷ୍କରରୁ ପୁଷ୍କରିଣୀ, ନଳିନରୁ ନଳିନୀ, ସରୋଜରୁ ସରୋଜିନୀ, ପଦ୍ମରୁ ପଦ୍ମିନୀ, କମଳରୁ କମଳିନୀ ଇତ୍ୟାଦି ।

ମରଦ ପାଇପି ତୁଠ ଅଲଗା ଥାଏ । ଯଦି ପାଖାପାଖି ଥାଏ ମଝିରେ ବାଡ ପଡିଥାଏ । ପିଲାମାନେ ପୋଖରୀର ଏ ପାଖରୁ ସେପାଖ ପହଁରନ୍ତି । ସନ୍ତରଣ ପ୍ରତିଯୋଗିତା ହୁଏ । କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ଦୀପିଦାଣ୍ଡି ପାଖରେ ବନ୍ଧାହୁଏ । କଦଳୀ ଚୋପରା ଭାସେ । ସେସବୁ ଶଢ଼ିଲା ପରେ ମାଛ, ଗେଣ୍ଡା, ଶାମୁକାଙ୍କର ଖାଦ୍ୟ ପାଲଟେ । ଶୀତଦିନେ ପିଲାମାନଙ୍କର ଘଣ୍ଟା ଘଣ୍ଟା ପୋଖରୀ ତୁଠରେ ବିତେ । ପାଣିକି ଡରି ବସିଥାନ୍ତି । ଠେଲାପେଲା ହୁଅନ୍ତି । ଆଉ ଖରାଦିନେ ପିଲାମାନେ ଗଛଡାଳରୁ ପୋଖରୀକୁ ଡିଅଁନ୍ତି । ଗାଁ ପୋଖରୀ ଅସନା ଲାଗେନି । ସେ ତ ଗଙ୍ଗା ପରି ପବିତ୍ର । କଥାରେ ଅଛି ମନ ସଫା ଥିଲେ ଗାଡ଼ିଆ ଗଙ୍ଗା ।

ତେବେ ପୋଖରୀ ତୁଠର ଗୋଟିଏ ବିଶେଷତ୍ୱ ହେଉଛି ଏହା ଥିଲା ମାଇପିମାନଙ୍କର ଦୁଃଖସୁଖ ବାଣ୍ଟିବା ସ୍ଥାନ । କହା ପୁଅ କେଉଁଠି ପାଠ ପଢ଼ିଲା, କାହା ଝିଅ ବାହାଘର ପାଇଁ ବରଖୋଜା ଚାଲିଛି, କାହାଘରେ କ'ଣ ରୋଷେଇ ହୋଇଛି, କାହା ଶାଶୁ ବୋହୂକୁ ଦେଖିପାରୁନି, କାହା ମରଦଟା ଅଣପୁରୁଷା, କିଏ କାହାକୁ ଭଲ ପାଉଛି ଇତ୍ୟାଦି ଗପର ପେଡ଼ି ଏମିତି ଲମ୍ବିଚାଲେ ଯେ, ଘରୁ ଡାକରା ଆସିଲେ ଯାଇ ବନ୍ଦ ହୁଏ । ବନ୍ଦ ତ ହୁଏ ନାହିଁ ବରଂ ସ୍ଥଗିତ ରହେ ପରଦିନ ଗାଧୁଆବେଳ ପର୍ଯ୍ୟନ୍ତ । ବେଳେବେଳେ ଏଇ ପୋଖରୀ ତୁଠରେ ହିଁ ଗାଁ କଳି ମେଣ୍ଟେ । ସନ୍ଧ୍ୟାବେଳେ ଥଣ୍ଡା ହାଓ୍ୱା ଖାଇବାକୁ ପୋଖରୀ ତୁଠ ନିକଟରେ ଥିବା ଚଉରାର ଚାନ୍ଦିନୀ ଉପରେ ଆସି ଲୋକେ ବସନ୍ତି । ସେଇଠି ନିଶାପ ହୁଏ ଓ ପରସ୍ପର ଭିତରେ ଥିବା ବିବାଦର ମୀମାଂସା ହୁଏ ।

ତୁଠରୁ ଦୂରରେ ଗୋଟିଏ ମୁଣ୍ଡରେ ନଳିତା ବିଡା ବାନ୍ଧି ପକେଇ ଦିଆଯାଏ । ଶଢ଼ିଗଲେ ତାକୁ ଖରାରେ ଶୁଖାଇ ଦିଆଯାଏ । ଶୁଖିଗଲେ ଝୋଟ ଓ କାଉଁରିଆ କାଠି ବାହାର କରାଯାଏ । ଝୋଟରେ ଦଉଡ଼ି ଇତ୍ୟାଦି ତିଆରି ହୁଏ ଏବଂ କାଉଁରିଆ କାଠି ବଡ଼ବଡୁଆ ଡକା ବେଳେ ଦରକାର ହୁଏ । ଜାଳ ଭାବେ ମଧ୍ୟ ବ୍ୟବହାର ହୁଏ । ଗାଧୋଇବା ପରେ ଗାଧୁଆତୁଠ ଚଉରାରେ ପାଣି ଦେଲେ କୋଟି ପୁଣ୍ୟ ମିଳେ । ତୁଳସୀମୂଳ ମାଟି ମୁଣ୍ଡରେ ତିଳକ କଲେ ଦେହ, ମନ ଶୁଦ୍ଧ ହୋଇଯାଏ । ପୋଖରୀ କୂଳରେ ଥିବା ବର, ଅଶ୍ୱତ୍ଥ, ଅଁଳା, ସାହାଡା ଗଛ ମୂଳରେ ଦିଅଁ ଦେବତା ଥାଆନ୍ତି । ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ପର୍ବଦିବସରେ ଗଛମୂଳରେ ମା'ମାନଙ୍କର ଭିଡ ଜମେ । ପରିବାରର କଲ୍ୟାଣ ପାଇଁ ଚୁଆଚନ୍ଦନ, କଜ୍ଜଳ, ସିନ୍ଦୂର ଲଗାଇ ଧୂପଦୀପ ଦିଅନ୍ତି । ସେହି ପୋଖରୀ ପାଣି ଗାଧୋଇବା, ରୋଷେଇ କରିବା (ଯେଉଁଠି କୂଅପାଣିର ଅଭାବ ବା କୂଅପାଣି ଲୁଣିଆ ଓ ଖର), ଦିଅଁ ଦେବତା ପୂଜା ପ୍ରତ୍ୟେକ କାମରେ ଲାଗେ । ରାତି ପାହିବା ପୂର୍ବରୁ ରାତି ହେବାଯାଏ ସବୁବେଳେ ଗହଳି । ହେଲେ ରାତି ଅଧରେ ସେଇ ତୁଠ ଦେଇ ଗାଁକୁ ଫେରିଲା ବେଳେ ଡର ଲାଗେ । ଭୂତ ପ୍ରେତ ଡର । ବସା ବାନ୍ଧିଥିବା ପକ୍ଷୀଟି ଡେଣା ଝାଡିଦେଲେ ଛାତି ଧଡ଼ପଡ଼ ହୁଏ । ଖରାଦିନେ କମ୍ ପାଣି । ବର୍ଷାଦିନେ ଅଧିକ । ମା'ମାନେ ପିଲାଙ୍କୁ ଡରେଇ ଥା'ନ୍ତି । ଏକୁଟିଆ ପୋଖରୀକୁ ଯିବୁନି । କୁମ୍ଭୀର ନେଇଯିବ ।

ଭେଣ୍ଡିଆ ଟୋକାମାନେ ପୋଖରୀରୁ କଇଁଫୁଲ ତୋଳି ଖୁଦୁରୁକୁଣୀ ଓଷା କରୁଥିବା ଝିଅମାନଙ୍କୁ ଦେଉଥିଲେ । ଗାଁ ପୋଖରୀ ଥିଲା ବିସର୍ଜନର ସ୍ଥଳ । ଏଠାରେ ଗଣେଶ, ସରସ୍ୱତୀ, ମଙ୍ଗଳା ମୂର୍ତ୍ତି ବିସର୍ଜନ କରାଯାଏ । ସେଦିନର ପୋଖରୀ ତୁଠ ଓ ସ୍ନାନଶୌଚର ରଙ୍ଗଢଙ୍ଗ ବଦଳି ଗଲାଣି । ଏବେ ଘରେ ଘରେ ପାଇଖାନା । କୂଅ, ନଳକୂଅ ସଂଖ୍ୟା ବଢ଼ିଲାଣି । ପାଇପରେ ଗାଁକୁ ପାଣି ଯୋଗାଇ ଦିଆଗଲାଣି । ସେଦିନର ପୋଖରୀର ଆବଶ୍ୟକତାରେ ପରିବର୍ତ୍ତନ ଆସିଚି । ସେଦିନର ପୋଖରୀ ତୁଠରେ ଗପସପ ଦେଖିବାକୁ ମିଳୁନି । ସରକାରଙ୍କ ଦୟାରୁ ଅନେକ ଗାଁ ପୋଖରୀ ଏବେ ସଫାସୁତୁରା । କିନ୍ତୁ ଅଧିକାଂଶ ଅବ୍ୟବହୃତ ପୋଖରୀରେ ବୋଳଝାଞ୍ଜି ଓ କଳିକତି ଦଳ ଭର୍ତ୍ତି ହୋଇ ମଶାମାନଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି । ଆଗରୁ ଗାଁ ପୋଖରୀରେ ପ୍ରାୟତଃ ମାଛଚାଷ ହେଉ ନ ଥିଲା । ତଥାପି ପୋଖରୀରେ ମାଛ ରହୁଥିଲେ । ଖରାଦିନେ ପାଣି କମିଗଲା ପରେ ମାଛ ଧରି ଗାଁ ଲୋକେ ବାଣ୍ଟି ନେଉଥିଲେ । ବଳକା ହେଲେ ବିକ୍ରି କରି ସେ ପଇସା କୋଠରେ ରଖୁଥିଲେ । ଏବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁ ପୋଖରୀରେ ମାଛଚାଷ କରୁଛନ୍ତି । ଲାଭାଂଶକୁ ବାଣ୍ଟି ନେଉଛନ୍ତି । ଗାଁ ବଦଳିଛି । ବଦଳିଛି ପୋଖରୀ, ପୋଖରୀ ତୁଠ । ସବୁଠି ସଭ୍ୟତାର ନୂଆ ରୂପ । ହେଲେ ଯେଉଁ ପୋଖରୀ ତୁଠ ଦିନେ ଥିଲା ସ୍ନେହ, ଶ୍ରଦ୍ଧା, ଭଲପାଇବାର ପବିତ୍ର ସ୍ଥାନ, ତାହା ଆଜି ବଦଳିଯାଇଛି ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା' ଛକ, ଭୁବନେଶ୍ୱର, ମୋ–୯୪୩୭୩୦୫୦୪୫

## ଏଇ ଭାରତରେ

ଖୁବ୍ କମ୍ ବୟସରେ ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ସଚେତନତା ଧର୍ମୀ କାର୍ଯ୍ୟ କରି ସମାଜକୁ ନୂଆ ବାର୍ତ୍ତା ଦେଇଛନ୍ତି ଚେନ୍ନାଇର ଦୁଇ ଭାଇ ଜୟ ଓ ପ୍ରୀତ୍ । ଏମାନଙ୍କୁ ଏବେ ବୟସ ଯଥାକ୍ରମେ ୧୭ ଓ ୧୩ । ଚେନ୍ନାଇକୁ ପଲିଥିନ୍‌ମୁକ୍ତ କରିବା ସହ ଅସହାୟ ମହିଳାଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି ଏମାନେ । ତାମିଲନାଡୁ ସରକାର ଗତବର୍ଷ ଜାନୁୟାରୀରୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବନ୍ଦ କରିବା ପୂର୍ବରୁ ଜୟ ଓ ପ୍ରୀତ୍ ପଲିଥିନ ବ୍ୟାଗ୍ ବିରୋଧରେ ଅଭିଯାନ ଆରମ୍ଭ କରିସାରିଥିଲେ । ଦୁଇଭାଇ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ ଦୋକାନୀମାନଙ୍କୁ କପଡ଼ା ବ୍ୟାଗ୍ ଫ୍ରି ଦେବା ଆରମ୍ଭ କରି ବର୍ଷକ ମଧ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଗ୍ ବାଣ୍ଟି ସାରିଲେଣି । ଚେନ୍ନାଇର ଏକ ବୃଦ୍ଧାଶ୍ରମରେ ଧନ୍ଦାମୂଳକ ଶିକ୍ଷା ଲାଭ କରିଥିବା ମହିଳାମାନଙ୍କୁ ବ୍ୟାଗ୍ ସିଲାଇ କରିବା ପାଇଁ ନିୟୋଜିତ କରିଛନ୍ତି । ବ୍ୟାଗ୍ ପାଇଁ ଏମାନେ ଚେନ୍ନାଇର ବିଭିନ୍ନ ହୋଟେଲରୁ ପୁରୁଣା ବେଡ୍‌ସିଟ୍ ସଂଗ୍ରହ କରୁଛନ୍ତି । ତାଙ୍କର ଏହି କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ଲାଗି ସୋସିଆଲ ମିଡିଆ ବ୍ୟବହାର ନ କରି ସ୍କୁଲ୍ ସାଙ୍ଗ, ପଡୋଶୀ ଓ ହୋଟେଲଗୁଡିକର ସାହାଯ୍ୟ ଲୋଡୁଛନ୍ତି । ବେଡ୍‌ସିଟକୁ ଭଲ ଭାବେ ସଫା କରି ଆଇରନ୍ ଦେଇ ହୋଟେଲଗୁଡିକ ଏମାନଙ୍କୁ ଦେଉଛନ୍ତି । ବ୍ୟାଗ୍ ତିଆରି ଲାଗି ସାଇଜ୍ ଅନୁସାରେ ୩ରୁ ୫ ଟଙ୍କା ଖର୍ଚ୍ଚ ହେଉଛି । ଏଗୁଡିକୁ ଫ୍ରିରେ ଦିଆଯାଉଥିଲେ ବି ଯେଉଁମାନେ ଏ ବାବଦରେ ଟଙ୍କା ଦେଉଛନ୍ତି ତାହାକୁ ସିଲେଇ କରୁଥିବା ମହିଳାମାନଙ୍କୁ ଦିଆଯାଉଛି ବୋଲି କୁହନ୍ତି ଏମାନଙ୍କ ମା' ବର୍ଷା । ଏମାନଙ୍କୁ ଅନୁଦାନ ବାବଦରେ ମିଳିଥିବା ୩.୫ ଲକ୍ଷ ଟଙ୍କା ଦୃଷ୍ଟିହୀନମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଦାନ କରିଦେଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଜାନୁୟାରୀ ୧୯୯୫

- ଝାଡ଼ଖଣ୍ଡ ଅଞ୍ଚଳ ସ୍ୱୟଂଶାସିତ ପରିଷଦ ଆଇନର କାର୍ଯ୍ୟକାରିତା ଉପରେ ନିର୍ବାଚନ କମିଶନଙ୍କ ରହିତାଦେଶ ।
- ଇସ୍ରୋ ଗୁପ୍ତଚର ଘଟଣାର ସାନି ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ।

## ପାଠକ ଶ୍ରେଷ୍ଠ ବିଚାରକ

### ଆଦର୍ଶ ବିଦ୍ୟାଳୟ

ମହାଶୟ,

ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକଙ୍କୁ ଉତ୍ତର ନାହିଁ । ଅବ୍ୟବସ୍ଥାର ତାଲିକା ତିଆରି କଲେ, ତାହା ଅନେକ ଜାଗା ମାଡ଼ିବସିବ । ଆମେ ଏତେ ଆଡକୁ ନ ଯାଇ ଶିକ୍ଷା ବିଭାଗର ଗୋଟିଏ କୋଣକୁ ହିଁ ଯିବା, ସରକାର ଉପାନ୍ତ ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସାହେବୀ ଢଙ୍ଗରେ ପାଠ ପଢ଼େଇବାକୁ ମନ ବଳାଇ ଚିତ୍ରକୋଣ୍ଡାରେ ଆଦର୍ଶ ବିଦ୍ୟାଳୟ ତିଆରି କଲେ । ସେଠାରେ ନା ଶିକ୍ଷକ ଅଛନ୍ତି ନା ପାଠପଢା ହେଉଛି । ସେ ସ୍କୁଲର ପରିବେଶ ଦେଖିଲେ ଜଣାଯାଏ ତାହା ଆଦର୍ଶ ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ । ସ୍କୁଲ ଚାରିପଟ ଯାକ ଜଙ୍ଗଲ ହୋଇଗଲାଣି । ଛାତ୍ରାବାସ ବା ଛାତ୍ରୀନିବାସରେ ପିଲାଙ୍କୁ ଅଭିଭାବକମାନେ ରଖିବାକୁ ପସନ୍ଦ କରୁନାହାନ୍ତି । ସାପଙ୍କର ଏହା ଆବାସ ସ୍ଥଳୀ ହୋଇଗଲାଣି । ଆଦର୍ଶ ସ୍କୁଲରୁ ମୁହଁ ଫେରାଇନେଇ ଅଭିଭାବକମାନେ ସେମାନଙ୍କର ପିଲାଙ୍କୁ ଅନ୍ୟ ସ୍କୁଲକୁ ନେଇ ଯାଉଛନ୍ତି । ଯଦି ସ୍କୁଲର ସୁବନ୍ଦୋବସ୍ତ କରାଯାଇ ପାରୁନାହିଁ, ତେବେ ଏଭଳି ସ୍କୁଲ ସରକାର କାହିଁକି ତିଆରି କରି ଲକ୍ଷ ଲକ୍ଷ ଟଙ୍କା ବରବାଦ କରୁଛନ୍ତି ?

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଅଭିଭାବକଙ୍କ ଅନ୍ଧସ୍ନେହ

ଧରିତ୍ରୀର ସମ୍ପାଦକୀୟ ପୃଷ୍ଠାରେ କିଛିଦିନ ତଳେ ପ୍ରକାଶିତ ଡ. ଚିନ୍ତାମଣି ପଣ୍ଡାଙ୍କ 'ଅଭିଭାବକଙ୍କ ଦାୟିତ୍ୱ' ବେଶ୍ ସମୟୋପଯୋଗୀ । ଅନ୍ଧସ୍ନେହ ପିଲାଙ୍କୁ କ୍ଷତି ପହଞ୍ଚାଇଥାଏ । ପିଲାଙ୍କୁ ବାଇକ୍, ସ୍ମାର୍ଟଫୋନ୍ ଓ ହାତଖର୍ଚ୍ଚ ଦେବା ଯୋଗୁ ସେମାନେ ଖରାପ ହେଉଛନ୍ତି । ଜଳଖିଆ ନ ଖାଇ କୁସଙ୍ଗରେ ପଡ଼ି ନିଶା ଖାଉଛନ୍ତି । ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଙ୍ଗ୍ କରୁଛନ୍ତି ବଡ଼ବଡ଼ିଆଙ୍କ ଉଦ୍ଧତ ପିଲାମାନେ । ସୁତରାଂ ପିଲାଙ୍କୁ ଯଥାସମ୍ଭବ ପ୍ରୋତ୍ସାହନ ପ୍ରଦାନ ବଦଳରେ କଟକଣା ମଧ୍ୟରେ ରଖାଯିବା ଉଚିତ ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



"ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

# ଧରାପଡ଼ିଲା ନିମ୍ନମାନର କାମ

**ଯୁଯୁମୁରା-ଧମା ରାସ୍ତାର ମାନ ଯାଞ୍ଚ**

- ପୂର୍ତ୍ତ ବିଭାଗ ଯାଞ୍ଚ କମିଟି ବର୍ଷିଲେ
- ନମୁନା ସଂଗ୍ରହ କଲେ
- ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ
- ସ୍ଥାନୀୟ ଜେଇ, ଏସ୍‌ଡିଓଙ୍କୁ ତାଗିଦ
- ଅଭିଯୋଗ କଲେ ଅଞ୍ଚଳବାସୀ

ସମ୍ବଲପୁର,୧୩।୧(ବ୍ୟୁରୋ)

ସମ୍ବଲପୁର ଜିଲାର ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣାଧୀନ ଯୁଯୁମୁରା-ଧମା ରାସ୍ତାର ମାନ ଠିକ୍ ନ ଥିବା ଅଭିଯୋଗ ପରେ ସୋମବାର ରାଜ୍ୟସ୍ତରୀୟ କମିଟି ପରିଦର୍ଶନ କରି ଯାଞ୍ଚ କରିଛି। ଏହି ଯାଞ୍ଚ କମିଟିରେ ମୁଖ୍ୟ ଇଂ ହୀରାଲାଲ ଅଗ୍ରୱାଲଙ୍କ ସମେତ ୧୦ ଜଣ ସଦସ୍ୟ ରହିଛନ୍ତି। ଏହି ଟିମ୍ ପ୍ରଥମେ ଏଆରଏସ୍‌ଏସ୍ କମ୍ପାନୀ ପକ୍ଷରୁ ଚାଲୁଥିବା ରାସ୍ତା କାମ ଯାଇ ଦେଖିଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ନିମ୍ନମାନର କାମ ହୋଇଥିବା ନେଇ ଦେଖିବା ପରେ ବିଭାଗୀୟ ଜେଇ ଓ ଅନ୍ୟ ଅଧିକାରୀମାନଙ୍କ ଉପରେ ବର୍ଷିବା ସହ ତାଗିଦ କରିଛନ୍ତି।



ଯୁଯୁମୁରା-ଧମା ରାସ୍ତାରେ କାମର ମାନ ଯାଞ୍ଚ କରାଯାଉଛି ।

ରାସ୍ତାରେ ମାଟି ଠିକ୍ ଭାବେ ପକାଯାଇ ନାହିଁ । ଉଭୟ ପାର୍ଶ୍ୱରେ ଠିକ ଭାବେ ଗାତ ଖୋଳା ଯାଇ ନାହିଁ । ବ୍ୟୟ ଅଟକଳ ଅନୁସାରେ ମେଟାଲ ପ୍ରଭୃତି ବ୍ୟବହାର ହୋଇ ନାହିଁ। ଠିକରେ ପିଚୁ ମଧ କରାଯାଇନି ବୋଲି ସ୍ଥାନୀୟ ଲୋକେ ଟିମ୍ ଆଗରେ ଅଭିଯୋଗ କରିଛନ୍ତି। ବାରମ୍ବାର ସ୍ଥାନୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କିଛି ଶୁଣି ନ ଥିଲେ । ଏପଟେ ତିଆରି ଚାଲିଛି, ସେ ପଟେ ପିଚୁ ଉଠି ଯାଉଛି ବୋଲି ଲୋକେ ଏହି କମିଟି ଆଗରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଯାଞ୍ଚ କମିଟି ଅଧିକାରୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ କରିଥିଲେ । ରାସ୍ତା ଖୋଳି ପିଚୁ ଓ ମେଟାଲ ଆଦି ନମୁନା ସଂଗ୍ରହ କରାଯାଇଛି। ଏ ସମ୍ପର୍କରେ କମିଟି ମୁଖ୍ୟ ଅଗ୍ରୱାଲ କହିଛନ୍ତି ଯେ, ଯାଞ୍ଚ ପ୍ରକ୍ରିୟା ଚାଲିଛି। ପ୍ରାଥମିକ ତଦନ୍ତରେ କାମର ମାନ ଠିକ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଯାଞ୍ଚ ପାଇଁ ନମୁନା ସଂଗ୍ରହ କରାଯାଇଛି । ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଲୋକମାନଙ୍କ ବାରମ୍ବର ଦାବି ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଯୁଯୁମୁରାରୁ ଧମା ପର୍ଯ୍ୟନ୍ତ ୧୪ କି.ମି. ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା । ଟେଣ୍ଡର ପ୍ରକ୍ରିୟାରେ ଏଆରଏସ୍‌ଏସ୍ କମ୍ପାନୀ କାମ ପାଇଛି। ପ୍ରାୟ ୧୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । କାମ ଆରମ୍ଭରୁ ମାନ ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଧରିତ୍ରୀରେ ମଧ ଖବର ପ୍ରକାଶ ପାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ କର୍ମଚାରୀଙ୍କ ଆତ୍ମାହୁତି ଚେତାବନୀ

ସମ୍ବଲପୁର,୧୩।୧(ବ୍ୟୁରୋ): ଓଡିଶା ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ ସମ୍ବଲପୁର ଶାଖାର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ସଂଘର କୋଷାଧକ୍ଷ ସୁଦୟ କୁମାର ପଡିହାରୀ ଅଧକ୍ଷତା କରିଥିଲେ। ବିଦ୍ୟୁତ ସଂସ୍ଥାରେ କର୍ମଚାରୀ ଅଭାବ ସରଞ୍ଜାମର ଅଭାବକୁ ଗ୍ରାହକଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯାଇ ପାରୁନାହିଁ । ଅନେକ ସମୟରେ ସେମାନଙ୍କ ଆକ୍ରୋଶ ଓ ସମାଲୋଚନାର ଶିକାର ହେବାକୁ ପଡୁଛି । ଏହାସହ ୧୯୯୧ ମସିହା ଚୁକ୍ତି ଅନୁସାରେ କୌଣସି ନିୟମ ପାଳନ କରାଯାଉ ନାହିଁ । ଭତ୍ତା, ଘରଭଡା, ଚିକିତ୍ସାଗତ ଭତ୍ତା ଆଦି ଅନୁମୋଦନ ହୋଇଥିଲେ ମଧ କର୍ତ୍ତୃପକ୍ଷ ଟାଳଟୁଳ ନୀତି କରି ଦେଉନାହାନ୍ତି। ଏହାକୁ ନେଇ ବାରମ୍ବାର ଅଭିଯୋଗ ଓ ଦାବି କରି ଆସୁଥିଲେ ମଧ କେହି ଶୁଣୁ ନାହାନ୍ତି । ତେଣୁ ଆସନ୍ତା ୧୬ ତାରିଖ ରାଜ୍ୟ ସଂଘର ସଭାପତି ବଳରାମ ପ୍ରସାଦ ବସୁମଲ୍ଲିକ, ମାନସରଞ୍ଜନ ରାଉତ, ଉପସଭାପତି ଉଦୟ ଶଙ୍କର ପାଟ୍ଟଯୋଶୀ, ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ ଭୁବନେଶ୍ୱର ଓପିଟିସିଏଲ ସମ୍ମୁଖରେ ଧାରଣା ଦେବାକୁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି । ଏହାକୁ ସମ୍ବଲପୁର ସଂଘ ସମର୍ଥନ କରୁଛି ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି।

### ପୂର୍ବତନ ଜିଏମ୍ କଲେଜ ଅଧକ୍ଷଙ୍କ ପରଲୋକ

ସମ୍ବଲପୁର, ୧୩।୧ (ବ୍ୟୁରୋ): ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଅଶୋକ କୁମାର ମିତ୍ରଙ୍କ ସୋମବାର ପରଲୋକ ହୋଇଯାଇଛି । ଏ ନେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଅମୃତବିହାର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କୁଳସଚିବ ଗିରୀଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ଡ. ଶିକତା ପଣ୍ଡା, ସୋମିତା ଆଚାର୍ଯ୍ୟଙ୍କ ସମେତ ଅଧାପିକା, ଅଧାପକ ଓ କର୍ମଚାରୀମାନେ ସ୍ମୃତିଚାରଣ କରିଥିଲେ । ସୂଚନାଯୋଗ୍ୟ ଯେ, ୧୯୯୪ରୁ ୧୯୯୬ ମସିହା ପର୍ଯ୍ୟନ୍ତ ସେ ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜର ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ।

### କାହ୍ନାର ବାର୍ଷିକ ଉତ୍ସବ

ସମ୍ବଲପୁର,୧୩।୧(ବ୍ୟୁରୋ): ବୁଢ଼ାରଜାସ୍ଥିତ କଲ୍ୟାଣନଗର ହାଉସ୍ ହୋଲ୍ ଆସୋସିଏଶନ୍ (କାହ୍ନା)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ତ୍ରିଲୋଚନ ନାୟକଙ୍କ ଅଧକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଓ ଶିଶୁ ଚିକିତ୍ସକ ଡା. ସାହେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ନୃତ୍ୟ, ଗୀତ ଓ ନାଟକ ମଞ୍ଚସ୍ଥ ହୋଇଥିଲା। ନବୀନ କର୍ତ୍ତି, ପ୍ରଫୁଲ୍ଲ ନେପାକ, ଦୀନବନ୍ଧୁ ପଣ୍ଡା, ଡୋଳାମଣୀ ମେହେର, ବିଭୂତି ଦାଶ, ସୁଶୀଲ ମିଶ୍ର, ଉମାକାନ୍ତ ପଟେଲ, ଗଙ୍ଗା ଚଏନି ଓ ସୌମ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଘଣ୍ଟେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ନାଁରେ ଅଭିଯୋଗ

ସମ୍ବଲପୁର,୧୩।୧(ବ୍ୟୁରୋ)

ସମ୍ବଲପୁର ଚିପିଲିମାସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଅନିୟମିତତା କରୁଛି। ଭକ୍ତଙ୍କ ପାଇଁ ମୌଳିକ ସୁବିଧା କରୁନି। ଏ ନେଇ ବଗବିରା ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଲା ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠନରେ ନିୟମ ପାଳନ କରାଯାଉ ନାହିଁ । ଟୋଲ୍‌ଗେଟ୍ ନ ଥାଇ ଗାଡ଼ିଗୁଡ଼ିକରୁ ଶୁଳ୍କ ଆଦାୟ କରାଯାଉଛି । ଭକ୍ତଙ୍କ ପାଇଁ ପାଣି, ଶୌଚାଳୟ ଭଳି ମୌଳିକ ସୁବିଧା କରାଯାଉନାହିଁ । ପ୍ରଶାସନ ପକ୍ଷରୁ ଲାଇଟ୍, ପାର୍କ, ଝୁଲା ବ୍ୟବସ୍ଥା କରାଯାଇଥିଲା। ହେଲେ ଏହାର ମରାମତି କରାଯାଉ ନାହିଁ । ଏନେଇ ମନ୍ଦିର ଟ୍ରଷ୍ଟକୁ ମଧ ଅଭିଯୋଗ କରାଯାଇଛି । ହେଲେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନି ବୋଲି ପ୍ରଶାସନ ପାଖରେ ଅଭିଯୋଗ କରାଯାଇଛି।

# ଦେବଗଡ଼ ଜିଲା ରକ୍ତଭଣ୍ଡାରକୁ ଏମ୍‌ସିଏଲ୍ ଦେଲା ଆମ୍ବୁଲାନ୍ସ

ସମ୍ବଲପୁର,୧୩।୧ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଦେବଗଡ ଜିଲା ରକ୍ତଭଣ୍ଡାରକୁ ଏକ ଆମ୍ବୁଲାନ୍ସ କିଣିବା ପାଇଁ ୧୩ ଲକ୍ଷ ୨୯ ହଜାର ୬ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କାରେ ଡାକ୍ତରଖାନା ପକ୍ଷରୁ ଆମ୍ବୁଲାନ୍ସ କିଣାଯାଇଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟକ ହୋଇପାରିବ। ବିଭିନ୍ନ ଅଞ୍ଚଳରୁ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାରରେ ଗଚ୍ଛିତ ହୋଇପାରିବ ବୋଲି ସୋମବାର ଏମ୍‌ସିଏଲ୍ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।





ସୋମବାର ସମ୍ବଲପୁର ୟୁଥ କର୍ମକର୍ତ୍ତା କାଇଟ ଫେଷ୍ଟିଭାଲ ବିଷୟରେ ସୂଚନା ଦେଉଛନ୍ତି ।

# ୧୫ରେ କାଇଟ୍ ଫେଷ୍ଟିଭାଲ

ସମ୍ବଲପୁର, ୧୩।୧ (ବ୍ୟୁରୋ)

କାଇଟ୍ ଫେଷ୍ଟିଭାଲ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ମାସ ୧୫ ତାରିଖ କଚେରି ଛକଠାରେ କାର୍ଯ୍ୟକ୍ରମ ହେବ । ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ହେବ । ଚିତ୍ରାଙ୍କନ, କାଇଟ୍ କ୍ରାଫ୍ଟ ପ୍ରଦର୍ଶନୀ, କାଇଟ୍ ର୍ୟାମ୍ପ ଶୋ, ସେଲ୍ଫି ପ୍ରତିଯୋଗିତା, ଚିତ୍ରକଳା କର୍ମଶାଳା, ପଶ୍ଚିମ ଓଡିଶାର ପାରମ୍ପରିକ ବେଶ ପୋଷାକ ର୍ୟାମ୍ପ ଶୋ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ତ୍ରିବେଣୀ ସଭାକକ୍ଷରେ ଆୟୋଜକ ସମ୍ବଲପୁର ୟୁଥ୍‌ର କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଭାପତି ରିକନ ପଟ୍ଟନାୟକ, ମିଡିଆ ଆବାହକ ମାନସରଞ୍ଜନ ବକ୍ସି, ରାହୁଲ ମୁଦକ ଓ ନୃତ୍ୟଗୁରୁ ମାଷ୍ଟର ପ୍ରେମ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

# ତାଲବ କପ୍ ଫୁଟବଲ : କିଶାନ କ୍ଲବ ଚାମ୍ପିୟନ

ସମ୍ବଲପୁର, ୧୩।୧ (ବ୍ୟୁରୋ)

ତାଲବ ଫୁଟବଲ କ୍ଲବ ଓ ଜ୍ୟୋତି ଯୁବକ ସଂଘ ଆୟୋଜିତ ତାଲବ କପ୍ ଫୁଟବଲ ଟୁର୍ନାମେଣ୍ଟ- ୨୦୨୦ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ସିଙ୍ଘପାଲି କିଶାନ କ୍ଲବ ବନାମ ସମ୍ବଲପୁର ଜୟଦୁର୍ଗା କ୍ଲବ ମଧରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚ ଗୋଲଶୂନ୍ୟ ରହିବାରୁ ରେଫରି ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ । ଏଥିରେ କିଶାନ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା । ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ମ୍ୟାଚକୁ ମଥୁରା ଓରାମ, ମନୋଜ ଭୋଇ, ଲୋଲୋ ଓରାମ, କର୍ଣ୍ଣ ବେହେରା, କାର୍ତ୍ତିକ ଓରାମ, ବୃଷଭାନୁ ମହନ୍ତ



ତାଲବ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

ପରିଚାଳନା କରିଥିଲେ । ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ମୁଖ୍ୟଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ଆଦିବାସୀ ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ଭୋଏ, ଜିଲା କୃଷକ ସଂଗଠନ ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର, ପୂର୍ବତନ ଫୁଟବଲ ଖେଳାଳି ଭୀମସେନ ଛତର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହେନ୍ଦ୍ର ଭୋଇ, ସୁବାସ ପଟେଲ, ଶ୍ରୀକାନ୍ତ ବାଗ, ଆକାଶ ପଟେଲ, ଅଶ୍ୱିନୀ କଣ୍ଡା, ସୂର୍ଯ୍ୟକାନ୍ତ ପାଣିଆ, ରାଜୁ ସାହୁ, ଆଲୋକ ଭୋଇ, ରିଙ୍କୁ ପ୍ରଧାନ, ଅରୁଣ ମଲ୍ଲିକ, ସୁନୀଲ ଭୁଏ ଟୁର୍ନାମେଣ୍ଟ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2019-20, ତା: 06.01.2020

(1) ଇ-ଟେଣ୍ଡର ସଂ. 35-eT-DENC-SBP-19
କାର୍ଯ୍ୟର ନାମ : 3 (ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ସମ୍ବଲପୁରଙ୍କ ଅଧିନସ୍ଥ ସିନିୟର ସେକ୍ସନ ଇଞ୍ଜିନିୟର (P.Way)/ରେଙ୍ଗାଲିଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଚୁକ୍ତି ଆଧାରରେ ଗୋଟିଏ ସଡ଼କ ଗାଡ଼ି (TATA-407 କିମ୍ବା ଅନୁରୂପ ମଡ଼େଲ ଭଳି ମିନି ଟ୍ରକ୍) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 18,03,134.03, EMD : ₹ 36,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 2,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 36 (ଛତିଶି) ମାସ।

(2) ଇ-ଟେଣ୍ଡର ସଂ. 36-eT-DENC-SBP-19
କାର୍ଯ୍ୟର ନାମ : 3 (ତିନି) ବର୍ଷ ସମୟାବଧି ନିମନ୍ତେ ବରିଷ୍ଠ ମଣ୍ଡଳ ସଂରକ୍ଷା ଅଧିକାରୀ/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଏକ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 10,90,574.55, EMD : ₹ 21,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 2,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 36 (ଛତିଶି) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 05.02.2020 ରିଖ 1500 ଘ. ରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-647/K/19-20



**NOTICE INVITING TENDER**
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD., BOUDH**
1st Floor, Old Collectorate Building, At/P.O./Dist.- Boudh, Pin-762014

**TENDER No-76, Dated: 13.01.2020**
**Cost of Tender Document:- Rs. 11800/- Inclusive of GST.**
Online Tenders are invited from eligible tenderers for selection and appointment of Handling Contractor (Labour works) for handling of Food grain (Rice, Wheat) at all the Rice Receiving Centres (RRCs) of Boudh district.

| | | |
|---|---|---|
| 1 | Availability of tender documents | **From Date- 14.01.2020** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | **On dt 16.01.2020 at 04.00 PM Place- Conference Hall of New Collectorate, Boudh** |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in **Up to 05.00 PM of dt- 27.01.2020** |
| 4 | Date, time and venue for opening of Technical Bid by the Tender Committee | **On dt. 29.01.2020 at 11.00 AM Place- Conference Hall of New Collectorate, Boudh** |
| 5 | Date, time and venue of submission of original documents in support of scanned copies uploaded in the portal for verification | **On dt- 29.01.2020 at 12.30 PM Place- Conference Hall of New Collectorate, Boudh** |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | **On Date 29.01.2020 at 04.00 PM** |
| 7 | Venue of the opening of Technical & Financial Bids | **Conference Hall of New Collectorate, Boudh** |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note:- The managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers. |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone No | (i) OSCSC Ltd.:- District Manager:- No. 9438200036 Accounts Head. No- 7008337248 (ii) State Procurement Cell:- 0674-2530998/ 18003456765 |

N.B:
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website **www.tendersodisha.gov.in**, **www.oscsc.in** & **www.foododisha.in**.

**Sd./- District Manager, OSCSC Ltd., Boudh**



**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2019-20, ତା: 06.01.2020

(1) ଇ-ଟେଣ୍ଡର ସଂ. 39-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ରେଢ଼ାଖୋଲ ଏବଂ ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ଅନୁଗୋଳଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ପଏଣ୍ଟ୍ ଏବଂ କ୍ରସିଙ୍ଗ୍ ତଥା ୟାର୍ଡ଼ ଲାଇନ୍‌ର ମାନୁଆଲ୍ ଡ୍ରିପ୍ ସ୍କ୍ରିନିଂ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,21,87,140.41, EMD : ₹ 2,10,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 (ବାର) ମାସ।

(2) ଇ-ଟେଣ୍ଡର ସଂ. 40-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର (P.Way) / ଅନୁଗୋଳଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ବାମୁର (In) - ଅନୁଗୋଳ (Ex) ମଧ୍ୟରେ ଥିବା ସେକ୍ସନରେ 30.09.2020 ମଧ୍ୟରେ ସମାପ୍ତ ହେଉଥିବା ସମୟାବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ୍ ୱେ ଜୋନାଲ କାର୍ଯ୍ୟର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹98,74,498.54, EMD : ₹ 1,97,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 30.09.2020

(3) ଇ-ଟେଣ୍ଡର ସଂ. 41-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀରଙ୍କ ଅଧିକାର କ୍ଷେତ୍ର ଅଧିନସ୍ଥ ୱେଲ୍ଡିଂ କାର୍ଯ୍ୟର ସମ୍ପାଦନ ନିମନ୍ତେ ୱେଲ୍ଡିଂ ଉପକରଣ ଯୋଗାଣ ଏବଂ ସ୍ୱୟଂଚାଳିତ ଟ୍ୟାପିଂ ଥିମ୍ବଲ୍ସ ସହିତ ସିଙ୍ଗିଲ୍ ସଟ୍ କ୍ରୁସିବଲ୍ ଦ୍ୱାରା ତିନି ପିସ୍ ମୋଲ୍ଡ ବ୍ୟବହାର ଦ୍ୱାରା ଆଲୁମିନିୟମ ଥର୍ମିଟ୍ / SKV ପ୍ରକ୍ରିୟା ମାଧ୍ୟମରେ ୱେଲ୍ଡିଂ ପାଇଁ 60 କିଗ୍ରା 90 UTS ରେଳ ଗୁଡ଼ିକ ନିମନ୍ତେ 1661 ସଂଖ୍ୟକ ୱେଲ୍ଡିଂ ଅଂଶର ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,04,17,153.72, EMD : ₹ 2,02,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 08 (ଆଠ) ମାସ।

(4) ଇ-ଟେଣ୍ଡର ସଂ. 42-eT-SDENE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମ୍ବଲପୁର-ଅନୁଗୋଳ ସେକ୍ସନର CTR (P) 36.013 କି.ମି. ସମ୍ବନ୍ଧୀୟ ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲଙ୍କ ଅଧିକାର କ୍ଷେତ୍ର ଅଧିନରେ ବିଭିନ୍ନ ସ୍ଥାନରୁ କାର୍ଯ୍ୟସ୍ଥଳ / ଷ୍ଟୋର୍ ଗୁଡ଼ିକ ଥିବା ସ୍ଥାନ ପର୍ଯ୍ୟନ୍ତ ବିଭିନ୍ନ P.Way ସାମଗ୍ରୀ ଗୁଡ଼ିକର ପରିବହନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,57,52,598.91, EMD : ₹ 2,78,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18 (ଅଠର) ମାସ।

(5) ଇ-ଟେଣ୍ଡର ସଂ. 32-eT-DENC-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଝାରସୁଗୁଡ଼ା-ବରଗଡ଼ ରୋଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନ ଠାରେ ଜବରଦଖଲକୁ ରୋକିବା ପାଇଁ 50 ମିଟର ବ୍ୟବଧାନରେ ଲ୍ୟାଣ୍ଡ୍ ବାଉଣ୍ଡରୀ ପିଲର ଲଗାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹57,55,387.28, EMD : ₹ 1,51,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06 (ଛଅ) ମାସ।

(6) ଇ-ଟେଣ୍ଡର ସଂ. 34-eT-DENC-SBP-19
କାର୍ଯ୍ୟର ନାମ : ସମ୍ବଲପୁର ସ୍ଥିତ ସେକ୍ଟର -D ଠାରେ ବ୍ଲକ୍ ସଂ. E/41, 42, 43, 44, 45, 46, 47 ଏବଂ 48 (16 ୟୁନିଟ୍) ଟାଇପ୍-I କ୍ୱାର୍ଟର ଗୁଡ଼ିକୁ ଟାଇପ୍-II କ୍ୱାର୍ଟରରେ ପରିବର୍ତ୍ତନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹75,76,190.77, EMD : ₹ 1,51,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 06(ଛଅ) ମାସ।

(7) ଇ-ଟେଣ୍ଡର ସଂ. 34-eT-SDENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ବିଭିନ୍ନ ପ୍ୟାଚ୍‌ରେ 78.47 Tkm ନିମନ୍ତେ ଥ୍ରୁ ବାଲାଷ୍ଟ୍ ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹3,26,78,136.59, EMD : ₹ 3,13,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18(ଅଠର) ମାସ।

(8) ଇ-ଟେଣ୍ଡର ସଂ. 35-eT-SDENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ରେ 4.978 Tkm ନିମନ୍ତେ TSR(P) ଓ 1.761 Tkm ନିମନ୍ତେ TRR(P) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,23,51,776.58, EMD : ₹ 2,11,800.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12(ବାର) ମାସ।

(9) ଇ-ଟେଣ୍ଡର ସଂ.36-eT-SDENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ବିଭିନ୍ନ ଷ୍ଟେସନ ୟାର୍ଡ଼ ଠାରେ TTR (FS + CS + CMSC) - 25 ସେଟ୍ (15 ସେଟ୍ 60 କିଗ୍ରା 12 ରେ 1, 10 ସେଟ୍ 60 କିଗ୍ରା 8.5 ରେ 1), TTR ( CS + CMSC) - 87 ସେଟ୍ (66 ସେଟ୍ 60 କିଗ୍ରା 12 ରେ 1, 21 ସେଟ୍ 60 କିଗ୍ରା 8.5 ରେ 1) ଏବଂ ବିଭିନ୍ନ ପ୍ୟାଚ୍‌ରେ 403 ସଂଖ୍ୟକ ଗ୍ଲୁଡ୍ ଜଏଣ୍ଟ୍, SEJ 77 ସେଟ୍‌ର ନବୀକରଣ, 0.8 Tr.Km. ନିମନ୍ତେ CTR(P), 2 Tr.Km.ନିମନ୍ତେ TRR(P), 7.557 Tr.Km. ନିମନ୍ତେ TSR(P) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹5,92,41,738.48, EMD : ₹ 4,46,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18(ଅଠର) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 05.02.2020 ରିଖ 1500 ଘ. ରେ (ସମସ୍ତ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-646/K/19-20



**MUKUNDILAL AGRAWAL WOMEN'S HIGHER SECONDARY SCHOOL**
Kantabanji,Dist-Bolangir (ODISHA)
Ph-(06657)220701

**WALK IN INTERVIEW**

Interested and eligible Candidates are invited walk in interview in college campus on Dt.22.01.2020,Wednesday at 9 A.M., for the post of D.E.O.(Data Entry Operator). Which is purely temporary and management paid. Candidates should attend the interview with their concerned certificates in Original and Xerox.

| Sl. No. | No. of Post | Qualification | Pay |
|---|---|---|---|
| 1 | 01 | Graduate with BCA/ PGDCA | GB PAY |

N.B.: 01- This Post is purely temporary and can be terminated without any reason.
02- Undersigned reserves the right to cancel appointment without any notice.
03- NoTA/DA will be paid

**Sd./- Principal**
**I/C. Mukundilal Agrawal Women's Higher Secondary School, Kantabanji, Bolangir**



**D.A.V. (AUTO) COLLEGE, TITILAGARH**
AT/PO: BHATIPARA, DIST.BOLANGIR (ODISHA)
PIN : 767042, Ph.- 06655-220523, (NAAC ACCREDITED : GRADE - "B ++")
Website : www.davcollegetitilagarh.org, E-mail : principal.davcollege@gmail.com
Letter No.642 /D Date: 13.01.2020

Sealed tenders / quotations are invited from interested registered manufacturers / firms / suppliers / authorized dealers having PAN / GST registration number with IT clearance for the supply of Computer, Fire Extinguisher, Drinking water purifier and First Aid Box by registered Post / Speed Post on or before 20th January 2020 by 5.00 P.M. The items shall be purchased from IDP funds under Odisha Higher Education Programme for Excellence and Equity (OHEPEE) 2019-20.
The details of the requirements with specifications, terms and conditions are available in the college website www.davcollegetitilagarh.org. The undersigned reserves the right to cancel part or whole of tenders / quotations without specifying any reason thereof. In case of any doubt, you can contact : IDP, CO-ordinator **(Mob.- 8328943517)**

**Sd./- Principal**
**D.A.V. (Auto) College, Titilagarh**



**THE KOSALA SCHOOL, Estd- 1979**
English Medium Residential Public School,
At- Nuakhairpali, Po- Larasara, Via- Attabira, Dist- Bargarh,
Pin- 768027, Email- thekosalaschool1979@gmail.com,
Website-www.thekosalaschool.in,
Mob- 6371537828/ 6371532877/ 7682032632

**KOSALA ENTRANCE TEST 2020-21**

* Admissions open for classes LKG to Std-IX for BOARDERS ONLY.
* Interested candidates are to appear entrance test in English, Mathematics and General Awareness on the 9th February/ 16th February 2020.
* Candidates qualified in entrance test will get admission strictly on merit basis for limited seats available.
* Enquiry time over phone- 10.00 am to 2.00 pm.
* Entrance test timings- 10.30 am to 12.30 pm.
* Selling of Admission Forms will start from 23rd January 2020.

**Sd./- PRINCIPAL**



# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

**ସମୟ: ୨ଘଣ୍ଟା ୩୦ ମିନିଟ୍** **ପୂର୍ଣ୍ଣସଂଖ୍ୟା: ୧୦୦**

**ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।**
**ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।**
**ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।**

## PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଦୁର୍ବାସା ଋଷିଙ୍କୁ କେଉଁ ନଦୀ କୂଳରେ ଭେଟି ଏକ ପୁଅ ଓ ଏକ ଝିଅ ପାଇଁ ଗାନ୍ଧାରୀ ପ୍ରାର୍ଥନା କରିଥିଲେ ?
(ଖ) କାହାପଥରେ କଣ୍ଟକ ମୁଣ୍ଡ ଟେକିଛି ବୋଲି କୁହାଯାଇଛି ?
(ଗ) ଅନୁକମ୍ପା କିଏ ?
(ଘ) କାହାକୁ ଆକର୍ଷଣ କରିବା ପାଇଁ ପୋତପାଳ ନୌକାରେ ମଶାଲ ଜାଳିଥିଲେ ?
(ଙ) ଶୁକ ସାରଣ କେଉଁ ରୂପ ଧାରଣ କରି ଅଙ୍ଗଦ ନିକଟକୁ ଯାଇଥିଲେ ?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5
(କ) ରାଜା କୋଳେ ଦିଲା ନେଇ ________ ଶିର।
(ଖ) ଦୂର ଝରନାଦ, ଝିଙ୍କାରି-ଝଙ୍କାର
କରେ ________ ପ୍ରଭାବ-ପ୍ରଚାର।
(ଗ) ତୋହରି ଅନ୍ତର ଆଦେଶେ ଚଳେ ମୁଁ ଘୋଷି ତୋର ________।
(ଘ) ଚୂର୍ଣ୍ଣ କରୁରେ ________ ତବ ପୀଡ଼ନର ପରବତ।
(ଙ) ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା, ________ ମୀନ-ନୟନେ।

**୩। ଗୋଟିଏ ଶବ୍ଦରେ/ବାକ୍ୟରେ ଉତ୍ତର ଲେଖ।** [1×5=5
(କ) କିଭଳି ଲୋକ ଜୀବନ ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?
(ଖ) ଗୃହସ୍ଥର ପଥ କେତେବେଳେ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ ?
(ଗ) ଶିକ୍ଷା ବିଷୟକୁ ନେଇ କେଉଁ କମିଟିମାନ ବସିଥିଲା ?
(ଘ) ନରେନ୍‌ଙ୍କ ମନର ବ୍ୟାକୁଳତା କ'ଣ ଥିଲା ?
(ଙ) 'ଗାଁ – ମଜଲିସ୍'ର ଲେଖକ କିଏ ?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପରିବ୍ରାଜକ | ଭାରତର ବୈଶିଷ୍ଟ୍ୟ |
| ରିଙ୍ଗଲିଡ଼ର | ପ୍ରାସାଦ |
| ଆଧ୍ୟାତ୍ମିକତା | ଗୋପୀନାଥ ମହାନ୍ତି |
| ଅଭ୍ରଂକଷ | ଫକୀରମୋହନ |
| ପରଜା | ସ୍ୱାମୀ ବିବେକାନନ୍ଦ |

**୫। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ତେଢ଼ା ମଣିଷମାନେ ସାଧାରଣତଃ କିପରି ?
(ଖ) ବଣିମାନଙ୍କର ଭାଷା କିପରି ?
(ଗ) କ'ଣ କହି ନଟବରବାବୁ ମନକୁ ସାନ୍ତ୍ୱନା ଦେଉଛନ୍ତି ?
(ଘ) ଅଶୋକ କାହିଁକି ଯୁଦ୍ଧବିରତି ଘୋଷଣା କଲେ ?
(ଙ) ଗଛ ତା'ର ପୁରୁଣା ପତ୍ରଗୁଡ଼ିକୁ ରଖେ ନାହିଁ କାହିଁକି ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଏ ବାରଶ' ବଢ଼େଇରେ ଦାୟ ନା ପୁଅରେ ଦାୟ ? – ଏ କଥାଟି କିଏ କହିଛନ୍ତି ?
(ଖ) କେଉଁଠାରୁ କୁସୁମ ଶର ବୃଷ୍ଟି ହୋଇ ଅସୁରମାନଙ୍କୁ ଅତିଷ୍ଠ କଲା ?
(ଗ) ନରସିଂହଦେବ ସୌନ୍ଦର୍ଯ୍ୟର ପୂଜାରୀ ବୋଲି କିଏ କହିଛନ୍ତି ?
(ଘ) ସୁନ୍ଦ ଉପସୁନ୍ଦର ପତ୍ନୀମାନେ ସହମୃତା ହୋଇ କେଉଁଠାକୁ ଗମନ କଲେ ?
(ଙ) ଭଗବାନ କେଉଁ ଅବତାରରେ ହିରଣ୍ୟକଶିପୁ ଦୈତ୍ୟକୁ ବିଦାରଣ କରିଥିଲେ ?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଖଣ୍ଡବାକ୍ୟ କାହାକୁ କୁହାଯାଏ ?
(ଖ) ମାଆ ରାନ୍ଧୁଛନ୍ତି। – ଭାବ ବାଚ୍ୟରେ ପରିବର୍ତ୍ତନ କର।
(ଗ) ପବନର ବିପରୀତ ଦିଗରେ ସାଇକେଲ୍ ଚଳାଇବା କଷ୍ଟକର। – ସଂକ୍ଷେପରେ ପ୍ରକାଶ କର।
(ଘ) କେଉଁ କେଉଁ ବର୍ଣ୍ଣ ପରେ ଅନ୍ୟ ବର୍ଣ୍ଣର ବ୍ୟବଧାନ ଥିଲେ 'ନ୍', 'ଣ' ହୁଏ ନାହିଁ ?
(ଙ) ଉତ୍କଳମଣି ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶସେବକ। – ଏହାକୁ ନାସ୍ତିସୂଚକ ବାକ୍ୟରେ ପରିଣତ କର।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5
(କ) ଅନୁସୂୟା, (ଖ) ଦୂରାବସ୍ଥ. (ଗ) ଅଧୀନସ୍ଥ
(ଘ) ନିର୍ଦ୍ଧନୀ, (ଙ) ଆନୁସଙ୍ଗିକ

**୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ।** [1×5=5
(କ) କୁମ୍ଭୀର କାନ୍ଦଣା, (ଖ) ଜପାମାଳୀ, (ଗ) ତିଳକୁ ତାଳ କରିବା,
(ଘ) ଏକା ମାଘକେ ଶୀତ ଯାଏ ନାହିଁ, (ଙ) ଛୋଟ ସାପର ବଡ଼ ବିଷ

**୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5
(କ) ପ୍ରାଚୀନ ପଦ୍ୟ ବା କବିତାକୁ ଛନ୍ଦ କୁହାଯାଏ।
(ଖ) ବଙ୍ଗଳାଶ୍ରୀର ପ୍ରତ୍ୟକ ପାଦର ଷଷ୍ଠ, ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ।
(ଗ) 'କଳାକଳେବର କହ୍ନାଇ' ରାମକେରୀ ଛନ୍ଦରେ ରଚିତ।
(ଘ) କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ, କେମନ୍ତେ ସରି ତୋର ହେବି ନଳିନ! – ଏହା ଶ୍ଳେଷ ଅଳଙ୍କାରରେ ଲିଖିତ ?
(ଙ) ଭିନ୍ନାର୍ଥ ବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ ଯମକ ଅଳଙ୍କାର କୁହାଯାଏ।

## PART – II (SUBJECTIVE)

**୧୧।(କ) ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ।** [7
ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ସଂପର୍କରେ ଆଲୋଚନା କର ।
**କିମ୍ବା,** ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।
**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ ୫୦ଟି ଶବ୍ଦରେ)** [5
ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ ।
**କିମ୍ବା,** ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

**୧୨।(କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ ।** [7
ମାଟି 'ସର୍ବଂସହା' ଏହାର ଯଥାର୍ଥତା ପ୍ରତିପାଦନ କର ।
**କିମ୍ବା,** ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି ଆଲୋଚନା କର ।
**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ। (ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ)** [5
"ଭାଜି ପଡୁ ଆଜି
ଅର୍ଗଳ ରାଜି
ଘେନ ବିଜୟର ମାଳା ।"
**କିମ୍ବା,** "ପାପଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।"

**୧୩ ।ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ।** [10
(କ) ଉତ୍କଳର ପର୍ବପର୍ବାଣି (ଉପକ୍ରମ – ପର୍ବପର୍ବାଣି ପାଳନର ଆଭିମୁଖ୍ୟ – ବିଭିନ୍ନ ପର୍ବପର୍ବାଣି ଓ ଜନଜୀବନରେ ସେଗୁଡ଼ିକର ପ୍ରଭାବ – ଆଧୁନିକ କାଳରେ ଏହାର ରୂପରେଖ – ଉପସଂହାର)
(ଖ) ବନମହୋତ୍ସବ (ଉପକ୍ରମ – ଉଦ୍ଦେଶ୍ୟ – ବନ ଧ୍ୱଂସର କାରଣ – ବନ ମହୋତ୍ସବର ଆବଶ୍ୟକତା ସାମ୍ପ୍ରତିକ ସ୍ଥିତି – ବନୀକରଣ ବ୍ୟବସ୍ଥା– ଉପସଂହାର।)
(ଗ) ଛାତ୍ରଜୀବନରେ ଶୃଙ୍ଖଳା (ଉପକ୍ରମ – ଅଧ୍ୟୟନ ଓ ଶୃଙ୍ଖଳା – ଶ୍ରେଣୀ ଓ ସ୍କୁଲ୍‌ରେ ଶୃଙ୍ଖଳା – ଖେଳପଡ଼ିଆ ଓ ସଭାସମିତିରେ ଶୃଙ୍ଖଳା – ଘରେ ତଥା ଜୀବନର ଶୃଙ୍ଖଳା – ଉପସଂହାର।)

**୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ।** [6
ତୁମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।
**କିମ୍ବା,** ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବା ସମ୍ବନ୍ଧରେ ପରାମର୍ଶ ଦେଇ ଦୂରରେ ଥିବା ସାନଭଉଣୀ ପାଖକୁ ପତ୍ର ଲେଖ।

**୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।** [2×5=10

ଜ୍ଞାନୋନ୍ନତିର ଏକମାତ୍ର ଉପାୟ ଶିକ୍ଷା । ଶିକ୍ଷା ଅଭାବରେ ମନୁଷ୍ୟ ଅନ୍ଧ - ମନୁଷ୍ୟ ପଶୁ। କି ପୁରୁଷ, କି ରମଣୀ, କି ଧନୀ, କି ଦରିଦ୍ର ସମସ୍ତଙ୍କ ପକ୍ଷରେ ଶିକ୍ଷା ଅବଶ୍ୟ ଲଭ୍ୟ। ଅବସ୍ଥାଭେଦ ହେତୁରୁ ସମସ୍ତଙ୍କ ପକ୍ଷରେ ସମାନ ଶିକ୍ଷା ସମ୍ଭବପର ହୋଇ ନ ପାରେ। ଯେଉଁମାନଙ୍କର ସଙ୍ଗତି ଓ ସୁଯୋଗ ଅଛି, ସେମାନେ ଉଚ୍ଚଶ୍ରେଣୀର କାବ୍ୟ, ଦର୍ଶନ, ବିଜ୍ଞାନ ଜ୍ୟୋତିଷର ଆଲୋଚନାରେ ଜୀବନ ଉତ୍ସର୍ଗ କରି କୃତାର୍ଥ ହୁଅନ୍ତି ଓ ସମାଜକୁ କୃତାର୍ଥ କରନ୍ତି; କିନ୍ତୁ ସଂସାରରେ ସମସ୍ତଙ୍କ ଭାଗ୍ୟରେ କି ତାହା ଘଟିପାରେ ? ପୃଥିବୀର ବାରଅଣାଲୋକ ଉଦରଜ୍ୱାଳାରେ ଓ ପରିବାର ପ୍ରତିପାଳନ ଚିନ୍ତାରେ ଅସ୍ଥିର, ତେଣୁ ସେମାନେ ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ଜୀବନ ଦେବେ କିପରି ? ତାହାବୋଲି ଶିକ୍ଷାଦ୍ୱାରା ସେମାନଙ୍କ ପକ୍ଷରେ ଏକାବେଳକେ ରୁଦ୍ଧ, ଏକଥା ବୋଲିବା ଅସଙ୍ଗତ। ମନୁଷ୍ୟର ଅବଶ୍ୟ ଜ୍ଞାତବ୍ୟ କେତେଗୁଡ଼ିଏ ସାଧାରଣ ବିଷୟ ଅଛି - ତାହା ଯେପରି ସମସ୍ତ ଲାଭ କରି ପାରନ୍ତି, ସେଥିପ୍ରତି ଦୃଷ୍ଟି ରଖିବା ସର୍ବତୋଭାବେ ବିଧେୟ। ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ ପ୍ରଭୃତିରେ ସାଧାରଣଜ୍ଞାନ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ପ୍ରୟୋଜନୀୟ; ପରନ୍ତୁ ଧର୍ମସମ୍ବନ୍ଧୀୟ ଓ ନୀତିବିଷୟକ ପୁସ୍ତକ ଓ ସୁରୁଚିସମ୍ପନ୍ନ କାବ୍ୟ, ଉପନ୍ୟାସାଦି ପାଠ ନ କଲେ ହୃଦୟ ଉନ୍ନତ ହୁଏ ନାହିଁ, ରୁଚି ମାର୍ଜିତ ହୁଏ ନାହିଁ ଓ ଭାବ ବିକଶିତ ହୁଏ ନାହିଁ। ସୁତରାଂ ଏଗୁଡ଼ିକ ମଧ୍ୟ ଅତ୍ୟାବଶ୍ୟକ। ଜନସାଧାରଣଙ୍କ ପକ୍ଷରେ ଏହା ଯେ ଅସମ୍ଭବ, ଆମ୍ଭେମାନେ ଏହା ବିଶ୍ୱାସ କରି ନ ପାରୁ । ଆଗ୍ରହ, ଯତ୍ନ ଓ ସମୟର ନିୟମିତ ବିଭାଗଦ୍ୱାରା ସମସ୍ତେ ଏ ଶିକ୍ଷାଲାଭ କରି ପାରନ୍ତି ଓ ଆମରଣ ଉନ୍ନତି ପଥରେ ଅଗ୍ରସର ହୋଇପାରନ୍ତି ।

**ପ୍ରଶ୍ନାବଳୀ :**
(କ) କେଉଁମାନେ ନିଜକୁ କୃତାର୍ଥ କରନ୍ତି ?
(ଖ) ଜ୍ଞାନ ଚର୍ଚ୍ଚାରେ ବାଧା ସୃଷ୍ଟି ହୁଏ କାହିଁକି ?
(ଗ) କେଉଁ ବିଷୟରେ ସାଧାରଣ ଜ୍ଞାନ ପ୍ରୟୋଜନୀୟ ?
(ଘ) କାହାଦ୍ୱାରା ଭାବ ବିକଶିତ ହୁଏ ?
(ଙ) ଜନସାଧାରଣ ଉନ୍ନତି ପଥରେ ଅଗ୍ରସର ହେବେ କିପରି ?

## ଉତ୍ତରମାଳା PART – I (OBJECTIVE)

**୧.** କ) ଯମୁନା ଖ) ସନ୍ଧାନୀମାନଙ୍କ ଗ) ତପସ୍ୱିନୀ ଘ) ମୀନ ଙ) ବର୍ତ୍ତକ
**୨.** କ) ପଞ୍ଚବଚ୍ଛ ଖ) ନିଶୀଥିନୀ ଗ) ମହାଯଶ ଘ) ସ୍ୟନ୍ଦନ ଙ) ମୁହୁର୍ମୁହୁ
**୩.** କ) ମାନବର ସମସ୍ତ ନୀତିକୁ ପାଦରେ ଦଳିଦେଇ ଉର୍ଦ୍ଧ୍ୱଶ୍ୱାସରେ ଧାଇଁ ଯେ ଯେତେ ବେଶୀ ଏହି ଦୀର୍ଘ ବ୍ୟବଧାନକୁ କମ୍ କରିପାରେ ସେ ସେତେ ବେଶୀ ଜୀବନଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ। ଖ) ତ୍ୟାଗମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ଭାରତୀୟ ମଣିଷ ବିଷୟର ମାଲିକ ହୁଏ, ସେତେବେଳେ ଭୋଗମାର୍ଗୀ ଜାତିଠାରୁ ତା'ର ପଥ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ। ଗ) ଶିକ୍ଷା ବିଷୟକୁ ନେଇ ତାରାଚାନ୍ଦ କମିଟି,ମୁଦାଲିୟର କମିଟି, ରାଧାକୃଷ୍ଣ କମିଟି ଓ ଜାକିର ହୁସେନ୍ କମିଟିମାନ ବସିଥିଲା। ଘ) ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ ନରେନ୍‌ଙ୍କ ମନରେ ବ୍ୟାକୁଳତା ଥିଲା। ଙ) ବିଶିଷ୍ଟ ଜନନାୟକ ତଥା ସାହିତ୍ୟିକ ଡକ୍ଟର ହରେକୃଷ୍ଣ ମହତାବ ହେଉଛନ୍ତି 'ଗାଁ ମଜଲିସ୍'ର ଲେଖକ।

**୪.**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପରିବ୍ରାଜକ | ଭାରତର ବୈଶିଷ୍ଟ୍ୟ |
| ରିଙ୍ଗଲିଡ଼ର | ପ୍ରାସାଦ |
| ଆଧ୍ୟାତ୍ମିକତା | ଗୋପୀନାଥ ମହାନ୍ତି |
| ଅଭ୍ରଂକଷ | ଫକୀରମୋହନ |
| ପରଜା | ସ୍ୱାମୀ ବିବେକାନନ୍ଦ |

**୫.** କ) ତେଢ଼ା ମଣିଷମାନେ ସାଧାରଣତଃ ଏକଜିଦିଆ, ଏକ ଶିଙ୍ଗା, ଏକ ଧର୍ସିଆ। ଖ) ବଣିମାନଙ୍କ ଭାଷା ଚାଇନିଜ୍‌ମାନଙ୍କ ଭାଷା ପରି ଭାଷା। ଗ) ପିଲାମାନଙ୍କ ବ୍ୟବହାରରେ ଅତିଷ୍ଠହୋଇ ନଟବରବାବୁ 'ଯୁଗ ତ ସେମିତି ହୋଇଛି' ବୋଲି କହି ମନକୁ ସାନ୍ତ୍ୱନା ଦେଇଛନ୍ତି। ଘ) ଯୁଦ୍ଧର ବିଭୀଷିକା ଦେଖି ଅଶୋକ ମର୍ମାହତ ହେଲେ ଓ ଯୁଦ୍ଧବିରତି ଘୋଷଣା କଲେ। ଙ) ଗଛ ତା'ର ପୁରୁଣା ପତ୍ରଗୁଡ଼ିକୁ ନିଜର ଭାବି ରଖିବାକୁ ଚାହିଁଲେ ଆଉ ନୂତନ ପତ୍ର, ଫୁଲ ଓ ଫଳ ସମ୍ଭବ ହେବ ନାହିଁ, ତେଣୁ ସେ ପୁରୁଣାପତ୍ରଗୁଡ଼ିକ ରଖେ ନାହିଁ। **୬.** କ) ଦ୍ୱିତୀୟ ଶିଳ୍ପୀ ଖ) ଅନ୍ତରୀକ୍ଷ ଗ) ଶିବେଇ ସାନ୍ତରା ଘ) ବ୍ରହ୍ମଲୋକ ଙ) ନୃସିଂହ **୭.** କ) ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଖଣ୍ଡବାକ୍ୟ କୁହାଯାଏ। ଖ) ମାଆଙ୍କର ରନ୍ଧା ଚାଲିଛି। ଗ) ପବନର ପ୍ରତିକୂଳରେ ସାଇକେଲ ଚାଳନା କଷ୍ଟକର। ଘ) ର, ର, ଷ ପରେ ଅନ୍ୟ ବର୍ଣ୍ଣରେ ବ୍ୟବଧାନ ଥିଲେ 'ନ୍', 'ଣ' ହୁଏ ନାହିଁ। ଙ) ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ସଚ୍ଚା ଦେଶସେବକ ନାହାନ୍ତି। **୮.** କ) ଅନସୂୟା ଖ) ଦୁରବସ୍ଥା ଗ) ଅଧୀନ ଘ) ନିର୍ଦ୍ଧନ ଙ) ଆନୁଷଙ୍ଗିକ **୯.** କ) ଛଳନା / ଉପର ଠାଉରିଆ ସହାନୁଭୂତି ଖ) ଅତିପ୍ରିୟ ଗ) ଛୋଟ କଥାକୁ ବଡ଼ କରିବା ଘ) ଦୁର୍ଯୋଗ କେବଳ ଥରେ ଆସେ ନାହିଁ ଙ) କ୍ଷୁଦ୍ର ମଧ୍ୟରେ ଭୟଙ୍କରତା **୧୦.** କ) ☒ ଖ) ☑ ଗ) ☑ ଘ) ☒ ଙ) ☑

## ଉତ୍ତରମାଳା PART – II (SUBJECTIVE)

**୧୧. କ)** ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଅଧ୍ୟାପକ ଶରତ କୁମାର ମହାନ୍ତି ଜଣେ ଅନିର୍ବଚନୀୟ ପ୍ରତିଭାସଂପନ୍ନ ମନନଶୀଳ ପ୍ରାବନ୍ଧିକ ରୂପେ ସୁପରିଚିତ। ସେହି ପ୍ରଜ୍ଞାଦୀପ୍ତ ପ୍ରାବନ୍ଧିକଙ୍କ ଲେଖନୀ ନିଃସୃତ 'ଛତ୍ରପତି ବିବେକାନନ୍ଦ' ପୁସ୍ତକରୁ ସଂଗୃହୀତ 'ନରେନ୍‌ରୁ ବିବେକାନନ୍ଦ' ନାମକ ପ୍ରବନ୍ଧ। ଏଠାରେ ପ୍ରାବନ୍ଧିକ ବିବେକାନନ୍ଦଙ୍କ ଭାରତ ଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ସଂପର୍କରେ ବର୍ଣ୍ଣନା କରିଛନ୍ତି।

ନରେନ୍ ନିର୍ବିକଳ୍ପ ସମାଧିର ଦିବ୍ୟାନୁଭୂତି ଲାଭ ନିମନ୍ତେ ବ୍ୟାକୁଳ ଥିଲେ। କିନ୍ତୁ ଗୁରୁ ଶ୍ରୀରାମକୃଷ୍ଣ ତାଙ୍କୁ କହିଥିଲେ, "*ଭାବିଥିଲି, ତୁ ଗୋଟାଏ ପ୍ରକାଣ୍ଡ ବଟବୃକ୍ଷ ପରି ହେବୁ ଏବଂ ତୋ ଛାଇରେ ହଜାର ହଜାର ମଣିଷ ଆଶ୍ରୟ ପାଇବେ; କିନ୍ତୁ ତା' ନ ହୋଇ ତୁ କେବଳ ନିଜର ମୁକ୍ତି ଚାହୁଁଛୁ।*" ରାମକୃଷ୍ଣଙ୍କର ଏହି ସଦୁପଦେଶପୂର୍ଣ୍ଣ ଦିଗ୍‌ଦର୍ଶନରେ ନରେନ୍ ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ ତ୍ୟାଗକରି 'ମନୁଷ୍ୟର ସେବା ହିଁ ଈଶ୍ୱର ସେବା' ଭାରତୀୟ ଦର୍ଶନର ଏହି ବାଣୀରେ ଉଦ୍‌ବୁଦ୍ଧ ହୋଇ ମାନବ ସେବାକୁ ସନ୍ନ୍ୟାସୀ ଜୀବନର ବ୍ରତଭାବେ ଗ୍ରହଣ କରିଥିଲେ।

ଅଗଣିତ ମଣିଷଙ୍କ ଦୁଃଖମୋଚନ ପୂର୍ବକ ଗୁରୁଙ୍କ ସଦୁପଦେଶକୁ ଚରିତାର୍ଥ କରିବା ନିମନ୍ତେ ବିଶାଳ ଭାରତବର୍ଷ ତଥା ଦରିଦ୍ର ଜନତାଙ୍କ ସହ ପରିଚିତ ହେବା ଉଦ୍ଦେଶ୍ୟରେ ବିବେକାନନ୍ଦ ୧୮୮୬ରେ ପ୍ରଥମେ ଭାରତ ଭ୍ରମଣରେ ବାହାରିଲେ। ମାର୍ଗରେ ହାଥରାସ ଷ୍ଟେସନର ମାଷ୍ଟର ଶରତଚନ୍ଦ୍ର ଗୁପ୍ତଙ୍କୁ ପ୍ରଥମ ଶିଷ୍ୟ ଭାବେ ଗ୍ରହଣ କରିଥିଲେ। ଦରିଦ୍ର ଜନତାଙ୍କ ଦୁଃଖକୁ ଅଙ୍ଗେ ନିଭାଇବାପାଇଁ ତାଙ୍କ ସହ ଦିନଦିନ ଭୋକଉପାସରେ କଟାଇ ଶେଷରେ ବେମାରରେ ପଡ଼ି ଫେରିଆସିଥିଲେ।

ଦୁଇଥର ଭାରତ ଭ୍ରମଣର ଅଭିଜ୍ଞତାରୁ ବିବେକାନନ୍ଦ ଦେଖିଥିଲେ ସମାଜରେ ଜମିରହିଥିବା କୁଢ଼ କୁଢ଼ ଆବର୍ଜନା। ସେହି ଆବର୍ଜନାକୁ ଦୂରକରିବାପାଇଁ ପ୍ରତିଜ୍ଞାବଦ୍ଧ ହୋଇ ବିବେକାନନ୍ଦ ସନ୍ନ୍ୟାସୀ ରୂପରେ ସେନାପତି ପରି ଭାରତବର୍ଷ ପଦବ୍ରଜରେ ଭ୍ରମଣ କରିଥିଲେ। ତାଙ୍କ ତେଜରେ ବିସ୍ମିତ ହୋଇ ରାଜା ମହାରାଜାମାନେ ତାଙ୍କୁ ଅତିଥିରୂପେ ପାଇ ନିଜକୁ ଧନ୍ୟ ମନେକରୁଥିଲେ ମଧ୍ୟ ସେ ଦୀନଦରିଦ୍ରଙ୍କ ଆତିଥ୍ୟ ଗ୍ରହଣ କରି ସେମାନଙ୍କ ଦୁଃଖରେ ସମଭାଗୀ ହେବାକୁ ପସନ୍ଦ କରୁଥିଲେ। ଭୋକିଲା ଲୋକଙ୍କର ଦୁଃଖ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଉଥିଲା।

ସାରାଦେଶ ଭ୍ରମଣକରି ଦି'ଓଳି ଦି'ମୁଠା ଖାଇବାକୁ ପାଉ ନଥିବା ଅଗଣିତ ମଣିଷଙ୍କୁ ଦେଖି ସେ "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ" ବୋଲି ଏକ ନୂତନ ଜ୍ଞାନ ଲାଭ କଲେ। ବୁଭୁକ୍ଷୁ ଜନତାଙ୍କପାଇଁ ସନ୍ନ୍ୟାସୀମାନେ କିଛି କରିନାହାନ୍ତି ବୋଲି ଅନୁଭବ କରି ଦରିଦ୍ରନାରାୟଣଙ୍କ ସେବାକୁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ଭାବେ ଗ୍ରହଣକଲେ। ଅଜେୟ ଦାରିଦ୍ର୍ୟ-ଦାନବ ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ଧନୀ, ଦରିଦ୍ର ସମସ୍ତଙ୍କ ହୃଦୟରେ ସେବାର ମହିମା ଜାଗ୍ରତ ନିମନ୍ତେ ସେ ପଦବ୍ରଜରେ ଆକୁମାରୀ ହିମାଚଳ ଭ୍ରମଣ କଲେ। ତାଙ୍କ ସଂସ୍ପର୍ଶରେ ଆସୁଥିବା ଧନୀ, ଦରିଦ୍ର, ମୂର୍ଖ, ପଣ୍ଡିତ ନିର୍ବିଶେଷରେ ସମସ୍ତଙ୍କର ବଞ୍ଚିବାର ଢଙ୍ଗ ବଦଳିଯାଉଥିଲା। କିଛି ପାଇବା ପରିବର୍ତ୍ତେ ଦେବାପାଇଁ ସେମାନେ ଆଗଭର ହେଉଥିଲେ। ଜଗତର କଲ୍ୟାଣ ତଥା ହଜାର ହଜାର ପ୍ରଜାଙ୍କର ମଙ୍ଗଳବିଧାନର କ୍ଷମତା ଥିବା ରାଜା-ମହାରାଜାମାନଙ୍କ ହୃଦୟରେ ସେବାର ମହିମା ଜାଗ୍ରତ କରାଇବାପାଇଁ ସେ ସର୍ବଦା ସଚେଷ୍ଟ ଥିଲେ। ସେଥିପାଇଁ ସେ ମହୀଶୂରର ରାଜାଙ୍କ ନିକଟକୁ ଚିଠିରେ ଲେଖିଥିଲେ, "ଦୀନ ଦୁଃଖୀଙ୍କର ସେବା କରିବାର କାମନାରେ ଆପଣଙ୍କ ହୃଦୟ ପ୍ରଜ୍ୱଳିତ ହେଉଥାଉ – ଏହାହିଁ ଈଶ୍ୱରଙ୍କ ନିକଟରେ ବିବେକାନନ୍ଦଙ୍କର ପ୍ରାର୍ଥନା।"

ବିବେକାନନ୍ଦଙ୍କ ଭାରତ ଭ୍ରମଣର ପରିଣତିସ୍ୱରୂପ ଦେଶର ଧନୀ, ଦରିଦ୍ର ଅନେକଙ୍କ ହୃଦୟରେ ସେବାର ଭାବ ଜାଗ୍ରତ ହେବାସହ ଲୋକଙ୍କ ଦୁଃଖ ଦୂର କରିବାପାଇଁ ସେମାନେ ଆଗେଇ ଆସିଥିଲେ।

**କିମ୍ବା, ଉ-** ଅନେକ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ତଥା ଶିଶୁସାହିତ୍ୟ ରଚନାକରି ଓଡ଼ିଆ ସାହିତ୍ୟ ଇତିହାସରେ ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ଭିଦବିଜ୍ଞାନୀ ଶ୍ରୀଯୁକ୍ତ ବଂଶୀଧର ସାମନ୍ତରାୟ। ୧୯୪୨ ସାଲ ଜ୍ୟେଷ୍ଠ ସଂଖ୍ୟା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧରେ ପ୍ରାବନ୍ଧିକ ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ସଂପର୍କରେ ଆଲୋଚନା କରିଛନ୍ତି।

ବର୍ତ୍ତମାନର ପୃଥିବୀରେ ସଭ୍ୟତାର ଆଦର୍ଶ ହେଉଛି ମାନବର ସର୍ବାଙ୍ଗୀନ ଉନ୍ନତିସାଧନ, ବୈଷୟିକ, ଶାରୀରିକ, ମାନସିକ, ନୈତିକ ତଥା ଜ୍ଞାନୋନ୍ନତି ସହ ବିଶ୍ୱ ମାନବିକତାର ପ୍ରତିଷ୍ଠାନ ତଥା ସୃଷ୍ଟି ରହସ୍ୟର ଉଦ୍‌ଘାଟନ ଏବଂ ତା' ମୂଳରେ ନିହିତ ମହାଶକ୍ତିର ସ୍ୱରୂପ ନିରୂପଣ। ଏହି ସଭ୍ୟତାର ଶୀର୍ଷତମ ସୋପାନରେ ଉପନୀତ ହେବାନିମନ୍ତେ ମାନବ ବିଜ୍ଞାନକୁ ପଥପ୍ରଦର୍ଶକ ରୂପେ ବରଣ କରିଛି। ସେହି ବିଜ୍ଞାନ ବ୍ୟାପକ ଅର୍ଥରେ ଯେକୌଣସି ବିଷୟରେ ସମ୍ୟକ୍ ଜ୍ଞାନ ହେଲେ ମଧ୍ୟ ସାଧାରଣତଃ ଜଡ଼ ଓ ଜୀବନ୍ତ ବିଷୟକ ସସମ୍ବନ୍ଧ, ଶୃଙ୍ଖଳିତ ସମ୍ୟକ୍ ଜ୍ଞାନକୁ ବିଜ୍ଞାନ ରୂପେ ବ୍ୟବହାର କରାଯାଏ। ସୁତରାଂ ବିଜ୍ଞାନ ମଧ୍ୟରେ କଳା, ଦର୍ଶନ ଓ ଇତିହାସ ପ୍ରଭୃତି ମଧ୍ୟ ଅନ୍ତର୍ଭୁକ୍ତ।

ସେହି ଜଡ଼ ବିଜ୍ଞାନ ମୂଳରେ ନିହିତ ଗଣିତଶାସ୍ତ୍ର ବଳରେ ମଣିଷ ତା'ର ସକଳ ଜଟିଳତମ ସମସ୍ୟାକୁ ଅନାୟାସରେ ସମାଧାନ କରିପାରୁଛି। ଜଡ଼ ବିଜ୍ଞାନ ବଳରେ ଜଡ଼ ବିଷୟରେ ସମ୍ୟକ୍ ଜ୍ଞାନଲାଭ କରି ପ୍ରକୃତିରେ ସଂଘଟିତ ଯାବତୀୟ କ୍ରିୟାକୁ ହୃଦୟଙ୍ଗମ କରିପାରୁଛି। ବିଭିନ୍ନ ଗ୍ରହ, ତାରା, ଉପଗ୍ରହଙ୍କ କାର୍ଯ୍ୟ ପ୍ରଣାଳୀକୁ ଜାଣିବାସହ ବିଭିନ୍ନ ଧାତୁ ଓ ଉପାଦାନ ବିଶୁଦ୍ଧଭାବେ ଗ୍ରହଣ କରି ରେଳ, ମଟର ପ୍ରଭୃତି ନିର୍ମାଣପୂର୍ବକ ଯଥେଷ୍ଟ ବୈଷୟିକ ସୁଖସମୃଦ୍ଧି ସମ୍ପାଦନ କରିଅଛି। ତେଣୁ ପ୍ରାବନ୍ଧିକ କହିଛନ୍ତି, "*ଏସବୁର ମୂଳରେ ଜଡ଼ ବିଜ୍ଞାନର ଅନୁଶୀଳନ ଓ ଚର୍ଚ୍ଚାର ଫଳ ବିଦ୍ୟମାନ*"।

ଜୀବବିଜ୍ଞାନ ବଳରେ ମଧ୍ୟ ଆଣବିକ ଜୀବନ୍ତ ପଦାର୍ଥଠାରୁ ଆରମ୍ଭ କରି ବିଶାଳକାୟ ହସ୍ତୀ, ତିମି ପର୍ଯ୍ୟନ୍ତ ବିଶ୍ଳେଷଣ କରି ସେମାନଙ୍କ ବିଭିନ୍ନ ପ୍ରକ୍ରିୟା ଓ ସମସ୍ୟା ସମାଧାନରେ କ୍ଷମ ହୋଇଅଛି। ଜଡ଼ ଓ ଜୀବବିଜ୍ଞାନର ସମ୍ମିଶ୍ରଣ ତଥା ସହଯୋଗିତାରୁ ଶରୀର ତତ୍ତ୍ୱ ପ୍ରଭୃତି ଶାସ୍ତ୍ରବଳରେ ଜ୍ଞାନର ସୀମା ବୃଦ୍ଧି କରିବାସହ ଇଞ୍ଜିନିୟରିଙ୍ଗ୍‌ରେ ପରାକାଷ୍ଠା ଲାଭ କରିପାରିଛି। ଏହି ବିଜ୍ଞାନହିଁ ମାନବକୁ ବିବିଧ ରୋଗ କବଳରୁ ମୁକ୍ତ କରିବାସହ ମାନବର ବୈଷୟିକ, ଶାରୀରିକ ଓ ମାନସିକ ଉନ୍ନତି ବହୁପରିମାଣରେ ସାଧନ କରିଅଛି।

ବିଜ୍ଞାନ ବଳରେ ପୂର୍ବର ପଞ୍ଚଭୂତ ବିଶ୍ଳେଷଣ ମାଧ୍ୟମରେ ଅନେକ ଜଡ଼ ଉପାଦାନର ସମଷ୍ଟି ରୂପେ ନିରୂପିତ ହେବାସହିତ ସେମାନଙ୍କ ସମାବେଶ ସହ ଜୀବନ୍ତ ଶକ୍ତିର ବିକାଶଦ୍ୱାରା ହିଁ ଜୀବନ୍ତର ସମ୍ଭବ ହୋଇଛି। ଜୀବନ୍ତରେ ଥିବା ଏହି ଶକ୍ତି ସର୍ବତ୍ର ଦୃଶ୍ୟମାନ ହେଉଥିବା ଶକ୍ତିର ଏକତମ ଅବସ୍ଥା। ସେହି ଶକ୍ତିର ଜଡ଼ ଓ ଜୀବନ୍ତ ସହ ସଂପର୍କ ବିଷୟରେ ଜାଣିବାପାଇଁ ମାନବ ଆଜି ସତତ ଚେଷ୍ଟିତ।

ସୁତରାଂ, ସଭ୍ୟତାର ବିକାଶରେ ବିଜ୍ଞାନ ଆମକୁ ଆଶାତୀତ ସଫଳତା ପ୍ରଦାନ କରିଛି ଏବଂ ସେହି ପଥପ୍ରଦର୍ଶକ ମାଧ୍ୟମରେ ଆମେ ଯାବତୀୟ ବିଷୟରେ ସର୍ବାଙ୍ଗୀନ ଉନ୍ନତି ସାଧନପୂର୍ବକ ଏକ ଅଲୌକିକ ସଭ୍ୟତାର ଅଧିକାରୀ ହୋଇପାରିବୁ, ଏହା ନିଃସନ୍ଦେହ।

**ଖ)** "ଏହା ମଧ୍ୟ ................ ପରିଣାମ।"

ଉକ୍ତ ପ୍ରବନ୍ଧାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ଜନ୍ମଭୂମି' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପୁରାଣପୁରୁଷ ଶ୍ରୀକୃଷ୍ଣଙ୍କୁ କିପରି ତାଙ୍କ କୃତକର୍ମର ପରିଣାମ ଭୋଗିବାକୁ ପଡ଼ିଥିଲା, ତାହା ପ୍ରତିପାଦନ କରିଛନ୍ତି।

ଏ ସଂସାରରେ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ପ୍ରାଣୀକୁ ତା' କୃତକର୍ମର ପରିଣାମ ଭୋଗିବାକୁ ପଡ଼େ। ମାନବ ଶରୀର ଧାରଣ କରିଥିବା ଲୀଳାପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କୁ ମଧ୍ୟ ତାଙ୍କ ଜନ୍ମଭୂମି ଗୋପପୁର ପ୍ରତି କରିଥିବା ବିଶ୍ୱାସଘାତକତାର କୁପରିଣତି ଭୋଗ କରିବାକୁ ପଡ଼ିଥିଲା। ସେ ଯଦି ଗୋପପୁରରେ ରହି ଗୋଚାରଣ କରିଥାନ୍ତେ, ତା'ହେଲେ ଚର୍ମପାଦୁକା ପରି କଠିନ ହୋଇଥାନ୍ତା, ତାହା ବ୍ୟାଧର ଦୃଷ୍ଟିଆକର୍ଷଣ କରି ନଥାନ୍ତା। ସେ ତାଙ୍କ ଜନ୍ମଭୂମି ଗୋପପୁର ଛାଡ଼ି ଦ୍ୱାରକା ଆସି ଐଶ୍ୱର୍ଯ୍ୟ ଲୀଳା ସଂପନ୍ନ କଲେ; କିନ୍ତୁ ପରିଣତିସ୍ୱରୂପ ସବୁକିଛି ହରାଇ ଅସହାୟ ଭାବରେ ଯେତେବେଳେ ଲତିକାଦୋଳାରେ ଅବଶ ଅଙ୍ଗକୁ ଢାଳିଦେଲେ, ସେତେବେଳେ ତାଙ୍କ ପଦଯୁଗଳ ଦ୍ୱାରକାର ରାଜଭୋଗରେ ନବପଲ୍ଲବ ପରି ରକ୍ତାଭ ହୋଇଯାଇଥିଲା। ତେଣୁ ତାହା ନିର୍ବୋଧ ବ୍ୟାଧ ମନରେ ହରିଣ କର୍ଣ୍ଣର ଭ୍ରମ ସୃଷ୍ଟି କରିଥିଲା। ଯାହାର ଫଳସ୍ୱରୂପ ନିର୍ବୋଧ ବ୍ୟାଧର ଲୌହଶର ତାଙ୍କ ପଦବିଦ୍ଧ କଲା। ଏହାହିଁ ତାଙ୍କ କୃତକର୍ମର ନିର୍ମମ ପରିଣତି। ପରିଣତିକୁ ଚିନ୍ତାକରି କାର୍ଯ୍ୟକରିବା ଉଚିତ। ଶ୍ରୀକୃଷ୍ଣଙ୍କ ଜୀବନୀ ଆମକୁ ଏହି ଶିକ୍ଷା ପ୍ରଦାନ କରେ।

**କିମ୍ବା,** "ବଥ ସିନା ............... ବଥାଏ ନାହିଁ।"

ଉକ୍ତ ପ୍ରବନ୍ଧାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଗୋଲୋକବିହାରୀ ଧଳ ମାତୃଭାଷାର ଉନ୍ନତି ନିମନ୍ତେ ଯତ୍ନଶୀଳ ହେବାପାଇଁ ସଚେତନ କରାଇଛନ୍ତି।

ଆବୁ ଏକ ମାଂସଳପିଣ୍ଡ। ତାହା ଯନ୍ତ୍ରଣାଦାୟକ ନୁହେଁ। କିନ୍ତୁ ବଥର ଶରୀର ସହିତ ରକ୍ତ ସଂପର୍କ ଥାଏ। ତାହା ଯନ୍ତ୍ରଣା ଦିଏ। ସେହିପରି ଆମ ଭାଷାସାହିତ୍ୟ ବିଶେଷ ପ୍ରଗତିଶୀଳ ନ ହେବା, ବିଶ୍ୱଦରବାରରେ ପରିଚୟ ଲାଭ ନ କରିବା ଆମପାଇଁ ବେଦନାଦାୟକ। ଅନ୍ୟ ଭାଷାଭାଷୀଙ୍କ ପାଇଁ ତାହା ଆବୁ ସଦୃଶ। ତେଣୁ ସେ ଯନ୍ତ୍ରଣାକୁ ଦୂରକରିବା ଦାୟିତ୍ୱ ଆମର। ବିଦେଶୀ ଶାସନ ତଳେ ଆମ ଭାଷା ଗତିରୋଧ ହୋଇଥିଲା; କିନ୍ତୁ ଆଜି ଆମକୁ ନିରଳସ, ନିରବଚ୍ଛିନ୍ନ ସାଧନା ମାଧ୍ୟମରେ ଭାଷା ସାହିତ୍ୟକୁ ପ୍ରଗତିଶୀଳ କରିବାକୁ ହେବ। ମାତୃଭାଷା ପାଇଁ ହୃଦୟରେ ଯଥେଷ୍ଟ ସଚେତନତା ତଥା ସମ୍ମାନବୋଧ ପୋଷଣ କରିବାକୁ ହେବ। ତା'ହେଲେ ଆମେ ଆମ ରାଜ୍ୟ ତଥା ଭାଷା ସାହିତ୍ୟ ଅନ୍ୟାନ୍ୟ ଭାଷା ପରି ବିଶ୍ୱଦରବାରରେ ପରିଚିତ ତଥା ସମ୍ମାନିତ ହୋଇପାରିବା, ସେତେବେଳେ ଆମେ ବଥର ଯନ୍ତ୍ରଣାରୁ ମୁକ୍ତି ପାଇପାରିବା। ତେଣୁ ମାତୃଭାଷା ପାଇଁ ସ୍ୱାଭିମାନ ଓ ତା'ର ଉନ୍ନତିସାଧନ ଆମର ଏକାନ୍ତ କାମ୍ୟ ହେବା ଉଚିତ।

**୧୨. କ)** ଓଡ଼ିଶାର ଜନମାନସରେ ବିଦ୍ୟୁତ୍‌ପ୍ରଭା ଦେବୀ ଜଣେ ଅସାମାନ୍ୟ ପ୍ରତିଭାର ଅଧିକାରିଣୀ ନାରୀକବି ରୂପେ ସୁପରିଚିତା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟକୁ ସସମୃଦ୍ଧ କରିଥିବା ସେହି ନାରୀକବିଙ୍କ ଅନେକ କାବ୍ୟକୃତି ମଧ୍ୟରୁ 'ମାଟି, ପାଣି, ପବନ' ଅନ୍ୟତମ। ଉକ୍ତ କବିତା ପୁସ୍ତକରୁ ସଂଗୃହୀତ 'ସର୍ବଂସହା ମାଟି' କବିତାରେ ନାରୀକବି ମାଟି କିପରି ସର୍ବଂସହା, ତାହାର ଯଥାର୍ଥତା ପ୍ରଦାନ କରିଛନ୍ତି।

"*ସର୍ବଂସହା ସୁମର୍ଯ୍ୟାଦା ଭୂଦେବୀ ପୂଜିତା ସଦା*" – ଏହି ମୁନିବାଣୀ ପ୍ରମାଣକରେ ଯେ ସର୍ବଂସହା ମର୍ଯ୍ୟାଦାବତୀ ଭୂଦେବୀ ପୃଥିବୀ ଆମ୍ଭମାନଙ୍କର ସତତ ନମସ୍ୟା। କାରଣ ସବୁକିଛି ସହିବାରେ ନିପୁଣା ଧରଣୀ ତା'ବକ୍ଷରେ ବାସକରୁଥିବା ନର, ପଶୁ, ପକ୍ଷୀ, କୀଟ, ତରୁ ସମସ୍ତଙ୍କୁ ସନ୍ତାନପରି ପାଳନ କରୁଛି। ବାତ୍ସଲ୍ୟମୟୀ ଜନନୀ ପରି ତା'ର ସ୍ନେହମମତାକୁ ସମସ୍ତଙ୍କ ଉପରେ ସମାନ ଭାବରେ ବାଣ୍ଟି ଦେଉଛି ଏବଂ ସେମାନଙ୍କ ପାଇଁ ସକଳ ଆବଶ୍ୟକତାକୁ ନିଜ ବକ୍ଷରେ ସଜେଇ ରଖିଛି। ମାଟି ମାଆ ସହନଶୀଳତାର ଏକ ମୂର୍ତ୍ତିମନ୍ତ ବିଗ୍ରହ। ତା'ର ପ୍ରାଣ ପତ୍ର ପରି କୋମଳ ହେଲେ ମଧ୍ୟ ଶରୀର ତା'ର ପାହାଡ଼ ପରି କଠିନ। ତେଣୁ ତା'ର ସନ୍ତାନମାନେ ଜନ୍ମକାଳରୁ ତା' ଦେହରେ ଯେତେ ଆଘାତ ଦେଲେ ମଧ୍ୟ ସେ ଆନନ୍ଦରେ ସେସବୁକୁ ସହିଯାଇଛି। ନିଜ ସନ୍ତାନ ମନେକରି ସମସ୍ତଙ୍କର ସବୁ ଦୋଷକୁ କ୍ଷମା କରି ଦେଇଛି। ତେଣୁ କବି ଗାଇଛନ୍ତି –

*"ଜନମ କାଳୁ ଯେ ଦେହେ ତୋ ଆଘାତ*
*କେତେ ନ ଦେଇଛି ମୁହିଁ*
*ନିଜ ଛୁଆ ବୋଲି ସବୁ ଦୋଷ ସିନା*
*କ୍ଷମିଅଛୁ ଏକା ତୁହି।"*

ମାତୃତ୍ୱ ଭାବନା ନିକଟରେ ସବୁ କଷ୍ଟ ଯନ୍ତ୍ରଣା ତୁଚ୍ଛ ହୋଇଯାଏ। ତେଣୁ ଜନନୀପରି ମାଟି ତା'ର ସନ୍ତାନଙ୍କର ସବୁ ଅଳିଅର୍ଦ୍ଦଳିକୁ ଆନନ୍ଦରେ ସହିଯାଏ। ଭୁଲିଯାଏ ତା' ସନ୍ତାନମାନଙ୍କର ରାଗ, ରୋଷ ଓ ସକଳ ଅଭିମାନକୁ। ତେଣୁ ମାଟିର ମମତାକୁ ସ୍ମରଣ କରି କବି ଗାଇଛନ୍ତି –

*"ଯେତେ ରାଗ ରୋଷ କରେ ତୋହ ପାଖେ*
*ମାଆ ବୋଲି ଯାଉ ଭୁଲି।"*

ଜୀବଜଗତର ସବୁ ଅଳିଅର୍ଦ୍ଦଳି ସହୁଥିବା ମାଟି ମାଆର ସର୍ବଂସହା ରୂପ ଦେଖି ନାରୀକବି ତାଙ୍କୁ ପ୍ରଶଂସା କରିବା ସହ ଅଭିଭୂତ ଓ ପ୍ରଭାବିତ ହୋଇଛନ୍ତି। ମାଟିମାଆ ପରି ନିଜେ ସବୁ ସହି ଜଗତର କଲ୍ୟାଣ ନିମନ୍ତେ ତାଙ୍କଠାରୁ ସହନଶୀଳତା ପ୍ରାର୍ଥନା କରି କବି ଗାଇଛନ୍ତି–

*"ଅମାପ ଧରିଯୁଁ ଦେଏ ଟିକେ ମତେ*
*ନିଦା ହେଉ ମୋର ଛାତି।"*

ବାସ୍ତବିକ୍ ନାରୀକବିଙ୍କ ଅମର ଲେଖନୀରେ ମାଟିମାଆର ସର୍ବଂସହା ରୂପ ସୁନ୍ଦରଭାବେ ଫୁଟିଉଠିଛି।

**କିମ୍ବା, ଉ–** ରାଧାନାଥ ଯୁଗର ଅନ୍ୟତମ ଅନନ୍ୟ ସାରସ୍ୱତ ପ୍ରତିଭାଦୀପ୍ତ ବରେଣ୍ୟ କବି ଥିଲେ ସ୍ୱଭାବକବି ଗଙ୍ଗାଧର ମେହେର। ସେହି ଯୋଗଜନ୍ମା କବିଙ୍କ ରଚିତ 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ସଂଗୃହୀତ 'ମଙ୍ଗଳେ ଅଇଲା ଉଷା' ନାମକ କବିତା। ଏଠାରେ କବି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ଅବସ୍ଥାନ କରୁଥିବା ନିର୍ବାସିତା ସତୀ ସୀତାଙ୍କୁ ଉଷାଦେବୀ କିପରି ସ୍ୱାଗତ କରିଛନ୍ତି, ତାହା ବର୍ଣ୍ଣନା କରିଛନ୍ତି।

ଆଳଙ୍କାରିକ ଆନନ୍ଦବର୍ଦ୍ଧନଙ୍କ ମତରେ, "ଅପାର କାବ୍ୟ ସଂସାରେ କବିରେବ ପ୍ରଜାପତିଃ; ଅର୍ଥାତ୍ ପ୍ରଜାପତିଙ୍କ ସଦୃଶ କବି ପ୍ରକୃତିକୁ ନିଜ ଇଚ୍ଛା ଅନୁଯାୟୀ ଚିତ୍ରଣ କରନ୍ତି। ସ୍ୱଭାବକବିଙ୍କ ଦୃଷ୍ଟିରେ ପ୍ରକୃତି ବୁକୁରେ ଭରିରହିଛି ଜୀବନ୍ତ ପ୍ରାଣସତ୍ତା ଓ ସମ୍ବେଦନଶୀଳତାର ଆବେଗ। ତେଣୁ ସେ ସାମାଜିକ ଚଳଣିରେ ଥିବା ଅଭିନନ୍ଦନର ପରମ୍ପରାକୁ ପରିପୂରଣ କରିବା ନିମନ୍ତେ କବି ପ୍ରକୃତିକୁ ନିର୍ବାଚନ କରିଛନ୍ତି। ତାଙ୍କ କାବ୍ୟନାୟିକା ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ନିର୍ବାସିତର ଜୀବନଯାପନ କରୁଥିବା ଅଯୋଧ୍ୟା ରାଜଲକ୍ଷ୍ମୀ ସତୀ ସୀତାଙ୍କୁ ରାଜକୀୟ ମର୍ଯ୍ୟାଦା ପ୍ରଦାନପୂର୍ବକ ସ୍ୱାଗତ କରିବାର ଦାୟିତ୍ୱ ଅର୍ପଣ କରିଛନ୍ତି ଉଷାକାଳକୁ। କବିଙ୍କ ଲେଖନୀ ସ୍ପର୍ଶରେ ଜଡ଼ ଉଷାକାଳ ଜୀବନ୍ତ ହୋଇ ଉଷାଦେବୀ ସାଜି ପୂଜ୍ୟପୂଜା ନିମନ୍ତେ ଆଗେଇ ଆସିଛନ୍ତି। ଏକ ଯୋଗେଶ୍ୱରୀ ରୂପରେ ଲାଲ ରଙ୍ଗର ପାଟବସ୍ତ୍ର ପରିଧାନ କରି ବିକଶିତ ପଦ୍ମନେତ୍ରରେ ସତୀ ସୀତାଙ୍କ ଦର୍ଶନର ବ୍ୟାକୁଳତା ହୃଦୟରେ ବହନ କରି ସେ ବାଲ୍ମୀକିଙ୍କ ଆଶ୍ରମ ପ୍ରାଙ୍ଗଣରେ ଉପସ୍ଥିତ ହୋଇଛନ୍ତି। କରପଲ୍ଲବରେ ଉପହାର ନିମନ୍ତେ ନୀହାର ମୁକ୍ତା ଧରି ସେ କୋକିଳର କୁହୁତାନରେ ରାତ୍ରିପାହିବାର ସୂଚନା ଦେଲାବେଳେ କବି ଗାଇଛନ୍ତି –

*"କଳକଣ୍ଠ କଣ୍ଠେ କହିଲା,*
*ଦରଶନ ଦିଅ ସତି, ରାତି ପାହିଲା।"*

ସତୀ ରାଜ୍ୟରାଣୀଙ୍କୁ ରାଜକୀୟ ମର୍ଯ୍ୟାଦା ପ୍ରଦାନପୂର୍ବକ ସ୍ୱାଗତ କରିବା ନିମନ୍ତେ ଉଷାରାଣୀଙ୍କ ନିର୍ଦ୍ଦେଶରେ ପ୍ରଭାତର ମନ୍ଦମଳୟ ସଂଗୀତ ଗାନ କରିଛି। ଭ୍ରମରକୁଳ ବୀଣାବାଦନ କରିବାସହ ସୁରଭି ନୃତ୍ୟ ପରିବେଷଣରେ ଉନ୍ମତ୍ତ ହୋଇଉଠିଛି। ଭାଟରୂପଧାରୀ କୁମ୍ଭାଟୁଆ ସ୍ତବପାଠ କଲାବେଳେ ପାଟମାଗଧ ବେଶରେ କଜଳପାତି ଆସି ରାତିପାହିବାର ସୂଚନା ଦେଇ ତା'ର ଲଳିତମଧୁର କଣ୍ଠରେ ଗାଇଛି–

*"ଉଠ ସତୀ ରାଜ୍ୟ-ରାଣୀ ରାତି ପାହିଲା।"*

ପ୍ରଭାତକାଳୀନ କୁସୁମର କାନ୍ତିରେ ଉଦ୍ଭାସିତ ହୋଇଉଠୁଥିବା ସେହି ଯୋଗେଶ୍ୱରୀଙ୍କ ପ୍ରଶାନ୍ତ ରୂପ ତଥା ମଧୁର ଆଶ୍ୱାସନାର ବାଣୀ ଶୁଣି କବିଙ୍କ ମନରେ ଭରିଦେଇଛି ଅସୀମ ଆତ୍ମବିଶ୍ୱାସ। ସେହି ଯୋଗେଶ୍ୱରୀ ନିଶ୍ଚିତ ଭାବରେ ସତୀ ସୀତାଙ୍କର ଦୁଃଖ ଦୂର କରି ତାଙ୍କୁ ନବଜୀବନ ପ୍ରଦାନ କରିବା ନିମନ୍ତେ ଧରାବତରଣ କରିଛନ୍ତି ବୋଲି ଅନୁଭବ କରି ଆନନ୍ଦୋଦ୍‌ବେଳିତ ହୃଦୟରେ ଗାଇଛନ୍ତି –

*"କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି*
*ଡାକୁଛନ୍ତି ଦୁଃଖରାଶି-ଉପଶମନେ,*
*ଦେବାପାଇଁ ନବଜୀବନ*
*ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନ।"*

ପ୍ରକୃତିକୁ ଜୀବନ୍ତରୂପେ ବର୍ଣ୍ଣନା କରିବା କେବଳ ପ୍ରକୃତିକବିଙ୍କ ଲେଖନୀରେ ସମ୍ଭବ।

**ଖ)** "*ଭାଜି ପଡୁ.......................ବିଜୟର ମାଳା ।*"

ଉକ୍ତ ପଦ୍ୟାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ଜାଗ ବନ୍ଧନହରା' କବିତାରୁ ଆନୀତ। ଏଠାରେ କବି ଅନନ୍ତ ପଟ୍ଟନାୟକ ତରୁଣମାନଙ୍କୁ ସକଳ ପ୍ରତିବନ୍ଧକକୁ ଅତିକ୍ରମ କରି ବିଜୟଶ୍ରୀ ବିମଣ୍ଡିତ ହେବାପାଇଁ ଆହ୍ୱାନ ଦେଇଛନ୍ତି।

ତରୁଣମାନେ ହିଁ ସମାଜର ଭବିଷ୍ୟତ। ସମାଜ ବିରୋଧରେ ସ୍ୱର ଉତ୍ତୋଳନ କରି ସମାଜର ପରିବର୍ତ୍ତନ ଆଣିବାକୁ ସେମାନେ ହିଁ ସମର୍ଥ। ତେଣୁ କବି ସେହି ସୁପ୍ତ ସିଂହମାନଙ୍କୁ ଜାଗ୍ରତ କରାଇ ସମାଜର ଦୟନୀୟ ସ୍ଥିତି ସଂପର୍କରେ ଅବଗତ କରାଇଛନ୍ତି। ଏକ ନୂତନ ସମାଜ ଗଠନ ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। ଦୁଃଖ, ଦୈନ୍ୟ, ନିରାଶାରେ ଦୁର୍ବଳ ହୋଇପଡ଼ିଥିବା ଜୀବନକୁ ସେମାନେ ଦୂରକୁ ଫିଙ୍ଗି ଦିଅନ୍ତୁ। ସୁଖଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଏକ ସୁସ୍ଥ ସମାଜ ଗଠନ ପାଇଁ ସେମାନେ ପୁରାତନ ସମାଜ ବିରୋଧରେ ଅଭିଯାନ ଆରମ୍ଭ କରନ୍ତୁ। ସେମାନଙ୍କ ଜୟଯାତ୍ରାର ବିଜୟ ରଥଚକ୍ର ତଳେ ମଣିଷକୁ ଯନ୍ତ୍ରଣା ଜର୍ଜର କରୁଥିବା ଉତ୍ପୀଡ଼ନର ସକଳ ଉତ୍ସ ଚୂର୍ଣ୍ଣୀଭୂତ ହୋଇଯାଉ। ସମାଜକୁ ଆବଦ୍ଧ କରି ରଖିଥିବା ସକଳ ବନ୍ଧନକୁ ଛିନ୍ନ କରି ସେମାନେ ବିଜୟୀରେ ବିମଣ୍ଡିତ ହୁଅନ୍ତୁ। କବିଙ୍କର ଏହି ବୈପ୍ଳବିକ ଆହ୍ୱାନ ଯୁଗ ଯୁଗ ଧରି ତରୁଣମାନଙ୍କୁ ପ୍ରେରଣା ପ୍ରଦାନ କରୁଥିବ।

**କିମ୍ବା, ଉ–** "*ପାପଗର୍ତ୍ତେ ............. ଦେବେ ପ୍ରାଣ।*"

ଉକ୍ତ ପଦ୍ୟାଂଶଟି କବିବର ରାଧାନାଥ ରାୟଙ୍କ ରଚିତ ପ୍ରକୃତିକାବ୍ୟ 'ଚିଲିକା'ର ଅଂଶବିଶେଷ 'ଚିଲିକାରେ ସାୟନ୍ତନ' କବିତାରୁ ଆନୀତ। ଏଠାରେ କବି ଜୀବନଦର୍ଶନ ସହ ମୀନମାନଙ୍କର ପ୍ରାଣତ୍ୟାଗର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି।

ମୀନମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ପୋତପାଳମାନେ ନୌକାବକ୍ଷରେ ମଶାଲମାନ ଜାଳିଦେଇଛନ୍ତି। ସେହି ମଶାଲର ଶିଖା ପ୍ରତି ଆକୃଷ୍ଟ ହୋଇ ମୀନମାନେ ନୌକା ବକ୍ଷକୁ ଲମ୍ଫ ଦେଉଥିବାର ଦୃଶ୍ୟ କବି କଳ୍ପନାନେତ୍ରରେ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ଟ୍ରେଣ୍ଡ କରୁଛି ବନାଗ୍ନି ପରବର୍ତ୍ତୀ ଫଟୋ

# ଧ୍ୱଂସସ୍ତୂପ ତଳୁ ଗଜୁରିଲାଣି ଜୀବନ



ସିଡନୀ: ବିଦାୟୀ ବର୍ଷରେ ଅଷ୍ଟ୍ରେଲୀୟବାସୀ ଦେଖିଛନ୍ତି ବନାଗ୍ନିର ବିଭୀଷିକା। ଯୁଆଡ଼େ ଆଖି ପଡ଼ିଲେ ଜଙ୍ଗଲ ନିଆଁର କରାଳ ରୂପ। ଜଳିପୋଡ଼ି ଛାରଖାର ହୋଇଯାଇଛି ଗଛ, ବନସ୍ପତି, ଗୁଳ୍ମ। ପାଖାପାଖି ୬୩,୦୦୦ ବର୍ଗକିମି ଘଞ୍ଚ ଜଙ୍ଗଲ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଜଙ୍ଗଲୀଜନ୍ତୁ ଦେଖିବାକୁ ସାତସପନ। ଏବେ ସେଠାରେ ରାଜୁତି କରୁଛି ନୀରବତା। ହେଲେ ବନାଗ୍ନିର ଭୟଙ୍କର ପଦଚିହ୍ନ ମଧ୍ୟରେ ଏବେ ଥୁଣ୍ଟା ଗଛ ତଳୁ ଗଜୁରିବା ଆରମ୍ଭ କଲାଣି ଜୀବନ। ଏହାକୁ ବିଶେଷଜ୍ଞମାନେ ଜୀବନ ବାହୁଡ଼ିବାର ସଙ୍କେତ ବୋଲି କହିଛନ୍ତି। ପ୍ରକୃତିର ଭଙ୍ଗାଗଡ଼ା ନିୟମର ଏପରି କେତେକ ଫଟୋ ଉଠାଇଛନ୍ତି ସ୍ଥାନୀୟ ଫଟୋଗ୍ରାଫର ମୁରେ ଲୋୱେ, ଯାହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି।

ଅଷ୍ଟ୍ରେଲିଆର ଘଞ୍ଚ ଜଙ୍ଗଲରେ ଗତ ସେପ୍ଟେମ୍ବରରେ ବ୍ୟାପିଥିଲା ଭୀଷଣ ବନାଗ୍ନି। ଏହାପରେ ଲକ୍ଷାଧିକ ଲୋକ ସୁରକ୍ଷିତ ସ୍ଥାନକୁ ପଳାଇ ଆସିଥିଲେ, ଯେଉଁମାନଙ୍କ ଭିତରେ ଥିଲେ ଲୋୱେ। ନିଆଁ ଥମିବା ପରେ ସେ ସେଣ୍ଟ୍ରାଲ ନ୍ୟୁ ସାଉଥ୍ ୱେଲ୍ସର କୁଲନୁରା ଅଞ୍ଚଳରେ ଥିବା ନିଜର ଘରର ଅବସ୍ଥା ଦେଖିବାକୁ ଯାଇଥିଲେ। ଉକ୍ତ ସମୟରେ ବିବର୍ଣ୍ଣ ପରିବେଶ ଭିତରେ ତାଙ୍କ ଆଖି ଅଟକି ଯାଇଥିଲା କଅଁଳ ସବୁଜ ଛନଛନ ପତ୍ର ଉପରେ। ନିଆଁ ଧାସରେ କଳା ପଡ଼ିଯାଇଥିବା ଗଛଗୁଡ଼ିକ ଭିତରୁ ଗୋଲାପୀ, ସବୁଜ ରଙ୍ଗର ପତ୍ର ଗଜୁରିବା ଆରମ୍ଭ କରିଥିଲା। ପ୍ରକୃତି ନୀରବରେ ନିଜର ଭରଣା କରିବା ଆରମ୍ଭ କରିଦେଇଥିଲା। ଏପରି ବିଚିତ୍ର ଦୃଶ୍ୟକୁ କ୍ୟାମେରାରେ ତୋଳି ଧରିଥିଲେ ଲୋୱେ। ଏପରି ଫଟୋ ଏବଂ ଭିଡ଼ିଓକୁ ନେଇ ଆଗାମୀ ଭବିଷ୍ୟତରେ ସେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ କରିବାକୁ ଯୋଜନା ରଖିଥିବା କହିଛନ୍ତି ଏହି ୭୧ବର୍ଷୀୟ ଫଟୋଗ୍ରାଫର।

ଅନ୍ୟପଟେ ଏ ନେଇ ୟୁନିଭର୍ସିଟି ଅଫ୍ ସେଫିଲ୍ଡର ଇକୋଲୋଜି ବିଶେଷଜ୍ଞ ଡା. କିମ୍ପଲେ ସିମ୍ପଶନ କୁହନ୍ତି, ଅଷ୍ଟ୍ରେଲିଆର ଘଞ୍ଚ ଜଙ୍ଗଲ ଲକ୍ଷାଧିକ ବର୍ଷ ହେଲା ବନାଗ୍ନି ସହ୍ୟ କରି ଆସୁଛି। ଗଛଗୁଡ଼ିକ ଏପରି ପ୍ରତିକୂଳ ବାତାବରଣ ସହ ଖାପଖୁଆଇ ସାରିଛନ୍ତି। ଗଛର ନୂଆ ଅଙ୍କୁରଣ ସ୍ୱତଃ ପ୍ରକ୍ରିୟା। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଫଟୋରେ ଜଣେ ୟୁଜର ଭାବୁକ ହୋଇ କହିଛନ୍ତି, ପ୍ରକୃତି ନିଜର କାମ କରିବା ଭଲଭାବେ ଜାଣିଛି। ଏହା ନୂଆ ଆଶାର କିରଣ। ସବୁକିଛି ଶୀଘ୍ର ଠିକ୍ ହୋଇଯିବ।

## ନିର୍ବାଚନରେ ଇଭିଏମ୍‌କୁ ଧୀଲୋନଙ୍କ ନା

# ବାଲଟ୍ ପେପର ବ୍ୟବହାର ନେଇ ପଦଯାତ୍ରା

**ଛତ୍ରପୁର, ୧୩ା୧(ଡି.ଏନ.ଏ.)**

ଦେଶରେ ସାଧାରଣ ନିର୍ବାଚନ ବେଳେ ଇଭିଏମ୍ ଦ୍ୱାରା ଭୋଟ ଗ୍ରହଣ କରାଯାଉଛି। ତେବେ ଏହାକୁ ବାଦ୍ ଦେଇ ପୂର୍ବରୁ ପ୍ରଚଳିତ ହେଉଥିବା ବାଲଟ୍ ପେପର ଦ୍ୱାରା ଭୋଟ ଗ୍ରହଣ କରିବା ପାଇଁ ବ୍ୟବସ୍ଥା ଆରମ୍ଭ କରିବା ନେଇ ସଚେତନତା ସୃଷ୍ଟି କରିବାକୁ ଉତ୍ତରାଖଣ୍ଡର ଓମ୍‌କାର ସିଂ ଧୀଲୋନ ସାରା ଭାରତ ପଦଯାତ୍ରାରେ ଅଗଷ୍ଟ ୧୮ ରୁ ବାହାରିଛନ୍ତି। ଧୀଲୋନ୍ ସୋମବାର ଛତ୍ରପୁର ଉପକଣ୍ଠ ଜାତୀୟ ରାଜପଥ ନିକଟରେ ପହଞ୍ଚି ଲୋକମାନଙ୍କୁ ଏ ବିଷୟରେ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ୪୫୦୦ କି.ମି. ଅତିକ୍ରମ କରିସାରିଲେଣି ବୋଲି କହିଛନ୍ତି। ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଅତିକ୍ରମ କରି ଓଡିଶାରେ ସେ ପହଞ୍ଚିଛନ୍ତି। ଏହାପରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଯିବେ ବୋଲି କହିଛନ୍ତି। ଏହି ଯାତ୍ରା ଆସନ୍ତା ମାର୍ଚ୍ଚ ଶେଷ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଛତ୍ରପୁରରେ ପହଞ୍ଚିବା ପରେ ତାଙ୍କୁ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ଭାଗୀରଥି ବେହେରା, ସୁବୋଧ ସୁମନ ସ୍ୱାଇଁ, ଦୀପକ ରାଉଳ ଓ ରଞ୍ଜିତ ରଥ ପ୍ରମୁଖ ଯୋଗ ଦେଇଥିଲେ।




ଓମ୍‌କାର ସିଂ ଧୀଲୋନଙ୍କ ପଦଯାତ୍ରା।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ଅବଲୋକନ କରିଛନ୍ତି। ଏହି ଦୃଶ୍ୟ କବିଙ୍କ ହୃଦୟରେ ସୃଷ୍ଟିକରିଛି ଦାର୍ଶନିକ ଚିନ୍ତାଧାରା। ସେ ସେହି ମଶାଲକୁ ପାପମୂର୍ତ୍ତି ସହିତ ତୁଳନା କରିଛନ୍ତି। କବିଙ୍କ ମତରେ ପାପମୂର୍ତ୍ତି ଅତୀବ ସୁନ୍ଦର। ସେ ତା'ର ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ପ୍ରଲୁବ୍ଧ କରେ। ଯେଉଁ ଅଜ୍ଞାନ ତାକୁ ବୁଝି ନପାରି ପ୍ରଲୁବ୍ଧ ହୋଇ ତାକୁ ସ୍ପର୍ଶକରେ, ସେ ପାପଗର୍ତ୍ତରେ ପଡ଼ି ଦୁଃଖ ଭୋଗିବାସହ ମୃତ୍ୟୁବରଣ କରେ। କାରଣ ପାପ ଅତୀବ ମାରାତ୍ମକ ଅଟେ। ଠିକ୍ ସେହିପରି ମଶାଲର ଶିଖାକୁ ବୁଝି ନପାରି ତା'ପ୍ରତି ଆକୃଷ୍ଟ ହୋଇ ମୀନମାନେ ତରୀଗର୍ଭକୁ ଲମ୍ଫ ଦେଇ ମୃତ୍ୟୁବରଣ କରୁଛନ୍ତି। କବିଙ୍କର ଏହି ତୁଳନାତ୍ମକ ଚିତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ।

**୧୩. କ) ଉତ୍କଳର ପର୍ବପର୍ବାଣି**

ମାନବ ଜୀବନ କର୍ମମୟ। କର୍ମବଂଚିତ ଜୀବନ ମୂଲ୍ୟହୀନ ତଥା ଅପାଂକ୍ତେୟ। କର୍ମରେ ବିଶ୍ୱାମିତ୍ର ବ୍ରହ୍ମର୍ଷି ଆଉ କର୍ମରେ ମାର୍କଣ୍ଡେୟ କଳ୍ପଜୀବୀ। ଏଣୁ କର୍ମକ୍ଳାନ୍ତ ପ୍ରାଣ କ୍ଳାନ୍ତି ଅପନୋଦନ ନିମନ୍ତେ ଲୋଡ଼େ ବିଶ୍ରାମ, ଶାନ୍ତି ଆଉ ସନ୍ତୋଷ, ଯାହା ନୂତନ କର୍ମସ୍ପୃହାକୁ ବିକାଶ କରେ। ସ୍ଥୂଳତଃ ଉକ୍ତ ଉଦ୍ଦେଶ୍ୟ ଚରିତାର୍ଥ ନିମନ୍ତେ ସମାଜରେ ସୃଷ୍ଟି କରଯାଇଛି ପର୍ବପର୍ବାଣି। ଏଗୁଡ଼ିକ ପ୍ରାଣରେ ଧାର୍ମିକ ଆବେଗ ଭରିଦେଇ ପ୍ରାଣରେ ଆନନ୍ଦର ଫଲ୍‌ଗୁ ବହମାନ କରାଇଥା'ନ୍ତି।

ଉତ୍କଳର ଅଧିବାସୀଗଣ ସ୍ୱଭାବତଃ ଧର୍ମଭୀରୁ। ଏଣୁ ପର୍ବପର୍ବାଣିଗୁଡ଼ିକୁ ଧାର୍ମିକ ଚେତନା ସହ ସଂଯୋଜିତ କରି, ସାମାଜିକ ସହବନ୍ଧନ ପାଇଁ ବାରମାସରେ ତେର ପର୍ବ ପାଳନର ବ୍ୟବସ୍ଥା କରାଯାଇଛି। ଉତ୍କଳୀୟମାନଙ୍କର ଈଶ୍ୱର ବିଶ୍ୱାସ ଅସ୍ଥିମଜ୍ଜାଗତ। ଏଣୁ ମାନବ ପ୍ରାଣରେ ସାଂସାରିକ ଜଞ୍ଜାଳରେ ଭୋଗକରୁଥିବା ବିବିଧ ସଂକଟରୁ ରକ୍ଷାପାଇବାପାଇଁ ହେଉ ଅଥବା ମନସ୍କାମନା ପରିପୂରଣ ପାଇଁ ହେଉ ଈଶ୍ୱର ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ତଥା ସେଗୁଡ଼ିକ ପାଳନରେ ଉତ୍ସୁକତା ପରିଲକ୍ଷିତ ହୋଇଥାଏ।

ପର୍ବପର୍ବାଣି ସମ୍ପର୍କରେ ଆଲୋଚନାରେ ପ୍ରବେଶ କଲାବେଳେ ସ୍ମୃତିକୁ ଆସନ୍ତି ସୂର୍ଯ୍ୟ। ତାଙ୍କର ସଂକ୍ରମଣକୁ ନେଇ ସୌର ମାସର ସୃଷ୍ଟି। ତଦନୁସାରେ ମହାବିଷୁବ ସଂକ୍ରାନ୍ତି, ଯାହା ବୈଶାଖ ମାସରେ ଆସେ, ତାହା ହିଁ ହିନ୍ଦୁ ନବବର୍ଷର ଆରମ୍ଭ ଦିବସ ଭାବେ ଗୃହୀତ ହୋଇଥାଏ।

ପ୍ରଚଣ୍ଡ ରୌଦ୍ରତାପଜନିତ ସନ୍ତାପିତ ପ୍ରାଣରେ ତୃପ୍ତି ଆନୟନ ନିମନ୍ତେ ଏହି ପର୍ବଟିରେ ପଣାପାଣିର ବ୍ୟବସ୍ଥା କରାଯାଇ ବିବିଧ ପ୍ରକାରରେ ଦେବାର୍ଚ୍ଚନା କରାଯାଏ। ଏହି ମାସର ପ୍ରମୁଖ ପର୍ବଗୁଡ଼ିକ ମଧ୍ୟରେ ଅକ୍ଷୟ ତୃତୀୟା, ନୃସିଂହଜନ୍ମ ଓ ଚନ୍ଦନଯାତ୍ରା ଅନ୍ୟତମ। ଉତ୍କଳରେ ଅକ୍ଷୟ ତୃତୀୟାର ଗୁରୁତ୍ୱ ସର୍ବାଧିକ। କାରଣ ଏହିଦିନ ଧନଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇ କ୍ଷେତରେ ଧାନ୍ୟବୀଜ ବପନ କରାଯାଏ। ବୈଶାଖ ପରେ ଆସେ ଜ୍ୟେଷ୍ଠ। ଉତ୍କଳର ପୁରପଲ୍ଲୀରେ ଶୀତଳଷଷ୍ଠୀ, ରଜ, ସାବିତ୍ରୀବ୍ରତ ଓ ଦେବସ୍ନାନ ପୂର୍ଣ୍ଣିମା ଆଦି ପର୍ବ ଏହି ମାସରେ ପାଳିତ ହୋଇଥାଏ। ଶୀତଳଷଷ୍ଠୀର ଶିବ ବିବାହୋତ୍ସବ ଏବଂ ରଜପର୍ବର ଦୋଳିଖେଳ ମଧ୍ୟରେ ଉତ୍କଳର ଜନଜୀବନ ଉଲ୍ଲସିତ ହୋଇଉଠେ। ସେହିପରି ସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପରେ ସନ୍ଦର୍ଶନ କରି ଧର୍ମପ୍ରାଣ ଉତ୍କଳୀୟଗଣ ଆଧାତ୍ମିକ ଚେତନାର ଅନୁଗୁଂଜନ ମଧ୍ୟରେ ପର୍ବପର୍ବାଣିର ମହତ୍ତ୍ୱ ରକ୍ଷା କରିଥା'ନ୍ତି।

ଏହାପରେ ଆଷାଢ଼ ଆସେ ସାଙ୍ଗରେ ବାରିପାତକୁ ନେଇ। ବର୍ଷାର ଶୀତଳ ପରଶ ଘୁମନ୍ତ ଉତ୍କଳୀୟ ପ୍ରାଣରେ ସଂଚାର କରେ ରଥଯାତ୍ରାର ଅପୂର୍ବ ସମାରୋହ ମାଧ୍ୟମରେ ବୈଷ୍ଣବୀୟ ଚିନ୍ତନର ନିବିଡ଼ ଆଶ୍ଳେଷ। ଅତଃପର ବର୍ଷାର ଅବିଶ୍ରାନ୍ତ ବାରିପାତ ମଧ୍ୟରେ ଧରାଙ୍ଗନରେ ଅବତରଣ କରେ ଶ୍ରାବଣ। ଏହି ମାସରେ ଗହ୍ମାପୂର୍ଣ୍ଣିମା ଓ ଚିତାଲାଗି ଅମାବାସ୍ୟା ପଲ୍ଲୀପ୍ରାଣରେ ପିଠାପଣାର ଆସର ସୃଷ୍ଟି କରନ୍ତି; ଅବଶ୍ୟ ରକ୍ଷାବନ୍ଧନର ବୈଶିଷ୍ଟ୍ୟ ଉକ୍ତ ପୂର୍ଣ୍ଣିମାର ମହତ୍ତ୍ୱକୁ ବହୁଗୁଣିତ କରିଥାଏ। ଏହାପରେ ଆସେ ପର୍ବପର୍ବାଣିର ମାସ ଭାଦ୍ରବ। ଜନ୍ମାଷ୍ଟମୀ, ଷଷ୍ଠୀଓଷା, ସୋମନାଥବ୍ରତ, ରାଧାଷ୍ଟମୀ, ବାମନ-ଜନ୍ମ, ନୂଆଁଖାଇ, ଖୁଦୁରୁକୁଣୀ ଓଷା ଆଦି ପର୍ବଗୁଡ଼ିକ ଏହି ମାସର ଉତ୍ସବମୁଖର ପରିବେଶଗୁଡ଼ିକୁ ଉପଭୋଗ୍ୟ କରିଦିଏ।

ସର୍ବୋପରି ଏହି ମାସର ପର୍ବ 'ଗଣେଶ ପୂଜା' ଉତ୍କଳର ପୁରପଲ୍ଲୀର ଶିଶୁପ୍ରାଣକୁ ଯେଭଳି ସରସ ଓ ଉଲ୍ଲାସମୟ କରେ, ତାହା କେବଳ ଅନୁଭବର ସାମଗ୍ରୀ। ପରେ ପରେ ଆସେ ଶାରଦୀୟ ପୂଜାସମ୍ଭାର ସହ ଆଶ୍ୱିନ। ଏହି ସମୟରେ ଦେବୀ ଦୁର୍ଗାଙ୍କର ଧରାବତରଣ ଉତ୍କଳର ପୁରପଲ୍ଲୀରେ ଧର୍ମର ପ୍ଲାବନ ସୃଷ୍ଟିକରେ। ସର୍ବୋପରି ଆଶ୍ୱିନ ପୂର୍ଣ୍ଣିମାର ଜ୍ୟୋତ୍ସ୍ନାପ୍ଲୁତ ରଜନୀରେ କୁମାରୀଗଣ 'କୁମାରପୂର୍ଣ୍ଣିମା'କୁ ଯେଭଳି ଉତ୍ସବମୁଖର କରିଦିଅନ୍ତି ତାହା ବର୍ଣ୍ଣନାତୀତ।

ଏହାପରେ ପଲ୍ଲୀପ୍ରାଣରେ ଉପଗତ ହୁଏ ଧର୍ମ, ପୁଣ୍ୟ ଓ ପବିତ୍ରତାର ମାସ କାର୍ତ୍ତିକ। କାଳୀପୂଜା, ଗୋବର୍ଦ୍ଧନ ପୂଜା, ଅଁଳା ନବମୀ, ବଡ଼ଓଷା ଆଦି ଉତ୍ସବଗୁଡ଼ିକ ଏହି ମାସର ଉଲ୍ଲେଖଯୋଗ୍ୟ ପର୍ବ। ଲକ୍ଷ୍ମୀପୂଜା ଓ ପ୍ରଥମାଷ୍ଟମୀର ଆନନ୍ଦ ଉତ୍ସବ ମଧ୍ୟରେ ଅବତରଣ କରେ ମାର୍ଗଶିର। ହରିତାୟମାନ କ୍ଷେତଗୁଡ଼ିକର ପକ୍ୱ ଶସ୍ୟସମ୍ଭାର ସହ ସୀମନ୍ତିନୀମାନଙ୍କର ହୁଳହୁଳି ନିନାଦ ମଧ୍ୟରେ ପଲ୍ଲୀଗୃହିଣୀ ଲକ୍ଷ୍ମୀଙ୍କର ପୂଜାରାଧନା ମାଧ୍ୟମରେ ଆଧାତ୍ମିକ ପରିବେଶକୁ ଉପଭୋଗ୍ୟ କରିଥାଏ। ମକରସଂକ୍ରାନ୍ତି ଓ ବକୁଳ ଅମାବାସ୍ୟାକୁ ଘେନି ଆସେ ପୌଷ। ପଲ୍ଲୀପ୍ରାଣରେ ମକର ସଂକ୍ରାନ୍ତିର ସ୍ୱାତନ୍ତ୍ର୍ୟ ଅନସ୍ୱୀକାର୍ଯ୍ୟ। ଏହିଠାରୁ ଆରମ୍ଭ ହୁଏ ଗ୍ରହରାଜ ରବିଙ୍କର ଉତ୍ତରାୟଣ ଗତି। ତେବେ ଆଦିବାସୀ ସମାଜରେ ଏହି ପର୍ବର ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ଅଛି। ପରେ ପରେ ଆସେ ମାଘ-ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ପୂଜାସମ୍ଭାର ଓ ମାଘପୂର୍ଣ୍ଣିମାର ଅଗ୍ନିଉତ୍ସବ। ଏହି ମାସର ଦୁଇଟି ମୁଖ୍ୟ ପର୍ବ ଇତ୍ୟବସରରେ ଧରାଙ୍ଗନରେ ଅବତରଣ କରେ ବାସନ୍ତୀ ମଧୁମହୋତ୍ସବ ମଧ୍ୟରେ ଋତୁରାଜ ବସନ୍ତଙ୍କର ଆଗମନ ସହ ଫାଲଗୁନ ମାସ। ଏହି ସମୟରେ ଦୋଳପୂର୍ଣ୍ଣିମାରେ ଫଗୁଖେଳର ବର୍ଣ୍ଣାଢ଼୍ୟ ଆସର ଫାଲଗୁନର ବର୍ଣ୍ଣିଳ ପରିବେଶକୁ ପ୍ରାଣସ୍ପର୍ଶୀ କରିଦିଏ। ମହାଶିବରାତ୍ରିର ଶିବାରାଧନା ମଧ୍ୟ ଏହି ମାସର ମୁଖ୍ୟ ଉତ୍ସବ। ଏହାପରେ ଆସେ ଘୋଡ଼ାନାଚର ମାସ ଚୈତ୍ର। ଏହି ମାସରେ ଅଶୋକାଷ୍ଟମୀ ଓ ଶ୍ରୀରାମନବମୀ ପର୍ବ ହିନ୍ଦୁ ପ୍ରାଣର ଗଭୀର ଧାର୍ମିକ ଉଦ୍‌ବେଳନ ମଧ୍ୟରେ ପାଳିତ ହୋଇଥାଏ।

ସାମାଜିକ ଜୀବନରେ ଏହିସବୁ ପର୍ବ ପାଳନ ବ୍ୟତୀତ କେତେକ ରାଷ୍ଟ୍ରୀୟ ପର୍ବ ମଧ୍ୟ ଓଡ଼ିଶାରେ ପାଳନ କରାଯାଏ। ସ୍ୱାଧୀନତା ଦିବସ, ଗାନ୍ଧିଜୟନ୍ତୀ, ଶିଶୁଦିବସ, ଗୁରୁଦିବସ ଭଳି ମୁଖ୍ୟ ରାଷ୍ଟ୍ରୀୟ ପର୍ବଗୁଡ଼ିକର ଜନଜୀବନରେ ପ୍ରଭାବ ମଧ୍ୟ ସ୍ୱୀକାରଯୋଗ୍ୟ।

ତେବେ ପର୍ବପର୍ବାଣିଗୁଡ଼ିକର ଉତ୍କଳର ଜନଜୀବନରେ ପ୍ରଭାବ ସୁଦୂରପ୍ରସାରୀ। ପ୍ରଥମ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ମଣିଷ-ମଣିଷ ମଧ୍ୟରେ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ପର୍ବପର୍ବାଣିର ଭୂମିକା ଅନସ୍ୱୀକାର୍ଯ୍ୟ। ସର୍ବୋପରି ଖାଦ୍ୟରୁଚିର ପରିବର୍ତ୍ତନ ଓ ନୂତନ କର୍ମସ୍ପୃହାର ବିକାଶ ତଥା କର୍ମକ୍ଳାନ୍ତିର ଅପନୋଦନ ନିମନ୍ତେ ଏଗୁଡ଼ିକର ଭୂମିକା ସ୍ୱୀକାରଯୋଗ୍ୟ। ସାମାଜିକ ଓ ସାଂସ୍କୃତିକ ସମ୍ବନ୍ଧରେ ଅଭିବୃଦ୍ଧି ସାଧନରେ ପର୍ବପର୍ବାଣିଗୁଡ଼ିକ ମଧ୍ୟ ସହାୟତା କରିଥା'ନ୍ତି। ତେବେ ଜାତୀୟ ସଂହତିର ବିକାଶ ତଥା ଆମର ବୈଦିକ ତଥା ଧାର୍ମିକ ଅନୁଚିନ୍ତନର ସୁଦୃଢ଼ ଭିତ୍ତିଭୂମି ମଧ୍ୟରେ ପର୍ବପର୍ବାଣିଗୁଡ଼ିକର ଆମୋଦଦାୟକ ଅନୁଭୂତି ଅନୁଭବଯୋଗ୍ୟ।

ବାସ୍ତବରେ ପର୍ବପର୍ବାଣି ତଥା ଉତ୍ସବାନୁଷ୍ଠାନଗୁଡ଼ିକ ମାନବର ଜୀବନତନ୍ତ୍ରୀରେ ଶ୍ରଦ୍ଧା, ସ୍ନେହ, ପ୍ରେମର ଯେଉଁ ଅମ୍ଳାନ ଆବେଗ ସୃଷ୍ଟି କରିଥା'ନ୍ତି, ତାହା ମାନବିକ ଚିନ୍ତା ଓ ଚେତନାକୁ ଯେ ଋଦ୍ଧିମନ୍ତ କରିଥାଏ, ଏଥିରେ ସନ୍ଦେହର ଅବକାଶ ନାହିଁ। ସ୍ଥୂଳତଃ ଆଧୁନିକତା ନାମରେ ଏଗୁଡ଼ିକୁ ହାର୍ଦ୍ଦିକତାର ସହ ପାଳନରେ ବିମୁଖ ହେବା ଆମ ସମୃଦ୍ଧ ସଂସ୍କୃତିର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ଖ) ବନ ମହୋତ୍ସବ**

ପ୍ରାକୃତିକ ସୁଷମାର ନିଃସର୍ଗ ଗନ୍ତାଘର, ନଦନଦୀ ପରିସେବିତା ବୈଦିକ ସଂସ୍କୃତିର ପାବନପୀଠ ରୂପେ ଅରଣ୍ୟାନୀର ଭୂମିକା ଅନସ୍ୱୀକାର୍ଯ୍ୟ। ଆଦିମ ସଭ୍ୟତାର ବିକାଶସ୍ଥଳୀ, କବି, ଲେଖକ ଓ ଭାବୁକମାନଙ୍କର ସାରସ୍ୱତ କଳ୍ପନାର ମୁଖ୍ୟ ଉତ୍ସ ଅରଣ୍ୟାନୀ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଥିଲା ପ୍ରାଣକେନ୍ଦ୍ର - ଏହା ନିଃସନ୍ଦେହ। ଏହାରି କୋଳରେ ଗଢ଼ିଉଠିଥିବା ଗୁରୁକୁଳ ପରମ୍ପରା ବିଶ୍ୱକୁ ଦେଇଥିଲା ଜ୍ଞାନାଲୋକ। ଆଧାତ୍ମିକତାର ସୁରଭିରେ ବିଶ୍ୱକୁ ସୁବାସିତ କରିଥିଲା। ସେହି ବନଭୂମି ଆଜି ସ୍ୱାର୍ଥାନ୍ଧମାନଙ୍କର ବର୍ବରୋଚିତ ଆଚରଣରେ ଧ୍ୱଂସାଭିମୁଖୀ। ଯାନ୍ତ୍ରିକ ସଭ୍ୟତା ତାକୁ କରିଛି ହତଶ୍ରୀ। ବନ ଧ୍ୱଂସ ହେତୁ ବିଶ୍ୱ ପରିବେଶର ବିଷମୟ ଅବସ୍ଥାକୁ ଲକ୍ଷ୍ୟ କରି ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ବୁଦ୍ଧିଜୀବୀଗଣ ବନଭୂମିର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତିଟି ବ୍ୟକ୍ତି ବନର ସୁରକ୍ଷା ଓ ସୃଷ୍ଟି ନିମନ୍ତେ ସଚେତନଶୀଳ ହୋଇ ପଦକ୍ଷେପ ଗ୍ରହଣ କଲେ ହିଁ ବିଶ୍ୱ ସୁରକ୍ଷା ହେବ, ଅନ୍ୟଥା ବନ ଧ୍ୱଂସ ହିଁ ବିଶ୍ୱ ଧ୍ୱଂସର ହେବ ମୁଖ୍ୟ ଅସ୍ତ୍ର।

ବନୀକରଣ ଅର୍ଥ ସାମୂହିକ ବୃକ୍ଷରୋପଣ। ଧ୍ୱଂସପ୍ରାପ୍ତ ବନର ନବୀକରଣ ଓ ନୂତନ ଜଙ୍ଗଲ ସୃଷ୍ଟି ହିଁ ବନୀକରଣର ମୁଖ୍ୟ ଉଦ୍ଦେଶ୍ୟ। ୧୯୫୦ ମସିହା ଜୁଲାଇ ମାସରେ ପ୍ରଥମେ ଭାରତ ସରକାର ବନ ମହୋତ୍ସବ ପାଳନ କରିଥିଲେ। ତେଣୁ ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନୀକରଣ କାର୍ଯ୍ୟକ୍ରମ କରାଯାଉଅଛି। ଜନସଂଖ୍ୟାର ବୃଦ୍ଧି ହିଁ ବନଧ୍ୱଂସର ମୁଖ୍ୟ କାରଣ। ବାସଗୃହ, ଚାଷଜମି, ଆଦିବାସୀମାନଙ୍କର ପୋଡ଼ୁଚାଷ, ଶରଣାର୍ଥୀ ଥଇଥାନପାଇଁ ଭାରତର ବହୁ ଅରଣ୍ୟ ଧ୍ୱଂସପ୍ରାପ୍ତ ହେଉଛି। ଜାଳେଣି ଓ ଗୃହୋପକରଣ ପାଇଁ ବନଧ୍ୱଂସ କ୍ଷିପ୍ରତର ହେଉଅଛି।

ରେଳପଥ, ସଡ଼କ ଓ ସହର ନିର୍ମାଣ, ଭୂମିହୀନ ତଥା ସରକାରୀ କର୍ମଚାରୀଙ୍କୁ ଜମିପଟା ଦାନ ଜଙ୍ଗଲକୁ ସଂକୁଚିତ କରିଦେଉଛି। ନଦୀବନ୍ଧ ଯୋଜନାଦ୍ୱାରା ଅରଣ୍ୟର ବହୁ ଅଞ୍ଚଳ ଜଳଭଣ୍ଡାରରେ ପରିଣତ ହୁଏ ଓ ଧ୍ୱଂସ ପାଇଥାଏ। ବନଧ୍ୱଂସର ପ୍ରଭାବ ସୁଦୂରପ୍ରସାରୀ। ଅରଣ୍ୟ ଧ୍ୱଂସ ହେତୁ ମେସୋପଟାମିଆ ସଭ୍ୟତା ଧ୍ୱଂସପାଇଲା। ମିସିସିପି ନଦୀ ଉପତ୍ୟକା ମରୁଭୂମି ହେଲା। ପୀତ ନଦୀ ଆଜି ଚୀନର ଦୁଃଖ ପାଲଟିଛି। ଅରଣ୍ୟଜାତ ଦ୍ରବ୍ୟର ଅଭାବ, ମୃତ୍ତିକା କ୍ଷୟ, ଜମିର ଉର୍ବରତା ହ୍ରାସ, ବାତ୍ୟାର ତାଣ୍ଡବ ସର୍ବୋପରି ପରିବେଶ ପ୍ରଦୂଷଣ ବିଶ୍ୱଧ୍ୱଂସର ସଂକେତ ଦିଏ।

ଯଥାର୍ଥରେ ବନଭୂମି ମାତୃରୂପିଣୀ। ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣକରି ଅମ୍ଳଜାନ ଦେଇ ଭାରସାମ୍ୟ ରକ୍ଷା କରେ। ମୃତ୍ତିକାକ୍ଷୟ ରୋଧ କରିବାସହ ଉର୍ବରତା ବୃଦ୍ଧିକରି ଉତ୍ପାଦନ ବୃଦ୍ଧି କରାଏ। ଅରଣ୍ୟରୁ ଉଦ୍ଭିଦଜାତ ତଥା ବନ୍ୟପଶୁ ଜାତ ପଦାର୍ଥରୁ ସରକାର ବହୁ ରାଜସ୍ୱ ଲାଭ କରନ୍ତି। ବ୍ୟକ୍ତିବିଶେଷ ମଧ୍ୟ ଜୀବିକା ସଂଗ୍ରହ କରନ୍ତି। ଅରଣ୍ୟ ବର୍ଷା ହେବାରେ ସାହାଯ୍ୟ କରେ ଏବଂ ବାତ୍ୟାର ଗତିକୁ ନିୟନ୍ତ୍ରଣ କରି ମାନବ ଜାତିକୁ ରକ୍ଷା କରେ। ବାସ୍ତବରେ ଅରଣ୍ୟ ମାନବଜାତିର ଏକ ଅଭୟ କବଚ - ଏହା ନିଃସନ୍ଦେହ।

ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ଭାରତବର୍ଷରେ ଶତକଡ଼ା ୩୩.୩ ଭାଗ ଜଙ୍ଗଲ ରହିବା କଥା; ମାତ୍ର ପ୍ରକୃତରେ ଅଛି ଶତକଡ଼ା ୨୨.୭ ଭାଗରୁ କମ୍। ଜନସଂଖ୍ୟା ଯେପରି ଆଶାତୀତଭାବେ ବୃଦ୍ଧିପାଉଛି, ତଦନୁଯାୟୀ ଅରଣ୍ୟର ଆନୁପାତିକ ବୃଦ୍ଧି ହେବା ପରିବର୍ତ୍ତେ ତାହା କ୍ଷୟପ୍ରାପ୍ତ ହେଉଅଛି। ତେଣୁ ବନୀକରଣର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

ପ୍ରତିବର୍ଷ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବନ ବିଭାଗ ବନମହୋତ୍ସବ ବା ବୃକ୍ଷରୋପଣ ସପ୍ତାହ ପାଳନ କରୁଅଛନ୍ତି। ସଭାସମିତି ତଥା ଚଳଚ୍ଚିତ୍ର ପ୍ରଦର୍ଶନ ମାଧ୍ୟମରେ ଜନସଚେତନତା ସୃଷ୍ଟିକରିବା ସହିତ ବୃକ୍ଷରୋପଣପାଇଁ ମାଗଣାରେ ଚାରାଦାନ କରୁଅଛନ୍ତି। ଗ୍ରାମାଞ୍ଚଳରେ ଖାଦ୍ୟ, କୃଷି, ଜାଳେଣି ପ୍ରଭୃତି ପାଇଁ ଆମ୍ବ, ଜାମୁ, ପଣସ, ନିମ୍ବ, ମହୁଲ, କାଜୁ, ଚକୁଣ୍ଡା ପ୍ରଭୃତି ଗଛ ଓ ଶିକ୍ଷାଞ୍ଚଳ, ସ୍କୁଲ, କଲେଜ ତଥା ଅଫିସର ସମ୍ମୁଖ ତଥା ପାର୍ଶ୍ୱସ୍ଥାନଗୁଡ଼ିକରେ ଚମ୍ପା, ବଉଳ, ଅଶୋକ ପ୍ରଭୃତି ଚାରା ବିତରଣ କରାଯାଉଅଛି। ଶ୍ମଶାନ, ମାର୍ଗର ଉଭୟ ପାର୍ଶ୍ୱ, ଅନାବାଦୀ ପ୍ରଭୃତି ବିଭିନ୍ନ ସ୍ଥାନକୁ ବୃକ୍ଷରେ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି।

ଅରଣ୍ୟରୁ ଯେପରି ଅବାଧରେ ବୃକ୍ଷଚ୍ଛେଦନ ନ ହୁଏ, ମୂଲ୍ୟବାନ୍ ବୃକ୍ଷ ତଥା ଅରଣ୍ୟର ପଶୁପକ୍ଷୀଙ୍କ ସୁରକ୍ଷାପାଇଁ ସରକାର ଆଇନ ପ୍ରଣୟନ କରିବା ସହ କାର୍ଯ୍ୟକାରୀ କରାଉଛନ୍ତି। ବ୍ୟକ୍ତିବିଶେଷ ସଚେତନ ହେଲେ ହିଁ ଜାତୀୟ ସଂପତ୍ତି ରକ୍ଷା ହୋଇପାରିବ।

ଅରଣ୍ୟ ଏକ ଜାତୀୟ ସମ୍ପତ୍ତି ଓ ତା'ର ସୁରକ୍ଷା ଆମର ଏକ ଜାତୀୟ କର୍ତ୍ତବ୍ୟ। ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ବୃକ୍ଷରୋପଣ ଉପରେ ପ୍ରାଧାନ୍ୟ ଦେଇଥିଲେ। ବିଶ୍ୱର ସୁରକ୍ଷା ଅରଣ୍ୟ ଉପରେ ନିର୍ଭରଶୀଳ। ଏହା କେବଳ ସରକାରୀ ଆଇନ ନୁହେଁ, ଜନଜାଗରଣରେ ହିଁ ସମ୍ଭବ। 'ଛୁଆ ଗୋଟିଏକୁ ଗଛ ଗୋଟିଏ', 'ବୃକ୍ଷ ହିଁ ଜୀବନ' ନାରାଦେଇ ପ୍ରତ୍ୟେକ ବ୍ୟକ୍ତି କାୟମନୋବାକ୍ୟରେ ବୃକ୍ଷରୋପଣ ନିମନ୍ତେ ଆଗେଇ ଆସିଲେ ହିଁ ଅରଣ୍ୟର ପୁନଃବିକାଶ ହେବା ସହ ନିଶ୍ଚିତ ଧ୍ୱଂସମୁଖରୁ ଆମ ଏହି ସୁନ୍ଦର ପୃଥିବୀ ରକ୍ଷାପାଇଯିବ, ଏହା ନିଃସନ୍ଦେହ।

**ଗ) ଛାତ୍ରଜୀବନ ଓ ଶୃଙ୍ଖଳା**

ଛାତ୍ରଜୀବନ ଏକ ତପସ୍ୟା। ତପସ୍ୟା କଠିନ କାମ। ସେଥିରେ ଏକ ସ୍ଥିର ଲକ୍ଷ୍ୟ ଆଡ଼କୁ ଆଗେଇ ଯିବାର ଶପଥ ଥାଏ। ଏ ତପସ୍ୟା ଭଲ ମଣିଷ ହେବାପାଇଁ। ପିଲା ଜନ୍ମ ହୋଇଥାଏ ଗୋଟାଏ କାଦୁଅ ମେଞ୍ଚା ପରି। ସେଇ କାଦୁଅ ମେଞ୍ଚାଟି ଏକ ସୁନ୍ଦର ମୂର୍ତ୍ତିରେ ରୂପାନ୍ତର ହୋଇଥାଏ। ତେଣୁ ସେଇ ମୂର୍ତ୍ତିଟି ହେବାଲାଗି ଛାତ୍ରର ଯାତ୍ରା ଓ ସାଧନା ଏକାନ୍ତ ଆବଶ୍ୟକ। ଏଠି ଟିକିଏ ଏପଟ ସେପଟ ହେଲେ ପାଦ ଖସିଯିବାର ଓ ଗୋଡ଼ହାତ ଭାଙ୍ଗିବାର ତଥା ଲକ୍ଷ୍ୟ ହରାଇବାର ଭୟ ଥାଏ। ଏହି କଠିନ କାମଟି କରିବାକୁ ଶୃଙ୍ଖଳା, ସଂଯମ, ଏକାଗ୍ରତା ଲୋଡ଼ା। ତେବେ ଶୃଙ୍ଖଳା ଓ ଶୃଙ୍ଖଳାବୋଧ ଛାତ୍ରଜୀବନର ମୂଳଭିତ୍ତି। ସେଇଟି ହାସଲ ହୋଇଗଲେ ବାକିସବୁ ଆପେ ଆପେ ହୋଇଯାଏ। ଶୃଙ୍ଖଳାହୀନ ଛାତ୍ରଜୀବନ ଆଦୌ କଳ୍ପନା କରାଯାଇ ହେବ ନାହିଁ।

ଘରୁ ପିଲା ପାଠପଢ଼ା ସଂପର୍କରେ କେବଳ କିଛି ପ୍ରାରମ୍ଭିକ ସୂଚନା ପାଇଥାଏ। ଅଧ୍ୟୟନ ଆସେ ସ୍କୁଲରେ। ସେଠି ପ୍ରତିଦିନ ନୂଆ ନୂଆ ପାଠ ଆସେ। ପୁଣି ବିଭିନ୍ନ ବିଷୟ ଓ ପ୍ରସଙ୍ଗ ନେଇ ଏ ପଢ଼ା ବ୍ୟାପ୍ତ। ପିଲା ଯଦି ଶୃଙ୍ଖଳା ନ ରଖେ, ପାଠ ଖଇଚା ହେବ। ମୌଳିକ ଜ୍ଞାନ ବା ମୂଳଦୁଆ ଦୁର୍ବଳ ହେବ। ଶ୍ରେଣୀର ପ୍ରଗତି ଅନୁସାରେ ସେ ଚାଲିପାରିବ ନାହିଁ। ନିଜର ବିଭିନ୍ନ ପାଠକୁ ରୁଟିନ୍ ଅନୁସାରେ ପ୍ରସ୍ତୁତ କରିବା, ଘରକାମ ଠିକ୍ କରିବା, ଲେଖାର ତ୍ରୁଟି ସଂଶୋଧନ କରିବା ଆଦି ଶୃଙ୍ଖଳିତ ଭାବେ ହେବା ଉଚିତ।

ଶ୍ରେଣୀରେ ୫୦/୬୦ ପିଲା। ସ୍କୁଲରେ ଶହ ଶହ ସେମାନଙ୍କ ସଂଖ୍ୟା। ପ୍ରତି ଶ୍ରେଣୀର ନିୟମ ଅଛି। ଶିକ୍ଷକ ଶିକ୍ଷିକା ଆସିବେ। ସେମାନେ ପାଠପଢ଼ାଇବେ। ସେମାନଙ୍କୁ ସମ୍ମାନ ଦେବା, ସେମାନଙ୍କ ପଢ଼ାକୁ ମନଦେଇ ଶୁଣିବା, ଶ୍ରେଣୀ ପଢ଼ାରେ ବାଧା ସୃଷ୍ଟି ନ କରିବା, ଠିକ୍ ସମୟରେ ପ୍ରଶ୍ନ କରି ସନ୍ଦେହ ଦୂର କରିବା, ଶ୍ରେଣୀକି ପରିଷ୍କାର ରଖିବା ଆଦି ଛାତ୍ରର କର୍ତ୍ତବ୍ୟ।

ସେଇପରି ସ୍କୁଲକୁ ଧାଡ଼ିବାନ୍ଧି ଯିବା, ସେଠାରୁ ଧାଡ଼ିରେ ଆସିବା, ପ୍ରାର୍ଥନା ଶ୍ରେଣୀରେ ଠିକ୍ ସମୟରେ ଯୋଗଦେବା, ସ୍କୁଲ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ଆଗ୍ରହର ସହିତ ଯୋଗଦେବା ଇତ୍ୟାଦି ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ।

ଖେଳପଡ଼ିଆରେ ଆମର ବ୍ୟକ୍ତିତ୍ୱଟିକୁ ମପାଯାଏ। ସେଠି ଖେଳ ନେତାଙ୍କୁ ମାନିବା, ଦଳର ସ୍ୱାର୍ଥପାଇଁ ସମ୍ମିଳିତ ଭାବେ କାମ କରିବା, ଖେଳର ଚାଳକ ଯଥା ରେଫରୀ ଓ ଅମ୍ପାୟାରଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେବା ପ୍ରଭୃତି ବିଭିନ୍ନ ନୀତି ଅଛି। ଏସବୁ ଖେଳର ଶୃଙ୍ଖଳା। ସଭାସମିତିରେ ନିର୍ଦ୍ଦିଷ୍ଟ ଜାଗାରେ ବସିବା, ଅଯଥା ପାଟିତୁଣ୍ଡ ନ କରିବା, ବକ୍ତାଙ୍କ କଥାକୁ ଶୁଣିବା, ନିଜର ବକ୍ତବ୍ୟକୁ ରୁଚିର ସହିତ ଉପସ୍ଥାପନ କରିବା ପ୍ରଭୃତି ଅନୁସରଣୀୟ। ତା' ନ ହେଲେ ସଭାସମିତିଗୁଡ଼ିକ ହାଟରେ ପରିଣତ ହୋଇଯିବ।

ଆମେ ଘରେ ଜନ୍ମ ନେଉ, ବଢୁ ଓ ରହୁ। ଆମର ସାରାଜୀବନ ଘର ସହିତ ସଂପର୍କିତ। ସେଠି ବାପା, ମା', ଜେଜେ, ଜେଜୀ, ଦାଦୀ ଭଳି ବଡ଼ମାନେ ଥା'ନ୍ତି। ସେମାନଙ୍କ କଥା ମାନିବା, ଘରର ଇଜ୍ଜତକୁ ଉଚ୍ଚ ରଖିବା ପ୍ରତି ଲୋକର କର୍ତ୍ତବ୍ୟ। ଛାତ୍ର ଏସବୁ ଶିକ୍ଷା କରିଥାଏ। ସେ ଘରର ଶୃଙ୍ଖଳାରକ୍ଷା କଲେ, ଘର ତାଙ୍କୁ ରକ୍ଷା କରିବ। ଏଇ ଘରେ ଏବଂ ସ୍କୁଲ୍‌ରେ ଚଳିବାପାଇଁ, ଜୀବନ ଗଢ଼ିବାପାଇଁ ତାଲିମ୍ ପାଆନ୍ତି। ତେଣୁ ଘରେ ଯେମିତି ସେ ଗଢ଼ାହୁଅନ୍ତି, ସେମିତି ସେ ଜୀବନରେ ଅଭିବ୍ୟକ୍ତ ହୁଅନ୍ତି।

ଶୃଙ୍ଖଳାର ଅନ୍ୟନାମ ନିୟମ ମାନିବା। ନିୟମଗୁଡ଼ିକ ବ୍ୟକ୍ତି, ଅନୁଷ୍ଠାନ, ସମାଜ, ଦେଶ ଚଳିବାପାଇଁ ଗଢ଼ାଯାଇଥାଏ। ସେଗୁଡ଼ିକ ଭାଙ୍ଗିବା ଉଚିତ ନୁହେଁ। ସେଗୁଡ଼ିକ ସବୁରି ପାଇଁ। ସଭିଏଁ ସେଗୁଡ଼ିକୁ ପାଳିଲେ ଶୃଙ୍ଖଳା ରହିବ। ନିୟମାନୁବର୍ତ୍ତିତା, ସମୟାନୁବର୍ତ୍ତିତା, ଶୃଙ୍ଖଳାବୋଧର ପ୍ରଥମ ଆବଶ୍ୟକତା। ଛାତ୍ରଜୀବନରୁ ମଣିଷ ଜୀବନ ଗଢ଼ିବାର ମୂଳଦୁଆ ପଡ଼େ। ଛାତ୍ରଜୀବନକୁ ଠିକ୍‌ଭାବେ ବାଟ ଦେଖେଇବାକୁ ଶୃଙ୍ଖଳା ଏକାନ୍ତ ଆବଶ୍ୟକ।

**୧୪. ତୁମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ
ଶ୍ରୀଯୁକ୍ତ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ, ଭୁବନେଶ୍ୱର,
ମହୋଦୟେଷୁ ।

ମହାଶୟ,

ବିହିତ ସମ୍ମାନ ତଥା ବିନୟପୂର୍ବକ ଆମେ ହରିପୁର ଓ ପିଠାପୁର ଗ୍ରାମପଞ୍ଚାୟତ ନିବାସୀ ଆମ ଅଞ୍ଚଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଅଛୁ।

ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଉକ୍ତ ଗ୍ରାମ ପଞ୍ଚାୟତ ଦୁଇଟି ସମୁଦ୍ରଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥିତ। ଦେବୀନଦୀର ଶାଖାନଦୀ 'ଅଳକାର' ବଳୟ ଭିତରେ ଏହି ଅଞ୍ଚଳ ଅବସ୍ଥିତ। ବନ୍ୟା ଏହାର ଚିର ସହଚର। ଝାଉଁ ଓ କାଜୁ ଜଙ୍ଗଲ ଭିତରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଆମ୍ଭେମାନେ କାଳାତିପାତ କରୁଅଛୁ। ଏହି ଅଞ୍ଚଳ ଏଠାରୁ ୮ କି.ମି. ଦୂରରେ ଥିବା ଅନନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରଭୁକ୍ତ ହୋଇଥିଲେ ମଧ୍ୟ ବର୍ଷାକାଳରେ ଅସ୍ଥାୟୀ ଚାର ଭାଙ୍ଗିଯିବା ହେତୁ ସ୍ୱାସ୍ଥ୍ୟସେବାରୁ ଆମ୍ଭେମାନେ ବଞ୍ଚିତ ହେଉଅଛୁ। ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି ତଥା ପରିବେଶ ପରିମଳ ସମ୍ପର୍କରେ ଅବଗତ କରାଇବାପାଇଁ ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଏଠାକୁ ଆସିପାରନ୍ତି ନାହିଁ। ଆଦିବାସୀ, ହରିଜନ, ଅନଗ୍ରସର ଜାତି ତଥା କୃଷି ଉପରେ ନିର୍ଭରଶୀଳ ଲୋକମାନେ ବହୁ ସମୟରେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହେଉଛନ୍ତି। ଶିଶୁମାନଙ୍କୁ ଆବଶ୍ୟକ ଟୀକାଦାନ ମଧ୍ୟ ଅସମ୍ଭବ ହୋଇପଡୁଛି। ରୋଗାକ୍ରାନ୍ତ ବୃଦ୍ଧ ଓ ଆସନ୍ନପ୍ରସବାମାନଙ୍କର ଦୁଃଖ ଦୁର୍ଦ୍ଦଶାର ଶେଷ ନାହିଁ। ଗମନାଗମନରେ ଅସୁବିଧା ତଥା ନିରକ୍ଷରହେତୁ ଦୀର୍ଘପଥ ଯାଇନପାରି ଲୋକମାନେ ଗ୍ରାମ୍ୟ ବୈଦ୍ୟ ଉପରେ ନିର୍ଭର କରୁଛନ୍ତି। ପ୍ରତିଟି ସମୟରେ ମ୍ୟାଲେରିଆର ପ୍ରାଦୁର୍ଭାବ, ଋତୁଜନିତ ରୋଗରେ ଆକ୍ରାନ୍ତ ଏହି ପଞ୍ଚାୟତ ଦୁଇଟି ଯମରାଜଙ୍କ ନର୍କକୁଣ୍ଡରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ଏଣୁ ବିନୀତ ଅନୁରୋଧ, ଅବହେଳିତ ଉକ୍ତ ଦୁଇ ପଞ୍ଚାୟତ ନିବାସୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ମଧ୍ୟସ୍ଥଳରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଆମ୍ଭେମାନେ ଉପକୃତ ହେବୁ।

ଆପଣଙ୍କର ବିଶ୍ୱସ୍ତ
**ନିରାକାର ମଙ୍ଗରାଜ**
ପିଠାପୁର ଗ୍ରାମ
**- ହରିହର ସାମଲ**
ପିଠାପୁର ଗ୍ରାମ
**- ଗୋବିନ୍ଦ ସାହୁ**
**- ମଞ୍ଜୁଳା ଲେଙ୍କା**
**- ରବୀନ୍ଦ୍ର ଲେଙ୍କା**
ହରିପୁର ଗ୍ରାମପଞ୍ଚାୟତ

ସ୍ଥାନ- ପିଠାପୁର,
ତା୨୨.୦୨.୨୦୨୦

| ପ୍ରାପ୍ତେଷୁ |
| --- |
| ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ<br>ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା |

**କିମ୍ବା, ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନ ନେବା ସମ୍ବନ୍ଧରେ ପରାମର୍ଶ ଦେଇ ଦୂରରେ ଥିବା ସାନଭଉଣୀ ପାଖକୁ ପତ୍ର ଲେଖ।**

ଭୁବନେଶ୍ୱର,
ତା. ୧୮.୭.୨୦୧୯

ସ୍ନେହର ପ୍ରାଚୀ,

ମୋର ଶୁଭେଚ୍ଛା ନେବୁ। ଆଶା ଭଲରେ ଥିବୁ। ଗତକାଲି ତୋର ଚିଠି ପାଇଲି। ଦୀର୍ଘଦିନ ଧରି ତୁ ଅସୁସ୍ଥ ଥିଲୁ ବୋଲି ଚିଠିରୁ ଜାଣିପାରିଲି। ତୋତେ ସେ ବିଷୟରେ କିଛି ପରାମର୍ଶ ଦେବା ପାଇଁ ଏ ଚିଠି ଲେଖୁଛି।

ମୁଁ ଲକ୍ଷ୍ୟ କରିଛି ତୋର ସ୍ୱାସ୍ଥ୍ୟ ପ୍ରତି ସଚେତନତା ନାହିଁ। ସ୍ୱାସ୍ଥ୍ୟ ଯେ ସବୁର ମୂଳ ତାହା ତୁ ଜାଣିବା ଉଚିତ। ଅସୁସ୍ଥ ମଣିଷ କେବେ କୌଣସି କାମ କରିବାକୁ ସମର୍ଥ ହୋଇନଥାଏ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ସର୍ବପ୍ରଥମ କର୍ତ୍ତବ୍ୟ। ସୁସ୍ଥତାପାଇଁ ପ୍ରତିଦିନ ଖେଳକୁଦ କରିବା ଉଚିତ। ସକାଳୁ ଉଠିବା ମାତ୍ରେ କିଛି ସମୟ ଦୌଡ଼ାଦୌଡ଼ି କରିବା ଉଚିତ। ଏହାଦ୍ୱାରା ଦେହ ଫୁର୍ତ୍ତି ରହିବ। ତା'ପରେ ତୁ ପାଠ ପଢ଼ିପାରୁ। ସେହିପରି ସ୍କୁଲ୍‌ରେ କ୍ରୀଡ଼ା ପିରିୟଡ୍‌ରେ ମଧ୍ୟ କିଛି ସମୟ ଖେଳାଖେଳି କରିବୁ। ଖେଳକୁଦ ଦ୍ୱାରା ଅଙ୍ଗପ୍ରତ୍ୟଙ୍ଗ ହୃଷ୍ଟପୁଷ୍ଟ ହୁଏ। ଶରୀରରେ ରକ୍ତ ସଞ୍ଚାଳନ ସୁଚାରୁରୂପେ ହୁଏ। ମନରେ ସତେଜତା ଆସେ। ପାଠପଢ଼ା ତଥା କାର୍ଯ୍ୟ କରିବାରେ ଆଗ୍ରହ ଆସେ। ଖେଳକୁଦ ଦ୍ୱାରା ଖେଳୁଆଡ଼ ମନୋଭାବ ବୃଦ୍ଧିପାଏ। ପ୍ରତିଯୋଗିତା ମନୋଭାବ ଜାଗ୍ରତ ହୁଏ। ଜୀବନରେ ଆସୁଥିବା କଠିନ ପରୀକ୍ଷାର ସାମ୍ନା କରିବାକୁ ସାହସ ମିଳେ। ତୁ ତ ଗୋଟିଏ ଏକଜିଦିଆ ଝିଅ। ଯାହା ମନ କରିଥିବୁ, ତାହା ଶେଷ ନ ହେବା ଯାଏ ତୁ ସ୍ଥିର ହୋଇ ରହିପାରୁ ନାହିଁ। ତେଣୁ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଖେଳକୁଦକୁ ଜୀବନକୁ ଏକ ଅଙ୍ଗ ଭାବେ ଏକ ଜିଦ୍ ରୂପେ ଗ୍ରହଣ କଲେ ତୁ ସବୁବେଳେ ନୀରୋଗ ରହିପାରିବୁ। ନଚେତ୍ ତୋର ଶରୀର ଦୁର୍ବଳ ହୋଇପଡ଼ିବ। ବିଭିନ୍ନ ରୋଗକବଳରେ ତୁ ଅସ୍ତବ୍ୟସ୍ତ ହୋଇପଡ଼ିବୁ। ମନ ଅଶାନ୍ତିରେ ଭରିଯିବ। କୌଣସି କାର୍ଯ୍ୟପ୍ରତି ଆଗ୍ରହ ଆସିବ ନାହିଁ। ତୋର ଏତେ ସବୁ ସାଧନା ପାଣିରେ ମିଶିଯିବ।

ମୋ' ଚିଠି ପାଇବା ପରେ ନିୟମିତ ନିଜର ସ୍ୱାସ୍ଥ୍ୟ ପ୍ରତି ନଜର ଦେବୁ। ସେଥିପାଇଁ ନିୟମିତ କିଛି ସମୟ ଖେଳକୁଦରେ ଅଭ୍ୟସ୍ତ ରହିଲେ ତୁ ଏକ ଦୀର୍ଘ ନିରୋଗ ଜୀବନ ଲାଭ କରିପାରିବୁ ବୋଲି ମୋର ଆଶା ଓ ବିଶ୍ୱାସ। ଚିଠି ପାଇ ଚିଠି ଦେବୁ।

ତୋର ବଡ଼ଭଉଣୀ
**ପ୍ରିୟା**

**ଠିକଣା** **ଟିକେଟ**

| ପ୍ରେରକ | ଗ୍ରାହକ |
| --- | --- |
| କୁମାରୀ ପ୍ରିୟଙ୍କା ବିଶ୍ୱାଳ<br>ସା/ପୋ- ଜୟପୁର<br>ଜିଲ୍ଲା -କୋରାପୁଟ, ପିନ୍-........ | କୁମାରୀ ପ୍ରାଚୀ ବିଶ୍ୱାଳ<br>ସା - ୟୁନିଟ୍ -୯, ଭୁବନେଶ୍ୱର<br>ଜିଲ୍ଲା - ଖୋର୍ଦ୍ଧା, ପିନ୍ - ....... |

**୧୫.** କ) ଯେଉଁମାନଙ୍କର ସଂଗତି ଓ ସୁଯୋଗ ଅଛି, ସେମାନେ ଉଚ୍ଚ ଶ୍ରେଣୀର କାବ୍ୟ, ଦର୍ଶନ, ବିଜ୍ଞାନ, ଜ୍ୟୋତିଷର ଆଲୋଚନାରେ ଜୀବନ ଉତ୍ସର୍ଗ କରି କୃତାର୍ଥ ହୁଅନ୍ତି। ଖ) ଉଦରଜ୍ୱାଳା ଓ ପରିବାର ପ୍ରତିପାଳନ ଚିନ୍ତା ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ବାଧା ସୃଷ୍ଟି କରେ। ଗ) ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ ପ୍ରଭୃତିରେ ସାଧାରଣ ଜ୍ଞାନ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷରେ ପ୍ରୟୋଜନୀୟ। ଘ) ଧର୍ମ ସମ୍ବନ୍ଧୀୟ ଓ ନୀତି ବିଷୟକ ପୁସ୍ତକ ଓ ସୁରୁଚିସଂପନ୍ନ କାବ୍ୟ, ଉପନ୍ୟାସାଦି ପାଠଦ୍ୱାରା ଭାବ ବିକଶିତ ହୁଏ। ଙ) ଆଗ୍ରହ, ଯତ୍ନ ଓ ସମୟର ନିୟମିତ ବିଭାଗଦ୍ୱାରା ଜନସାଧାରଣ ଶିକ୍ଷାଲାଭ କଲେ ସେମାନେ ଉନ୍ନତି ପଥରେ ଅଗ୍ରସର ହେବେ।

❑❑❑

## ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ରିଆମାଳ, ୧୩।୧ (ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ସଭାଗୃହରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ରୀତାଞ୍ଜଳୀ ହାତୀଙ୍କ ସଭାପତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ତ୍ରିଲୋଚନ ପାତ୍ର, ଡାକ୍ତର ଯଶୋବନ୍ତ ପ୍ରଧାନ, ସହକାରୀ ଯନ୍ତ୍ରୀ ମହେଶ କୁମାର ମାହାଲି, କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ବହିଆ, ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ସମିତି ସଭ୍ୟ ଗାନ୍ଧୀ ଚରଣ ନାୟକ, ଏମ୍‌ପି ପ୍ରତିନିଧି ପ୍ରଣବ କୁମାର ଦେବ ପ୍ରମୁଖ ଉପସ୍ଥିତ ଥିଲେ । ଜାନୁୟାରୀ ୨୬ତାରିଖ ଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଜୁନିୟର, ସବ୍‌ଜୁନିୟର, ସିନିୟର, ମହାବିଦ୍ୟାଳୟ ସ୍ତରରେ ଗୀତ, କୁଇଜ୍, ବକ୍ତୃତା, ରଚନା ଆଦି ପ୍ରତିଯୋଗିତା ମାନ କରାଯାଇ ଉକ୍ତ ଦିନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯିବ ବୋଲି ସ୍ଥିର ହୋଇଥିଲା। ପରେଡ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଉପରେ ଆଲୋଚନା ହୋଇଥିଲା। ବ୍ଲକ ମଙ୍ଗଳ ଅଧିକାରୀ ସୁଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀଙ୍କ ସମସ୍ୟା ପ୍ରସଙ୍ଗ

# ୧୦ ଦଫା ଦାବିରେ ଆମରଣ ଅନଶନ

ଲଖନପୁର, ୧୩।୧ (ଡି.ଏନ୍.ଏ)



ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦର୍ଲିପାଲି ଗ୍ରାମବାସୀ ଆମରଣ ଅନଶନରେ ବସିଛନ୍ତି ।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ) ଲଖନପୁର କ୍ଷେତ୍ରାଧୀନ ବେଲପାହାଡ ଖୋଲାମୁହଁ କୋଇଲାଖଣି ଦ୍ରୁତଗତିରେ ସମ୍ପ୍ରସାରଣ ଯୋଗୁ ଖଣିପାର୍ଶ୍ୱବର୍ତ୍ତୀ ଦର୍ଲିପାଲି ଗାଁ ପ୍ରଭାବିତ ହେବାରେ ଲାଗିଛି । ଏହି ଗ୍ରାମରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି । କମ୍ପାନୀ ତରଫରୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ଓ ଥଇଥାନ ଆଦି କରା ନ ଯାଇ ଗ୍ରାମ ଉଚ୍ଛେଦ କରିବା ପାଇଁ ନୋଟିସ୍ ଜାରି କରାଯାଇଛି । ଏହାକୁ ବିରୋଧ କରି ଗତ ୨ତାରିଖରେ ଗ୍ରାମବାସୀ ଲଖନପୁର କ୍ଷେତ୍ର ପ୍ରବନ୍ଧକଙ୍କୁ ୧୦ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜାନୁଆରୀ ୧୨ତାରିଖ ମଧ୍ୟରେ ଦାବି ପୂରଣ ନ କଲେ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କମ୍ପାନୀ ତରଫରୁ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା କରାଯାଇ ନ ଥିଲା । ଫଳରେ ପୂର୍ବସୂଚନା ମୁତାବକ ଗ୍ରାମବାସୀ ସୋମବାର ୧୨ଟାରୁ ଲଖନପୁର ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି । ଗ୍ରାମର ଅମୋଦ ଓରାମ, କୁଶ ବୁଡା, ଲବ ବୁଡା, ଗଣେଶ ଓରାମ, କାପିଳା ଉର୍ମା, କୈକେୟୀ ଓରାମ, ମମତା ସିଂହ, ଆରତୀ କରାଳୀ ପ୍ରମୁଖ ଅନଶନରେ ବସିଛନ୍ତି । ଏହାକୁ ଖଣି ପାର୍ଶ୍ୱବର୍ତ୍ତୀ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଖଇରକୁନି, ଟିଙ୍ଗିସ୍‌ମାଲ, ଉବୁଡା, କର୍ଲାଯୋରୀ, ଟିଙ୍ଗିଡିଗୁଡା ଓ ଛୁଆଲିବେର୍ଣ୍ଣା ଆଦି ଗ୍ରାମବାସୀ ସମର୍ଥନ ଜଣାଇଛନ୍ତି । ଖବର ପାଇ ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଉପସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ପହଞ୍ଚି କମ୍ପାନୀ ମାରଣନୀତିକୁ ସମାଲୋଚନା କରି ଆନ୍ଦୋଳନକାରୀଙ୍କୁ ସମର୍ଥନ କରିଛନ୍ତି । ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଖବର ପାଇ କମ୍ପାନୀର କେତେକ ଅଧିକାରୀ ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ ଖଣି କର୍ତ୍ତୃପକ୍ଷ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗ୍ରାମବାସୀଙ୍କ ସମସ୍ୟାକୁ ନେଇ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିଚାର ବିମର୍ଷ ଚାଲିଛି । ଏ ନେଇ କୌଣସି ନିଷ୍କର୍ସ ବାହାରି ପାରିନାହିଁ ।

## ଚିଚିଣ୍ଡା ଗ୍ରାମରେ ବିବେକାନନ୍ଦ ଜୟନ୍ତୀ ପାଳିତ

ବ୍ରଜରାଜନଗର, ୧୩।୧ (ଡି.ଏନ.ଏ)

ଚାନ୍ଦିନିମାଲ ପଞ୍ଚାୟତ ଚିଚିଣ୍ଡା ଗ୍ରାମରେ ବିବେକାନନ୍ଦ ଜୟନ୍ତୀ ଧୁମଧାମରେ ପାଳନ କରାଯାଇଛି। ଏଥିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହିତ ବିଭିନ୍ନ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ସମ୍ବଲପୁରୀ ଫିଲ୍ମ ହିରୋଇନ ଶତାବ୍ଦୀ ମହାପାତ୍ର ମଞ୍ଚ ପରିଚାଳନା କରିବା ସହିତ ତାଙ୍କ ଅଭିନିତ କେଁ କଟକଟ ଶଗଡ ଗାଡି ନୃତ୍ୟରେ ଉପସ୍ଥିତ ଜନତାଙ୍କୁ ଝୁମେଇ ଦେଇଥିଲେ। ବିବେକାନନ୍ଦ ଶିକ୍ଷାଶ୍ରମର ଡାଇରେକ୍ଟର ବିଶ୍ୱ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଅଧକ୍ଷା ସୁରଭି ଭୋଇଙ୍କ ସହିତ ଅନ୍ୟ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ ।

## ଡ୍ୟାନ୍ସ ଏକାଡେମୀର କାର୍ନିଭାଲ ୨୦୨୦



ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ବେଲପାହାଡ଼, ୧୩।୧ (ଡ଼ି.ଏନ.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥିତ ଜୁବୁଲିହଲ ଠାରେ ରବିବାର ନାଟ୍ୟମ ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ କାର୍ନିଭାଲ-୨୦୨୦ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ଼ଃ ତାରାପଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଲପାହାଡ଼ ପୌର ପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଓ ଟିଆର୍‌ଏଲ କ୍ରୋସାକିର ମହାପ୍ରବନ୍ଧକ ସୁଶାନ୍ତ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟମ ଡ୍ୟାନ୍ସ ଅନୁଷ୍ଠାନର ସଭାପତି ବୁଧି ପ୍ରଧାନ ଓ ଉପସଭାପତି ସୂର୍ଯ୍ୟକାନ୍ତ ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ନୃତ୍ୟ ଶିକ୍ଷୟିତ୍ରୀ ନର୍ମଦା ପ୍ରଧାନ ରାଉତଙ୍କ ନିର୍ଦ୍ଦେଶନାରେ ୧୦୦ ଜଣ ଛାତ୍ରୀ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ସିନିୟର ଓ ଜୁନିୟର ବିଭାଗର ଛାତ୍ରୀମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା ଏବଂ କୃତିତ୍ୱ ଅର୍ଜନ କରିଥିବା ନୃତ୍ୟାଙ୍ଗନା ତଥା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଯୁବତୀ ଯୁବକଙ୍କ ନିଯୁକ୍ତି ଦାବିରେ ବିକ୍ଷୋଭ



ଯୁବତୀ ଯୁବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବ୍ରଜରାଜନଗର, ୧୩।୧ (ଡି.ଏନ.ଏ)

ଶିଳ୍ପ ସମୃଦ୍ଧ ଝାରସୁଗୁଡା ଜିଲାରେ ବେକାରୀ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ନିଯୁକ୍ତି ଦାବିରେ ବ୍ରଜରାଜନଗର ଅଞ୍ଚଳର କେତେକ ଯୁବତୀ ଯୁବକ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ଦାବି ମଧ୍ୟରେ ମହାନଦୀ କୋଇଲା କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା କମ୍ପାନୀରେ ନିଯୁକ୍ତି, ଝାରସୁଗୁଡା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ପଞ୍ଜୀକୃତ ଯୁବତୀ ଯୁବକମାନଙ୍କୁ ସୂଚନା ପ୍ରଦାନ କରିବା, ଓରିଏଣ୍ଟ କାଗଜକଳ ପୁନଃ ଚାଲୁ କରିବା ଉପରେ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଥିଲେ । ଏହି ଶୋଭାଯାତ୍ରାରେ ବ୍ରଜରାଜନଗର ମହାବିଦ୍ୟାଳୟର ପୂର୍ବତନ ସଭାପତି ସରୋଜ ସା, ସୋମନାଥ ଦାଶ, ନିର୍ମଳ କୁମାର ପାଇକ, ସୁମିତ୍ରା ସୁରଜ ବାଗେ, କରନ ମାଳି, ରୁବି କୁମାରୀ ସା, ମୌସୁମୀ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ ।

## ଭୋଳାନାଥ କ୍ରିକେଟ : ଟାଇଁସର ଚାମ୍ପିୟନ

ରିଆମାଳ, ୧୩।୧ (ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ଶିବ ମନ୍ଦିର ଖେଳ ପଡ଼ିଆରେ ଭୋଳାନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦେବଗଡ଼ ଓ ଟାଇଁସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଟାଇଁସର ଦଳ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦେବଗଡ଼ ବ୍ୟାଟି କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଟାଇଁସର ୧୩ ଓଭରରେ ୪ ଉଇକେଟ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ଭାବେ ରାଜେଶ ସାହୁଙ୍କୁ ବିବେଚିତ କରାଯାଇଥିଲା। ପ୍ରଶାନ୍ତ ବେହେରା ଓ ଚକ୍ରଧର ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଦୀପକ କୁମାର ସାହୁ ଓ ସମ୍ପାଦକ ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ସମ୍ମାନିତ ଅତିଥି ନୀତିନ ବିହାରୀ ବେହେରା, ତାବଡ଼ା ସରପଞ୍ଚ ପାଞ୍ଜିଆ ଭୋଇ, ଶରତ ସାହୁ, ଭରତ ସାହୁ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସିତୁ ପଣ୍ଡା, ସିପୁନ ସାହୁ, ଚନ୍ଦ୍ରକାନ୍ତ ଗୁରୁ, ପଲସ୍ତି ପ୍ରଧାନ, ବଳରାମ ବାଘ, ଚିତ୍ତ ରଞ୍ଜନ ସାହୁ ଓ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ

### ସ୍ୱର୍ଗତ ବନ୍ଧୁଙ୍କ ପାଇଁ ଶୋକସଭା

ରିଆମାଳ, ୧୩।୧ (ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୁରୁଡ଼ ଝରଣରେ ବ୍ୟାଚର ସମସ୍ତ ବନ୍ଧୁ ଯୋଗଦେଇଥିଲେ। ଦେହାନ୍ତ ହୋଇ ଯାଇଥିବା ଏହି ବ୍ୟାଚର ଅନ୍ତର୍ଯ୍ୟାମୀ ସାହୁଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରମଣି ରଞ୍ଜନ ନାୟକ, ନେତ୍ରାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଭାକର ପ୍ରଧାନ, ସନ୍ତୋଷ କୁମାର ସାହୁ, ଚିତ୍ତ ରଞ୍ଜନ ପ୍ରଧାନ, ହାଡିବନ୍ଧୁ ପ୍ରଧାନ, ନଳିତ ସାହୁ ତଥା ୨୫ରୁ ଊର୍ଦ୍ଧ୍ୱ ବନ୍ଧୁ ଯୋଗଦେଇଥିଲେ।

## ୧୬ରୁ ଜିଲାସ୍ତରୀୟ ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ

ଦେବଗଡ଼, ୧୩।୧ (ଡ଼ି.ଏନ୍.ଏ.)




ଖବରଦାତା ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନର ସଭାପତି, ସମ୍ପାଦକ ।

ଦେବଗଡ଼ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରୁମୁକୁଝୁମା ଓ ଭକ୍ତବନ୍ଧୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ-୨୦୨୦ ଆୟୋଜନ ହେବ । ଏନେଇ ସୋମବାର ପୁରୁଣାଗଡ଼ ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠାନର ରାଜ୍ୟ ସଭାନେତ୍ରୀ ନିବେଦିତା ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସରୋଜ କୁମାର ଭୂୟାଁ, ଜିଲା ସଭାନେତ୍ରୀ ମୀନାକ୍ଷୀ ମିଶ୍ର ଉପସ୍ଥିତ ରହି ୩ ଦିନ ଧରି ହେବାକୁ ଥିବା ସାଂସ୍କୃତି କାର୍ଯ୍ୟକ୍ରମ ନୂପୁର ନୃତ୍ୟ ସଙ୍ଗୀତ ଉତ୍ସବ-୨୦୨୦ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଜିଲାର ବିଭିନ୍ନ କଳା, ସଂସ୍କୃତି ଓ ଲୋକନୃତ୍ୟକୁ ନେଇ ପୌରାଞ୍ଚଳରୁ ଆରମ୍ଭ କରି ୩ ବ୍ଲକ, ପଞ୍ଚାୟତ ସମିତିର କଳାକାରମାନେ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିବେ । ଅନ୍ୟ ରାଜ୍ୟର ବଛା ବଛା କଳାକାରମାନେ ମଧ୍ୟ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ସେହିପରି ଅନୁଷ୍ଠାନର ରାଜ୍ୟ ସଭାନେତ୍ରୀ ନାୟକ କହିଛନ୍ତି, ଦେବଗଡ଼ ଜିଲାର କଳାକାର ତଥା ରାଜ୍ୟ ବାହାରୁ ଆସୁଥିବା କଳାକାରମାନଙ୍କ କଳାକୃତିକୁ ଲୋକଲୋଚନକୁ ଆଣିବା ଏକ ଭଲ ପରମ୍ପରା ସୃଷ୍ଟି କରିବ ।

## ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ




ଜାତୀୟ ଯୁବଦିବସ ସଭାରେ ମଞ୍ଚାସୀନ ଅତିଥିମାନେ ।

ଦେବଗଡ଼, ୧୩।୧, (ଡ଼ି.ଏନ୍.ଏ.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ଦେବଗଡ଼ ଓ ବାରକୋଟ ବ୍ଲକ ଅନ୍ତର୍ଗତ ମହାବୀର ଯୁଥ କ୍ଲବର ମିଳିତ ସହଯୋଗରେ ମାଝିଚାକୁଣ୍ଡାପାଳ ଗ୍ରାମରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । କ୍ଲବ୍‌ର ସଭାପତି ଗିରିଧାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉଁଶିବାହାଳ ଗ୍ରା.ପ.ର ସରପଞ୍ଚ ଧରଣୀଧର ବେହେରା ମୁଖ୍ୟଅତିଥିଭାବେ ଯୋଗ ଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବସମାଜକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତାଭାବେ ଜରିଚାକୁଣ୍ଡାପାଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରମଣି ସାହୁ, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ଲବ୍‌ର ସମ୍ପାଦକ ରବୀନ୍ଦ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ତରୁଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ



ପୋଲିସ ଗାଡିଚାଳକଙ୍କୁ ସଚେତନ କରୁଛି ।

ବ୍ରଜରାଜନଗର, ୧୩।୧ (ଡି.ଏନ.ଏ)

ବ୍ରଜରାଜନଗର ପୋଲିସ ପ୍ରଶାସନ ତରଫରୁ ସୋମବାର ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ସହରର ଟନେଲ ରୋଡଠାରେ ଥାନା ପ୍ରଭାରୀ ନଳିତା ମୋଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ପୋଲିସ ପଦାଧିକାରୀମାନେ ଗାଡି ଚାଳକମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଯେଉଁମାନେ ହେଲମେଟ ପିନ୍ଧିଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହାସହିତ ସହର ମଧ୍ୟରେ ଦ୍ରୁତ ଗତିରେ ଗାଡି ନ ଚଳାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାମପୁର ଫାଣ୍ଡି ଅଧିକାରୀ ରବିଶଙ୍କର ଭଇଁଷା ସହଯୋଗ କରିଥିଲେ ।

# ବେଲପାହାଡ଼ ପୌର ପରିଷଦର ସମୀକ୍ଷା ବୈଠକ

ବେଲପାହାଡ଼, ୧୩।୧ (ଡ଼ି.ଏନ.ଏ)



ବେଲପାହାଡ଼ ପୌର ପରିଷଦ ସଭା ଗୃହରେ ସମୀକ୍ଷା ବୈଠକ ଚାଲିଛି।

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ସଭାଗୃହରେ ସୋମବାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଲଖନପୁର ଅତିରିକ୍ତ ତହସିଲଦାର ମୁରଲିଧର ଉର୍ମାଲ ଓ ରୋଡ଼ ଆଣ୍ଡ ବ୍ରିଜ ଡ଼ିଭିଜନ ଏସ୍‌ଡ଼ିଓ ଗାୟିତ୍ରୀ ପଟେଲଙ୍କ ସମେତ ଜନସ୍ୱାସ୍ଥ୍ୟ, ୱେସ୍କୋର ବରିଷ୍ଠ ଅଧିକାରୀ ଓ ଠିକାସଂସ୍ଥାର ପ୍ରତିନିଧି ଯୋଗ ଦେଇଥିଲେ । ବୈଠକରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ସ୍ଥିତାବସ୍ଥା, ବାଇପାସ ରାସ୍ତା ଜମି ଅଧିଗ୍ରହଣ ସମସ୍ୟା, କଲ୍ୟାଣ ମଣ୍ଡପ ନିର୍ମାଣ ଅବସ୍ଥା ଓ ବିଦ୍ୟୁତୀକରଣ ସମସ୍ୟା ଉପରେ ଆଲୋଚନା ହୋଇଥିଲା। କେତେକ ସମସ୍ୟା ଯୋଗୁ ଏପର୍ଯ୍ୟନ୍ତ ବାଇପାସ ରାସ୍ତା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇପାରିନି । ରାସ୍ତା ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସା ଅନୁଯାୟୀ ଜଙ୍ଗଲ ଜମି ହସ୍ତାନ୍ତର ହେଲା ପରେ ଯାଇ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି ଆଲୋଚନା ହୋଇଥିଲା। ସେହିପରି ଠିକା ସଂସ୍ଥାର ଅବହେଳା ଯୋଗୁ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିବା ନିର୍ମାଣ ସମୟ ଅବଧି ଗତ ମାର୍ଚ୍ଚ ମାସରୁ ସରିଯାଇଥିଲେ ହେଁ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ପ୍ରାୟ ୫୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ଏଥିପାଇଁ ବୈଠକରେ ବିଧାୟକ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଠିକା ସଂସ୍ଥାର ପ୍ରତିନିଧିଙ୍କୁ ତାଗିଦ କରିଥିଲେ । ଏଥିସହିତ ବିଭିନ୍ନ ସ୍ଥାନରେ ବିଦ୍ୟୁତ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ପାନୀୟ ଜଳ ପ୍ରକଳ୍ପ ପାଇଁ ମାଟି ଖୋଳାଯାଇଥିବା ସର୍ବସାଧାରଣ ବ୍ୟବହୃତ ଜମିକୁ ସମତଳ କରିବା ଓ ରାସ୍ତା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ, ଗତ ଦୁର୍ଗା ପୂଜା ପୂର୍ବରୁ ବେଲପାହାଡ଼ରେ ବିଧାୟକଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସେତେବେଳେ ପାଇପ ଲାଇନ ସଂଯୋଗୀକରଣ କାର୍ଯ୍ୟ ଓ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାର ଯାହା ସବୁ ପ୍ରତିଶ୍ରୁତି ଦେଇଥିଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।



" ମୁଁ କାହା ହାତ ଧରିବି ତାହା ସମସ୍ତେ ଜାଣନ୍ତି। ଶୀଘ୍ର ବିବାହ ଲାଗି ଘରଲୋକଙ୍କ ଚାପ ପଡୁଥିଲେ ହେଁ ମୋ ନିଷ୍ପତ୍ତି ମୁଁ ନିଜେ ନେବି।
- ଅର୍ଜୁନ କପୁର, ବଲିଉଡ୍ ଅଭିନେତା



# କାଶୀ ବିଶ୍ୱନାଥରେ ସ୍ପର୍ଶ ଦର୍ଶନ ଲାଗି ଡ୍ରେସ୍ କୋଡ୍

**ବାରାଣାସୀ:** ଉତ୍ତର ପ୍ରଦେଶର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ କାଶୀ ବିଶ୍ୱନାଥଙ୍କ ସ୍ପର୍ଶ ଦର୍ଶନ ଲାଗି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଯାଉଛି ମନ୍ଦିର ପ୍ରଶାସନ। ନୂଆ ନିୟମ ଅନୁଯାୟୀ ଧୋତି, କୁର୍ତ୍ତା ଏବଂ ଶାଢି ପିନ୍ଧିଥିବା ଶ୍ରଦ୍ଧାଳୁମାନେ କାଶୀ ବିଶ୍ୱନାଥଙ୍କ ପାଦ ସ୍ପର୍ଶ କରିପାରିବେ। ବିଦ୍ୱତ୍ ପରିଷଦଠାରୁ ପରାମର୍ଶ ନେବା ପରେ ଉତ୍ତର ପ୍ରଦେଶ ସରକାର ଧାର୍ମିକ ବ୍ୟାପାର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ନୀଳକଣ୍ଠ ତିୱାରୀ ମନ୍ଦିର ପ୍ରଶାସନକୁ ସ୍ପର୍ଶ ଦର୍ଶନର ସମୟ ବୃଦ୍ଧି କରିବାକୁ କହିଛନ୍ତି।

ରବିବାର ବିଳମ୍ବିତ ସନ୍ଧ୍ୟାରେ ଉତ୍ତର ପ୍ରଦେଶର ଧାର୍ମିକ ବିଦ୍ୱାନଙ୍କ ସହ ମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ଏ ବାବଦରେ ଏକ ଉଚ୍ଚ ସ୍ତରୀୟ ବୈଠକ ହୋଇଥିଲା। ଏଥିରେ ସ୍ପର୍ଶ ଦର୍ଶନ ଲାଗି ପରାମର୍ଶ ଲୋଡରଯାଇଥିଲା। ବୈଠକରେ ଉପସ୍ଥିତ ବିଦ୍ୱାନମାନେ ଡ୍ରେସ୍ କେଡ୍ ସହ ପାଦ ସ୍ପର୍ଶ ପାଇଁ ଅନୁମତି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କାଶୀ ବିଶ୍ୱନାଥ ମନ୍ଦିରରେ ଶହ ଶହ ବର୍ଷ ଧରି ପାଦ ସ୍ପର୍ଶର ପରମ୍ପରା ରହି ଆସିଥିଲା। କିନ୍ତୁ ଶ୍ରାବଣ ମାସରେ ଶ୍ରଦ୍ଧାଳୁଙ୍କ ଭିଡକୁ ନଜରରେ ରଖି ୨୦୧୯ରେ ଏହି ପରମ୍ପରାକୁ ବନ୍ଦ କରାଯାଇଥିଲା। ଏହାପରେ ମନ୍ଦିର ପ୍ରଶାସନ ପୁଣି ଥରେ ଏହାକୁ ଲାଗୁ କରିବାଠାରୁ ଦୂରରେ ରହିଥିଲା। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଆବେଗକୁ ନଜରରେ ରଖି ମନ୍ଦିର ପ୍ରଶାସନ ଏହାକୁ ପୁନଃ ଆରମ୍ଭ କରିବାରୁ ବାଧ୍ୟ ହୋଇଥିଲା।

ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ସ୍ପର୍ଶ ଦର୍ଶନ କରିବା ସମ୍ଭବପର ନୁହେଁ, ଏହାକୁ ନଜରରେ ରଖି ମନ୍ଦିର ପ୍ରଶାସନ ସମାଧାନ ଲାଗି ବାଟ ଖୋଜୁଥିଲା। ଧାର୍ମିକ ବିଦ୍ୱାନଙ୍କଠାରୁ ପରାମର୍ଶ ମିଳିବା ପରେ ବିଭାଗୀୟ ସଚିବଙ୍କୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ତାମିଲ ଫିଲ୍ମରେ ତାପସୀଙ୍କ କମାଲ



**ମୁମ୍ବାଇ:** ବଲିଉଡ୍‌ର ଚୁଲ୍‌ବୁଲି ନାୟିକା ତାପସୀ ପନ୍ନୁ ଏବେ ତାମିଲ ଇଣ୍ଡଷ୍ଟ୍ରିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏବେ ନାରୀ କୈନ୍ଦ୍ରୀକ ଫିଲ୍ମ ଭଲ ବ୍ୟବସାୟ କରୁଥିବା ବେଳେ ନିକଟରେ ଦୀପିକା ପାଦୁକୋନଙ୍କ ଅଭିନୀତ ଏମିତି ଏକ ନାରୀ କୈନ୍ଦ୍ରୀକ ଫିଲ୍ମ 'ଛପାକ'କୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଏହି ସମୟରେ ବଲିଉଡ୍ ବିୟୁଟି ତାପସୀ ତାମିଲ ଇଣ୍ଡଷ୍ଟ୍ରିରେ କାମ କରି ସମ୍ମାନିତ ହେବା ଘଟଣା ତାଙ୍କ ପ୍ରଶଂସକଙ୍କ ମହଲରେ ଖୁସି ଆଣିଦେଇଛି। ଖବର ଅନୁଯାୟୀ ତାପସୀଙ୍କୁ ତାମିଲ ସିନେମାର ଆନନ୍ଦ ଭିକଟାନ ଆୱାର୍ଡ ମିଳିଛି। ଗତବର୍ଷ ତାଙ୍କ ଅଭିନୀତ ମୁଭି 'ଗେମ୍ ଓଭର' ପାଇଁ ତାପସୀଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ମିଳିଛି। ଏହି ସମ୍ମାନ ପାଇବା ପରେ ତାପସୀ ବେଶ୍ ଖୁସିଥିବା କହିଛନ୍ତି। ୨୦୧୯ ତାଙ୍କ ପାଇଁ ଭଲ ବର୍ଷ ଥିଲା। ଏମିତିକି ୨୦୨୦ରେ ମଧ୍ୟ ତାଙ୍କ ହାତରେ ରହିଛି କିଛି ପ୍ରୋଜେକ୍ଟ। ଅନୁଭବ ସିହ୍ନାଙ୍କ ଫିଲ୍ମ 'ଥପ୍ପଡ'ରୁ ସେ ୨୦୨୦ର କାମ ଆରମ୍ଭ କରୁଥିବା ଶୁଣିବାକୁ ମିଳିଛି। ଏହାସହ ଏକ ଆଥ୍‌ଲେଟ୍ କ୍ୟାରେକ୍ଟରରେ ବି ତାପସୀ ନଜର ଆସିବେ ବୋଲି ଜଣାପଡିଛି।



# କିୟାରାଙ୍କ ପ୍ରେମରେ ସିଦ୍ଧାର୍ଥ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ନାମ ପୂର୍ବରୁ କେତେଜଣ ବଲିଉଡ୍ ନାୟିକାଙ୍କ ସହ ଯୋଡି ହୋଇଥିବା ବେଳେ ଏବେ କିନ୍ତୁ କିୟାରା ଓ ସିଦ୍ଧାର୍ଥଙ୍କ ପ୍ରେମ କାହାଣୀ ରହିଛି ଚର୍ଚ୍ଚାରେ। ସିଦ୍ଧାର୍ଥଙ୍କ ନାମ ସହ ପ୍ରଥମେ ଆଲିଆ ଭଟ୍ଟ, ତାରା ସୁତାରିଆଙ୍କ ନାମକୁ ଯୋଡି ଦିଆଯାଇଥିବା ବେଳେ ଏବେ କିନ୍ତୁ ସିଦ୍ଧାର୍ଥ କିୟାରାଙ୍କ ପ୍ରେମରେ ପାଗଳ ହୋଇଥିବା କୁହାଯାଉଛି। ଏବେ କିନ୍ତୁ ଉଭୟ ସିଙ୍ଗଲ୍ ଥିବା କହୁଛନ୍ତି। ସେପଟେ କିନ୍ତୁ ଶୁଣିବାକୁ ମିଳିଛି କି, ସିଦ୍ଧାର୍ଥ ତାଙ୍କ ମନକଥା କିୟାରାଙ୍କୁ କହି ସାରିଛନ୍ତି। ଆଉ ଏକଥା ଉଭୟଙ୍କ ପରିବାର ପର୍ଯ୍ୟନ୍ତ ପହଞ୍ଚି ସାରିଲାଣି।

# ପ୍ଲାଷ୍ଟିକ୍‌ରୁ ତିଆରି ହେଲା ସୁନା

**ଲଣ୍ଡନ:** ପରିବେଶକୁ ଅଧିକ ପ୍ରଦୂଷିତ କରୁଥିବା ପ୍ଲାଷ୍ଟିକରୁ ଏବେ ସୁନା ତିଆରି ସମ୍ଭବ। ସୁଇଜରଲାଣ୍ଡର ବୈଜ୍ଞାନିକ ପ୍ରଥମ ଥର ପାଇଁ ପ୍ଲାଷ୍ଟିକ୍‌ରୁ ସୁନା ତିଆରି କରିବାକୁ ସକ୍ଷମ ହୋଇଛନ୍ତି। ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥିବା ୧୮ କ୍ୟାରେଟ୍ ସୁନା ପ୍ରକୃତ ସୁନାଠାରୁ ୧୦ ଗୁଣା ହାଲକା ବୋଲି ବୈଜ୍ଞାନିକମାନେ ସୂଚିତ କରିଛନ୍ତି। ଏହାର ଘନତ୍ୱ ୧.୭ ରହିଛି। ଏହାର ଚମକ ପ୍ରକୃତ ସୁନା ଭଳି। ସମ୍ପ୍ରତି ପୃଥିବୀର ଜନସଂଖ୍ୟା ୭୬୦ କୋଟିରୁ ଅଧିକ। ପୃଥିବୀ ପୃଷ୍ଠରେ ୯୧୦ କୋଟି ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବସ୍ତୁ ରହିଛି। ଅର୍ଥାତ୍ ପ୍ରତି ଲୋକ ପିଛା ୧.୨ ଟନ୍ ପ୍ରଦୂଷିତ ପ୍ଲାଷ୍ଟିକ୍‌ର ବୋଝ ରହିଛି। ତେବେ ଏହି ନୂତନ ଉଦ୍‌ଭାବନ ଦ୍ୱାରା ପ୍ଲାଷ୍ଟିକ୍ ପ୍ରଦୂଷଣରୁ ମୁକ୍ତି ମିଳିପାରିବ ବୋଲି ବୈଜ୍ଞାନିକ କହିଛନ୍ତି।



# ୬ମାସ ହେଲା ଯନ୍ତ୍ରଣା ଭୋଗୁଥିଲେ ବାଳକ

**ପାଟ୍‌ନା:** ବିହାର୍‌ର ମୁଜାଫରପୁର୍ ଅଞ୍ଚଳର ଜଣେ ୧୪ ବର୍ଷୀୟ ବାଳକ ଦୀର୍ଘ ୬ ମାସ ଧରି ପେଟରେ ଯନ୍ତ୍ରଣା ଭୋଗୁଥିଲେ। ବିଭିନ୍ନ ହସ୍ପିଟାଲ୍‌କୁ ଯାଇ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପାଟ୍‌ନାସ୍ଥିତ ଆଇଜିଆଇଏମ୍ଏସ୍‌ରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରାଇବା ପରେ ପେଟରେ ଏକ ସିଷ୍ଟ ଥିବା ଜଣାପଡ଼ିଥିଲା। ଫଳରେ ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର କରି ସିଷ୍ଟକୁ ବାହାର କରାଯାଇଥିବାବେଳେ ସେଥିରୁ ୨୦ ରୁ ୨୫ ଦାନ୍ତ, ହାଡ଼ ଏବଂ କେଶ ବାହାରିଥିଲା। ଏହା ଜାଣିବା ପରେ ପରିବାର ଲୋକେ ଚକିତ ହୋଇଯାଇଥିଲେ। ତେବେ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍‌ଙ୍କ କହିବା ଅନୁଯାୟୀ, ଏହାକୁ ଟେରାଟୋମା/ଡର୍ମୋୟଡ୍ ସିଷ୍ଟ କୁହାଯାଏ। ଏହା ବିରଳ ବଂଶଗତ ରୋଗ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ମାତ୍ର ୨୦ ଜଣଙ୍କଠାରେ ଦେଖିବାକୁ ମିଳିଛି। ତେବେ ଅସ୍ତ୍ରୋପଚାର ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

# କିଡ୍‌ନୀ ସିଷ୍ଟରୁ ବାହାରିଲା ଦାନ୍ତ, ହାଡ଼, କେଶ



# ଶୀତଦିନେ ପାଦ ଫାଟୁଥିଲେ...



**ନୂଆଦିଲ୍ଲୀ:** ଶୀତଦିନେ କେତେକଙ୍କ ପାଦ ଫାଟିଥାଏ। ପରିବେଶ ଶୁଷ୍କ ହେବାରୁ ଏହାର ପ୍ରଭାବ ଶରୀର ଉପରେ ପଡ଼ି ଏପରି ହୋଇଥାଏ। ପାଚନ କ୍ରିୟାରେ ଅନିୟମିତତା ଏହାର ମୁଖ୍ୟ କାରଣ। ସବୁଜ ପନିପରିବା, ଶାଗ, କମଳା, ଅମୃତଭଣ୍ଡା, ଟମାଟୋ, କଦଳୀ ଆଦି ଖାଇଲେ ପାଚନ କ୍ରିୟା ସ୍ୱାଭାବିକ ହେବା ସହିତ ପାଦ ଫାଟି ନ ଥାଏ ବୋଲି ଚିକିତ୍ସକ ପରାମର୍ଶ ଦେଇଥାନ୍ତି। ଏଥିରୁ ମୁକ୍ତି ଲାଗି ଖାଦ୍ୟରେ ଅଧିକ ଭିଟାମିନ୍ ସି'ଯୁକ୍ତ ଖାଦ୍ୟ ସାମିଲ କଲେ ସୁଫଳ ମିଳିଥାଏ। ତେବେ ସକାଳୁ ଖାଲିପାଦରେ ଘାସରେ ଚାଲିଲେ ଏହି ସମସ୍ୟା ଦୂର ହୋଇଥାଏ। ସେହିପରି ସୋରିଷ ତେଲ ଲଗାଇଲେ ମଧ୍ୟ ପାଦଫଟାରୁ ମୁକ୍ତି ମିଳେ। ସେହିପରି ଗ୍ଲିସେରିନ୍ ଏବଂ ଲିଷ୍ଟେରିନ୍ ପାଦରେ ମାଲିସ କଲେ ସୁଫଳ ମିଳିଥାଏ। ଏହା ସହିତ ପେସ୍ତାବାଦାମ ତେଲ, ମହୁ, ନଡ଼ିଆ ତେଲ ପାଦରେ ଲଗାଇଲେ ପାଦ ଫାଟି ନ ଥାଏ।



# କ୍ଷତିକାରକ ଗୁଗଲ୍ ମେଡିସିନ୍

**ନୂଆଦିଲ୍ଲୀ:** ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ସର୍ଚ୍ଚ କରି ଅନେକ ଲୋକ ବିଭିନ୍ନ ସମସ୍ୟାର ସମାଧାନ ଖୋଜିଥାଆନ୍ତି। କେତେଜଣ ଅସୁସ୍ଥତା ପାଇଁ ଅନ୍‌ଲାଇନ୍‌ରେ ସର୍ଚ୍ଚ କରି ମେଡିସିନ୍ ଖାଉଥିବା ମଧ୍ୟ ଦେଖାଯାଏ, ଯାହା ସ୍ୱାସ୍ଥ୍ୟପକ୍ଷେ ଅତ୍ୟନ୍ତ କ୍ଷତିକାରକ। ବିନା ଡାକ୍ତର ପରାମର୍ଶରେ କୌଣସି ମେଡିସିନ୍ ବା ପେନ୍‌କିଲର୍ ଖାଇବା ଦ୍ୱାରା ଲୋକମାନେ ଲିଭର୍, କିଡ୍‌ନୀ ଆଦି ରୋଗର ଶିକାର ହୋଇଥାଆନ୍ତି। ହେଲେ ଲୋକମାନେ ଏହାକୁ ମାନୁ ନ ଥିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଲକ୍ଷ୍ନୌର କିଙ୍ଗ ଜର୍ଜ ମେଡିକାଲ ୟୁନିଭରସିଟି (କେଜିଏମ୍‌ୟୁ)କୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ୧୦% ଏଭଳି ଅଛନ୍ତି, ଯେଉଁମାନେ ଅନ୍‌ଲାଇନ୍ ସର୍ଚ୍ଚ କରି ମେଡିସିନ୍ ଖାଇବା ପରେ ନାନା ରୋଗରେ ପୀଡ଼ିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବପିଢ଼ି ଓ ବୃଦ୍ଧ ରହିଛନ୍ତି। ସେଠାକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀ କହିଛନ୍ତି, ଶରୀରର ଯନ୍ତ୍ରଣା କମାଇବା ପାଇଁ ସେ ଅନ୍‌ଲାଇନ୍‌ରୁ ସର୍ଚ୍ଚ କରି ମେଡିସିନ୍ ଖାଇଥିଲେ। ଏହାପରେ ସେହି ମେଡିସିନ୍‌କୁ ରେଗୁଲାର ଖାଇବାର କିଛିଦିନ ପରେ ହାଇଡୋଜ୍ ଖାଇବା ଆରମ୍ଭ କରିଥିଲେ। କିନ୍ତୁ ପୂର୍ବାପେକ୍ଷା ରୋଗ ଅଧିକ ବଢ଼ିବା ଫଳରେ ସେ କେଜିଏମ୍‌ୟୁ ଆସିଥିବା କହିଛନ୍ତି। ତାଙ୍କ ଚିକିତ୍ସା ଆରମ୍ଭ ହେବା ପରେ ଜଣାପଡ଼ିଛି ଯେ, ଅତ୍ୟଧିକ ପେନ୍‌କିଲର ଖାଇବା ଯୋଗୁ ତାଙ୍କ କିଡ୍‌ନୀ ଉପରେ ପ୍ରଭାବ ପଡ଼ିଛି। ପେନ୍ କ୍ଲିନିକ୍‌ର ଡା. ଅଜୟ ଚୌଧୁରୀଙ୍କ କହିବା ଅନୁସାରେ, ପ୍ରଥମେ ପ୍ରଥମେ ଏଭଳି ଜଣେ ଦୁଇଜଣ ରୋଗୀ ଆସୁଥିଲେ ; ମାତ୍ର ଦିନକୁ ଦିନ ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

# ନାସାର ମହାକାଶ ମିଶନରେ ଇରାନୀ ମହିଳା



**ୱାଶିଂଟନ:** ଆମେରିକା–ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି। ତେବେ ମହାକାଶ ଗବେଷଣା କ୍ଷେତ୍ରରେ ଏକ ଖୁସି ଖବର ମିଳିଛି। ମୂଳ ଇରାନୀ ମହିଳା ମହାକାଶଚାରୀ ଜସ୍ମିନ୍ ମୋଘବେଲୀ ନାସାର ଚନ୍ଦ୍ର କିମ୍ବା ଶୁକ୍ର ମିଶନରେ ସାମିଲ୍ ହେବାର ସମ୍ଭାବନା ରହିଛି। ସେ ଇତିମଧ୍ୟରେ ଆବଶ୍ୟକ ତାଲିମ ପୂରଣ କରି ସାରିଛନ୍ତି। ୩୬ ବର୍ଷ ବୟସ୍କ ଜସ୍ମିନ୍ ହେଲିକପ୍ଟର ଗନ୍‌ଶିପ୍ ପାଇଲଟ୍ ଭାବେ ଆଫଗାନିସ୍ତାନରେ ୧୫୦ ମିଶନ ପୂରଣ କରିଛନ୍ତି। ନାସାର ମହାକାଶ ମିଶନ ପାଇଁ ୧୮ ହଜାର ଆବେଦନ ପତ୍ର ଆସିଥିଲା। ସେଥିମଧ୍ୟରୁ ଜସ୍ମିନ୍ ଏବଂ ଅନ୍ୟ ୧୧ ଜଣଙ୍କୁ ନାସା ପକ୍ଷରୁ ଚୟନ କରାଯାଇଥିଲା। ସୂଚନାଯୋଗ୍ୟ, ଜସ୍ମିନ୍‌ଙ୍କ ଜନ୍ମ ଜର୍ମାନୀରେ ହୋଇଥିଲା। ୧୯୭୯ରେ ତାଙ୍କ ପରିବାର ସଦସ୍ୟ ଇରାନରୁ ପଳାଇ ଆସିଥିଲେ। ଜସ୍ମିନ୍ ନ୍ୟୁୟର୍କରେ ପାଠପଢ଼ା ଶେଷ କରିଥିଲେ। ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ସେ ଏକ ସ୍ପେସ୍ କ୍ୟାମ୍ପ୍‌ରେ ଯୋଗଦେଇଥିଲେ। ୨୦୦୫ରେ ସେ ସୈନ୍ୟ ବାହିନୀରେ କମିଶନ ପଦ ପ୍ରାପ୍ତ କରିଥିଲେ।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଚିକୁନ୍


ରାକେଶ


ଯଶୋବନ୍ତ


ଅର୍ଜୁନ୍


ଶଂକଳ୍ପ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ୨୬ ଫୁଟ ଉଚ୍ଚ ବାଲୁକା କଳା ଇଣ୍ଡିଆନ୍ ହେରିଟେଜ୍ ଉଦ୍‌ଘାଟିତ

## ପର୍ଯ୍ୟଟନରୁ ଅର୍ଥନୈତିକ ବିକାଶ କରିପାରିବା: ନରସିଂହ

**ବଲାଙ୍ଗୀର ଅଫିସ/ଗୁଡଭେଲା, ୧୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ୍ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ପେନ୍ଦିମୁଣ୍ଡା ଗାଁ ନିକଟ ତେଲନଦୀ କୂଳରେ ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁଙ୍କ ଦ୍ୱାରା ନିର୍ମିତ ୨୬ଫୁଟ୍ ଉଚ୍ଚ ବାଲୁକା କଳା ଭାରତୀୟ ଐତିହ୍ୟ ବା ଇଣ୍ଡିଆନ୍ ହେରିଟେଜ୍‌କୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ଉଦ୍‌ଘାଟନ କରଛନ୍ତି। ଗୁଡଭେଲା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କ ସହ ପୁରୀର ବାଲୁକା ଶିଳ୍ପୀ ମନମୋହନ ମହାପାତ୍ର ଓ ପେନ୍ଦିମୁଣ୍ଡା ଗ୍ରାମର ଗଣେଶ ରଣା ମଞ୍ଚାସୀନ ଥିଲେ । ତେଲନଦୀ କୂଳ ମନୋରମ ପରିବେଶରେ ୨୬ ଫୁଟ୍ ଉଚ୍ଚ ଭାରତୀୟ ଐତିହ୍ୟ ବାଲୁକା କଳା ପ୍ରଦର୍ଶନ କରି ଶିଳ୍ପୀ ଓମ୍‌ପ୍ରକାଶ ଏହି ଅଞ୍ଚଳର ଗୌରବ ବୃଦ୍ଧି କରିବା ସହ ଛାତ୍ର ଓ ଯୁବକଙ୍କ ପାଇଁ ନୂଆ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି ପ୍ରଶଂସା କରିଥିଲେ । ସରକାରୀ ସହାୟତା ପାଇଁ ଚେଷ୍ଟା କରି ମଧ୍ୟ ଏହା ନ ମିଳିବାରୁ ଏଥିରେ ନିରାଶ ନହୋଇ ତାଙ୍କ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ୨୬ ଫୁଟ୍ ଉଚ୍ଚ ବାଲୁକା କଳା ନିର୍ମାଣ କରି ଗୌରବ ଆଣି ଦେଇଛନ୍ତି ବୋଲି କହିଥିଲେ। ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ, ଗନ୍ଧମାର୍ଦ୍ଦନ ପାହାଡ, ହରିଶଙ୍କର, ଦେଓଗାଁ ବ୍ଲକ୍‌ର ଭୀମଡୁଙ୍ଗୁରୀ ଓ ଗୁଡଭେଲା ବ୍ଲକ୍‌ର ଐତିହାସିକ ଗୁମାଗଡ ବା ଖର୍ଲିଗଡ, ତେନ୍ତୁଲିଖୁଣ୍ଟିକୁ ଯୋଡି ପର୍ଯ୍ୟଟନର ବିକାଶ ମାଧ୍ୟମରେ ଅର୍ଥନୈତିକ ଉନ୍ନତି କରିପାରିବା ବୋଲି ସେ କହିଥିଲେ। ଆଗାମୀ ଦିନରେ ଏଦିଗରେ ମିଳିତ ଉଦ୍ୟମ କରାଯିବ ବୋଲି କହିଥିଲେ। ପୁରୀର ବାଲୁକା ଶିଳ୍ପୀ ତଥା ଓମ୍‌ପ୍ରକାଶଙ୍କ ଗୁରୁ ମନ୍‌ମୋହନ ମହାପାତ୍ର ତାଙ୍କ ବକ୍ତବ୍ୟରେ ବାଲୁକା କଳା କ'ଣ ତାହା ବୁଝାଇବା ସହ ପଶ୍ଚିମ ଓଡିଶାରେ ଏଭଳି କଳା ପ୍ରଦର୍ଶନ କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ସମଗ୍ର ଭାରତବର୍ଷରେ ବାଲୁକା କଳା କ୍ଷେତ୍ରରେ ଓଡିଶାର ପ୍ରାଧାନ୍ୟ ରହିଥିବା ସୂଚନା ଦେଇ ଆଗକୁ ଏହି କଳାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ । ସଭାପତୀୟ ଅଭିଭାଷଣରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଧାନ ଗୁଡଭେଲା ଅଞ୍ଚଳର ଐତିହ୍ୟ ସମ୍ପର୍କରେ ସୂଚନା ଦେବା ସହ ତେନ୍ତୁଲିଖୁଣ୍ଟିର ମକର ଯାତ୍ରା ଅବସରରେ ବ୍ୟକ୍ତିଗତ ଉଦ୍ୟମରେ ବାଲୁକା କଳା ପ୍ରଦର୍ଶନ କରିଥିବାରୁ ଶିଳ୍ପୀ ସାହୁଙ୍କୁ କୃତଜ୍ଞତା ଜଣାଇଥିଲେ। ଶିଳ୍ପୀ ସାହୁ ତାଙ୍କ ବକ୍ତବ୍ୟରେ ୬୫ ଫୁଟ୍ ଉଚ୍ଚର ବାଲୁକା କଳା ନିର୍ମାଣ କରି ବିଶ୍ୱ ରେକର୍ଡ କରିବା ଆଶା ରଖି କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ସାଂସଦ, ବିଧାୟକ, ସଂସ୍କୃତି ବିଭାଗକୁ ଭେଟିଥିଲେ । ସମସ୍ତେ ଏନେଇ ଆବଶ୍ୟକ ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବାସ୍ତବରେ ସହାୟତା ନ କରିବାରୁ ବିଶ୍ୱ ରେକର୍ଡ କରିବା ଆଶା ଛାଡି ବ୍ୟକ୍ତିଗତ ଉଦ୍ୟମରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ୨୬ ଫୁଟ୍‌ର ଇଣ୍ଡିଆନ୍ ହେରିଟେଜ କଳା ପ୍ରଦର୍ଶନ କରିଛନ୍ତି ବୋଲି କହିଥିଲେ । ଏହି ଶିଳ୍ପ ପ୍ରଦର୍ଶନରେ ଦଶରଥ ରଣା, ନିରୋଜ ରଣା, ଋଷିକେଶ ବୁଡେକ୍ ସହଯୋଗ କରିଥିବା ଓ ବିଧାୟକ ମିଶ୍ର ସହାୟତା ଯୋଗାଇଥିବା ସୂଚନା ଦେଇଥିଲେ। ଏହା ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଧାନ ଓ ପେନ୍ଦିମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିବା କହିଥିଲେ । ଆଗାମୀ ଦିନରେ ଏଠାରେ ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ପ୍ରଦର୍ଶନ କରାଯିବ ବୋଲି ସେ କହିଥିଲେ । ଉଦ୍‌ଘାଟନୀ ସଭାରେ ବହୁ ଦର୍ଶକ ଆସି ବାଲୁକା କଳା ଦେଖିଥିଲେ । ସୋମବାରଠାରୁ ଏହା ୧୫ ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି। ସଭା ଶେଷରେ ଅଧ୍ୟାପିକା ରମଣୀ ନାଏକ ଧନ୍ୟବାଦ ଦେଇଥିଲେ। ଏହି ବାଲୁକା କଳାରେ ବଲାଙ୍ଗୀର ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ପୀଠ, କୋଣାର୍କ, ଧଉଳିସ୍ତୁପ, ଇଣ୍ଡିଆ ଗେଟ୍, ତାଜମହଲ, ଲାଲକିଲ୍ଲା ଓ ଆହୁରି ଅନେକ ଐତିହ୍ୟ ଓ ସ୍ମାରକୀ, ମହାତ୍ମା ଗାନ୍ଧୀ, ସୁଭାଷ ବୋଷ ଭଳି କିଛି ମହାନ ବ୍ୟକ୍ତିତ୍ୱଙ୍କ ବାଲୁକା ମୂର୍ତ୍ତି ସ୍ଥାନ ପାଇଛି ।


୨୬ ଫୁଟ୍ ଉଚ୍ଚ ବାଲୁକା କଳା ଭାରତୀୟ ଐତିହ୍ୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଶିଳ୍ପୀ ।

# ତାମିଲନାଡୁରେ ଦାଦନ ଶ୍ରମିକ ମୃତ

**ଗାଇସିଲେଟ୍, ୧୩।୧ (ଡି.ଏନ.ଏ)**

ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରୁ ତାମିଲନାଡୁ ତ୍ରିଭେଲୁର ଜିଲା କାଉନୁର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗାଇସିଲେଟ ବ୍ଲକ ସାଇଡୁଙ୍ଗୁରିପାଲି ଗ୍ରାମର ଗୋକୁଳ ବରିହା(୩୦) । ଅସୁସ୍ଥତା ଯୋଗୁ ସେଠାରେ ତାଙ୍କ ମୃତ୍ୟୁ ହୋଇଛି ଏବଂ ସେଠାକାର ଇଟାଭାଟି ମାଲିକ ଶବ କିମ୍ବା ତାଙ୍କ ସହିତ ଯାଇଥିବା ଅନ୍ୟ ଶ୍ରମିକଙ୍କୁ ସେଠାରୁ ଛାଡ଼ି ନ ଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଖପ୍ରାଖୋଲ ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଗୋକୁଳଙ୍କ ଗ୍ରାମକୁ ଆସି ଅଧିକ ପାରିଶ୍ରମିକ ପ୍ରଲୋଭନ ଦେଖାଇଥିଲେ । ପ୍ରଲୋଭନରେ ପଡ଼ି ଗୋକୁଳଙ୍କ ପରିବାର ସହିତ ଅନ୍ୟ କେତେକ ପରିବାର ଲୋକେ ସେଠାକୁ ଦାଦନ ଖଟିବାକୁ ଯାଇଥିଲେ। ଦାଦନ ସର୍ଦ୍ଦାର ଜଣକ ସେମାନଙ୍କୁ ଏକ ଇଟାଭାଟିରେ ନିୟୋଜିତ କରିଥିଲେ । ସେଠାରେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ଗୋକୁଳଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କ ମୃତ୍ୟୁ ହୋଇଥିଲା । ତେବେ ମୃତ୍ୟୁ ପରେ ପରିବାର ଲୋକେ ଶବ ଧରି ଗ୍ରାମକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଇଟାଭାଟି ମାଲିକ ସେମାନଙ୍କୁ ଛାଡୁନାହାନ୍ତି। ଖବର ପାଇଁ ମୃତକଙ୍କ ସମ୍ପର୍କୀୟମାନେ ସେଠାକୁ ଯାଇଥିବା ସୂଚନା ମିଳିଛି ।

# ବାରପାହାଡ କପ୍ ଫୁଟବଲ: ବଲାଙ୍ଗୀର, ସୋନପୁର ବିଜୟୀ

**ଲୋଇସିଂହା, ୧୩।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ସୋସିଆ ରୁରାଲ ଷ୍ଟାର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଭାଲିଆଟିକ୍ରା ଖେଳ ପଡିଆରେ ବାରପାହାଡ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଏ ଗ୍ରୁପର ୨ୟ କ୍ୱାର୍ଟର ଫାଇନାଲ ଖେଳ ଟିଟିଲାଗଡ(ମହିପୁର) ଓ ସୋନପୁର ରୟାଲ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୧ ଗୋଲରେ ସୋନପୁର ବଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରବିବାର ବିଲାଇସର୍ଡ ବିଏଫଏ ଓ ବଲାଙ୍ଗୀର ୟଙ୍ଗଷ୍ଟାର ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ଟାଇବ୍ରେକରରେ ବଲାଙ୍ଗୀର ବିଜୟୀ ହୋଇଥିଲା। ମଙ୍ଗଳବାର ଏ ଗ୍ରୁପର ପ୍ରଥମ ସେମିଫାଇନାଲ ସୋନପୁର ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଲୋଇସିଂହା ବ୍ଲକ ବୁଢୀଦର ପଞ୍ଚାୟତର ସମିତି ସଭ୍ୟ ପ୍ରଶାନ୍ତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ୟାମ କୁମ୍ଭାର, ଶ୍ୟାମ କୁଅଁର, ଗୌର ମହାକୁର, ସୁଶାନ୍ତ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଉପଦେଷ୍ଟା ରାଜେନ୍ଦ୍ର ଦୀପ ଉଦ୍‌ଘାଟନୀ ଉତ୍ସବକୁ ସଂଯୋଜନା କରିଥିଲେ।

## ବଲାଙ୍ଗୀର ବହିହାଟ ପଞ୍ଚମ ସନ୍ଧ୍ୟା

# 'ସାହିତ୍ୟରେ ନାରୀସ୍ୱର ଶାଣିତ ରହିଛି'

ବଲାଙ୍ଗୀର ଅଫିସ, ୧୩।୧

ଜିଲା ଲେଖକ ପରିଷଦ ପକ୍ଷରୁ ଆୟୋଜିତ ୧୫ତମ ବଲାଙ୍ଗୀର ବହିହାଟର ପଞ୍ଚମ ସନ୍ଧ୍ୟା ସୋମବାର ସାହିତ୍ୟରେ ନାରୀ ସ୍ୱର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଯୋଗଦାନ କରିଥିଲେ । କବୟିତ୍ରୀ ମଞ୍ଜୁବାଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିଭାବେ ଲେଖିକା ସ୍ୱପ୍ନା ବେହେରା, ଆଲୋଚିକା ବରଗଡ ଜିଲା ସୋହେଲାର ଅଧ୍ୟାପିକା ଜୟଶ୍ରୀ ସାହୁ, ବଲାଙ୍ଗୀରର କବୟିତ୍ରୀ କସ୍ତୁରୀ ରଥ, ବେଲପଡାର ଗାଳ୍ପିକା ଯାଜ୍ଞସେନୀ ହୋତା, ପାଟଣାଗଡର ଉପନ୍ୟାସିକା ସୁରୁଚି ମିଶ୍ର, ବରଗଡର ଗାଳ୍ପିକା ପ୍ରବାସିନୀ ହୋତା, ଡୁଙ୍ଗୁରିପାଲିର ଗାଳ୍ପିକା ହେମାଙ୍ଗିନୀ ଦାଶ ଯୋଗଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଅରବିନ୍ଦ ବାଗ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ କପିଳେଶ୍ୱର ଖମାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ବିଧାୟକ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ବହିହାଟ, ସାମ୍ପ୍ରତିକ ଯୁବକଙ୍କ ଆଦର ଓ ଇ-ଲାଇବ୍ରେରୀ କଥା କହିଥିଲେ । ଆଲୋଚକାମାନେ ସାହିତ୍ୟରେ ନାରୀସ୍ୱର କଥା କହି ନାରୀ ସ୍ୱର ଶାଣିତ ରହିଛି ବୋଲି କହିଥିଲେ। ନାରୀ ଭିତର ଅଭିବ୍ୟକ୍ତି ସାହିତ୍ୟକୁ ସମୃଦ୍ଧ କରିଛି । ନାରୀର ଦୁଃଖ, କଷଣ, ଯାତନା ସହ ପ୍ରେମ, ଶ୍ରଦ୍ଧା, ମମତା ଓ ଆଦର କଥା ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ସମାଜକୁ ସଚେତନ କରିଛି ବୋଲି କହିଥିଲେ । ସଭାରେ ପରିଷଦ ସଭାପତି ମଳୟ ମିଶ୍ର ବକ୍ତବ୍ୟ ରଖିଥିଲେ । ଶେଷରେ ବୁବୁନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୋଟି !**
**ଘଡ଼ିକ ଧାନକୁ ଓଳିଏ କୁଟିଲା**
**ପାହାରେ ପାହାରେ କୁଟି ।**

ସାଧାରଣତଃ ଶାରୀରିକ ସ୍ତରରେ ଅକ୍ଷମ ବ୍ୟକ୍ତି କୌଣସି ଏକ କାର୍ଯ୍ୟ କଲାବେଳେ ନିଜକୁ ଅସହାୟ ମନେକରିଥାନ୍ତି। ଅକ୍ଷମତା ହେତୁ ତାଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟରେ ବହୁ ବିଳମ୍ବ ଘଟିବା ସ୍ୱାଭାବିକ ହୋଇଥିବା ସ୍ଥଳେ ଅକ୍ଷମ ବ୍ୟକ୍ତିର ଶକ୍ତି ସାମର୍ଥ୍ୟ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛଣଘର କଲି କଣା;**
**ଛାତି କୁରାଢ଼ି ହଣା,**
**ବୁଦ୍ଧି କରିଦେଲା ବଣା ।**

କିଏ କେତେବେଳେ ଆସୁଛି ଦେଖିବାକୁ ଚାଳରେ ଗୋଟିଏ କଣା କରି ଦେଖୁଛି। ସବୁବେଳେ ଡର ଡର, କାଳେ କିଏ ଘରକୁ ପଶି ଆସିବ କି, ଛାତି ଦକ ଦକ ; ପଡୁଛି ଉଠୁଛି। ସଭିଙ୍କ ତା'ରି ଉପରେ ନଜର, ସେମାନଙ୍କ ଦାଉରୁ କିମିତି ରକ୍ଷାପାଇବ ସେ ନେଇ ବିଚରା ନବ ଯୌବନୀଟି ଚିନ୍ତାରେ ପଡ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି କ'ଣ କେଉଁଠି

**ଅତାବିରା**
■ବୀର ହନୁମାନ ଜାଗରଣ ମହାଯଜ୍ଞର ଦ୍ୱିତୀୟ ଦିବସ, ରେଙ୍ଗାଲିଟିକ୍ରା, ପୂର୍ବାହ୍ନ ୯ଟା୧୦।

**ବିଜେପୁର**
■ଓଁକାରଜୀ ମହାରାଜାଙ୍କ ପ୍ରବଚନ, ଗୋପଟିକ୍ରାର ନିତ୍ୟାନନ୍ଦ ଆଶ୍ରମ, ମଧ୍ୟାହ୍ନ ସାଢେ ୧୨ଟା।

**ଭେଡେନ**
■ ବସନ୍ତ ଛୁରିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ଡେକୁଲବା, ପୂର୍ବାହ୍ନ ୧୧ଟା।

**ଦେବଗଡ**
■ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ଟାଉନ ହଲ, ସନ୍ଧ୍ୟା ୫ଟା।

**ସୁନ୍ଦରଗଡ**
■ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଭା, ପ୍ରଗତି ମଣ୍ଡପ, ପୂର୍ବାହ୍ନ ୧୧ଟା।
■ଓଡିଶା ବନ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ବୈଠକ, ସଦ୍‌ଭାବନା ଭବନ, ପୂର୍ବାହ୍ନ ୯।୩୦।

**ଅମରପାଲି**
■ସୁନ୍ଦରାକାଣ୍ଡ ପାରାୟଣ, ସୁବଳୟା, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
■ପଞ୍ଚାୟତ ମହାବିଦ୍ୟାଳୟର କ୍ରୀଡୋତ୍ସବ ଉଦ୍‌ଯାପିତ, ଷ୍ଟାଡିୟମ ପଡିଆ, ପୂର୍ବାହ୍ନ ୯ଟା।

**ଟେନ୍‌ସା**
■ଜିଲାପାଳଙ୍କ କୋଇଡା ଗସ୍ତ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ, ଟେନ୍‌ସା/କୋଇଡା, ପୂର୍ବାହ୍ନ ୧୦ଟା।

# ବନ୍ଦ କୋଠରିରୁ ମିଳିଲା ୨ ମୃତଦେହ

**ପାଟଣା, ୧୩।୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ନୂଆବନ୍ଧ ଗ୍ରାମରେ ସୋମବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଦୁଇ ବନ୍ଦ ଘର ଭିତରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ଚନ୍ଦ୍ର ଶେଖର ନାଏକଙ୍କ ସ୍ତ୍ରୀ ପୁଷ୍ପଲତା(୨୫)ଓ ତାଙ୍କ ସମ୍ପର୍କୀୟ ଦିଅର ସଞ୍ଜୟ ନାଏକ। ତେବେ କେଉଁ କାରଣରୁ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନି। ମୃତଦେହ ନିକଟରୁ କୀଟନାଶକ ଡବା ମିଳିଛି। ଘର ଭିତରୁ କୀଟନାଶକ ଦୁର୍ଗନ୍ଧ ବାହାରୁଥିବାରୁ ଉଭୟ ବିଷ ପିଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରିଛି । ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ମୃତଦେହ ଜବତ କରିବା ସହ ୨ ଅପମୃତ୍ୟୁ ମାମଲା (ନଂ.୩, ୪/୨୦) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ପୁଷ୍ପଲତାଙ୍କ ସ୍ୱାମୀ ଚନ୍ଦ୍ରଶେଖର ଓ ସମ୍ପର୍କୀୟ ଭାଇ ସଞ୍ଜୟ ଯୋଡ଼ାରେ ରହି ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରବିବାର ରାତିରେ ଚନ୍ଦ୍ରଶେଖର ଯୋଡ଼ାରେ ଥିବାବେଳେ ସଞ୍ଜୟ ମକର ସଂକ୍ରାନ୍ତି ପାଇଁ ନୂଆ ଲୁଗାପଟା ଧରି ତାଙ୍କ ଘରକୁ ଆସିଥିଲେ। ରାତିରେ ସଞ୍ଜୟ ତାଙ୍କ ଘରେ ଖାଇସାରିବା ପରେ କକା ପୁଅ ଭାଇ ମାନଙ୍କ ସହିତ ଶୋଇଥିଲେ। ଭୋର ୫ଟାବେଳେ ସଞ୍ଜୟ ହଠାତ୍ ଶେଯରୁ ଉଠି ବାନ୍ତି କରିବା ସହ ଅଚେତ ହୋଇପଡ଼ିଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ପୁଷ୍ପଲତା ରାତି ୧୨ଟା ପର୍ଯ୍ୟନ୍ତ ଟିଭି ଦେଖୁଥିବାରୁ ତାଙ୍କ ଶାଶୁ ଏଥିରୁ ବାରଣ କରିଥିଲେ। ପରେ ସେ ଯାଇ ତାଙ୍କ ୩ବର୍ଷର ଝିଅ ସହ ଶୋଇପଡ଼ିଥିଲେ। ସୋମବାର ସକାଳେ ତାଙ୍କ ଝିଅ ମା'ଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ମା' ଶେଯରୁ ନ ଉଠିବାରୁ ଝିଅଟି ଜେଜେମା' ପାଖକୁ ଯାଇ କାନ୍ଦିଥିଲେ। ଘର ଲୋକ ପୁଷ୍ପଲତା ଶେଯରେ ଶୋଇଥିବାବେଳେ ତାଙ୍କ ପାଖରେ ଏକ କୀଟନାଶକ ଡବା ପଡ଼ିଥିବା ଦେଖିଥିଲେ। ଏହି ଖବର ପ୍ରଚାରିତ ହେବାପରେ ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୁଷ୍ପଲତାଙ୍କ ସ୍ୱାମୀ ମଧ୍ୟ ଗାଁରେ ପହଞ୍ଚିଛନ୍ତି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଲାୟନ୍ସ କ୍ଲବ ପକ୍ଷରୁ ଖେଚୁଡ଼ି ବଣ୍ଟନ

ଚିପିଲିମା,୧୩।୧(ଡି.ଏନ.ଏ.): ବୁର୍ଲା ଓ ହୀରାକୁଦ ଲାୟନ୍ସ କ୍ଲବର ମିଳିତ ଉଦ୍ୟମରେ ଫୁଡ ଫର ହଙ୍ଗର କାର୍ଯ୍ୟକ୍ରମ ମାଧମରେ ବୁର୍ଲା ଟେକ୍ସିଷ୍ଟାଣ୍ଡ, ଜୁନାପାଲି କଲୋନୀ, ଲକ୍ଷ୍ମୀଡୁଙ୍ଗୁରୀ କୁଷ୍ଠ କଲୋନୀ ପ୍ରମୁଖ ସ୍ଥାନରେ ପ୍ରାୟ ୨ ହଜାର ଲୋକଙ୍କୁ ଖେଚୁଡି ବଣ୍ଟନ କରାଯାଇଥିଲା । ଏହି ଅବସରରେ ବୁର୍ଲା ଲାୟନ୍ସ କ୍ଲବ ସଭାପତି ଲାୟନ ଅରୁଣ କୁମାର ଓ ହୀରାକୁଦ ଲାୟନ୍ସ କ୍ଲବ ସଭାପତି ଲାୟନ ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଲାୟନ ପ୍ରଫୁଲ୍ଲ ମିଶ୍ର, ଶିବନାରାୟଣ ପୁରୋହିତ, ସୁନୀଲ ତୁଳି, ଅରବିନ୍ଦ ମହାକୁଡ, ଅଶୋକ ମହାପାତ୍ର, ଅଲେଖ ଦାସ, ରବି ସୁବୁଦ୍ଧି, ସୁଶାନ୍ତ ମହାନ୍ତି, କାର୍ତ୍ତିକ କଲେତ, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ ବୁର୍ଲା ଓ ହୀରାକୁଦ ବ୍ଲକ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଟ୍ରେଡ ୟୁନିୟନ ନେତା ଦୁର୍ଗାଚରଣଙ୍କ ଶ୍ରାଦ୍ଧବାର୍ଷିକୀ

ହୀରାକୁଦ,୧୩।୧(ଡି.ଏନ.ଏ.): ହୀରାକୁଦସ୍ଥିତ ଇଣ୍ଡାଲ ୱାର୍କ୍ସ ଏମ୍ପ୍ଲୋଇଜ ୟୁନିୟନ ଅଫିସଠାରେ ସୋମବାର ସ୍ୱର୍ଗତ କମ୍ରେଡ ଦୁର୍ଗାଚରଣ ମହାନ୍ତିଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ୟୁନିୟନ ସଭାପତି କମ୍ରେଡ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ପାଳନ କରାଯାଇଥିଲା। ଉକ୍ତ ସଭାରେ ୟୁନିୟନ ସାଧାରଣ ସମ୍ପାଦକ କମ୍ରେଡ ମନୋଜ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି କମ୍ରେଡ କମଳ କୁମାର ପଣ୍ଡା, ରାଜ୍ୟ ସିପିଆଇ ସହସମ୍ପାଦକ କମ୍ରେଡ କ୍ଷୀରୋଦ ସିଂଦେଓ, ରାଜ୍ୟ ଏଆଇଟିୟୁସି ସମ୍ପାଦକ କମ୍ରେଡ ମିତ୍ରଭାନୁ ପୋଡ଼ ଏବଂ ୟୁନିୟନ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି କମ୍ରେଡ ଦୁର୍ଗାଚରଣ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସଭାରେ ନିକଟରେ ଚାକିରୀରୁ ଅବସର ନେଇଥିବାରୁ ଶ୍ରମିକମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

■ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବି

# ତାଲା ପକାଇଲେ ଅଭିଭାବକ, ଶିକ୍ଷା କମିଟି

ରେଢାଖୋଲ,୧୩।୧(ଡି.ଏନ.ଏ.)

ରେଢାଖୋଲ ବ୍ଲକ ଭାଲିଆକଟା ପଞ୍ଚାୟତ ସାତସମା ଉନ୍ନିତ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି କରି ସୋମବାର ଅଭିଭାବକ ଓ ଶିକ୍ଷା କମିଟି କର୍ମକର୍ତ୍ତା ତାଲା ପକାଇଛନ୍ତି । ପୂର୍ବାହ୍ନ ୧୦ଟାରୁ ଅଭିବାବକ ଓ ଶିକ୍ଷା କମିଟି କର୍ମକର୍ତ୍ତାମାନେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଏଥିଯୋଗୁ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସ୍କୁଲ ଭିତରକୁ ଯାଇପାରି ନ ଥିଲେ। ପ୍ରାୟ ୨ ଘଣ୍ଟା ଧରି ଛାତ୍ରୀଛାତ୍ରମାନେ ଅପେକ୍ଷା କରିବା ପରେ ଘରକୁ ଫେରି ଯାଇଥିଲେ। ଅପରାହ୍ନ ୩ଟାରେ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରା ସ୍କୁଲରେ ପହଞ୍ଚି ଅଭିଭାବକ ଓ ଶିକ୍ଷା କମିଟି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଜିଲା ଶିକ୍ଷାଧିକାରୀ କଳ୍ପନା ପଣ୍ଡାଙ୍କ ସହ ଫୋନରେ ଆଲୋଚନା ପରେ ଜିଲାପାଳଙ୍କ ସହ ଅଭିଭାବକ ଓ ଶିକ୍ଷା କମିଟି ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ଡେପୁଟେଶନରେ ଥିବା ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିବାବକ ଓ ଶିକ୍ଷା କମିଟି କର୍ମକର୍ତ୍ତା ସ୍କୁଲରୁ ତାଲା ଖୋଲିବା ସହ ଧାରଣା ପ୍ରତ୍ୟାହୃତ କରିଥିଲେ। ସୂଚନାଯୋଗ୍ୟ ଯେ, ୧୯୪୪ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୦୦୮ରେ ଉନ୍ନିତ ଉଚ୍ଚବିଦ୍ୟାଳୟ ମାନ୍ୟତା ପାଇଥିଲା। ଆବଶ୍ୟକ ଶିକ୍ଷକ ଅଭାବ ସାଙ୍ଗକୁ ହଷ୍ଟେଲ, ଖେଳ ପଡିଆ,ବିଜ୍ଞାନଗାର ସମେତ ବହୁବିଧ ସମସ୍ୟା ରହିଛି। ଏଥିଯୋଗୁ ଛାତ୍ରୀଛାତ୍ରମାନେ ଅନ୍ୟ ବିଦ୍ୟାଳୟକୁ ଚାଲି ଯାଉଥିବା ଶିକ୍ଷା କମିଟି ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ବିଦ୍ୟାଳୟରେ ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେ ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିବା ବେଳେ ୯୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରାଥମିକ ବିଦ୍ୟାଳୟ ପାଇଁ ଆବଶ୍ୟକ ଶିକ୍ଷକ ରହିଥିବା ବେଳେ ଅଷ୍ଟମରୁ ଦଶମ ଶ୍ରେଣୀ ପାଇଁ କେବଳ ୨ ଜଣ ଶିକ୍ଷକ ଓ ଜଣେ ଖେଳ ଶିକ୍ଷକ ଅଛନ୍ତି। ବିଦ୍ୟାଳୟରେ ଥିବା ବିଜ୍ଞାନ ଶିକ୍ଷକଙ୍କ ବଦଳି ଗତ ଡିସେମ୍ବର ୬ରେ କଣ୍ଟାପାଲି ବୁର୍ଲାକୁ ବଦଳି ହୋଇଥିବା ବେଳେ ଗଣିତ ଶିକ୍ଷକଙ୍କୁ ଡେପୁଟେଶନରେ ସପ୍ତାହକୁ ୩ ଦିନ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। ଫଳରେ ପାଠପଢାରେ ବ୍ୟାଘାତ ହେଉଥିବା ଶିକ୍ଷା କମିଟି ଓ ଅଭିଭାବକ ଅଭିଯୋଗ କରିଛନ୍ତି।


ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଗେଟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

## ବିପିଏଲ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦାବି

ରେଢାଖୋଲ,୧୩।୧(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କେଉଟିବେର୍ଣ୍ଣି ଗ୍ରାମ ଶାଳଛକର ୫ ବିପିଏଲ ପରିବାରକୁ ବିଦ୍ୟୁତ୍‌ସଂଯୋଗ ଦେବାକୁ ଉପଜିଲାପାଳ ଡୋଲାମଣି ପଟେଲଙ୍କଠାରେ ଦାବି କରିଛନ୍ତି। ସୋମବାର ଏହି ବିପିଏଲ ୫ ପରିବାର ଉପଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି। କେଉଟିବେର୍ଣ୍ଣି ଶାଳଛକର ବିନୋଦିନି ସାହୁ, ବିଶ୍ୱନାଥ ବେହେରା, ଘଣ୍ଟ ପ୍ରଧାନ, ସୁଦର୍ଶନ ସାହୁ ଓ ବାସନ୍ତି ବେହେରା ପ୍ରମୁଖ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେମାନେ ସମସ୍ତେ ବିପିଏଲ ପରିବାର ଓ ବିଭିନ୍ନ ସମୟରେ ରେଢାଖୋଲ ୱେସ୍କୋର ସହକାରୀ ଯନ୍ତ୍ରୀଙ୍କୁ ବିଦ୍ୟୁତ୍ ସଂଯୋଗ ପାଇଁ ଅନୁରୋଧ କରିଛନ୍ତି। ହେଲେ ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଅପରପକ୍ଷରେ କେଉଟିବେର୍ଣ୍ଣି ଗ୍ରାମର ଜଣେ ପ୍ରଭାବଶାଳି ବ୍ୟକ୍ତି ଚୋରାରେ ବିଦ୍ୟୁତ ନେଇ ବ୍ୟବସାୟ କରୁଛନ୍ତି। ବିଦ୍ୟୁତ୍ ବିଭାଗ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦେଉନାହାନ୍ତି। ଉପଜିଲାପାଳ ବିଦ୍ୟୁତ୍ ସଂଯୋଗ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କୁଚିଣ୍ଡା ଡାକ୍ତରଖାନାରେ ନୂତନ ଏସଡିଏମଓଙ୍କ ଯୋଗଦାନ

କୁଚିଣ୍ଡା,୧୩।୧(ଡି.ଏନ.ଏ.)

କୁଚିଣ୍ଡା ଡାକ୍ତରଖାନାରେ ବହୁ ଦିନରୁ ଏସଡିଏମଓ ପଦବୀ ଖାଲି ପଡିଥିଲା। ଉକ୍ତ ଦାୟୀତ୍ୱ ଡାକ୍ତରଖାନାର ବରିଷ୍ଠ ଡାକ୍ତର କ୍ଷେତ୍ରମୋହନ କାଣ୍ଡ ତୁଲାଉଥିଲେ। ସୋମବାର ଏସଡିଏମଓ ଦାୟୀତ୍ୱରେ କୁଚିଣ୍ଡା ଡାକ୍ତରଖାନା ଡା. ପି.କେ. ହୋତା ଯୋଗଦାନ କରିଛନ୍ତି । ତାଙ୍କୁ ଦାୟୀତ୍ୱରେ ଥିବା ଡା. କ୍ଷେତ୍ରମୋହନ କାଣ୍ଡ ଡା. ହୋତାଙ୍କୁ ସ୍ୱାଗତ ଜଣାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }



ଅତିଥିଙ୍କ ଗହଣରେ ଖେଳାଳିମାନେ।

■ ମହୁକୁଦରେ କ୍ରିକେଟ ଟୁର୍ନାମେଣ୍ଟ

## ଜଗନ୍ନାଥ ପ୍ରସାଦ ଚାମ୍ପିୟନ

ନାକଟିଦେଉଳ,୧୩।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଗ୍ରାମପଞ୍ଚାୟତ ମହୁକୁଦ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ମଲ୍ଲୀକୁଦ ଖେଳପଡ଼ିଆଠାରେ ଗତ ୧୧ରୁ ୩ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସମୁଦାୟ ୮ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ସରାପାଲି ଏବଂ ଜଗନ୍ନାଥ ପ୍ରସାଦ ମଧ୍ୟରେ ହୋଇଥିଲା। ଜଗନ୍ନାଥ ପ୍ରସାଦ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ସରାପାଲି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୪ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଟୁର୍ନାମେଣ୍ଟରେ ଜଗନ୍ନାଥ ପ୍ରସାଦର ରାକେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଆଶୀଷଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ସମ୍ମାନିତ ଅତିଥି ଭାବେ କିସିଣ୍ଡା ଥାନା ଅଧିକାରୀ ଚିରଞ୍ଜନ ନାଏକ, ବଳମ ପଞ୍ଚାୟତ ସରପଞ୍ଚ ବୀରେନ କୁମାର ପ୍ରଧାନ ଏବଂ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଚାମ୍ପିୟନ ଜଗନ୍ନାଥ ପ୍ରସାଦ ଏବଂ ରନର୍ସଅପ ସରାପାଲିକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ମନୋରଞ୍ଜନ ସାହୁ ଏବଂ ସିକୁନ କୁମାର ସାହୁ ଖେଳ ପରିଚାଳନା କରିଥିଲେ । ହିରଣ୍ମୟ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଲ୍ଲୀରେ ପୁଷ୍ପୁନି ଭେଟ୍



ଦିଲ୍ଲୀରେ ରହୁଥିବା ପଶ୍ଚିମ ଓଡିଶାବାସୀ ପୁଷ୍ପୁନି ପାଳନ କରିଛନ୍ତି ।

ସମ୍ବଲପୁର, ୧୩।୧ (ବ୍ୟୁରୋ)

ଦିଲ୍ଲୀରେ ରହୁଥିବା ପଶ୍ଚିମ ଓଡିଶାବାସୀ ପୁଷ୍ପୁନି ପାଳନ କରିଛନ୍ତି। ଏହି ଭେଟଘାଟ ଉତ୍ସବରେ ଦିଲ୍ଲୀ, ନୋଏଡା, ଗୁରୁଗାଁଓ, ଫରିଦାବାଦ, ଗାଜିଆବାଦରେ ବସବାସ କରୁଥିବା ପରିବାର ଯୋଗ ଦେଇଥିଲେ। ଅତିଥିଭାବେ ସମ୍ବଲପୁରର ଭାଗବତ ପ୍ରସାଦ ନନ୍ଦ ଯୋଗ ଦେଇ ମହାନଗରୀର ବ୍ୟସ୍ତ ଜୀବନରେ ମଧ୍ୟ ସେଠାରେ ରହୁଥିବା ଲୋକେ ନିଜ ଅଞ୍ଚଳର ସଂସ୍କୃତିକୁ ଏଭଳି ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ବରଗଡ ଜିଲାର ଜଣାଶୁଣା ହାସ୍ୟ କଳାକାର ବିନ୍ଦୁ ଓ ତାଙ୍କ ସହଯୋଗୀ ସମସ୍ତଙ୍କୁ ହସେଇଥିଲେ । ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ଏହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲା। ପଶ୍ଚିମ ଓଡିଶାର ପାରମ୍ପାରିକ ପିଠାପଣାରେ ସମସ୍ତେ ଆପ୍ୟାୟିତ ହୋଇଥିଲେ। ସୁନୀତା ମେହେରଙ୍କ ପ୍ରସ୍ତୁତ ଆମ୍ବିଳ ବେଶ୍ ପ୍ରଶଂସିତ ହୋଇଥିଲା । ଶରତ ନନ୍ଦ, ଡ. ଅଶୋକ ପଣ୍ଡା, ଡ. ଭବାନୀ ଦୀକ୍ଷିତ, ଡ. ରାଜାରାମ ପଣ୍ଡା, ଆଇଏଏସ ଡ.ସଂଜୀବ ପାଟଯୋଶୀ, ଆୟକର ଅଧିକାରୀ ଗଙ୍ଗାଧର ପଣ୍ଡା, ଡା. ପ୍ରଦୀପ ଦେବତା, ଡା. ସନ୍ଧ୍ୟା ଦାସ,ଡା. ରୁଦ୍ର ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିମଳ ପଣ୍ଡା, ପ୍ରଭାକର ମେହେର, ଅର୍ଜୁନ ସାହୁ, ସୁଶୀଲ ମେହେର, ପୂର୍ଣ୍ଣେନ୍ଦୁ ହୋତା, ଗୋପାଳ କୃଷ୍ଣ ମିଶ୍ର, ମାନସ ରଞ୍ଜନ ମିଶ୍ର, ସୁଜିତ ଦାସ, ସୁସ୍ମିତା ପଣ୍ଡା, ସବିତା ସାହୁ, ସୀମା ମେହେର, ଆନନ୍ଦିନୀ ହୋତା, ଝୁମି ମିଶ୍ର, ଇପ୍‌ସିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବରଗାଁ ନୋଡାଲ ଉପ୍ରା ସ୍କୁଲରେ ଜାତୀୟ ଯୁବ ଦିବସ

ଧମା,୧୩।୧(ଡି.ଏନ.ଏ.)

ବରଗାଁ ନୋଡାଲ ଉପ୍ରା ସ୍କୁଲ ପ୍ରାଙ୍ଗଣରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ତାଙ୍କର ଚିତ୍ର ପ୍ରଦର୍ଶନୀ କରାଯାଇ ୩ଟି ଚିତ୍ରକୁ ୧ ମ, ୨ୟ ଓ ୩ୟ ଭାବେ ବଛା ଯାଇଥିଲା। ଏଥିପାଇଁ ୩ଜଣ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିଲେ ରୋହନ କିଷାନ, ଦ୍ୱିତୀୟ ବର୍ଷା ଜଗଦଲା, ତୃତୀୟ ଜହ୍ନ ଗଡୁଆ। ସେହିପରି ୨ୟ ପର୍ଯ୍ୟାୟରେ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା। ଛାତ୍ରୀ ସାବିତ୍ରୀ ସତନାମୀ ପ୍ରଥମ, ମନିଷା ବାଗ ଦ୍ୱିତୀୟ ଓ ରଞ୍ଜୁଲତା ସେଠ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଟ୍ଟନାୟକ ସ୍ୱାମୀ ଜୀଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ମୋ ସ୍କୁଲ ଅଭିଯାନ କମିଟି ସଭାପତି ଲଳିତ ମୋହନ ଶତପଥି ଏବଂ ସଦସ୍ୟ ସନ୍ତୋଷ ବାରିକ ସ୍ୱାମୀଜୀଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ମୋ ସ୍କୁଲ ଅଭିଯାନ କମିଟି ସମ୍ପାଦକ ତଥା ବରଗାଁ ପଞ୍ଚାୟତ ସରପଞ୍ଚ ହରିହର ମହାନନ୍ଦ ପିଲାଙ୍କୁ ଭଲ ପାଠପଢ଼ି ଭଲ ମଣିଷ ତଥା ସୁନାଗରିକ ହେବା ପାଇଁ ଉଦବୋଧନ ଦେଇଥିଲେ ।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

କୁଚିଣ୍ଡା,୧୩।୧(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲାପାଳ ଶୁଭମ ସକସେନା ଓ ଆରକ୍ଷୀ ଅଧୀକ୍ଷକ କନୱର ବିଶାଳ ସିଂଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପବିତ୍ର ବେହେରା, କୁଚିଣ୍ଡା ବିଡିଓ ନିଶିପୁନମ ମିଞ୍ଜ, ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର, କୁଚିଣ୍ଡା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତି ଥିଲେ । ଅଭିଯୋଗ ଶିବିରରେ ସର୍ବମୋଟ ୫୩ଟି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିବା ବେଳେ ସାମୁହିକ ଭାବେ ୧୨ଟି, ବ୍ୟକ୍ତିଗତ ଭାବେ ୪୧ଟି । ରେଡକ୍ରସ ବାବଦରେ ୪ଜଣଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଜନଶୁଣାଣିରେ ଉପଖଣ୍ଡର ସମସ୍ତ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଉପସ୍ଥିତ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ ବୃନ୍ଦ ।

■ ସରକାରୀ ଯୋଜନାରେ ସାମିଲ ସହ ସ୍ଥାୟୀ ପଟ୍ଟା ପ୍ରଦାନ ଦାବି

## ଉପଜିଲାପାଳଙ୍କ ଜରିଆରେ ଆରଡିସିଙ୍କୁ ଦାବିପତ୍ର

ରେଢାଖୋଲ,୧୩।୧(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିମୋରା ପଞ୍ଚାୟତ ସଡୋ-ଶଗଡପଟ୍ଟା ଗ୍ରାମବାସୀ ସୋମବାର ସ୍ଥାୟୀ ଜମିପଟ୍ଟା ପ୍ରଦାନ ସହ ସରକାରୀ ଯୋଜନାରେ ସାମିଲ କରାଯିବାକୁ ଉତ୍ତରାଞ୍ଚଳ ରାଜସ୍ୱ କମିସନର ସମ୍ବଲପୁରଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଡୋଲାମଣି ପଟେଲଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାୟ ୪୦ଟି ଆଦିବାସୀ ପରିବାର ପାଣିମୋରା ପଞ୍ଚାୟତ ସଡୋ ଗ୍ରାମ ନିକଟବର୍ତ୍ତି ଶଗଡପଟ୍ଟା ଗ୍ରାମରେ ବାସ କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନାରେ ସାମିଲ କରାଯାଉନାହିଁ। ସମସ୍ତ ପରିବାର କୁଲି ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ବିପିଏଲ କାର୍ଡ କିମ୍ବା ରାଶନ କାର୍ଡ ଯୋଗାଇ ଦିଆଯାଉନାହିଁ। ଏପରି କି ଗ୍ରାମରେ ଥିବା ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ, ବିଧବା ଭତ୍ତା ମଧ୍ୟ ମିଳୁନାହିଁ। ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଭୋଟର ତାଲିକାରେ ନାମ ରହିଥିବା ବେଳେ ଭୋଟ ମଧ୍ୟ ଦେଇଆସୁଛନ୍ତି। ନିର୍ବାଚନ ବେଳେ ରାଜନୈତିକ ଦଳର ନେତାମାନେ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ହେଲେ ନିର୍ବାଚନ ପରେ ସବୁ ଭୁଲି ଯାଉଛନ୍ତି। ଗ୍ରାମବାସୀଙ୍କ ଆଧାର କାର୍ଡ ରହିଛି। ଗ୍ରାମରେ ସରକାର ୨ଟି ନଳକୂପ ପାନୀୟ ଜଳ ପାଇଁ ଯୋଗାଇ ଦେଇଛନ୍ତି ଓ ବିଦ୍ୟୁତ୍ ପାଇଁ ସୋଲାର ଲାଇଟ ବ୍ୟବସ୍ଥା କରିଛନ୍ତି। ହେଲେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ କରାଯାଇଛି। ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ସହ ସରକାରୀ ଯୋଜନାରେ ସାମିଲ କରାଯିବାକୁ ଗ୍ରାମର ଅଭିରାମ ଲୁଗୁନ, ମନୋଜ ବାଗେ, ଅନୀଲ ଭେଙ୍ଗ×ରା, ପାଉଲ ଟପନୋ, ମାସି କାଣ୍ଡୁଲନା, ବିମଳ ଲୁଗୁନ, ଫିଲିପ ଟପ୍ପୋ, ସୁନିତା ସୋରେଙ୍ଗଙ୍କ ସମେତ ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ଆରଡିସିଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଗ୍ରାମବାସୀ ।

# ୩୦ଫୁଟ ତଳକୁ ଖସିଲା ବସ୍, ୧୨ ଆହତ

- ବାହାରିଗଲା ଆଗ ଚକଅଖ
- କଟକରୁ ଢେଙ୍କାନାଳ ଅଭିମୁଖେ ଯାଉଥିଲା ବସ୍

**ଆଠଗଡ,୧୩।୧(ସ୍ୱ.ପ୍ର.):** ଖୁର୍ଣ୍ଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥର ଆଠଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡିଚାପୁର ଗ୍ରାମ ନିକଟରେ ସୋମବାର ଅପରାହ୍ଣରେ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ୩୦ ଫୁଟ ତଳକୁ ଖସିପଡ଼ିଛି। ଦୁର୍ଘଟଣାରେ ବସ୍‌ରେ ଥିବା ୩୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଆହତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଓ ଜଣେ ଶିଶୁ ରହଛନ୍ତି। ଗୁରୁତରମାନେ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବାଲିଆମ୍ବ ଗ୍ରାମର ପ୍ରଶାନ୍ତ ପ୍ରଧାନ(୫୦), ଓସ୍ତପାଳ ଗ୍ରାମର ଉଲ୍ଲାସ ବାରିକ (୩୨), ଆଠଗଡ଼ ବ୍ଲକ ଅନ୍ତର୍ଗତ କପୁରସିଂ ଗ୍ରାମର ମାନି ନାୟକ(୧୯), ତବ୍‌ସୁନି ଖାନ୍(୫)। ଆହତମାନଙ୍କୁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତରମାନଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।
**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୪ | ୧୦.୫ |
| ଚାନ୍ଦବାଲି | ୨୬.୨ | ୧୧.୬ |
| କଟକ | ୨୮.୨ | ୧୦.୫ |
| ପାରାଦ୍ୱୀପ | ୨୬.୧ | ୧୩.୯ |
| ଭୁବନେଶ୍ୱର | ୨୮.୫ | ୧୧.୪ |
| ଗୋପାଳପୁର | ୨୬.୩ | ୧୪.୨ |
| ପୁରୀ | ୨୭.୪ | ୧୪.୦ |
| ଅନୁଗୋଳ | ୨୮.୧ | ୬.୬ |
| ବାରିପଦା | ୨୫.୪ | ୧୦.୫ |
| ଝାରସୁଗୁଡ଼ା | ୨୮.୬ | ୯.୪ |
| କେନ୍ଦୁଝର | ୨୭.୩ | ୯.୧ |
| ସମ୍ବଲପୁର | ୨୮.୫ | ୯.୬ |
| ସୁନ୍ଦରଗଡ଼ | ୨୪.୦ | ୧୧.୦ |
| ହୀରାକୁଦ | ୨୭.୩ | ୧୦.୪ |
| ତାଳଚେର | ୩୧.୪ | ୯.୭ |
| ଭବାନୀପାଟଣା | ୨୭.୬ | ୮.୫ |
| ବଲାଙ୍ଗୀର | ୨୯.୦ | ୧୦.୦ |
| କୋରାପୁଟ | ୨୮.୦ | ୯.୦ |
| ଫୁଲବାଣୀ | ୨୬.୦ | ୬.୦ |
| ଟିଟିଲାଗଡ଼ | ୨୯.୯ | ୭.୧ |
| ମାଲକାନଗିରି | ୩୧.୦ | ୧୦.୨ |
| ସୋନପୁର | ୨୮.୪ | ୬.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୭.୫ |

ଡିଗ୍ରୀ ସେଲ୍‌ସିୟସ୍

# ଆଇଏଏସ୍ ଅଫିସର ବିଜୟଙ୍କ ପୁଣି ଜାମିନ ଖାରଜ

## ଝାରପଡ଼ା ଜେଲରୁ ଭିଡିଓ କନ୍‌ଫରେନ୍ସରେ ହାଜର ହେଲେ

**ଭୁବନେଶ୍ୱର, ୧୩।୧(ବ୍ୟୁରୋ)**

ଲକ୍ଷେ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ୨୦୦୯ ବ୍ୟାଚ୍ ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତାଙ୍କ ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହାକୁ ମିଶାଇ ଭିଜିଲାନ୍ସ କୋର୍ଟ ଦୁଇଥର ତାଙ୍କ ଜାମିନ ଆବେଦନକୁ ଖାରଜ କଲେଣି।

ସୋମବାର ଜାମିନ ଆବେଦନର ଶୁଣାଣିଥିବା ବେଳେ ବିଜୟ ଝାରପଡ଼ା ଜେଲରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ। ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ଯୁକ୍ତି କରିଥିଲେ ଯେ, ସରକାର ଦୁର୍ନୀତିକୁ ଜିରୋ ଟଲେରାନ୍ସ ଭାବେ ବିବେଚନା କରଛନ୍ତି। ତେଣୁ ବିଜୟଙ୍କୁ ଜାମିନ ଦେଲେ ଅନ୍ୟମାନେ ଦୁର୍ନୀତି କରିବାକୁ ସାହସ ଜୁଟାଇବେ। ଏଭଳି ଅଧିକାରୀଙ୍କ ପାଇଁ ସରକାରଙ୍କ ଜନହିତକର କାର୍ଯ୍ୟର ଅର୍ଥ ବାଟମାରଣା ହେଉଛି। ଯେହେତୁ ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କୁ ଜାମିନ୍ ଦିଆଗଲେ ସେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିବା ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଅଭିଯୁକ୍ତଙ୍କୁ ଜାମିନ ଦିଆ ନ ଯାଉ ବୋଲି ସ୍ୱାଇଁ ବିଚାରପତିଙ୍କୁ ନିବେଦନ କରିଥିଲେ।

ସୂଚନାଥାଉ କି, ଭିଜିଲାନ୍ସ କୋର୍ଟ ଗତ ୮ ତାରିଖରେ ବିଜୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗ ହାଜତକୁ ପଠାଇ ଦେଇଥିଲେ। ଉକ୍ତ ଦିନ ବିଜୟଙ୍କ ସହଯୋଗୀ ସନ୍ତୋଷ ପଟ୍ଟନାୟକଙ୍କ ମଧ୍ୟ ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ଅନ୍ୟପକ୍ଷରେ ଭିଜିଲାନ୍ସ ତଦନ୍ତ ବେଳେ ଜାଣିବାକୁ ପାଇଛି ଯେ, ବିଜୟ ଓ ସନ୍ତୋଷଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଆସିଛି, ଯାହାକି ଆୟ ବହିର୍ଭୂତ ଅର୍ଥ। ବିଜୟଙ୍କ ଇସାରାରେ ସନ୍ତୋଷ ଲାଞ୍ଚ ନେବା ସହ ବେନିୟମ କାର୍ଯ୍ୟ କରିଥିବା ଭିଜିଲାନ୍ସ ଜାଣିପାରିଛି।

# ଜାଲ୍ ପ୍ରମାଣପତ୍ର ପାଇଁ ଧରାପଡ଼ିଲେ ୨୭ ଶିକ୍ଷକ

**ମାଲକାନଗିରି, ୧୩।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ନକଲି ଶିକ୍ଷକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ସାର୍ଟିଫିକେଟ୍ ଯାଞ୍ଚ ବେଳେ ଏହା ଜଣାପଡିଛି। ସମ୍ପୃକ୍ତ ଶିକ୍ଷକମାନେ କର୍ନାଟକର ଏକ ବିଦ୍ୟାଳୟ ସାର୍ଟିଫିକେଟ୍ ଦେଇ ଚାକିରି କରିଥିଲେ। ଖୋଳତାଡ ବେଳେ ଏହା ଜଣାପଡିବାରୁ ୫ଜଣ ଶିକ୍ଷକ ଫେରାର ହୋଇଯାଇଛନ୍ତି। କୋରକୋଣ୍ଡା ବିଇଓ ନୀଳାଦ୍ରିନଗରର ଜଣେ ଶିକ୍ଷୟିତ୍ରୀଙ୍କ ନାମରେ ବାଲିମେଳା ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।


## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA

Tel: 0674-2395734, FAX: 0674-2394946, e-mail: cerwssodisha@gmail.com

### NOTICE INVITING BID

**NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

No. 374 / Date: 13.01.2020

**Request for Proposal (RFP)**

**No. O-834:-** The Engineer-in-Chief, RWSS,(Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis & has decided to carry out the bid process for selection of the eligible Contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative project cost (Rs. in crore) | Period for completion & O&M period | Availability of Bid document for online Bidding | |
|---|---|---|---|---|---|---|
| | | | | | From | To |
| Pkg-I | Execution of Rural Piped Water Supply Project pertaining to the Golamunda Block of Kalahandi district including 5 years O&M on EPC contract under the package | EIC, RWSS - 42/19-20 | 203.24 | 24 (Twenty four months) & 60 (Sixty Months) | 17.00hrs of 18.01.2020 | 17.00hrs of 04.03.2020 |
| Pkg-II | Execution of Rural Piped Water Supply Project pertaining 26 GPs of Sambalpur district &02GPs of Jharsuguda district including 5 years O&M on EPC contract under the package | EIC, RWSS - 43/19-20 | 211.67 | 24 (Twenty four months) & 60 (Sixty Months) | 17.00 hrs of 18.01.2020 | 17.00 hrs of 04.03.2020 |
| Pkg-III | Execution of Rural Piped Water Supply Project pertaining to the Bheden and Barapalli Blocks of Baragarh district including 5 years O&M on EPC contract under the package | EIC, RWSS - 44/19-20 | 249.02 | 24 (Twenty four months) & 60 (Sixty Months) | 17.00 hrs of 18.01.2020 | 17.00 hrs of 04.03.2020 |
| PKG-IV | Execution of Rural Piped Water Supply Project pertaining to the Attabira, Baragarh, Bijepur and Gaiselet blocks of Baragarh district including 5 years O&M on EPC contract under the package | EIC, RWSS - 45/19-20 | 533.68 | 24 (Twenty four months) & 60 (Sixty Months) | 17.00 hrs of 18.01.2020 | 17.00 hrs of 04.03.2020 |

Name & address of officer inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph: 0674-2395734/ 0674-2531533, e-mail: cerwssodisha@gmail.com

Further details can be seen from the e-procurement portal http://tendersodisha.gov.in

25040/11/0020/1920 *Sd./- 13.01.2020, Engineer-in-Chief, RWSS*



## NOTICE INVITING TENDER

### Office of District Manager
### Odisha State Civil Supplies Corporation Ltd. (OSCSC)

BARGARH (District)
Phone: 06646-234042
TENDER No 128 Dated: 07.01.2020

Cost of Tender Document :- Rs.11800/- Inclusive of GST.
Online Tenders are invited from eligible tenderers for selection and appointment of level-I transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).

| | | |
|---|---|---|
| 1 | Availability of tender documents | From Date 08.01.2020 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 16.01.20 at 11.00 AM, Place: O/o CSO-Cum-Dist. Manager, OSCSC Ltd., Bargarh |
| 3 | Last date and time for online submission of completed Tender Documents with enclosures | Through e –Procurement Portal : www.tendersodisha.gov.in Up to 5.30 PM of dt. 20.01.2020 |
| 4 | Date, time and venue for opening of Technical Bid by the Tender Committee | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Bargarh |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone no | (i) OSCSC Ltd.:- District Manager :- No 9438200033 Accounts Head. No- 9937355252 (ii) State Procurement Cell :-0674-2530998 / 18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

District Manager
OSCSC Ltd., Bargarh



## OFFICE OF THE NOTIFIED AREA COUNCIL, G.UDAYAGIRI

**NOTICE**

No. 64 Dt. 13.01.2020

The e-Tender Call Notice No. 30 dt. 08.01.2020 published in daily newspaper the Dharitri & Sambad on 09.01.2020 is hereby cancelled due to unavoidable circumstances.

**Sd./- Executive Officer, N.A.C., G.Udayagiri**



## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

**Telephone No.- 06815-222310, 222252, 222958, 223474**
**E-Mail Id - parala.mply@gmail.com**

**Letter No.73** **Date: 08.01.2020**

**QUOTATION CALL NOTICE**

Executive Officer, Paralakhemundi Municipality invited Sealed quotation from the intending registered Firms/ Manufactures/ Suppliers having GSTIN, Pan / Dealership certificates for supply, installation, commissioning and Testing of GARBAGE SHREDER WITH FEED CONVEYOR, NAPKIN INCINATOR, GRINDER, SEIVING MACHINE, DRY WASTE GRINDER & BALING MACHINE OF ELECTRICALLY OPERATED TYPE REQUIRED FOR OPERATION OF 3TPD MCC/MRF (Details Specification Attached). The quotation should reach to the undersigned on or before 22.01.2020 up to 2.00 P.M. through Speed Post / Registered Post / Courier and the quotation will be opened on the same dt. i.e. 22.01.2020 at 4.00 P.M. in the presence of the firm/manufacturer or their authorized agent(s) if present. The firm/manufacturer should submit the attested copy of valid GSTIN/ PAN and dealership certificate along with the tender paper. The rate should be inclusive all taxes, conveyance etc. complete in all respect and shall furnish the effective sale and source certificate and deliveries of the materials with commissioning are to be made as per direction of the Engineer-in-charge of this office. The cost of tender paper of Rs.10,000/-(Rupees Ten Thousand) (Non-refundable) and EMD - 1% of total quoted amount respectively should be deposited in shape of bank draft/bankers cheque in favor of the Executive Officer, Paralakhemundi Municipality and attached the same along with quotation paper. If the successful tenderer will not supply the material in the approved rate within the time period, the EMD shall be forfeited and credited into the account of the Paralakhemundi Municipality. The tender paper shall be available in the District website portal www.gajapati.nic.in which may be downloaded. The prevailing OPWD code. OGFR vol-1 and OM Act & rule will be followed during disposal of this tender.

The undersigned reserves the right to reject/cancel all the tender (s) without assigning any reason thereof.

**Sd./- Executive Officer,**
**Paralakhemundi Municipality**



## NOTICE INVITING TENDER

### Office of District Manager
### Odisha State Civil Supplies Corporation Ltd. (OSCSC)

BARGARH (District)
Phone: 06646-234042
TENDER No. 127 Dated: 07.01.2020

**Cost of Tender Document :- Rs.11800/- Inclusive of GST.**
**Online Tenders are invited from eligible tenderers for selection and appointment of level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS).**

| | | |
|---|---|---|
| 1 | Availability of tender documents | From Date 08.01.2020 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 16.01.20 at 11.00 AM, Place: O/o CSO-Cum-Dist. Manager, OSCSC Ltd., Bargarh |
| 3 | Last date and time for online submission of completed Tender Documents with enclosures | Through e –Procurement Portal : www.tendersodisha.gov.in Up to 5.30 PM of dt. 20.01.2020 |
| 4 | Date, time and venue for opening of Technical Bid by the Tender Committee | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Bargarh |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone no | (i) OSCSC Ltd.:- District Manager :- No 9438200033 Accounts Head. No- 9937355252 (ii) State Procurement Cell :-0674-2530998 / 18003456765 |

N.B: 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

District Manager
OSCSC Ltd., BARGARH



## NOTICE INVITING TENDER

### Office of District Manager
### Odisha State Civil Supplies Corporation Ltd. (OSCSC)

BARGARH (District)
Phone: 06646-234042
TENDER No. 129 Dated: 07.01.2020

**Cost of Tender Document :- Rs.11800/- Inclusive of GST.**
**Online Tenders are invited from eligible tenderers for selection and appointment of Handling Contractor (labour works) for handling of food grain (Rice, Wheat) at all the Rice Receiving Centres (RRCs) of BARGARH district.**

| | | |
|---|---|---|
| 1 | Availability of tender documents | From Date 08.01.2020 Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 16.01.20 at 11.00 AM, Place: O/o CSO-Cum-Dist. Manager, OSCSC Ltd., Bargarh |
| 3 | Last date and time for online submission of completed Tender Documents with enclosures | Through e –Procurement Portal : www.tendersodisha.gov.in Up to 5.30 PM of dt. 20.01.2020 |
| 4 | Date, time and venue for opening of Technical Bid by the Tender Committee | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 22.01.2020 at 11.00 AM, place: Conference Hall of Collectorate, Bargarh |
| 6 | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Bargarh |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers |
| 9 | Language of the Tender | The tender should be prepared by the tenderer in English language only. |
| 10 | Help Desk telephone no | (i) OSCSC Ltd.:- District Manager :- No 9438200033 Accounts Head. No- 9937355252 (ii) State Procurement Cell :-0674-2530998 / 18003456765 |

N.B:1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/ all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

District Manager
OSCSC Ltd., BARGARH



## ବ୍ୟାସନଗର ପୌର ପାଳିକା କାର୍ଯ୍ୟାଳୟ, ବ୍ୟାସନଗର

**ବିଜ୍ଞାପନ ସଂଖ୍ୟା. ୬୭** **ତାରିଖ:୧୩।୦୧।୨୦୨୦**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ତା୦୫।୦୨।୨୦୨୦ରିଖଠାରୁ ତା୧୫।୦୨।୨୦୨୦ରିଖ ପର୍ଯ୍ୟନ୍ତ ୧୧ଦିନ ପାଇଁ ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ଦୁଇ ଗୋଟି ଷ୍ଟାଣ୍ଡ (ସାଇକେଲ୍, ମୋଟର ସାଇକେଲ୍, ଚାରିଚକିଆ ଯାନ) ପାଇଁ ତା୨୦।୦୧।୨୦୨୦ରିଖ ଅପରାହ୍ଣ ୦୫ଘଟିକା ସମୟରେ ଦରଧାର୍ଯ୍ୟ ପାଇଁ ଜଉମୁଦ ଥିବା କୋଟେସନ୍ ଟେଣ୍ଡର ବାକ୍ସରେ ଗ୍ରହଣ କରାଯିବ ଏବଂ ତା୨୧।୦୧।୨୦୨୦ରିଖ ଦିନ ୧ଘଟିକା ସମୟରେ ଟେଣ୍ଡର ପକାଇଥିବା ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଖୋଲାଯିବ। ଏଥିପାଇଁ ସର୍ବନିମ୍ନ ସରକାର ଧାର୍ଯ୍ୟମୂଲ୍ୟ ଟ.୬,୦୦,୦୦୦/- (ଛଅ ଲକ୍ଷ ଟଙ୍କା) ରଖାଯାଇଛି। ଯେଉଁ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମ ପାଇଁ ଟେଣ୍ଡର ପକାଇବେ ତା୧୪।୦୧।୨୦୨୦ରିଖଠାରୁ ତା୨୦।୦୧।୨୦୨୦ରିଖ ମଧ୍ୟରେ କାର୍ଯ୍ୟାଳୟ କାର୍ଯ୍ୟଦିବସରେ କୋଟେସନ୍ ପେପର ନେଇ ପାରିବେ। ସାଇକେଲ୍ ଷ୍ଟାଣ୍ଡ୍ ପାଇଁ ଟ.୨୫,୦୦୦/- (ପଚିଶ ହଜାର ଟଙ୍କା) ଅମାନତ ରଖାଯାଇଅଛି। କୋଟେସନ୍ ସହିତ ଅମାନତ ରସିଦ ଦାଖଲ କରିବେ, ଅନ୍ୟଥା ସମ୍ପୃକ୍ତ କୋଟେସନକୁ ଅଗ୍ରାହ୍ୟ କରି ଦିଆଯିବ। ଏଥି ସହିତ ନିମ୍ନ ଲିଖିତ ନିୟମାବଳୀ ପାଳନ କରିବେ।

୧. ଯେଉଁ ବ୍ୟକ୍ତି ବିଶେଷ କୋଟେସନ୍ କରିବେ ସେମାନଙ୍କ ଉପରେ ପୌର ପରିଷଦର କୌଣସି ବକେୟା ଦେୟ ନଥିବ।
୨. ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ କୋଟେସନଟି ଧାର୍ଯ୍ୟ ହେବ ସେ ନିଜ ଖର୍ଚ୍ଚରେ ସାଇକେଲ୍, ମୋଟର ସାଇକେଲ୍, ଚାରିଚକିଆ ଯାନ, ଷ୍ଟାଣ୍ଡ୍ ନିର୍ମାଣ ଏବଂ ଆବଶ୍ୟକୀୟ ରସିଦ୍ ଇତ୍ୟାଦି କରାଇବେ। ପରିଷଦର ନିଷ୍ପତ୍ତି ଅନୁଯାୟୀ ସାଇକେଲ୍ ପ୍ରତି ଟ.୫/-, ଟେମ୍ପୁ ଓ ଦୁଇଚକିଆ ମୋଟରଗାଡ଼ି ପ୍ରତି ଟ.୨୦/- ଓ ଅନ୍ୟାନ୍ୟ ୪ ଚକିଆ ଯାନ ପ୍ରତି ଟ.୪୦/- ଲେଖାଏଁ ଆଦାୟ କରିବେ।
୩. ମେଳା ଦାୟିତ୍ୱରେ ଥିବା ପୌର କର୍ମଚାରୀ/ଦାୟିତ୍ୱରେ ଥିବା ଅଫିସର, ସାମ୍ବାଦିକ, ଏବଂ ଷ୍ଟଲ୍ ବ୍ୟକ୍ତି ବିଶେଷମାନଙ୍କ ଠାରୁ କୌଣସି ଷ୍ଟାଣ୍ଡ ଫି ଆଦାୟ କରି ପାରିବେ ନାହିଁ।
୪. ଉପରୋକ୍ତ ଫିସର ହାର ନିଲାମଧାରୀ ନିଜ ଖର୍ଚ୍ଚରେ ଷ୍ଟାଣ୍ଡ୍ ନିକଟରେ ଏକ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଇବେ।
୫. ତା୦୫।୦୨।୨୦୨୦ରିଖ ଦିନ ଏକାଦଶୀ ତିଥି ଓ ବ୍ୟାସ ସରୋବର ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ ଥିବାରୁ କୌଣସି ବ୍ୟକ୍ତି ବିଶେଷଙ୍କ ଠାରୁ ସାଇକେଲ୍, ମୋଟର ସାଇକେଲ୍, ଚାରିଚକିଆ ଯାନ ଫି ଆଦାୟ କରାଯିବ ନାହିଁ।
୬. ଯେଉଁ ବ୍ୟକ୍ତି ବିଶେଷଙ୍କ କୋଟେସନ ସର୍ବାଧିକ ହେବ ସେ ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ଧାର୍ଯ୍ୟ ଦେୟ ପୈଠ କରି ରସିଦ୍ ଗ୍ରହଣ କରିବେ। ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଦ୍ୱିତୀୟ ସର୍ବଧିକ କୋଟେସନ୍ ମୂଲ୍ୟ ଡାକିଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବା ସହିତ ସର୍ବଧିକ ମୂଲ୍ୟ ଡ଼ାକିଥିବା ବ୍ୟକ୍ତିଙ୍କ ମୂଲ୍ୟକୁ ଡିପୋଜିଟ୍ କରିବାକୁ ପଡିବ।
୭. ବ୍ୟାସ ସରୋବର ମହୋତ୍ସବ ସମୟରେ ଷ୍ଟାଣ୍ଡ୍‌ରେ ରଖାଯାଇଥିବା କୌଣସି ଯାନ ଚୋରି କିମ୍ବା କ୍ଷତି ହେଲେ ନିଲାମଧାରୀ ସେଥିପାଇଁ ଦାୟୀ ରହିବେ ଓ ଉକ୍ତ ସମ୍ବନ୍ଧୀୟ ଅର୍ଥ ଭରଣା କରିବେ।
୮. ଉପରୋକ୍ତ ସର୍ତ୍ତ ଖିଲାପ ହେଲେ ନିଲାମଧାରୀଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ଅସିଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ସମସ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ ଏବଂ ଆସନ୍ତା ୩ବର୍ଷ ପାଇଁ ପୌର ପାଳିକାର କୌଣସି ନିଲାମରେ ସାମିଲ କରାଯିବ ନାହିଁ।
୯. ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି କୋଟେସନ୍ ଗ୍ରହଣ କରାଯିବ ନାହିଁ।
୧୦. କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି କିମ୍ବା ସମସ୍ତ କୋଟେସନକୁ ରଦ୍ଦ କରିପାରିବେ।

**ସ୍ୱା./- ନିର୍ବାହୀ ଅଧିକାରୀ,**
**ବ୍ୟାସନଗର ପୌର ପାଳିକା**

# ଦୂରକରନ୍ତୁ ରୁପି

ଶୀତଦିନେ ରୁପି ସମସ୍ୟା ଅନେକଙ୍କ ଲାଗି ଚିନ୍ତାର କାରଣ ପାଲଟେ, ଯାହାକୁ ରୋକିବା ଲାଗି ସେମାନେ ବିଭିନ୍ନ ଉପାୟ ଆପଣେଇଥାନ୍ତି ହେଲେ ଏଭଳି କିଛି ଖାଦ୍ୟ ରହିଛି, ଯାହା କି ରୁପି ସମସ୍ୟା ଦୂର କରିବାରେ ବେଶ୍ ଉପକାରୀ ...



- ଶୀତଦିନେ ଅନେକଙ୍କର ପାଣି ପିଇବା କମିଯାଏ। ଫଳରେ ଠିକ୍ ଭାବେ ଖାଦ୍ୟ ହଜମ ହୁଏ ନାହିଁ। ଏହା ମଧ୍ୟ ଅନେକଙ୍କ ମୁଣ୍ଡରେ ରୁପି ହେବାର ଏକ କାରଣ। ତେଣୁ ପ୍ରତିଦିନ ଖାଦ୍ୟରେ ଅଦା ସାମିଲ କଲେ ଏହା ନା କେବଳ ହଜମଶକ୍ତି ବଢାଇବ ବରଂ ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଉପାଦାନ ମଧ୍ୟ ରୁପି ଦୂର କରିବ।
- ରସୁଣରେ ଥିବା ଆଲିସିନ୍ ନାମକ ଆଣ୍ଟିଫଙ୍ଗାଲ୍ ଉପାଦାନ କେଶ ମୂଳରୁ ରୁପି ନଷ୍ଟ କରିଥାଏ। ଏହାକୁ ପେଷ୍ଟ କରି କେଶ ମୂଳରେ ଲଗାଇଲେ ମଧ୍ୟ ଫଳପ୍ରଦ ହୋଇପାରିବେ।
- କଦଳୀରେ ପ୍ରଚୁର ପରିମାଣରେ ଭିଟାମିନ୍ ବି୬, ଏ, ସି, ଇ ସହିତ ଜିଙ୍କ, ପୋଟାସିଅମ୍ ଏବଂ ଆଇରନ୍ ଭଳି ମିନେରାଲ୍ସ ସହିତ ଆମିନୋଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି, ଯାହା କି ମୁଣ୍ଡରେ ରୁପି ହେବାକୁ ଦିଏନାହିଁ।
- ବୁଟକୁ ଖାଦ୍ୟ ତାଲିକାରେ ସାମିଲ କରିବା ସହ ଏହାକୁ ପେଷ୍ଟ କରି କେଶ ମୂଳରେ ଲଗାଇଲେ ରୁପି ଦୂର ହୋଇଥାଏ। କାରଣ ଏଥିରେ ଅଧିକ ପରିମାଣରେ ଭିଟାମିନ ବି୬ ଏବଂ ଜିଙ୍କ୍ ରହିଛି, ଯାହା କି ରୁପି ଦୂର କରିବାର ମୁଖ୍ୟ ଉପାଦାନ। ସେହିପରି ଗହମ ଖାଇବା ମଧ୍ୟ ଉପକାରୀ।
- ପ୍ରତିଦିନ ଖାଦ୍ୟ ତାଲିକାରେ ସିଜନାଲ୍ ଫଳଗୁଡିକୁ ସାମିଲ କରିବା ଦ୍ୱାରା ଏଥିରେ ଥିବା ଏନ୍‌ଜାଇମ୍ ଆପଣଙ୍କ ହଜମଶକ୍ତି ବଢାଇବା ସହ ରୁପି କମାଇବ।
- ମାଛ ତେଲ ଖାଇବା ଦ୍ୱାରା ଶୀତଦିନେ ତ୍ୱଚା ଶୁଷ୍କ ହେବା ପରିବର୍ତ୍ତେ ନରମ ରହିଥାଏ । ଫଳରେ ରୁପି ସମସ୍ୟା ହ୍ରାସ ହୋଇଥାଏ।



# ଗର୍ଭାବସ୍ଥାରେ ମେଦବୃଦ୍ଧି

ଡା. ସରୋଜିନୀ ଷଡଙ୍ଗୀ



ଜଣେ ଜଣେ ମହିଳା ଗର୍ଭଧାରଣ ପୂର୍ବରୁ ମୋଟା ଥାଆନ୍ତି ଏବଂ ବେଶି ଓଜନ ସହ ଗର୍ଭଧାରଣ କରିଥାନ୍ତି, ପୁଣି କେତେକ ମହିଳା ଗର୍ଭଧାରଣ ସମୟରେ ବହୁତ ମୋଟା ହୋଇଯାନ୍ତି। ତେବେ ଅତ୍ୟଧିକ ମେଦ ବୃଦ୍ଧି ଗୋଟିଏ ମହିଳା ପାଇଁ ଯେତିକି ଅସୁବିଧା ଜନକ, ଗର୍ଭାବସ୍ଥାରେ ମଧ୍ୟ ନିଜ ପାଇଁ ତଥା ଗର୍ଭସ୍ଥ ଶିଶୁ ପାଇଁ ସେତିକି ବିପଦପୂର୍ଣ୍ଣ...



ମେଦବୃଦ୍ଧି, ମୋଟାହେବା ବା' ଜଣେ ମହିଳାଙ୍କର କେତେ ଓଜନ ହେଲେ ତାଙ୍କୁ ମୋଟା ବୋଲି କୁହାଯିବ ତା'ର ନିର୍ଦ୍ଦିଷ୍ଟ ନିୟମ ନାହିଁ – ତଥାପି ୯୦ କେ.ଜି. ବା ତତୋଃଧିକ ଓଜନର ମହିଳାଙ୍କୁ ମୋଟୀ ବୋଲି ଅଭିହିତ କରାଯିବ । ତେବେ ଓଜନ ଯନ୍ତ୍ରରେ ଓଜନ ମାପିବା କେବଳ ମୋଟାପଣିଆର ପରିମାପକ ନୁହେଁ । ଶରୀରରେ କେତେ ଚର୍ବିଅଂଶ ଅଛି, ଏହା ମଧ୍ୟ ଚର୍ବି ମାପକ ଯନ୍ତ୍ରରୁ ଜଣାଯାଇପାରୁଛି । ସାଧାରଣତଃ ଗୋଟିଏ ମହିଳାର ଶରୀରରେ ଶତକଡା ୧୦ରୁ ୧୫ ପ୍ରତିଶତ ମଧ୍ୟରେ ଚର୍ବି ଥାଏ । ଶତକଡା ୩୦ରୁ ବେଶି ଚର୍ବି ଥିଲେ ଅସୁବିଧା ହୋଇଥାଏ । ଏହାବ୍ୟତୀତ ଆଉ ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି – 'ବଡି ମାସ୍ ଇଣ୍ଡେକ୍ସ' । ଯଦି ବଡି ମାସ୍ ଇଣ୍ଡେକ୍ସ ୨୫ ବା ୩୦ରୁ ବେଶି ହେଲା ତାହାହେଲେ ମହିଳାଜଣକ ନିଶ୍ଚିତ ଭାବରେ ମୋଟା ବୋଲି ପରିଗଣିତ ହେବେ । ଏହି ଚର୍ବି ସହ ମହିଳା ଜଣକ ଗର୍ଭଧାରଣ କଲେ ବିଶେଷ ଅସୁବିଧା ହୋଇଥାଏ ।

**ମୋଟାପଣର ଚିହ୍ନଟ:** ପ୍ରତିଟି ପରିଚର୍ଯ୍ୟାଗାରରେ ଓଜନ ଓ ଉଚ୍ଚତାର ଚାର୍ଟ ରହିବା ଦରକାର ଯେଉଁଥିରେ କି ଗର୍ଭବତୀ ଶରୀରର ମେଦବହୁଳ ଅବସ୍ଥା ଜଣାପଡ଼ିବ।

**ମେଦବହୁଳତାର ଗର୍ଭ ଉପରେ ପ୍ରଭାବ:** ଅତ୍ୟଧିକ ମୋଟାହେଲେ ଗର୍ଭବତୀ ମା' ଓ ଶିଶୁ ଉପରେ ତା'ର ପ୍ରଭାବ ପଡ଼ିଥାଏ।

ମୋଟା ମହିଳାମାନେ ଗର୍ଭଧାରଣ କଲେ ସେମାନେ ବଡ ଅଶ୍ୱସ୍ତି ଅନୁଭବ କରିଥାନ୍ତି ଏବଂ ସ୍ଥଳବିଶେଷରେ ଧଇଁ ସଇଁ ଓ ଅଣନିଃଶ୍ୱାସୀ ହୋଇପଡନ୍ତି । ସେମାନଙ୍କଠାରେ ପ୍ରଥମେ ଗର୍ଭ ଅଛି କି ନାହିଁ ଜାଣିବା କଷ୍ଟକର ହୋଇଥାଏ। ମୋଟା ହେବା ଯୋଗୁଁ ଗର୍ଭାବସ୍ଥାରେ ଅନେକେ ଉଚ୍ଚ ରକ୍ତଚାପ ତଥା ମଧୁମେହ ରୋଗରେ ପୀଡିତା ହୋଇଥାନ୍ତି ଏବଂ ଏହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡିଥାଏ । ପେଟରେ ଅତ୍ୟଧିକ ଚର୍ବି ଜମିଯିବା ଯୋଗୁଁ ଗର୍ଭରେ ଶିଶୁର ଅବସ୍ଥାନ, ଶିଶୁର ହୃତ୍‌ପିଣ୍ଡର ସ୍ପନ୍ଦନ ଓ ଶିଶୁର ଘୂର୍ଣ୍ଣନ ଆଦି ଜାଣିବାରେ ଅସୁବିଧା ହୁଏ । ଶିଶୁର ହୃଦ୍ ସ୍ପନ୍ଦନ ନ ଶୁଭିଲେ ବାରମ୍ବାର ଅଲ୍‌ଟ୍ରା ସାଉଣ୍ଡ କରିବାକୁ ପଡିଥାଏ । ଅଲ୍‌ଟ୍ରାସାଉଣ୍ଡ କରିବା ସମୟରେ ମୋଟା ପେଟ ଉପରେ ସ୍କାନିଂ କଲାବେଳେ ଶିଶୁର ଅଙ୍ଗପ୍ରତ୍ୟଙ୍ଗ ଭଲଭାବରେ ଦେଖାଯାଏ ନାହିଁ । ମୋଟାହେଲେ ଶିଶୁ ବିକଳାଙ୍ଗ ହେବାର ବେଶି ଚାନ୍ସ ଥାଏ, ବିଶେଷକରି ନିଉରାଲ୍ ଟ୍ୟୁବ୍ ଡିଫେକ୍ଟ ଏବଂ ମୁଣ୍ଡ ନ ଥିବା ବିକଳାଙ୍ଗ ଶିଶୁ ଆଦି । ଚର୍ବି ବହୁଳତା ଓ ବେଶି ବୟସରେ ଗର୍ଭବତୀ ମହିଳାମାନଙ୍କର ଲୁକ୍‌କାୟିତ ମଧୁମେହ ରୋଗ ଥାଏ ତେଣୁ ସେମାନେ ବେଶି ଓଜନର ବଡ଼ ଶିଶୁ ଜନ୍ମ କରିଥାନ୍ତି । ମେଦବହୁଳ ଓ ବହୁ ସନ୍ତାନର ଜନନୀଙ୍କର ସୁରୁଖୁରୁରେ ପ୍ରସବ ହୋଇ ପାରେନାହିଁ । ମେଦବହୁଳତାରେ ରକ୍ତହୀନତା ଦେଖାଦିଏ।

**ମେଦବୃଦ୍ଧିର ପ୍ରସବ ଉପରେ ପ୍ରଭାବ :**

– ମୋଟା ମହିଳାମାନଙ୍କର ଗର୍ଭାବସ୍ଥାରେ ଶିଶୁର ଅବସ୍ଥାନ ଠିକ୍ ଭାବରେ ଚିହ୍ନଟ କରାଯାଇପାରେନାହିଁ ତେଣୁ ଉଚ୍ଚରକ୍ତଚାପ କିମ୍ବା ମଧୁମେହ ରୋଗ ପାଇଁ ପ୍ରସବ ବ୍ୟଥା ଆରମ୍ଭ କରାଯାଏ ଏବଂ ସେଥିରେ ସିଜରିଆନ୍ ସେକ୍ସନ୍ ଚାନ୍ସ ବଢିଯାଏ ।

– ଏହି ମହିଳାମାନଙ୍କର ଶିରା ଭଲଭାବରେ ନ ଦିଶିବାରୁ ଗ୍ଲୁକୋଜ୍ ସାଲାଇନ୍ ଦେବା କଷ୍ଟକର ହୋଇପଡ଼େ।

– ପ୍ରସବ ସମୟରେ ଶିଶୁର ହୃଦ୍ ସ୍ପନ୍ଦନ ଶୁଣିହୁଏ ନାହିଁ।

– ମୋଟା ହେଲେ ଭଲଭାବରେ ପ୍ରସବ ବ୍ୟଥା ହୁଏ ନାହିଁ ଓ ଜରାୟୁର ଅସ୍ୱାଭାବିକ





ସଂକୋଚନ ଓ ପ୍ରସାରଣ ଯୋଗୁ ବହୁ ସମୟଧରି ପ୍ରସବ ବ୍ୟଥା ହେଲେ ମଧ୍ୟ ଶିଶୁ ପ୍ରସବରେ ବିଳମ୍ବ ହୋଇଥାଏ।

– ମୋଟା ହେବା ଦ୍ୱାରା ସାଧାରଣ ପ୍ରସବ ନ ହୋଇ ସିଜରିଆନ୍ ଅସ୍ତ୍ରୋପଚାର ହେବାର ବେଶି ଆଶଙ୍କା ଥାଏ। ସିଜରିଆନ୍ ଅସ୍ତ୍ରୋପଚାର କଲାବେଳେ ମଧ୍ୟ ଚର୍ବି ଯୋଗୁଁ ଅପରେଶନ୍ ବେଳେ ଓ ଶିଶୁଟିକୁ ବାହାର କଲାବେଳେ କଷ୍ଟ ହୋଇଥାଏ । ଶିଶୁଟିକୁ ପେଟରୁ ବାହାର କଲାବେଳେ, ବେଳେବେଳେ ଡେଲିଭରି ପାଇଁ ଅସୁବିଧାହୁଏ।

– ମୋଟା ମହିଳାଙ୍କର ବେକରେ ବେଶି ଚର୍ବିଥିବାରୁ ନିଶା ପ୍ରୟୋଗ ପାଇଁ ଅସୁବିଧା ହୋଇଥାଏ ।

**ପ୍ରସବ ପରବର୍ତ୍ତୀ ଅସୁବିଧା:** ଅସ୍ତ୍ରୋପଚାର ପରେ ଅତ୍ୟଧିକ ଚର୍ବି ଓ ଝାଳ ଯୋଗୁଁ ପେଟ ଉପର ଘା' ଭଲଭାବରେ ଶୁଖିପାରେ ନାହିଁ, ଶିରାରେ ରକ୍ତ ଜମାଟ ବାନ୍ଧିଯାଏ। ଏହାଛଡ଼ା ଅତ୍ୟଧିକ ମେଦବୃଦ୍ଧିରେ ମା'ର କ୍ଷୀର ଭଲ ହୁଏନାହିଁ, ତେଣୁ ମା' ଶିଶୁକୁ ସ୍ତନ୍ୟପାନ କରାଇପାରେ ନାହିଁ । ମୋଟ ଉପରେ କହିବାକୁଗଲେ ମୋଟା ମହିଳାମାନଙ୍କର ବିଭିନ୍ନ ପର୍ଯ୍ୟାୟରେ ଅନେକ ଗୁରୁତର ଅସୁସ୍ଥତା ଦେଖାଦେଇଥାଏ ।

**ଚିକିତ୍ସା:** ଗର୍ଭାବସ୍ଥାରେ ମେଦବହୁଳତା ହେଲେ ଏହା ନିଶ୍ଚିତ ଭାବରେ ହାଇରିସ୍କ ଗ୍ରୁପ୍‌ରେ ଅନ୍ତର୍ଭୁକ୍ତ ହୋଇଥାଏ କାରଣ ଏଥିରେ ଅନେକ ବିପଦଥାଏ, ତେଣୁ ଗର୍ଭବତୀ ନାରୀର ପ୍ରସୂତି ପରିଚର୍ଯ୍ୟାଗାରରେ ନିୟମିତ ଚେକ୍‌ଅପ୍ ଓ ହସ୍‌ପିଟାଲରେ ପ୍ରସବ ନିତାନ୍ତ ଜରୁରୀ। ଗର୍ଭାବସ୍ଥାରେ 'ଡାଏଟିଂ' ବା ଓଜନ ହ୍ରାସ କରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା ଗର୍ଭସ୍ଥ ଶିଶୁର ଓଜନ ଓ ଉଚ୍ଚତା କମିଯାଏ। ତେଣୁ ପ୍ରସବ ପରେ ବା ଦୁଇସପ୍ତାହ ଜନ୍ମ ମଝିରେ ଓଜନ କମାଇବା ଉଚିତ ।

**ଗର୍ଭଧାରଣ ପୂର୍ବରୁ ପରାମର୍ଶ**

ଯେଉଁ ମହିଳାମାନେ ମୋଟା ହୋଇଯାନ୍ତି ଏବଂ ଗର୍ଭଧାରଣ କରିବାକୁ ଚାହାନ୍ତି ସେମାନେ ଅନ୍ତତଃ ୬ମାସ ପୂର୍ବରୁ ଓଜନ କମାଇବା ଉଚିତ।

**ଗର୍ଭବତୀ ନାରୀର ଚେକ୍‌ଅପ୍:** ମୋଟା ହୋଇଥିବା ଗର୍ଭବତୀ ମହିଳା, ତାଙ୍କ ସ୍ୱାମୀ ଓ ସାରା ପରିବାର ଏଥିପାଇଁ ସଚେତନ ରହି ବେଶି କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇବାକୁ ଦେବା ଉଚିତ ନୁହେଁ । ସେମାନେ ଗର୍ଭାବସ୍ଥାରେ ଅଧିକ କ୍ୟାଲୋରିଯୁକ୍ତ ସୁଷମ ଖାଦ୍ୟଖାଇ ଅନ୍ତତଃ ୧୦କେ.ଜି. ଭିତରେ ଓଜନ ସୀମିତ ରଖିବା ଜରୁରୀ । ଅତିରିକ୍ତ ଚର୍ବି, ଘିଅ, ତେଲ ଓ ଛଣାଛଣି ଓ ମିଠାଖାଦ୍ୟ ଖାଇବା ଉଚିତ ନୁହେଁ । କିନ୍ତୁ ସେମାନେ ଓଜନ କମାଇବା ପାଇଁ ଉପବାସ ମଧ୍ୟ ରହିବା ଉଚିତ ନୁହେଁ। କାରଣ ଏହାଦ୍ୱାରା 'କିଟୋସିସ୍' ହୋଇ ଗର୍ଭସ୍ଥ ଶିଶୁର ସ୍ନାୟୁଜନିତ ରୋଗ ହୋଇଥାଏ ।

**ଗର୍ଭାବସ୍ଥାରେ ମେଦବୃଦ୍ଧିର ବିପଦ:**

**ମାତୃମୃତ୍ୟୁ:** ଗର୍ଭବତୀ ମା'ର ମେଦବୃଦ୍ଧି ଯୋଗୁଁ କ୍ରନିକ୍ ଉଚ୍ଚ ରକ୍ତଚାପ, ମଧୁମେହରୋଗ ଏବଂ ପ୍ରସବ ବେଳେ ଅସ୍ତ୍ରୋପଚାର ତଥା ପ୍ରସବପରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ମାତୃମୃତ୍ୟୁ ବେଶି ପରିମାଣରେ ହୋଇଥାଏ ।

**ଶିଶୁମୃତ୍ୟୁ:** ପ୍ରସବପରେ ଶିଶୁମୃତ୍ୟୁ ହାର ବିଶେଷ ଭାବରେ ବଢିଯାଇଥାଏ, କାରଣ ଗର୍ଭସମୟ ଗଡ଼ିଯିବାରୁ ଶିଶୁ ପୋଷ୍ଟ ମାଚ୍ୟୁଅର୍ ହୁଏ । ବଡ଼ ଶିଶୁ ହେଲେ ମଧ୍ୟ ଶିଶୁମୃତ୍ୟୁ ହୋଇଥାଏ କାରଣ ଶତକଡ଼ା ୧୦ ଭାଗ ମା'ଙ୍କର ଶିଶୁର ଓଜନ ୪ କେ.ଜି.ରୁ ଅଧିକ ହୋଇଥାଏ । ମୋଟା ଗର୍ଭବତୀ ମହିଳାମାନଙ୍କର ଶିଶୁର ମୁଣ୍ଡ ନ ଥିବା ବିକଳାଙ୍ଗତା (ଓପନ୍ ନିଉରାଲ୍ ଟ୍ୟୁବ୍ ଡ଼ିଫେକ୍ଟ) ଦୁଇଗୁଣ ବଢିଯାଏ ଏବଂ ଜନ୍ମଗତ ହୃଦ୍‌ରୋଗ ମଧ୍ୟ 6 ଗୁଣ ବଢିଯାଏ । ଆଉ କେତକ ମହିଳାଙ୍କର ଗର୍ଭସ୍ଥଶିଶୁ ଗର୍ଭରେ ବଢିପାରେ ନାହିଁ, ଫଳରେ ଅଳ୍ପ ଓଜନର ଶିଶୁ ଓ ଅପରିଣତ ପ୍ରସବ ହୋଇଥାଏ। ଏହା ଗର୍ଭଫୁଲର ଅପାରଗତା ଯୋଗୁଁ ହୋଇଥାଏ ।

ମେଦବହୁଳତା ଏକ ଅଭିସାପ ବିଶେଷକରି ଗର୍ଭାବସ୍ଥାରେ ମେଦବହୁଳତା କେବଳ ଗର୍ଭବତୀ ନାରୀ ନୁହେଁ, ଗର୍ଭସ୍ଥ ଶିଶୁ ଏବଂ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଥାଏ । ତେଣୁ ଗର୍ଭଧାରଣ ପୂର୍ବରୁ ସୁଚିନ୍ତିତ ଯୋଜନା ଓ ଓଜନହ୍ରାସ କଲେ ସେମାନେ ଯେ ନିରାପଦରେ ଗର୍ଭଧାରଣ ଓ ସୁସ୍ଥ ଶିଶୁ ପ୍ରସବ କରିବେ, ଏଥିରେ ସନ୍ଦେହ ନାହିଁ।

–ଲିଙ୍କରୋଡ୍, କଟକ–୧୨

# ଉଲେନ୍ କପଡ଼ାର ଯତ୍ନ



ଶୀତଦିନେ ଭଳିକି ଭଳି ଉଲେନ୍ କପଡ଼ାର ବ୍ୟବହାର ନା କେବଳ ଆରାମଦାୟକ ବରଂ ଏହା ବେଶ୍ ଆକର୍ଷଣୀୟ ଏବଂ ଷ୍ଟାଇଲିସ୍ ଲୁକ୍ ବି ଦେଇଥାଏ। ତେବେ ଏହି ଉଲେନ୍ କପଡ଼ାଗୁଡ଼ିକ ଅପେକ୍ଷାକୃତ ନରମ ଓ ଦାମୀ ହୋଇଥିବାରୁ ଏହାର ବିଶେଷ ଯତ୍ନନେବା ଆବଶ୍ୟକ ...

- ପ୍ରଥମ କଥା ହେଉଛି ଉଲେନ୍ ବସ୍ତ୍ର ପିନ୍ଧିବା ପରେ ତାକୁ ଠିକ୍ ସମୟରେ ସଫା କରିବା। ଏଥିପାଇଁ ସେଥିରେ ଦିଆଯାଇଥିବା ନିର୍ଦ୍ଦେଶକୁ ପଢ଼ନ୍ତୁ। ନଚେତ୍ ଡ୍ରାଏ କ୍ଲିନ୍ ହେଉଥିବା କପଡ଼ା ଭୁଲରେ ଘରେ ଧୋଇବା ଯୋଗୁ ନଷ୍ଟ ହୋଇଯାଇପାରେ।
- ଏହାକୁ ଧୋଇବା ଲାଗି ପାଉଡର ପରିବର୍ତ୍ତେ ଲିକ୍ୱିଡ୍ ଡିଟରଜେଣ୍ଟ ବ୍ୟବହାର କରନ୍ତୁ।
- ଯେଉଁ ଉଲେନ୍ କପଡ଼ାକୁ ଘରେ ଧୋଉଛନ୍ତି ତାକୁ ଜୋରରେ ନ ଚିପୁଡ଼ି ସେହିପରି ଶୁଖାଇ ଦିଅନ୍ତୁ ସେଥିରୁ ଧୀରେ ଧୀରେ ପାଣି ବାହାରିଯିବ।
- ମନେରଖନ୍ତୁ ଉଲେନ୍ କପଡ଼ାରେ ପରଫ୍ୟୁମ୍ ପକାଇବା ଦ୍ୱାରା ସେଥିରେ ପୋକ ଲାଗିବାର ଆଶଙ୍କା ବେଶି। ତା'ଛଡା ମଝିରେ ମଝିରେ ସବୁ ଶୀତବସ୍ତ୍ର, ଶାଲ୍, ବ୍ଲାଙ୍କେଟ୍ ଆଦିକୁ ଖରାରେ ଶୁଖାନ୍ତୁ। ଏପରି କରିବା ଦ୍ୱାରା ସେଥିରେ ପୋକ ଲାଗି ନ ଥାଏ।
- ଉଲେନ୍ ବସ୍ତ୍ର ଷ୍ଟ୍ରେଚେବଲ୍ ହୋଇଥିବାରୁ ଏହାକୁ ଟାଙ୍ଗି ରଖିବା ଦ୍ୱାରା ଲମ୍ବା ହୋଇଯିବାର ସମ୍ଭାବନା ରହିଛି। ତେଣୁ ଏହାକୁ ଟାଙ୍ଗିବା ପରିବର୍ତ୍ତେ ଭାଙ୍ଗି ରଖନ୍ତୁ।



ଖାଦ୍ୟ ରୁଚି

# ବ୍ରେଡ୍ ରୋଲ୍



**ଆବଶ୍ୟକ ସାମଗ୍ରୀ**– ୧୦ଟି ସ୍ଲାଇସ୍ ବ୍ରେଡ୍, ୫ଟି ମଧ୍ୟମ ଆକାରର ଆଳୁ, ୧ ଚାମଚ ଧନିଆ ପାଉଡର, ୧/୪ ଚାମଚ ଲେଖାଏଁ ଗରମ ମସଲା, ଆମଚୁର ପାଉଡର, ଲାଲ ଲଙ୍କା ପାଉଡର, ଛୋଟ ଛୋଟ କଟା କଞ୍ଚା ଲଙ୍କା, ୨ ବଡ ଚାମଚ ଧନିଆ ପତ୍ର କଟା, ଏକ ଇଞ୍ଚ ଅଦା ଛୋଟ ଛୋଟ କଟା ହୋଇଥିବା, ଛାଣିବା ଲାଗି ତେଲ, ଲୁଣ ସ୍ୱାଦନୁସାରେ।

**ପ୍ରସ୍ତୁତି ପ୍ରଣାଳୀ** – ପ୍ରଥମେ ଆଳୁକୁ ସିଝାଇ ଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଚୋପା ଛଡାଇ ଚକଟି ଦିଅନ୍ତୁ। ଚୁଲାରେ କଡେଇ ବସାଇ ଅଳ୍ପ ତେଲ ନେଇ ଗରମ କରନ୍ତୁ। ସେଥିରେ କଟା ଲଙ୍କା, କଟା ଅଦା, ଧନିଆ ଗୁଣ୍ଡ ପକାଇ ଧୀରେ ଧୀରେ ଗୋଳାନ୍ତୁ। ଭାଜି ହୋଇଗଲେ ସେଥିରେ ଚକଟା ହୋଇଥିବା ଆଳୁକୁ ପକାନ୍ତୁ । ସେଥିରେ ଲଙ୍କା ଗୁଣ୍ଡ, ଗରମ ମସଲା, ଆମଚୁର ପାଉଡର ଏବଂ ସ୍ୱଦାନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହାକୁ ଚୁଲାରୁ କାଢି ଥଣ୍ଡା କରିଦିଅନ୍ତୁ। ଏହାକୁ ୧୦ ଭାଗ କରି ଲମ୍ବାଳିଆ ଗୁଳା(ରୋଲ) କରିଦିଅନ୍ତୁ। ବ୍ରେଡ୍‌ର ଚାରିପାଖ ପୋଡା ଅଂଶ କାଟି ଦିଅନ୍ତୁ ଏବଂ ଏକ ପାତ୍ରରେ ପାଣି ନେଇ ସେଥିରେ ବ୍ରେଡ୍ ବୁଡାଇ ଦିଅନ୍ତୁ। ଦୁଇ ହାତରେ ଚାପି ବ୍ରେଡ୍‌ରୁ ପାଣି ବାହାର କରି ସେଥିରେ ଗୁଳା କରିଥିବା ଆଳୁ ରଖି ଧୀରେ ଧୀରେ ଚାରିପଟୁ ଚାପି ଦିଅନ୍ତୁ। ସେହି ପରି ସବୁ ବ୍ରେଡ୍‌ରେ ଆଳୁ ରଖି ଚାପନ୍ତୁ। ଏକ କଡେଇରେ ତେଲ ଗରମ କରି ଏହାକୁ ୨–୩ଟି ଲେଖାଏଁ ପକାଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ବ୍ରେଡ୍ ରୋଲ୍, ଏହାକୁ ଚଟ୍‌ନି କିମ୍ବା ଟମାଟୋ ସସ୍ ସହ ଖାଇବାର ମଜା ନିଅନ୍ତୁ।

Dollar 70.86 (8) | Sensex 259.97 41,859.69 | Nifty 72.75 12,329.55 | Gold ₹236 40,432.00 | Silver ₹376 47,635.00

## ସଂକ୍ଷେପରେ

### ୫୬ କର୍ମଚାରୀଙ୍କୁ ଛଟେଇ କଲା ୱାଲ୍‌ମାର୍ଟ




ନୂଆଦିଲ୍ଲୀ,୧୩-୧: ବିଶ୍ୱର ସର୍ବବୃହତ୍ ରିଟେଲର ୱାଲ୍‌ମାର୍ଟ ଇଙ୍କ୍ ଭାରତରେ କାର୍ଯ୍ୟରତ ଏହାର ୫୬ ଏକଜିକ୍ୟୁଟିଭଙ୍କୁ ଛଟେଇ କରି ଦେଇଛି। ବ୍ୟବସାୟ ପୁନର୍ଗଠନ ଯୋଜନା ମୁତାବକ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ଏହାର ପାଇକାରୀ ବାଣିଜ୍ୟକୁ ଭାରତରେ ସମ୍ପ୍ରସାରଣ କରୁଥିବା ବେଳେ ଛଟେଇ ଭଳି ପଦକ୍ଷେପ ଏହା ଲାଗି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ସମଗ୍ର ଏସିଆରେ ଏହା ମୋଟ ୨୮ ଷ୍ଟୋର ସହ ସେବା ଯୋଗାଉଛି। ଛୋଟଛୋଟ କର୍ମଚାରୀଙ୍କୁ କମ୍ପାନୀ ସାମଗ୍ରୀ ବିକ୍ରି କରୁଥିବା ବେଳେ ଖୁଚୁରା ଗ୍ରାହକଙ୍କୁ ସାମଗ୍ରୀ ଯୋଗାଣ କରି ନ ଥାଏ। ଛଟେଇ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ୮ ଜଣ ବରିଷ୍ଠ ମ୍ୟାନେଜମେଣ୍ଟ ସ୍ତରର ହୋଇଥିବା ବେଳେ ଅନ୍ୟମାନେ ମଧ୍ୟମ ଏବଂ ନିମ୍ନ ମ୍ୟାନେଜମେଣ୍ଟ ସ୍ତରର ବୋଲି ୱାଲ୍‌ମାର୍ଟ ଇଣ୍ଡିଆର ସଭାପତି ତଥା ସିଇଓ କ୍ରିସ ଆୟ୍ୟାର କହିଛନ୍ତି। ପରିଚାଳନା ଧାରାକୁ ଆହୁରି ସଙ୍ଗଠିତ କରିବା ଲାଗି କର୍ପୋରେଟ ପୁନର୍ଗଠନ କରାଯାଇଥିବା ସେ ମତ ରଖିଛନ୍ତି। ଭାରତୀୟ ଇ-କମର୍ସ କ୍ଷେତ୍ରରେ ଏହି କମ୍ପାନୀ ଫ୍ଲିପକାର୍ଟ ଦ୍ୱାରା ପ୍ରବେଶ କରିଛି। ଫ୍ଲିପକାର୍ଟର ସିଂହଭାଗ ଅଂଶଧନକୁ ଏହା ୧୬ ବିଲିୟନ ଡଲାରରେ ଅଧିଗ୍ରହଣ କରିଥିଲା। କମ୍ପାନୀ ଅନ୍‌ଲାଇନ ଉପରେ ଫୋକସ କରିଥିବାରୁ ଛଟେଇ ହୋଇଥିବା କିଛି ଅଧିକାରୀ ମତ ରଖିଛନ୍ତି। ଏହାବାଦ ବିଜନେସଟୁ ବିଜ୍‌ନେସ ଏବଂ ରିଟେଲ ଇ-କମର୍ସ ବର୍ଗରେ ଏହା ସମ୍ପ୍ରସାରଣ ନେଇ ଯୋଜନା ରଖିଥିବା କୁହାଯାଉଛି। ସାରା ଦେଶରେ ୱାଲ୍‌ମାର୍ଟର ୫,୩୦୦ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ମୁଖ୍ୟ କାର୍ଯ୍ୟାଳୟରେ ୬୦୦ କର୍ମଚାରୀ କାମ କରୁଛନ୍ତି।

### ଏନ୍‌ଏସ୍‌ଇରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା

ନୂଆଦିଲ୍ଲୀ,୧୩-୧: ନ୍ୟାଶନାଲ ଷ୍ଟାଣ୍ଡାର୍ଡ ଏକଜାମିନେଶନ(ଏନ୍‌ଏସ୍‌ଇ)ରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା ହାର ଉଲ୍ଲେଖନୀୟ ରହିଛି। ଅନୁଷ୍ଠାନର ୭୬୭ ଛାତ୍ରୀଛାତ୍ର ଏଥିରେ ସଫଳତା ହାସଲ କରିଛନ୍ତି। ୨୦୧୮ରେ ୫୭୬ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସଫଳତା ହାସଲ କରିଥିବା ବେଳେ ୨୦୧୯ରେ ୩୩% ବୃଦ୍ଧି ଘଟିଛି। ହୋମିଭାବା ସେଣ୍ଟର ଫର୍ ସାଇନ୍ସ ଏଜୁକେଶନ ପକ୍ଷରୁ ବାର୍ଷିକ ପରୀକ୍ଷା ନ୍ୟାଶନାଲ ସାଇନ୍ସ ଅଲିମ୍ପିଆଡ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷର ସଫଳତାକୁ ନେଇ ଅତ୍ୟନ୍ତ ଖୁସି ବୋଲି ଆକାଶ ଏଜୁକେଶନାଲ ସର୍ଭିସେସର ସିଇଓ ଆକାଶ ଚୌଧୁରୀ କହିଛନ୍ତି।

### ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁଲ୍‌ସ ଫିଲ୍ମ ତନହାଜୀ ଚୁକ୍ତି




ଚଣ୍ଡୀଗଡ଼,୧୩-୧: ଦିଭିସା ହର୍ବାଲ କେୟାର ଲିମିଟେଡର ଆକ୍ୟୁମାସ ଆୟୁର୍ବେଦିକ ଗ୍ରାନ୍ୟୁସ ପ୍ରଡକ୍ଟ ଫିଲ୍ମ ତନହାଜୀ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ଦ୍ୱାରା ଆକ୍ୟୁମାସ ତନହାଜୀ ସିନେମାର ପ୍ରମୋଶନ କାର୍ଯ୍ୟ କରିବ। ତନହାଜୀ ଦ ଅନସଙ୍ଗ ୱାରିୟର ସିନେମା ଓମ୍ ରଉତ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଛି। ଏଥିରେ ଅଜୟ୍ ଦେବଗନ ସୁବେଦାର ତନହାଜୀ ମାଲୁସାରେ, କାଜୋଲ ସାବିତ୍ରିବାଇ ମାଲୁସାରେ ଏବଂ ସୈଫ ଅଲୀ ଖାନ ଉଦୟଭାନ ରାଠୋରଙ୍କ ଭୂମିକାରେ ରହିଛନ୍ତି। ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରି ସାରିଛି। ଏଥିରେ ଭାରତୀୟ ସୈନିକଙ୍କ ଦେଶ ଭକ୍ତି, ସାହସ ଏବଂ ଆତ୍ମବିଶ୍ୱାସକୁ ଦର୍ଶାଯାଇଛି।

---

> ଆମେ ଏମିତି ଏକ କମ୍ପାନୀ ପରିଚାଳନା କରୁଛୁ, ଯାହା ଅଧିକରୁ ଅଧିକ ଲୋକଙ୍କୁ ପରସ୍ପର ସହ ଯୋଡ଼ିପାରିବ।
> – ମାର୍କ ଜୁକରବର୍ଗ, ଫେସବୁକ ସିଇଓ



> ଅଧିକ ଚାହିଦା ଥିବା ପ୍ରଡକ୍ଟର ରପ୍ତାନି ଦିଗରେ ସରକାର ବିଭିନ୍ନ ସହାୟତା ଯୋଗାଇ ଦେବେ।
> – ନୀତିନ ଗଡକରି, କେନ୍ଦ୍ର ମନ୍ତ୍ରୀ



# ଖୁଚୁରା ମୁଦ୍ରାସ୍ଫୀତି ୭.୩୫% ସ୍ତର ଛୁଇଁଲା

**ବଢୁଛି ଦରଦାମ**
- ସାଢ଼େ ପାଞ୍ଚ ବର୍ଷର ସର୍ବୋଚ୍ଚ ସ୍ତର
- ଆର୍‌ବିଆଇର ଧାର୍ଯ୍ୟ ଲକ୍ଷ୍ୟ ଟପିଯାଇଛି
- ନଭେମ୍ବରରେ ୫.୫୪% ରହିଥିଲା।



ନୂଆଦିଲ୍ଲୀ,୧୩-୧

ବଜାରରେ ଏବେ ଦରଦାମ ବଢୁଛି। ଚଳିତ ବର୍ଷ ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ସାଢେ ୫ ବର୍ଷର ସର୍ବୋଚ୍ଚ ସ୍ତର ଟପି ୭.୩୫% ସ୍ତରରେ ରହିଛି। ମୁଦ୍ରାସ୍ଫୀତିକୁ ଏକ ନିର୍ଦ୍ଦିଷ୍ଟ ସ୍ତରରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଥିଲା। ହେଲେ ଏହି ସ୍ତର ଟପିଯାଇଥିବା ଜଣାପଡିଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ବିଶେଷକରି ପନିପରିବା ଏବଂ ପିଆଜ ଦର ବଢିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ) ପକ୍ଷରୁ ସୋମବାର ଜାରି କରାଯାଇଥିବା ଡାଟା ମୁତାବକ ଏହି ସମୟରେ ପନିପରିବା ବର୍ଗରେ ମୁଦ୍ରାସ୍ଫୀତି ବୃଦ୍ଧିଘଟି ୬୦.୫% ସ୍ତର ଛୁଇଁଛି। ୨୦୧୮ ଡିସେମ୍ବରରେ ସାମଗ୍ରିକ ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୨.୧୧% ରହିଥିଲା। ସେହିଭଳି ୨୦୧୯ ନଭେମ୍ବରରେ ଏହା ୫.୫୪% ସ୍ତରରେ ଥିଲା।

ଏନ୍‌ଏସ୍‌ଓ ଡାଟା ମୁତାବକ, ଖାଦ୍ୟ ବର୍ଗରେ ମୁଦ୍ରାସ୍ଫୀତି ୧୪.୧୨% ବଢିଛି। ଏହା ୨୦୧୮ ଡିସେମ୍ବରରେ (-) ୨.୬୫% ସ୍ତରରେ ରହିଥିଲା। ଚଳିତ ବର୍ଷ ନଭେମ୍ବରରେ ଏହି ବର୍ଗରେ ମୁଦ୍ରାସ୍ଫୀତି ୧୦.୦୧% ରହିଥିଲା। ଏହା ପୂର୍ବରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରଥମ ପାଳିରେ ଖୁଚୁରା ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତର ୭.୩୯% ରହିଥିଲା। ଚଳିତ ବର୍ଷ ଡିସେମ୍ବରରେ ଡାଲିଜାତୀୟ ଏବଂ ଅନ୍ୟାନ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୧୫.୪୪% ରେକର୍ଡ କରାଯାଇଛି। ଏହାବାଦ ମାଂସ ଏବଂ ମାଛ ବର୍ଗରେ ଏହା ପ୍ରାୟ ୧୦% ବଢିଛି। ମୁଦ୍ରାସ୍ଫୀତିକୁ ୪% ସ୍ତରରେ ରଖିବା ଲାଗି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ଦେଇଥିଲେ। ଫେବୃୟାରୀ ୬ ରିଜର୍ଭ ବ୍ୟାଙ୍କ ଏହାର ପରବର୍ତ୍ତୀ ଦ୍ୱିମାସିକ ସୁଧହାର ବା ରେପୋ ହାର ଘୋଷଣା କରିବ। ସିପିଆଇ ଭିତ୍ତିକ ମୁଦ୍ରାସ୍ଫୀତିକୁ ଏହା ନିଶ୍ଚିତ ପକ୍ଷେ ବିଚାରକୁ ନେବ। ଡିସେମ୍ବର ପଲିସିରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାସ୍ଫୀତି ବୃଦ୍ଧି ଆଶଙ୍କା କରି ସୁଧହାର ଅପରିବର୍ତ୍ତିତ ରଖିଥିଲା।

# ଚିନ୍ତା ବଢ଼ାଉଛି ବେରୋଜଗାର

**ମାନ୍ଦାବସ୍ଥା ମାଡ଼**




ମୁମ୍ବାଇ,୧୩-୧

ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହାର ପ୍ରଭାବ ନିଯୁକ୍ତି ଉପରେ ପଡୁଛି। ଫଳରେ କମ୍ପାନୀଗୁଡିକ ଅଧିକ ନିଯୁକ୍ତି ସପକ୍ଷରେ ନାହାନ୍ତି। ଏଥିଯୋଗୁ ୨୦୧୮-୧୯ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ କମ୍ ନିଯୁକ୍ତି ସୃଷ୍ଟି ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୮୯.୭ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ୧୬ ଲକ୍ଷ ନିଯୁକ୍ତି କମିବା ନେଇ ଏକ ରିପୋର୍ଟରେ ଅନୁମାନ କରାଯାଇଛି। ଏସ୍‌ବିଆଇ ଇକୋରାପ ରିପୋର୍ଟ ମୁତାବକ ଆସାମ, ବିହାର, ରାଜସ୍ଥାନ ଏବଂ ଓଡ଼ିଶା ଭଳି ରାଜ୍ୟଗୁଡିକରୁ କାମ ଉଦ୍ଦେଶ୍ୟରେ ରାଜ୍ୟ ବାହାରକୁ ଯାଇଥିବା ବ୍ୟକ୍ତି ଘରକୁ ପଠାଉଥିବା ଅର୍ଥରେ ହ୍ରାସ ଘଟିଛି। କଣ୍ଟ୍ରାକ୍ଟ ୱାର୍କସଙ୍କ ସଂଖ୍ୟା କମିଥିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ରାଜ୍ୟଗୁଡିକରୁ କାମଧନ୍ଦା କରିବା ଲାଗି ଲୋକମାନେ ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର ଭଳି ରାଜ୍ୟକୁ ଯାଇଥିବା ବେଳେ ସେଠାରେ ରୋଜଗାର କରି ଘରକୁ ଟଙ୍କା ପଠାଇଥାନ୍ତି।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ ଦେଇଥିବା ରିପୋର୍ଟ ମୁତାବକ, ୨୦୧୮-୧୯ରେ ୮୯.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଚଳିତ ବର୍ଷ ୧୫.୮ ଲକ୍ଷ ନିଯୁକ୍ତି ହ୍ରାସ ହେବାର ଅନୁମାନ କରାଯାଇଛି। ଇପିଏଫ୍‌ଓରେ ସାଧାରଣତଃ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଡାଟାକୁ ବିଚାର କରାଯାଏ। ଏହି କର୍ମଚାରୀଙ୍କ ବେତନର ଅଧିକତମ ସୀମା ମାସିକ ୧୫ ହଜାର ଟଙ୍କା ରହିଥାଏ। ଇପିଏଫ୍‌ଓ ରିପୋର୍ଟ ମୁତାବକ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ସମୟରେ ଇପିଏଫ୍‌ଓ ସହ ୪୩.୧ ଲକ୍ଷ ନୂଆ ଅଂଶୀଦାର ଯୋଡ଼ି ହୋଇଛନ୍ତି। ଏହା ବାର୍ଷିକ ୭୩.୯ ଲକ୍ଷ ଛୁଇଁପାରେ। ଉକ୍ତ ରିପୋର୍ଟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଚାକିରି ଏବଂ ଘରୋଇ କ୍ଷେତ୍ର ସହ ଯୋଡି ହୋଇଥିବା କର୍ମଚାରୀଙ୍କୁ ବିଚାରକୁ ନିଆଯାଇନାହିଁ।

## ନାଲ୍‌କୋ ପକ୍ଷରୁ ହିନ୍ଦୀ ଦିବସ




ଭୁବନେଶ୍ୱର,୧୩-୧

ନାଲ୍‌କୋ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଗମ କାର୍ଯ୍ୟାଳୟଠାରେ ହିନ୍ଦୀ ସପ୍ତାହ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହିନ୍ଦୀ ଭାଷାର ପ୍ରଚଳନ ଲାଗି ନାଲ୍‌କୋ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ପାତ୍ର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋ ଗୃହ ପତ୍ରିକା ଅକ୍ଷରର ଜାନୁୟାରି ସଂସ୍କରଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍ପାଦନ ନିର୍ଦ୍ଦେଶକ ଭି.ବାଲସୁବ୍ରମଣ୍ୟମ, ପି ଆଣ୍ଡ ଟି ନିର୍ଦ୍ଦେଶକ ଏସ୍.କେ. ରାଏ, ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ଏବଂ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ଏମ୍‌ଡିଙ୍କୁ ନିଯୁକ୍ତି ଦେବ ରିଲାଏନ୍ସ




ନୂଆଦିଲ୍ଲୀ,୧୩-୧

ବଜାର ନିୟନ୍ତ୍ରକ ସେବିର ଆଦେଶ ପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ନୂଆ ଏମ୍‌ଡିଙ୍କୁ ନିଯୁକ୍ତି ଦେବ ବୋଲି ଜଣାପଡିଛି। ଗୋଟିଏ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏବଂ ଅଧ୍ୟକ୍ଷ ପଦବୀରେ ଜଣେ ବ୍ୟକ୍ତି ରହିପାରିବେ ନାହିଁ ବୋଲି ସେବି ନିର୍ଦ୍ଦେଶରେ କହିଛି। ୨୦୨୦ ଏପ୍ରିଲ ୧ ପରଠାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି କୁହାଯାଇଥିବା ବେଳେ ଏହାକୁ ବର୍ତ୍ତମାନ ୨ ବର୍ଷ କୋହଳ କରାଯାଇଛି। ଏହି ନିୟମ ରିଲାଏନ୍ସରେ କାର୍ଯ୍ୟକାରୀ ହେଲେ ପ୍ରଥମଥର ଅମ୍ବାନୀ ପରିବାର ବାଦ ଅନ୍ୟ କେହି ଏମ୍‌ଡି ପଦବୀରେ ଅବସ୍ଥାପିତ ହେବେ। ବର୍ତ୍ତମାନ ରିଲାଏନ୍ସର ଏମ୍‌ଡି ପଦବୀରେ ମୁକେଶ ଅମ୍ବାନି ଅବସ୍ଥାପିତ ଅଛନ୍ତି। ସେବିର ଏହି ନିଷ୍ପତ୍ତି ମୁତାବକ ନୂଆ ଏମ୍‌ଡିଙ୍କ ନାମ ଘୋଷଣା କରିବାକୁ ପଡିବ। ଏହା ପରେ ମୁକେଶ ଅମ୍ବାନୀ ଅଣକାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଦବୀରେ କାର୍ଯ୍ୟ କରିବେ। କମ୍ପାନୀ ଇତିହାସରେ ଏହା ପ୍ରଥମ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ନିଖିଲ ମେଶୱାନୀ ଏବଂ ମନୋଜ ମୋଦିଙ୍କୁ ଏମ୍‌ଡି ପଦବୀ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ମେଶୱାନୀ ଏବେ ରିଲାଏନ୍ସରେ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରୁଛନ୍ତି। ମନୋଜ ମୋଦିଙ୍କ ମୁକେଶ ଅମ୍ବାନୀଙ୍କ ଅତି ବିଶ୍ୱସ୍ତ ବୋଲି କରାଯାଏ। ପରୋକ୍ଷ ଭାବେ ତାଙ୍କୁ କମ୍ପାନୀର ସିଇଓ ବୋଲି ବିଚାର କରାଯାଏ। ଏହି ତାଲିକାରେ ନିଖିଲ ମେଶୱାନୀଙ୍କ ସାନ ଭାଇ ହେତଲ ମେଶୱାନୀ ଏବଂ ପିଏମ୍‌ଏସ୍ ପ୍ରଶାଦଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ମେଶୱାନୀ ଭ୍ରାତା ୯୦ ଦଶକରୁ ରିଲାଏନ୍ସ ବୋର୍ଡରେ କାମ କରୁଛନ୍ତି। ଏମାନେ ମୁକେଶଙ୍କର ସମ୍ପର୍କୀୟ ଭାଇ। ମେଶୱାନୀ ଭ୍ରାତାଙ୍କ ପିତା ରଶିକଲାଲ ମେଶୱାନୀ ରିଲାଏନ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ। ଧିରୁ ଭାଇ ଅମ୍ବାନୀଙ୍କ ସହ ମିଳିତ ହୋଇ ସେ ରିଲାଏନ୍ସ ସ୍ଥାପନ କରିଥିଲେ।


**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L. I. DIVISION, SUNDARGARH**
e-mail I.D - ceolicsngh@gmail.com.

NATIONAL COMPETITIVE BIDDING THROUGH e-Procurement
Identification No. EEOLIC/SNGH/08/1920/2020 Dt-10-01-2020

| | | | |
|---|---|---|---|
| 01 | Name of work | : | Installation & Energisatition of 03 nos. of new LIPs in Kutra Block of Sundargarh Dist. |
| 02 | Estimated cost | : | Rs.49.70 lakhs to Rs.76.30 lakhs ( approx) |
| 03 | Period of completion | : | 120days |
| 04 | Date & Time of availability of bid document in the portal | : | From 10.30 Hrs. of 20.01.2020 to 17.00 Hrs. of 29.01.2020 |
| 05 | Last date/time of submission of documents(hard copy) in office | : | 17.00 Hrs. of 31.01.2020 |
| 06 | Date & Time of opening of bids | : | 11.00 Hrs. of 01.02.2020 |
| 07 | Name and Address of the officer inviting bid | : | Executive Engineer, L.I. Division, Sundargarh |

Further details can be seen from the web site www.tendersorissa.gov.in

Sd/-Executive Engineer,
L.I.Division, Sundargarh

32138/11/0003/1920 No. CAD-805



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 02/OMC/Civil/2020**

Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Special repair to Danla Security Barrack at GIOM in the dist of Keonjhar. | 9.64 | 3(Three) | D & C | 9,700/- | 4,000/- + 18% GST |
| 2 | Special repair to Jagar Security Barrack at GIOM in the district of Keonjhar. | 13.66 | 04 (Four) | D& C | 13,700/- | 6,000/- + 18% GST |

1. Available of Bid document in Govt. portal from dt.17/01//2020 to 27/01/2020 up to 5.00 PM.
2. Last date of on-line submission of tender in the portal is dt.27/01/2020 up to 5.00 PM.
3. Date of opening of Technical Bid is dt 28/01/2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0116/1920 No. CAD-807 CGM (Civil)



**MISSING PERSON** No. D-254

Ref: Chadaka PS case no 204 dtd 13/10/2019 U/S 365/34 IPC.

Name and address of missing person
BALARAM SAHANI
Age- 36
S/O-Tapan Sahani, Vill-Chhanda, PS-Marshaghai, Dist-Kendrapara.
A/P- Near SOG Campus, PS-Chandaka, Dist- KHurda.

**BALARAM SAHANI**



Description
Height- 5'5"
Fair complexion
Strong Built
Long Face
Wearing Brown colour full pant and pink colour half T- shirt on the day of missing
One cut mark on upper right thigh(Old)

The brief fact of the case is that on dtd 09/10/19 evening Balaram Sahani left his home with his moped vehicle bearing regd. No OD 33 T 2420 and proceeded to Chhatrapur along with his two friends namely Baidhar Arukh and Sukant Kumar Mallick. On the way all of them halted at CHILKA DHABA at Balugaon for their dinner. After diner Balaram Sahani told Baidhar Arukh and Sukant Kumar Mallick to proceed to Chatrapur by train and he will follow with his moped vehicle. Till then he has been missing and his mobile is in switched off mode. On dtd 13/10/2019 his father Tapan Kumar Sahani intimated the fact at Chandaka PS and the referred case has been registered and investigated into. During investigation sincere steps has been taken to trace out the missing person Balaram Sahani but couldn't be traced till date.

If traced please contact to IIC Chandaka PS
MOB: 9438849959(IIC) 7978679699(I/O)
E mail: chandakaps.odpol@nic.in

12015/11/0022/1920



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

Bid identification no :- VI-29 (21)/SERIFED/2019-20/66/ Dt. 13.01.2020

The MANAGING DIRECTOR, SERIFED invites Item rate Tenders in double cover system in ONLINE MODE only, for the work **"Construction of Tasar Basic Seed Station Building" at PPC Harichandanpur, Keonjhar** as follows. **(1) Nature of the work :** Construction of building (Civil, Electrical, Water Supply and Sanitation) etc (Composite Tender). **(2) Value of Tender : Rs.80,36,729/-** (Excluding GST), **(3) Cost of Bid Document** : Rs.10,000/- + 1800 (GST @ 18%), **(4)** EMD : **Rs.80,367/-, (5) Class of Contractor :** "C" & "B" Class, **(6) Availability of Bid Documents in the website - www.tendersodisha.gov.in :** Dt.21.01.2020 to 06.02.2020 up to 5.00 PM, **(7) Pre bid meeting for clarification of bidders :** Dt.27.01.2020 at 3.00 P.M. in the office of SERIFED, **(8) Last date / time of receipt of Bids in the Portal :** Dt.06.02.2020 up to 5.00 PM, **(9) Date of Opening of Technical Bid (Online) :** 11.30 A.M. on Dt.07.02.2020. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. Any addendum/corrigendum / cancellation of tender can also be seen in the said website.

Sd/- Managing Director



**ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା, ସମ୍ବଲପୁର**

**ତାରିଖ-୧୭।୦୧।୨୦୨୦ (ସମୟ ଦିବା ୦୯.୦୦ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ)**

ODISHA SKILL DEVELOPMENT AUTHORITY | National Career Service

**ସ୍ଥାନ-କୁଚିଣ୍ଡା କଲେଜ ଗ୍ରାଉଣ୍ଡ, କୁଚିଣ୍ଡା**

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତଥା ଜିଲ୍ଲା ପ୍ରଶାସନ ସମ୍ବଲପୁର ତରଫରୁ କୁଚିଣ୍ଡା କଲେଜ ପଡିଆରେ ତା୧୭।୦୧।୨୦୨୦ରିଖ (ସମୟ ଦିବା ୦୯.୦୦ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ) ଏକ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଉକ୍ତ ନିଯୁକ୍ତି ମେଳାରେ ପାଠ୍ୟକ୍ରମ ଛାଡିଥିବା ସ୍କୁଲ ଏବଂ କଲେଜ (ପଞ୍ଚମ ଶ୍ରେଣୀରୁ ସ୍ନାତକ) ଏବଂ ITI/DIPLOMA ପାସ୍ କରିଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ଯୋଗଦେଇ ନିଜର ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ନିମନ୍ତେ ଆବେଦନ ପତ୍ର ଦାଖଲ କରିପାରିବେ।

**ସବିଶେଷ ବିବରଣୀ ପାଇଁ** : Visit- ncs.gov.in/sambalpur.nic.in



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES CAD-800

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Tender Call Notice No. HO/CIVIL/T&E-E-4226/04/2019/ 570 Dt. 08.01.2020**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Supply, installation, testing and commissioning of 2 Nos. 10 passengers micro-processor based Elevator for G+3 floors of 300 seated Ladies Hostel at VSSUT, Burla.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid Id No. CIVIL/ EST/ 22/2019-20 | 12.00 Hours of dt. 18.01.2020 | 17.00 Hours of dt. 31.01.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil), IDCO, Bhubaneswar**

**14003/11/0040/1920**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES CAD-803

**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Tender Call Notice No. HO/CIVIL/T&E-E-4056/04/2019/ 648 Dt. 08.01.2020**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Additional Air Conditioning with Variable Refrigerant Flow System as required for 1st Floor (Room No-FS-27), 2nd Floor (Room No-SS-25) and 3rd Floor (for total 21 Rooms) at Krushibhawan, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Towers, Janpath, Bhubaneswar | Bid Id No. CIVIL/ EST/ 20/2019-20 | 12.00 Hours of dt. 21.01.2020 | 17.00 Hours of dt. 06.02.2020 |

Further details can be seen from the e-procurement portal **www.tendersodisha.gov.in**. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil), IDCO, Bhubaneswar**

**14003/11/0043/1920**



**ନିଯୁକ୍ତି ମେଳା ୨୦୧୯-୨୦**
**ଦେବଗଡ଼**

Odisha Skill Development Authority

**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (Odisha Skill Development Authority) ଏବଂ ଜିଲ୍ଲା ପ୍ରଶାସନ, ଦେବଗଡ଼ଙ୍କ ମିଳିତ ସହଯୋଗରେ ଆସନ୍ତା ତା୧୮।୦୧।୨୦୨୦ ଶନିବାର ଦିନ Govt. Polytechnic, Deogarh (Engineering School) ପ୍ରାଙ୍ଗଣରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳାର ଆୟୋଜନ କରାଯାଉଛି।

ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରମୁଖ ଘରୋଇ/ବେସରକାରୀ ନିଯୁକ୍ତିଦାତା ଓ ଦକ୍ଷତାବୃଦ୍ଧି ତାଲିମଦାତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କେତେକ ସଂସ୍ଥାରେ ପ୍ରତ୍ୟକ୍ଷ ନିଯୁକ୍ତି ବ୍ୟବସ୍ଥା ଥିବାବେଳେ କେତେକ ସଂସ୍ଥା ମନୋନୀତ ପ୍ରାର୍ଥୀଙ୍କୁ ସ୍ୱଳ୍ପକାଳୀନ ତାଲିମ୍‌ପରେ ନିଯୁକ୍ତି ପାଇଁ ଅଙ୍ଗୀକାରବଦ୍ଧ। ପ୍ରତିଷ୍ଠିତ ସଂସ୍ଥାଗୁଡିକରେ ପ୍ରତ୍ୟକ୍ଷ ନିଯୁକ୍ତି ତଥା ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ସୁଯୋଗ ପାଇବା ପାଇଁ ଜିଲ୍ଲାର ସମସ୍ତ ଶିକ୍ଷିତ ବେରୋଜଗାର ଯୁବଗୋଷ୍ଠୀ ଅଂଶଗ୍ରହଣ କରିପାରିବେ।

ଉକ୍ତ ମେଳାରେ ୫ମ ଶ୍ରେଣୀ ପାସ୍‌ଠାରୁ +୩ ପାସ୍ ଶିକ୍ଷାଗତ ଯୋଗ୍ୟତା ପର୍ଯ୍ୟନ୍ତ ୧୮ବର୍ଷରୁ ୩୦ବର୍ଷ ବୟସର ପ୍ରାର୍ଥୀ/ପ୍ରାର୍ଥିନୀମାନେ ମଧ୍ୟ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ପାସ୍‌ପୋର୍ଟ ସାଇଜ ଫଟୋ, ଆଧାରକାର୍ଡ ଏବଂ ଏ ପ୍ରମାଣପତ୍ରଗୁଡିକର ନକଲ ସହ ଉକ୍ତ ମେଳାରେ ସକାଳ ୧୦ଘ.ରୁ ଅପରାହ୍ନ ୩ଘ. ମଧ୍ୟରେ ଅଂଶଗ୍ରହଣ କରି ନିଯୁକ୍ତି ସୁଯୋଗ ନେବା ପାଇଁ ଅନୁରୋଧ।

**ଜିଲ୍ଲା ନିଯୋଜନ ଅଧିକାରୀ**
**ଦେବଗଡ଼**

**ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ**
**ଦେବଗଡ଼**

> ମୁଁ ବର୍ତ୍ତମାନ ବିଶ୍ୱର ନମ୍ବରୱାନ ଖେଳାଳି ହୋଇଥିଲେ ହେଁ ଅଷ୍ଟ୍ରେଲିଆନ ଓପନ ଟେନିସ ପାଇଁ ଜୋର୍‌ଦାର ଅଭ୍ୟାସ ଚଳାଇଛି ।
> –ଆଶ୍‌ଲେ ବାର୍ଟି, ଅଷ୍ଟ୍ରେଲିଆ ଟେନିସ୍ ଖେଳାଳି



> ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସରେ କେହି ଫେଭରାଇଟ୍ ଥିବାମନେ ହେଉନି ।
> –ନୋଭାକ୍ ଜୋକୋଭିଚ୍
> ସର୍ବୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ସର୍ବଭାରତୀୟ ଜୁଡୋ କ୍ଲଷ୍ଟରରେ ଓଡ଼ିଶା ପୋଲିସର ସଫଳତା

**କଟକ ଅଫିସ,୧୩।୧:** ସିଆରପିଏଫ୍ ଆନୁକୂଲ୍ୟରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ ୪ର୍ଥ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସର ପ୍ରତିଯୋଗୀ ୪ଟି ପଦକ ଜିତିଛନ୍ତି। ଜିମ୍ନାଷ୍ଟିକ ବିଭାଗରେ ହାବିଲଦାର ବିଷ୍ଣୁ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି ଉଶୁରେ ଓଡ଼ିଶା ପୋଲିସ ପ୍ରତିଯୋଗୀ ୩ଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ୪୫ କେଜି ବର୍ଗରେ କନଷ୍ଟେବଲ ବର୍ଷା ନାଥ, ମହିଳା ୫୨ କେଜିରେ କନଷ୍ଟେବଲ ତପସ୍ୱିନୀ ପଟେଲ ଓ ପୁରୁଷ ୪୮ କେଜିରେ ଦେବାଶିଷ ମଲିକ ଏହି ସଫଳତା ପାଇଛନ୍ତି। ପଦକ ଜିତିଥିବା ପ୍ରତିଯୋଗୀମାନେ ସୋମବାର ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ କ୍ରୀଡ଼ାବିତମାନଙ୍କ ସାଫଲ୍ୟରେ ସନ୍ତୋଷବ୍ୟକ୍ତ କରିବା ସହ ଭବିଷ୍ୟତରେ କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟ ତୋଷ ମିଶ୍ର ଓ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ବିଭୁତି ଭୂଷଣ ମହାରଣା ଉପସ୍ଥିତ ଥିଲେ।

### ୱେଷ୍ଟଇଣ୍ଡିଜର କ୍ଲିନସୁଇପ୍

**ସେଣ୍ଟ ଜର୍ଜ୍ସ,୧୩।୧:** ଇଭିନ ଲୁଇସଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ଆୟର୍ଲାଣ୍ଡକୁ ୩ୟ ତଥା ଅନ୍ତିମ ଦିନିକିଆରେ ହରାଇ ଦେଇଛି। ଏଥିସହ ଅନ୍ତର୍ଜାତୀୟ ଦିନିକିଆ ସିରିଜ୍‌କୁ ୩-୦ରେ ପୋଛି ନେଇଛି। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ୬୪ ବଲ ପୂର୍ବରୁ ଘରୋଇ ଦଳ ହାସଲ କରିନେଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୪୯.୧ ଓଭରରେ ୨୦୩ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ଭାରତୀୟ ଦଳରେ ବୀରେନ୍ଦ୍ର, ଅମିତ

ନୂଆଦିଲ୍ଲୀ, ୧୩।୧

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଏଫଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା ହୋଇଛି। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ନେଦରଲାଣ୍ଡ୍ସ। ମନପ୍ରୀତ ସିଂ ଅଧିନାୟକ ଭାବେ ଅପରିବର୍ତ୍ତିତ ରହିଥିବାବେଳେ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ ହରମନପ୍ରୀତ ସିଂ। ଆହତ ସମସ୍ୟା ଯୋଗୁ ଦୀର୍ଘ ୧ ବର୍ଷ ଧରି ଦଳରୁ ଦୂରେଇ

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

- ମନପ୍ରୀତ ଅଧିନାୟକ, ହରମନପ୍ରୀତ ଉପ-ଅଧିନାୟକ
- ଚିଙ୍ଗଲେନସାନା ଓ ସୁମିତଙ୍କ ପ୍ରତ୍ୟାବର୍ତ୍ତନ

ରହିବାପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ଚିଙ୍ଗଲେନସାନା ସିଂ। ସେହିପରି ସମାନ କାରଣରୁ ଗତବର୍ଷ ଜୁନ୍‌ରେ ଏଫଆଇଏଚ୍ ସିରିଜ ଫାଇନାଲ୍ସ ଖେଳିପାରି ନ ଥିବା ସୁମିତ ମଧ୍ୟ ସୁସ୍ଥ ହୋଇ ଦଳକୁ ଫେରିଛନ୍ତି। ପୂର୍ବ ପ୍ରତିଯୋଗିତା ଗୁଡ଼ିକ ଭଳି ଏଥର ମଧ୍ୟ ଭାରତୀୟ ଦଳରେ ଓଡ଼ିଶାର ଦୁଇ ତାରକା ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ସମ୍ପ୍ରତି ବିଶ୍ୱର ୫ ନମ୍ବରରେ ଥିବା ଭାରତ ୩ ନମ୍ବର ଦଳ ନେଦରଲାଣ୍ଡ୍ସ ସହିତ ଚଳିତମାସ ୧୮ ଓ ୧୯ ତାରିଖରେ ମ୍ୟାଚ ଖେଳିବ। ଦୁଇ ଦଳ ମଧ୍ୟରେ ୨୦୧୮ ହକି ବିଶ୍ୱକପ



ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ।

କ୍ୱାର୍ଟର ଫାଇନାଲ ମୁକାବିଲା ହୋଇଥିଲା। ଏଥିରେ ନେଦରଲାଣ୍ଡ୍ସ ବିଜୟୀ ହୋଇଥିଲା।

ଅଭିଜ୍ଞ ମିଡ୍‌ଫିଲ୍ଡର ଚିଙ୍ଗଲେନସାନାଙ୍କ ପ୍ରତ୍ୟାବର୍ତ୍ତନ ଗ୍ରାହାମ ରିଡ୍‌ଙ୍କ ଭାରତୀୟ ଦଳକୁ ମଜଭୁତ କରିଛି। ସେ ୨୦୧୯ ଫେବୃୟାରୀରେ ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସିନିୟର (ଡିଭିଜନ-ଏ) ପ୍ରତିଯୋଗିତା ସମୟରୁ ଆହତ ହୋଇ ବାହାରେ ରହିଥିଲେ। ତାଙ୍କ ଗୋଇଠି ହାଡ଼ ଭାଙ୍ଗିଥିଲା। ନୀଳକାନ୍ତ ଶର୍ମା ମଧ୍ୟ ଦଳକୁ ଡାକରା ପାଇଛନ୍ତି। ଷ୍ଟ୍ରାଇକର ଗୁରଜାନ୍ତ ସିଂ କ୍ୟାମ୍ପରେ କଠିନ ପରିଶ୍ରମର ପୁରସ୍କାର ସ୍ୱରୂପ ଦଳରେ ସାମିଲ ହୋଇଛନ୍ତି। ଗୁରଜାନ୍ତଙ୍କ ସମେତ ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଆକାଶଦୀପ ସିଂ, ଗୁରସାହିବଜିତ ସିଂ ଓ କୋଥାଜିତ ସିଂ ଖାଡାଙ୍ଗବାମ୍ ଦଳର ଫରୱାର୍ଡ ଚ୍ୟାଲେଞ୍ଜ ସମ୍ଭାଳିବେ। "ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ପାଇଁ ଆମେ ଏକ ଅଭିଜ୍ଞ ଦଳ ଚୟନ କରିଛୁ। ଅଲିମ୍ପିକ୍ କ୍ୱାଲିଫାୟର୍ସ ଅବସରରେ ଆହତ ହୋଇଥିବା ବରୁଣ କୁମାର ଟ୍ରେନିଂକୁ ଫେରିଥିଲେ ହେଁ ତାଙ୍କ ନାମ ବିଚାରକୁ ନିଆ ଯାଇନାହିଁ। ୧ ବର୍ଷ ପରେ ଚିଙ୍ଗଲେନସାନା ଓ ୬ ମାସ ପରେ ସୁମିତ ଦଳକୁ ଫେରିଛନ୍ତି। ସେମାନେ କ୍ୟାମ୍ପରେ ଭଲ ଟ୍ରେନିଂ କରିଛନ୍ତି ଏବଂ ଉଭୟେ ଫିଟ୍ ଅଛନ୍ତି। ଟ୍ରେନିଂ ସମୟରେ ଉତ୍ତମ ଫର୍ମ ଦେଖାଇଥିବା ଗୁରଜାନ୍ତଙ୍କୁ ଆମେ ଦଳରେ ସ୍ଥାନ ଦେଇଛୁ" ବୋଲି ରିଡ୍ ପ୍ରକାଶ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ନେଦରଲାଣ୍ଡ୍ସ (ଜାନୁୟାରୀ ୧୮-୧୯), ବେଲଜିୟମ(ଫେବୃୟାରୀ ୮-୯), ଅଷ୍ଟ୍ରେଲିଆ (ଫେବୃୟାରୀ ୨୧-୨୨) ବିପକ୍ଷରେ ଭାରତ ଖେଳିବାକୁ ଯାଉଛି। ଏଥିରେ ଆମେ ନିଜକୁ ସଜାଡ଼ି ନେଇ ଅଲିମ୍ପିକ୍ସ ପ୍ରସ୍ତୁତି ଉପରେ ଫୋକସ କରୁଛୁ ବୋଲି ରିଡ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ପି.ଆର୍. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ହରମନପ୍ରୀତ ସିଂ(ଉପ ଅଧିନାୟକ), ଗୁରିନ୍ଦର ସିଂ, ଅମିତ ରୋହିଦାସ, ସୁରେନ୍ଦ୍ର କୁମାର, ବୀରେନ୍ଦ୍ର ଲାକ୍ରା, ରୂପିନ୍ଦରପାଲ ସିଂ, ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ଚିଙ୍ଗଲେନସାନା ସିଂ, ନୀଳକାନ୍ତ ଶର୍ମା, ସୁମିତ, ଗୁରଜାନ୍ତ ସିଂ, ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ମନଦୀପ ସିଂ, ଆକାଶଦୀପ ସିଂ, ଗୁରସାହିବଜିତ ସିଂ, କୋଥାଜିତ ସିଂ ଖାଡାଙ୍ଗବାମ୍।

# ବିଜୟଠାରୁ ୩୨ ରନ ଦୂରରେ ଓଡ଼ିଶା

**କଟକ ଅଫିସ, ୧୩।୧:** ରୋହତକର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ରୋମାଞ୍ଚକ ହୋଇ ଯାଇଛି। ଉଭୟ ଦଳ ପାଇଁ ରହିଛି ବିଜୟ ସୁଯୋଗ। ମଙ୍ଗଳବାର ମ୍ୟାଚ୍‌ର ୪ର୍ଥ ଦିବସରେ ଭ୍ରମଣକାରୀ ଓଡ଼ିଶା ସମ୍ମୁଖରେ ୩୨ରନର ବିଜୟ ଲକ୍ଷ୍ୟ ରହିଛି। ୭ ଉଇକେଟ ହରାଇ ସାରିଥିବା ଓଡ଼ିଶା ଦଳର ରାଜେଶ ଧୂପର ୨୯ରନରେ ଓ ପେସ୍ ବୋଲର ରାଜେଶ ମହାନ୍ତି ୪ରନରେ ଅପରାଜିତ ଅଛନ୍ତି। ଅନ୍ୟପକ୍ଷରେ ଘରୋଇ ହରିୟାଣା ଦଳ ବିଜୟଠାରୁ ୩ ଉଇକେଟ ଦୂରରେ ରହିଛି। ଏହି ମ୍ୟାଚ୍‌ର ବିଜୟ ହାସଲକାରୀ ଦଳ ଏଲିଟ୍ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିବ।

ପ୍ରଥମ ଇନିଂସରେ ହରିୟାଣା ୯୦ରନରେ ଅଲଆଉଟ ହେବା ପରେ ଓଡ଼ିଶାର ପ୍ରଥମ ଇନିଂସ ୧୬୦ରନରେ ସୀମିତ ରହିଥିଲା। ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ହରିୟାଣା ୫ ଉଇକେଟ ବିନିମୟରେ ୨୧୮ରନ କରି ୧୪୮ରନର ଅଗ୍ରଣୀ ନେଇଥିଲା। ମଙ୍ଗଳବାର ଖେଳ ଆରମ୍ଭ ହେବା ପରେ ହରିୟାଣାର ଦଳୀୟ ସ୍କୋରରେ ୩୦ରନ ଯୋଡ଼ି ହେବା ସହ ବଳକା ୫ ଉଇକେଟ ପତନ ଘଟିଥିଲା। ୨୪ରନରେ ଅପରାଜିତ ଥିବା ପ୍ରମୋଦ ଚଣ୍ଡିଲା ୩୧ରନରେ ଓ ୨୫ରନରେ ଅପରାଜିତ ଥିବା ଅଧିନାୟକ ହର୍ଷଲ ପଟେଲ ୩୫ରନରେ ଆଉଟ ହୋଇଥିଲେ। ପ୍ରଥମ ଇନିଂସରେ ୬ଟି ଉଇକେଟ ଦଖଲ କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ୱିତୀୟ ଇନିଂସରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ରାଜେଶ ମହାନ୍ତିଙ୍କୁ ୨ଟି ଓ ପପୁ ରାୟଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଓଡ଼ିଶା ସମ୍ମୁଖରେ ୧୭୯ର ବିଜୟ ଲକ୍ଷ୍ୟ ରହିଥିଲା। ଉଇକେଟ କିପର ସୁଜିତ ଲେଙ୍କା ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୪୧ରନର ଭାଗୀଦାରି ସୃଷ୍ଟି କରିଥିଲେ। ଡାହାଣହାତୀ ମିଡ଼ିୟମ ପେସର ଅଜିତ ଚହଲ ସୁଜିତଙ୍କୁ ୨୮ରନରେ ଏଲବିଡବ୍ଲ୍ୟୁ କରି ହରିୟାଣା ନିମନ୍ତେ ପ୍ରଥମ ସଫଳତା ଦେଇଥିଲେ। ପ୍ରଥମ ଇନିଂସରେ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିପ୍ଳବ ସାମନ୍ତରାୟଙ୍କୁ ୭ରନରେ ଟିନୁ କୁଣ୍ଡୁ ଆଉଟ କରିଥିଲେ। ୭୮ରନରେ ୫ଟି ଉଇକେଟ ହରାଇ ଓଡ଼ିଶା ବିପଦରେ ପଡ଼ିଥିଲା।

**ରଣଜୀ ଟ୍ରଫି**

**ସୂର୍ଯ୍ୟକାନ୍ତଙ୍କ ଶ୍ରେଷ୍ଠ ବୋଲିଂ**

ଡାହାଣହାତୀ ପେସ୍ ବୋଲର ତଥା ଓଡ଼ିଶା ନିମନ୍ତେ ଅଲରାଉଣ୍ଡର ସାବ୍ୟସ୍ତ ହେଉଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଏହି ମ୍ୟାଚ୍‌ରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଇନିଂସରେ ୩୬ରନରେ ୬ଟି ଓ ଦ୍ୱିତୀୟ ଇନିଂସରେ ୮୬ରନରେ ୫ଟି ଉଇକେଟ ଦଖଲ କରିଛନ୍ତି ରାଜ୍ୟର ଏହି ପ୍ରତିଭାବାନ ପେସ୍ ବୋଲର। ସେ ପ୍ରଥମ ଥର ପାଇଁ ଗୋଟିଏ ମ୍ୟାଚ୍‌ରେ ୧୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୧୨/୧୧ ସୂର୍ଯ୍ୟକାନ୍ତଙ୍କ ଶ୍ରେଷ୍ଠ ବୋଲିଂ ଫିଗର ପାଲଟିଛି। ପୂର୍ବରୁ ଗୋଟିଏ ମ୍ୟାଚ୍‌ରେ ୯୯/୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ଥିଲା।

# ବଡ଼ ସ୍କୋର ଅଭିମୁଖେ ଓଡ଼ିଶା

ବରଗଡ଼ ଅଫିସ୍,୧୩।୧

ବରଗଡ଼ସ୍ଥିତ ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ୨୩ବର୍ଷରୁ କମ୍ ସି. କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ସୋମବାର ଆରମ୍ଭ ହୋଇଛି। ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦଘାଟନ କରିଥିଲେ। ଓଡ଼ିଶା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅରୁଣାଚଳ ପ୍ରଦେଶ ପକ୍ଷରୁ ଓପନିଂ ବ୍ୟାଟ୍ସମ୍ୟାନ ଅଭି ସିଂ ୭୨ବଲ ଖେଳି ଦଳ ପକ୍ଷରୁ ସର୍ବାଧିକ ୪୧ରନ୍ ସଂଗ୍ରହ କରିଥିଲେ। ଦଳର ଅନ୍ୟ ବ୍ୟାଟ୍ସମ୍ୟାନ ବିଫଳ ହେବାରୁ ଅରୁଣାଚଳ ପ୍ରଦେଶ ୧୧୧ ରନ୍‌ରେ ଅଲଆଉଟ ହୋଇ ଯାଇଥିଲା। ଓଡ଼ିଶା ଦଳ ପକ୍ଷରୁ ପ୍ରୀତ କନୱର ସିଂ ମାତ୍ର ୪୫ରନ ବିନିମୟରେ ୫ଟି ଉଇକେଟ୍ ନେଇଥିବାବେଳେ ରାହୁଲ ଚୌଧୁରୀ ୧୫ରନ୍ ଦେଇ ୨ଟି, ତାରିଣୀ ସା ୨୩ରନ୍ ଦେଇ ୨ଟି ଏବଂ କାର୍ତ୍ତିକ ବିଶ୍ୱାଳ ୮ରନ୍ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ।



ପ୍ରୀତ କନୱର ସିଂ

ଓଡ଼ିଶା ଦଳ ବ୍ୟାଟିଂ କରିବାକୁ ଯାଇ ପ୍ରଥମରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ସ୍କୋର ୧ରନ୍ ଥିବାବେଳେ ଦଳର ଅମ୍ରିତ ଖଟୁଆ କୌଣସି ରନ୍ ନ କରି ଆଉଟ ହୋଇଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ସୌରଭ ଗୌଡ଼ ବିନା ରନରେ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ସ୍ୱସ୍ତିକ ସାମଲ ୯ରନ୍ କରି ଆଉଟ୍ ହେବା ଫଳରେ ମାତ୍ର ୧୫ରନ୍ ମଧ୍ୟରେ ଓଡ଼ିଶା ୪ ଉଇକେଟ୍ ହରାଇ ବିପଦରେ ପଡ଼ିଥିଲା। କାର୍ତ୍ତିକ ବିଶ୍ୱାଳ ଓ ସୋମେନ ଚାନ୍ଦ ଯୋଡ଼ି ଦଳ ପାଇଁ ୪୭ରନ୍ ସଂଗ୍ରହ କରି ଇନିଂସ ସମ୍ଭାଳିଥିଲେ। ପରେ ୨୧ରନ୍ କରି କାର୍ତ୍ତିକ ଆଉଟ୍ ହୋଇଥିଲେ। ଶୁଭମ ଶତ୍ରୁଜିତ୍ ଓ ସୋମେନ ଅର୍ଦ୍ଧଶତକ ପୂରଣ କରି ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ସୋମେ ୧୧ଚୌକା, ୨ଛକା ସହିତ

**ସି.କେ. ନାଇଡୁ ଟ୍ରଫି**

୮୬ ଏବଂ ଶୁଭମ ୧୦ଚୌକା, ୧ଛକା ସହିତ ୭୪ରନ୍ କରି ଅପରାଜିତ ଥିଲେ। ସୋମବାର ଶେଷସୁଦ୍ଧା ଓଡ଼ିଶା ୫ଉଇକେଟ୍ ବିନିମୟରେ ୨୦୧ ରନ୍ କରିଥିଲା। ପି.ଏମ.ଏସ. ରେଡ୍ଡୀ ମ୍ୟାଚ ରେଫେରି ଥିବାବେଳେ ଚନ୍ଦ୍ରକାନ୍ତ ମାସେ ଏବଂ ଆର. ରାଜେଶ କନ୍ନନ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ବିରାଜ ଦାଶ ଅନଲାଇନ୍ ସ୍କୋରର, ବୀରବର ନାୟକ ମାନୁଆଲ ସ୍କୋରର, ଗୋବିନ୍ଦ ବେହେରା ଭିଡ଼ିଓ ଆନାଲିଷ୍ଟ, ସାୱନ କୁମାର ପାଢ଼ୀ ଆସିଷ୍ଟାଣ୍ଟ ଭିଡ଼ିଓ ଆନାଲିଷ୍ଟ ଥିଲେ।

## ସମସ୍ତ ପ୍ରକାର କ୍ରିକେଟ୍‌ରୁ ଡୁମିନିଙ୍କ ଅବସର

**କେପ୍ ଟାଉନ, ୧୩।୧:** ପୂର୍ବତନ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡ ଜେପି ଡୁମିନି ସୋମବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୨୦୧୭ରେ ଟେଷ୍ଟରୁ ଅବସର ନେଇଥିବା ଡୁମିନି ଗତ ବର୍ଷ ଆଇସିସି ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। କିନ୍ତୁ ଏହି ବାମହାତୀ ବ୍ୟାଟ୍ସମ୍ୟାନ ବିଭିନ୍ନ ଦେଶରେ ଅନୁଷ୍ଠିତ ଟି୨୦ ଲିଗ୍‌ରେ ନିଜକୁ ସାମିଲ ରଖିଥିଲେ। ୩୫ ବର୍ଷୀୟ ଡୁମିନି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ଠାରୁ ଆରମ୍ଭ କରି କାରିବୀୟନ ପ୍ରିମିୟର ଲିଗ୍, ପାକିସ୍ତାନ ସୁପର୍ ଲିଗ୍, ବିଗ୍ ବାସ୍ ଲିଗ୍, ଗ୍ଲୋବାଲ ଟି୨୦ ଲିଗ୍ ପରି ବିଶ୍ୱର ୧୪ଟି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଅବସର ପଛରେ ଇଚ୍ଛାଶକ୍ତି କମ୍ ଥିବା ଡୁମିନି କହିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡୁମିନି ୪୬ ଟେଷ୍ଟ, ୧୯୯ ଦିନିକିଆ ଓ ୮୧ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୨୧୦୩, ୫୧୧୭ ଓ ୧୯୩୪ ରନ ସଂଗ୍ରହ କରିଛନ୍ତି। ସେହିଭଳି ସେ ବିଶ୍ୱର ବିଭିନ୍ନ ଲିଗ୍‌ରେ ୯୧ ମ୍ୟାଚ୍ ଖେଳିଛନ୍ତି।

# ପ୍ରମୋଦ 'ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର'

ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ପାରାସ୍ପୋର୍ଟ୍ସ ତାରକା ପ୍ରମୋଦ ଭଗତ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ସ୍ମୃତି ଲାଭ କରିଛନ୍ତି। ସୋମବାର ସେ ସ୍ପୋର୍ଟ୍ସଷ୍ଟାର ଏସେସ୍ ପାରାସ୍ପୋର୍ଟ୍ସ 'ସ୍ପୋର୍ଟ୍ସମ୍ୟାନ ଅଫ ଦି ଇୟର' ପୁରସ୍କାର ଲାଭ କରିଛନ୍ତି। ଏହି ପୁରସ୍କାର ଦୌଡ଼ରେ ଥିବା ପାରା ଜାଭେଲିନ ଆଥଲେଟ ସନ୍ଦିପ ଚୌଧାରୀ ଓ ସୁନ୍ଦର ସିଂ ଗୁର୍ଜାରଙ୍କୁ ପଛରେ ପକାଇ ଦେଇଛନ୍ତି ପ୍ରମୋଦ। ପିଲାଦିନରୁ ପୋଲିଓରେ ଆକ୍ରାନ୍ତ ପ୍ରମୋଦ ୨୦୧୯ରେ ଚମତ୍କାର ପ୍ରଦର୍ଶନ କରି ଭାରତର ନମ୍ବରୱାନ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ହେବାର ସୌଭାଗ୍ୟ ପାଇଛନ୍ତି। ପ୍ରମୋଦ ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଏସଏଲ-୩ ସିଙ୍ଗଲ୍ସ ଓ ଏସଏଲ-୩/୪ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ବ୍ୟତୀତ ସେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ମଧ୍ୟ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୯ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ପ୍ରମୋଦ ୧୧ ସ୍ୱର୍ଣ୍ଣ ସମେତ ମୋଟ ୨୧ ପଦକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର, ଚେସ୍ କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ, ଦି ହିନ୍ଦୁ ପବ୍ଲିଶିଂ ଗ୍ରୁପ ଚେୟାରମ୍ୟାନ ଏନ. ରାମ, ପୂର୍ବତନ ଭାରତୀୟ ହକି ଅଧିନାୟକ ଏମ.ଏମ. ସେମୟା, ଅଲିମ୍ପିଆନ ଶୁଟର ଅଞ୍ଜଳି ଭଗବତ ଏବଂ ଅଲିମ୍ପିଆନ ବ୍ୟାଡ୍‌ମିଣ୍ଟନ ଖେଳାଳି ଅପର୍ଣ୍ଣା ପୋପଟଙ୍କ ନେଇ ଗଠିତ ଜୁରି କମିଟି ବିଭିନ୍ନ ପୁରସ୍କାର ପାଇଁ ବିଜେତା ଚୟନ କରିଥିଲେ। ଯୁବ ଆଥଲେଟ୍, ଦଳ, କୋଚ୍ ଏବଂ ପାରା ଆଥଲେଟ୍‌ଙ୍କ ପାଇଁ ଭିନ୍ନଭିନ୍ନ କାଟେଗୋରିରେ ପୁରସ୍କାର ରହିଥିଲା।



ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରମୋଦ ଭଗତ।

# ଇଷ୍ଟକୋଷ୍ଟ ରେଲୱେ ସେମିରେ

**ଭୁବନେଶ୍ୱର, ୧୩।୧(କ୍ରୀଡ଼ା ପ୍ରତିନିଧି):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ୨୬ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ

**ତମାଣ୍ଡୋ କପ୍ ଫୁଟବଲ**

ଇଷ୍ଟକୋଷ୍ଟ ରେଲୱେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଇଷ୍ଟକୋଷ୍ଟ ୧-୦ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି। ଖେଳ ଆରମ୍ଭର ୫ମ ମିନିଟରେ ରେଲୱେ ପକ୍ଷରୁ ଲିଟନ ଦାସ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳି ଗୋଲ ପରିଶୋଧ ପାଇଁ କିଶୋର କ୍ଲବ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ଦେଇପାରି ନ ଥିଲା। ଟି. ମୋହନ ରାଓ, ପ୍ରିୟବ୍ରତ ବାହିନିପତି, ଚନ୍ଦ୍ରକାନ୍ତ ବାରିକ, ବେଣୁଧର ଦାସ, ମ୍ୟାଚ ପରିଚାଳନା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଅତିଥିଭାବେ ଯୋଗଦେଇ ଲିଟନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ମଙ୍ଗଳା କ୍ଲବ ଓ ସାଇ ଟ୍ରେନିଂ ସେଣ୍ଟର, କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଲିଟନ।

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

# ଓଡ଼ିଶାର ସ୍ୱସ୍ତିଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)

ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ଦୀନେଶ କୁମାର ସ୍ୱର୍ଣ୍ଣ ପଦକ ଜିତିବାର ଗୋଟିଏ ଦିନ ପରେ ଆଉ ଜଣେ ଓଡ଼ିଆ ଖେଳାଳି କମାଲ ଦେଖାଇଛନ୍ତି। ସୋମବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ୬୦ କିଲୋମିଟର ବ୍ୟକ୍ତିଗତ ରୋଡ୍ ରେସ୍‌ରେ ଓଡ଼ିଶାର ସ୍ୱସ୍ତି ସିଂ ରୌପ୍ୟ ପଦକ ହାସଲ କରିଛନ୍ତି। ୨:୧୧:୫୨.୨୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏହି ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି। ଆସାମର ଗଙ୍ଗୋତ୍ରି ବର୍ଦ୍ଧଲୋଇ ୨:୧୧:୫୨.୧୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ହାସଲ କରିଛନ୍ତି। ଆସାମର ଅନ୍ୟ ପ୍ରତିଯୋଗୀ ଚୟନିକା ଗୋଗୋଇ ୨:୧୧:୫୨.୩୧ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୮ ପ୍ରତିଯୋଗୀ ବିଶିଷ୍ଟ ମୁକାବିଲାରେ ସ୍ୱସ୍ତି ଓଡ଼ିଶାର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିଲେ।





ରେସ୍ ଅବସରରେ ଓଡ଼ିଶାର ସ୍ୱସ୍ତି ସିଂ।

ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆରଏସପି)ରେ ସୁଶୀଲ କୁମାର ଦାସଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜକୁ ପ୍ରସ୍ତୁତ କରିଥିବା ସ୍ୱସ୍ତି ଚଳିତ ୟୁଥ୍ ଗେମ୍ସରେ ଆହୁରି ୩ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିରେ ନିଶ୍ଚିତ ସେ ପୋଡିୟମ ମଣ୍ଡନ କରିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି ସୁଶୀଲ।

**ଫଳାଫଳ**

| ପ୍ରତିଯୋଗୀ | ରାଜ୍ୟ | ଟାଇମିଂ |
|---|---|---|
| ଗଙ୍ଗୋତ୍ରି ବର୍ଦ୍ଧଲୋଇ | ଆସାମ | ୨:୧୧:୫୨.୧୬ ସେକେଣ୍ଡ |
| ସ୍ୱସ୍ତି ସିଂ | ଓଡ଼ିଶା | ୨:୧୧:୫୨.୨୧ ସେକେଣ୍ଡ |
| ଚୟନିକା ଗୋଗୋଇ | ଆସାମ | ୨:୧୧:୫୨.୩୧ ସେକେଣ୍ଡ |

ବିପରୀତ ଦିଗରୁ ପବନ ବହୁଥିବାରୁ ପ୍ରତିଯୋଗୀମାନେ ଆଭରେଜ ସ୍ପିଡ୍‌ରେ ଥିଲେ। ଶେଷ ପର୍ଯ୍ୟାୟରେ ଯେତେବେଳେ ସ୍ପିଡ୍ ବଢ଼ାଇବା କଥା ସେତେବେଳେ ସାମାନ୍ୟ ବିଳମ୍ବ ହେବାରୁ ସମ୍ଭବତଃ ସ୍ୱସ୍ତି ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହେଲେ ବୋଲି ଅନୁଭବ କରୁଛନ୍ତି ଏହି ବରିଷ୍ଠ କୋଚ୍। ତେବେ ସ୍ୱସ୍ତିଙ୍କ ପ୍ରଦର୍ଶନରେ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟରେ ଅଭ୍ୟାସ ପାଇଁ ବିଶେଷ ସୁବିଧା ନ ଥିଲେ ହେଁ ପିଲାମାନେ ଯେପରି ପ୍ରଦର୍ଶନ କରୁଛନ୍ତି ସେଥିପାଇଁ ପ୍ରଶଂସାର ହକ୍‌ଦାର ବୋଲି ସେ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଖେଲୋ ଇଣ୍ଡିଆ କ୍ୟାମ୍ପରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି ବୋଲି ମଧ୍ୟ ସେ ସ୍ୱୀକାର କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ସ୍ୱସ୍ତି ୧୭ ବର୍ଷରୁ କମ ବୟସ ବର୍ଗରେ ୨୦୧୮ ମସିହାରେ ଦିଲ୍ଲୀରେ ଆୟୋଜିତ ଟ୍ରାକ ଏସିଆ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୨ କିମି ବ୍ୟକ୍ତିଗତ ଓ ୬ କିମି ସ୍କ୍ରାଚ ପ୍ରତିଯୋଗିତାରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ୨୦୧୮ ଏସିଆନ ଚାମ୍ପିୟନଶିପ୍‌ର ୩ କିମି ବ୍ୟକ୍ତିଗତ ପର୍ସୁଟରେ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ।

> ହ୍ୱାଇଟ୍ ବଲ୍ କ୍ରିକେଟରେ ବିରାଟ କୋହଲି ଷ୍ଟିଭ୍ ସ୍ମିଥ୍ଙ୍କ ତୁଳନାରେ ଯଥେଷ୍ଟ ଉନ୍ନତ ବ୍ୟାଟ୍ସମ୍ୟାନ ।
> –ଗୌତମ ଗମ୍ଭୀର
> ପୂର୍ବତନ ଭାରତୀୟ ଖେଳାଳି



> ଖେଳ ପ୍ରତି ଭଲ ପାଇବା ଥିଲେ ଜଣେ ଖେଳାଳି କେବେ ଡୋପିଂ ଅବା ଫିକ୍ସିଂ ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହେବ ନାହିଁ ।
> –ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର



## ସଂକ୍ଷେପରେ

### ଆଇପିଏଲ୍ ପାଇଁ ଟାମ୍ବେ ଅଯୋଗ୍ୟ



**ମୁମ୍ବାଇ,୧୩।୧:** ଭେଟେରାନ ସ୍ପିନର ପ୍ରବୀଣ ଟାମ୍ବେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣରେ ଖେଳିପାରିବେ ନାହିଁ। ସେ ଦେଶର କୌଣସି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଅଯୋଗ୍ୟ। ସେ ବିଦେଶୀ ଲିଗ୍‌ରେ ଖେଳି ବିସିସିଆଇ ନିୟମ ଭଙ୍ଗ କରିଛନ୍ତି। ଅଫିସିଆଲ ଅବସର ଘୋଷଣା ନ କରି ସେ ଦୁବାଇ ଓ ଶାରଜାଠାରେ ଟି୧୦ ଲିଗ୍‌ରେ ଖେଳିଥିଲେ। ଟାମ୍ବେ ଅଯୋଗ୍ୟ ନେଇ ଆଇପିଏଲ ଅଧକ୍ଷ ବ୍ରିଜେଶ ପଟେଲ ସ୍ପଷ୍ଟ କହିଛନ୍ତି। ୪୮ ବର୍ଷୀୟ ଟାମ୍ବେ ଆଇପିଏଲ ନିଲାମ ପ୍ରକ୍ରିୟାରେ ସବୁଠୁ ବୟୋଜ୍ୟେଷ୍ଠ ଖେଳାଳି ଭାବେ ବିକ୍ରି ହୋଇଥିଲେ। ତାଙ୍କୁ ୨୦ ଲକ୍ଷ ଟଙ୍କାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) କିଣିଥିଲା। ସେ ଏପର୍ଯ୍ୟନ୍ତ ୩୩ ଆଇପିଏଲ ମ୍ୟାଚ୍ ଖେଳିସାରିଛନ୍ତି। ସମସ୍ତ ମ୍ୟାଚ୍ ୨୦୧୩ରୁ ୨୦୧୬ ମଧ୍ୟରେ ରାଜସ୍ଥାନ ରୟାଲ୍ସ, ଗୁଜରାଟ ଲାୟନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଥିଲେ। ମୋଟ ୨୮ ଉଇକେଟ ନେଇଛନ୍ତି। ତନ୍ମଧ୍ୟରୁ ୧୪ ଉଇକେଟ ସେ କେବଳ ୨୦୧୪ ସିଜନରେ ନେଇଥିଲେ। ଏଭଳି ପରିସ୍ଥିତି ଯୋଗୁ କେକେଆର ଦଳକୁ ବର୍ତ୍ତମାନ ଟାମ୍ବେଙ୍କ ବଦଳ ଖେଳାଳି ବାଛିବାକୁ ପଡ଼ିବ। ନିକଟରେ ହରଭଜନ ସିଂ ଏକମାତ୍ର ଭାରତୀୟ ଭାବେ ଇଂଲଣ୍ଡର ନୂଆ ଫର୍ମାଟର ଲିଗ୍ 'ଦି ହଣ୍ଡ୍ରେଡ'ରେ ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଥିଲେ। ୨୦୧୬ଠାରୁ ଭାରତୀୟ ଦଳ ପାଇଁ ଖେଳି ନ ଥିଲେ ମଧ୍ୟ ଡ୍ରାଫ୍ଟ ପୂର୍ବରୁ ନାମ ପ୍ରତ୍ୟାହାର କରିନେଇଥିଲେ। ସେ ଏବେ ଆଇପିଏଲରେ ସିଏସ୍‌କେ ପାଇଁ ଖେଳୁଛନ୍ତି। ଅନ୍ୟପକ୍ଷରେ ଅବସର ଘୋଷଣା କରିବା ପରେ ଯୁବରାଜ ସିଂ ବିଭିନ୍ନ ଦେଶର ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି।

### ପାକିସ୍ତାନରେ ଟେଷ୍ଟ ସିରିଜ ଖେଳିବନି ବାଂଲାଦେଶ

**ଢାକା,୧୩।୧(ଏଏଫ୍‌ପି):** ବାଂଲାଦେଶ ନିଜ ନିଷ୍ପତ୍ତିରେ ଅଟଳ ରହିଛି। ପାକିସ୍ତାନରେ ଚଳିତ ମାସର ପରବର୍ତ୍ତୀ ଭାଗରେ ବାଂଲାଦେଶ କେବଳ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ଖେଳିବ। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ପ୍ରସ୍ତାବିତ ଟେଷ୍ଟ ସିରିଜ ଖେଳିବ ନାହିଁ। ବାଂଲାଦେଶ କ୍ରିକେଟ ବୋର୍ଡ ମୁଖ୍ୟ ନାଜମୁଲ ହାସନ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ଦ୍ୱାରା ସୃଷ୍ଟ ଉତ୍ତେଜନାମୂଳକ ସ୍ଥିତିକୁ ନଜରରେ ରଖି ଆମେ ନିଷ୍ପତ୍ତି ନେଇଛୁ। ସରକାର ଜାତୀୟ ଦଳକୁ କେବଳ ଛୋଟିଆ ଗସ୍ତ ପାଇଁ ଅନୁମତି ଦେଇଛନ୍ତି। ସ୍ଥିତିରେ ପରିବର୍ତ୍ତନ ଆସିବା ପରେ ହିଁ ଟେଷ୍ଟ ସିରିଜ୍ ଖେଳିପାରିବୁ। ଆଇସିସି ଫ୍ୟୁଚର ଟୁର ପ୍ରୋଗ୍ରାମ ଅନୁଯାୟୀ, ଜାନୁୟାରୀ-ଫେବୃୟାରୀ ମଧ୍ୟରେ ବାଂଲାଦେଶ ପାକିସ୍ତାନରେ ୩ ଟି୨୦ ଓ ଦୁଇ ଟିକିଆ ଟେଷ୍ଟ ସିରିଜ ଖେଳାଯିବାର ଥିଲା।

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ ଆଜି

ମୁମ୍ବାଇ, ୧୩।୧ (ପି.ଟି.)





ଅଭ୍ୟାସ ଅବସରରେ ରିଭର୍ସ ଶର୍ଟ ମାରୁଛନ୍ତି ବିରାଟ କୋହଲି। ନେଟ୍ସରେ ବ୍ୟାଟିଂ କରୁଛନ୍ତି ଷ୍ଟିଭେନ ସ୍ମିଥ୍।

ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ଜିତିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ସାମ୍ନା କରିବାକୁ ଯାଉଛି। ତିନିମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବା ଲାଗି ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆ ଦଳ ମଙ୍ଗଳବାରଠାରୁ ଏହାର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ବିଶ୍ୱର ଏହି ଦୁଇ ଶକ୍ତିଶାଳୀ ଦଳ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଓ ଦକ୍ଷ ଖେଳାଳିଙ୍କୁ ନେଇ ଅଷ୍ଟ୍ରେଲିଆ ଦଳ ବେଶ୍ ଦୃଢ଼ ରହିଥିବାରୁ ଭାରତ ପାଇଁ ଏହି ସିରିଜ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉଭୟ ଦଳ ମଙ୍ଗଳବାର ମ୍ୟାଚ୍ ଜିତି ସିରିଜ ଅଗ୍ରଣୀ ହେବା ଲକ୍ଷ୍ୟରେ ରହିଛନ୍ତି। ଦିନିକିଆ ଫର୍ମାଟ୍‌କୁ ଶିଖର ଧାୱନ ଫେରିଥିବାରୁ ଭାରତୀୟ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ତେବେ ଅଧିନାୟକ କୋହଲି ଯେକୌଣସି ସ୍ଥାନରେ ବ୍ୟାଟିଂ କରିବା ପାଇଁ ପ୍ରସ୍ତୁତ କହିବା ପରେ ଉଭୟ ଧାୱନ ଓ ଲୋକେଶ ରାହୁଲ ଚୂଡ଼ାନ୍ତ ଏକାଦଶରେ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ରୋହିତ୍ ଶର୍ମାଙ୍କ ସହ ଧାୱନ ଇନିଂସ ଓପନ କରିବେ ଏବଂ ରାହୁଲ ୩ କିମ୍ବା ୪ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ଆସିପାରନ୍ତି ବୋଲି କୋହଲିଙ୍କ କଥାରୁ ସ୍ପଷ୍ଟ ହୋଇଛି।

ଆଇସିସି ଦିନିକିଆ ମାନ୍ୟତାରେ ଭାରତ (୧୨୧ ପଏଣ୍ଟ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଆରୋନ୍ ଫିଞ୍ଚଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ (୧୧୧) ୪ର୍ଥ ସ୍ଥାନରେ ରହିଛି। ଉଭୟ ଦଳରେ ବିଶ୍ୱର କିଛି ଶୀର୍ଷସ୍ତରୀୟ ଖେଳାଳି ରହିଥିବାରୁ ସିରିଜ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ରୋହିତ୍ ଓ ଡେଭିଡ୍ ୱାର୍ନର ଏବଂ କୋହଲି ଓ ଷ୍ଟିଭେନ ସ୍ମିଥ୍ଙ୍କ ମଧ୍ୟରେ ବ୍ୟାଟିଂରେ ଲଢ଼େଇ ଦେଖିବାକୁ ମିଳିବ। ସେହିଭଳି ବୋଲିଂ ବିଭାଗକୁ ନଜର ପକାଇଥିଲେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ଯୁବ ଦ୍ରୁତ ବୋଲର ନବଦୀପ ସଇନି ଓ ଶାର୍ଦ୍ଦୁଳ ଠାକୁରଙ୍କୁ ନେଇ ଭାରତୀୟ ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ରହିଛି। ଅପରପକ୍ଷରେ ଗତ ଆଇପିଏଲ୍ ନିଲାମୀରେ ସବୁଠାରୁ ଦାମୀ ବିଦେଶୀ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଥିବା ପ୍ୟାଟ୍ କୁମିନ୍ସ ଅଷ୍ଟ୍ରେଲିଆ ପେସ୍ ବାହିନୀର ନେତୃତ୍ୱ ନେବେ। କେନ୍ ରିଚାର୍ଡସନ, ମିଚେଲ ଷ୍ଟାର୍କ ବିରାଟ ବାହିନୀକୁ ଅଡୁଆରେ ପକାଇବାର ସାମର୍ଥ୍ୟ ମଧ୍ୟ ରଖିଛନ୍ତି। ଉଇକେଟ୍ ପଛରେ ଆଲେକ୍ସ କେରୀ ଓ ରିଷଭ ପନ୍ତଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ। ୱାଙ୍ଖେଡେ ପିଚ୍‌ରୁ ସ୍ପିନରଙ୍କୁ କମ୍ ସହାୟତା ମିଳୁଥିବାରୁ ଭାରତ କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିଥିବା କୁଲଦୀପ ପ୍ରଥମ ପସନ୍ଦ ସ୍ପିନର ରହିବେ। ନିକଟରେ ଟେଷ୍ଟ କ୍ୟାରିୟର ଆରମ୍ଭ କରି ନିଜର ବ୍ୟାଟିଂ ଦକ୍ଷତା ବଳରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ଯୁବ ଅଷ୍ଟ୍ରେଲୀୟ ଓପନର୍ ମାର୍କସ ଲାବୁସେନ ଧଳା ବଲରେ କିଭଳି ଖେଳୁଛନ୍ତି ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, କେଦାର ଯାଦବ, ରିଷଭ ପନ୍ତ (ଉଇକେଟ୍‌କିପର), ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ନବଦୀପ ସଇନି, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର ଓ ମହମ୍ମଦ ଶାମି।

■ **ଅଷ୍ଟ୍ରେଲିଆ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଆଲେକ୍ସ କେରୀ (ଉଇକେଟ୍‌କିପର), ଡେଭିଡ୍ ୱାର୍ନର, ଷ୍ଟିଭେନ ସ୍ମିଥ୍, ମାର୍ନସ ଲାବୁସେନ, ପିଟର ହ୍ୟାଣ୍ଡସ୍କମ୍ବ, ଆଷ୍ଟନ ଅଗର, ଆଷ୍ଟନ ଟର୍ନର, ଜୋଶ୍ ହାଜେଲଉଡ୍, କେନ୍ ରିଚାର୍ଡସନ, ମିଚେଲ ଷ୍ଟାର୍କ ଓ ଆଡାମ ଜାମ୍ପା।

**ମ୍ୟାଚ୍ ଆରମ୍ଭ** ଅପରାହ୍ଣ ୧.୩୦ | **ପ୍ରସାରଣ** ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

### ଭାରତରେ ଅଷ୍ଟ୍ରେଲିଆ...

■ ଭାରତରେ ଅଷ୍ଟ୍ରେଲିଆ ମୋଟ୍ ୯୧ ଦିନିକିଆ ମ୍ୟାଚ୍ ଖେଳିଛି। ଯେଉଁଥିରେ ୫୨ଟି ଜିତିଥିବାବେଳେ ୩୪ରେ ପରାଜୟର ସାମ୍ନା କରିଛି।
■ ସେହିଭଳି ଭାରତରେ ଭାରତ ବିପକ୍ଷରେ ମୋଟ୍ ୬୧ ଦିନିକିଆରୁ ୨୯ଟି ଜିତିଛି ଏବଂ ୨୭ରେ ହାରିଛି।
■ ଭାରତରେ ମୋଟ୍ ୯ ଦିନିକିଆ ସିରିଜରୁ ୫ରେ ଜିତିଛି ଅଷ୍ଟ୍ରେଲିଆ।
■ ୧୯୮୭ ବିଶ୍ୱକପ୍ ଓ ୨୦୦୬ ଚାମ୍ପିୟନ୍ସ ଟ୍ରଫି ବିଜୟ ଭାରତ ମାଟିରେ ଅଷ୍ଟ୍ରେଲିଆର ଶ୍ରେଷ୍ଠ ସଫଳତା।

### ବ୍ୟାଟିଂକ୍ରମ ପରିବର୍ତ୍ତନ କରିପାରନ୍ତି କୋହଲି

ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଉଭୟ ଶିଖର ଧାୱନ ଓ ଲୋକେଶ ରାହୁଲଙ୍କୁ ଚୂଡ଼ାନ୍ତ ଏକାଦଶରେ ଖେଳାଇବା ପାଇଁ ନିଜ ବ୍ୟାଟିଂକ୍ରମରେ ପରିବର୍ତ୍ତନ କରିପାରନ୍ତି ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି ସଙ୍କେତ ଦେଇଛନ୍ତି। ଉପ-ଅଧିନାୟକ ରୋହିତ୍ ଶର୍ମା ଓପନିଂ ପାଇଁ ପ୍ରଥମ ପସନ୍ଦ ରହିଛନ୍ତି। କିନ୍ତୁ ଆଘାତଜନିତ ସମସ୍ୟାରୁ ଧାୱନ ଫେରିବା ପରେ ଏବେ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ପଡ଼ିଯାଇଛି। ଉଭୟ ଧାୱନ ଓ ରାହୁଲଙ୍କ ମଧ୍ୟରୁ ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖିବାକୁ ମ୍ୟାନେଜମେଣ୍ଟ ଚିନ୍ତା କରୁଛି। କିନ୍ତୁ କାହିଁକି ଉଭୟ ଖେଳିବେ ନାହିଁ ବୋଲି କୋହଲି ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। 'ଜଣେ ଖେଳାଳି ଫର୍ମରେ ରହିବା ଟିମ୍ ପାଇଁ ଭଲ। ଟିମ୍‌ରେ ସର୍ବଦା ଶ୍ରେଷ୍ଠ ଖେଳାଳି ରୁହନ୍ତୁ ବୋଲି ସମସ୍ତେ ଚାହାନ୍ତି। ପରେ କମ୍ବିନେଶନ କ'ଣ ରହିବ ତାହା ବଛାଯିବ। ସମ୍ଭବତଃ ସମସ୍ତ ୩ ଜଣ (ରୋହିତ୍, ଧାୱନ ଓ ରାହୁଲ) ଚୂଡ଼ାନ୍ତ ଏକାଦଶରେ ଖେଳିପାରନ୍ତି' ବୋଲି କୋହଲି ଏହି ଅବସରରେ କହିଛନ୍ତି। ସେହିଭଳି ବ୍ୟାଟିଂରେ ନିମ୍ନକ୍ରମରେ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ସଚିନଙ୍କ ସମକକ୍ଷ ହେବା ସୁଯୋଗ

ଭାରତ ଓ ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ ସଚିନ ତେନ୍ଦୁଲକରଙ୍କ ବରାବର ହେବାର ସୁଯୋଗ ରହିଛି। ଆଉ ଗୋଟିଏ ଶତକ ହାସଲ କଲେ କୋହଲି ନିଜ ଦେଶରେ ସର୍ବାଧିକ ସଂଖ୍ୟକ ଶତକ କରିଥିବା ବ୍ୟାଟ୍ସମ୍ୟାନ ସଚିନଙ୍କ ସହ ସମକକ୍ଷ ହେବେ। ଏହି ରେକର୍ଡ ଏବେ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ଦେଶରେ ସର୍ବାଧିକ ୨୦ ଦିନିକିଆ ଶତକ ହାସଲ କରିଥିଲେ। ତାଙ୍କ ପଛକୁ ୧୯ଶତକ ସହ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଦୁର୍ଘଟଣାରେ ମୋମୋତା ଆହତ

କୁଆଲାଲମ୍ପୁର, ୧୩।୧ (ଏଏଫ୍‌ପି)



ମେଡିକାଲ୍‌ରେ କେଣ୍ଟୋ ମୋମୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ପରିବାରବର୍ଗ ।

ବିଶ୍ୱର ନମ୍ବର ୱାନ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନରେ ଖେଳାଳି କେଣ୍ଟୋ ମୋମୋତା ମାଲେସିଆ ମାଷ୍ଟର୍ସ ଟାଇଟଲ ଜିତିବାର କିଛି ଘଣ୍ଟା ପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ତାଙ୍କ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସଙ୍କ କହିବା ଅନୁଯାୟୀ, ୨୫ ବର୍ଷୀୟ ମୋମୋତାଙ୍କ ନାକ ଫାଟିଯାଇଛି। ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଛି। ବିମାନ ବନ୍ଦରକୁ ଯାଉଥିବା ସମୟରେ ମୋମୋତାଙ୍କ ଭ୍ୟାନ ରାସ୍ତାରେ ଏକ ଲରି ସହ ପିଟି ହୋଇଥିଲା। ଦୁର୍ଘଟଣା ସକାଳ ୪:୪୦ରେ ଘଟିଥିଲା। ୧୦ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ଦୁର୍ଘଟଣା ସ୍ଥଳରେ ହିଁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୋମୋତାଙ୍କ ସହ ଭ୍ୟାନରେ ଥିବା ସହାୟକ କୋଚ୍, ଫିଜିଓ ଥେରାପିଷ୍ଟ ଓ ବ୍ୟାଡମିଣ୍ଟନ ଅଫିସିଆଲ ମଧ୍ୟ ଆହତ ହୋଇଛନ୍ତି। ଏହା ଜାପାନିଜ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତିକୁ ଶକ୍ତ ଧକ୍କା ଦେଇଛି। ମାଲେସିଆର କ୍ରୀଡ଼ାମନ୍ତ୍ରୀ ସୟଦ ସାଦ୍ଦିକ ଡାକ୍ତରଖାନାକୁ ଯାଇ ମୋମୋତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କ ଅବସ୍ଥା ସ୍ଥିର ରହିଥିବା ସେ କହିଛନ୍ତି।

## ଭାରତୀୟ ଦଳ ସହ ଅଭ୍ୟାସ କଲେ ପାଣ୍ଡ୍ୟା

**ମୁମ୍ବାଇ,୧୩।୧(ପି.ଟି.):** ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଭାରତୀୟ ଦଳର ପ୍ରାକ୍ଟିସ ସେସନରେ ଯୋଗଦେଇ ଅଭ୍ୟାସ କରିଛନ୍ତି। ନ୍ୟୁଜିଲାଣ୍ଡ ଗସ୍ତ କରିବାକୁ ଥିବା ଭାରତ 'ଏ' ଦଳରୁ ପାଣ୍ଡ୍ୟାଙ୍କୁ ଅନ୍ତିମ ମିନିଟ୍‌ରେ ବାଦ୍ ଦିଆଯାଇଥିଲା। କାରଣ ସେ ଅଣ୍ଟା ସମସ୍ୟାରୁ ସମ୍ପୂର୍ଣ୍ଣ ରୂପେ ମୁକୁଳି ନାହାନ୍ତି। ହାର୍ଦ୍ଦିକ ପ୍ରଥମେ ଅଧିନାୟକ ବିରାଟ କୋହଲିଙ୍କ ସହ ବଲ ଥ୍ରୋ ଅଭ୍ୟାସ କରିଥିଲେ। ପରେ ନେଟ୍ସରେ ବୋଲିଂ କୋଚ୍ ଭରତ ଅରୁଣଙ୍କ ନେତୃତ୍ୱରେ ପାଣ୍ଡ୍ୟା ବୋଲିଂ ଅଭ୍ୟାସ କରିଥିଲେ। ହାର୍ଦ୍ଦିକ ଲଣ୍ଡନଠାରେ ଅଣ୍ଟାରେ ଅସ୍ତ୍ରୋପଚାର କରାଇବା ପରଠୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି।

## ରୋହିତ୍ ଫେରିଲେ

**ମୁମ୍ବାଇ ୧୩।୧ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଉପ-ଅଧିନାୟକ ରୋହିତ୍ ଶର୍ମାଙ୍କ ସମେତ ଦ୍ରୁତ ବୋଲର ମହମ୍ମଦ ସାମି ଘୋଷିତ ୧୬ ଜଣିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ କେରଳ ଉଇକେଟ୍‌କିପର ସଞ୍ଜୁ ସାମସନଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଗତ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ଲାଗି ଉଭୟ ରୋହିତ୍ ଓ ସାମିଙ୍କୁ ବିଶ୍ରାମ ଦିଆଯାଇଥିଲା। ଚଳିତ ମାସ ଶେଷଭାଗରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ନ୍ୟୁଜିଲାଣ୍ଡ ସିରିଜ ଲାଗି କିନ୍ତୁ ୫ ଜଣିଆ ଚୟନ କମିଟି ଉଭୟଙ୍କୁ ଦଳରେ ସାମିଲ କରିଛନ୍ତି। ତେବେ ଶ୍ରୀଲଙ୍କା ସିରିଜରେ ସ୍ଥାନ ପାଇଥିବା ସାମସନଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌ରେ ମାତ୍ର ୬ ରନ କରିଥିବା ସାମସନ ନ୍ୟୁଜିଲାଣ୍ଡ ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଏହାବାଦ୍ ଦଳରେ ସେହିଭଳି କୌଣସି ବଡ଼ ପରିବର୍ତ୍ତନ କରାଯାଇନାହିଁ। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଜାନୁୟାରୀ ୨୪ରେ ଅକ୍‌ଲାଣ୍ଡରେ ପ୍ରଥମ ମ୍ୟାଚ୍ ଖେଳାଯିବ।

**ନ୍ୟୁଜିଲାଣ୍ଡ ଟୁର୍: ସାମସନ ବାଦ୍**

**ଭାରତୀୟ ଟି୨୦ ଦଳ**
ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମନୀଷ ପାଣ୍ଡେ, ଶିବମ୍ ଦୁବେ, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ମହମ୍ମଦ ସାମି।

## ବୋରାସମ୍ବର କପ୍ : ସେମିରେ କଟକ ୟୁନିୟନ ସ୍ପୋର୍ଟିଂ

ପଦ୍ମପୁର, ୧୩।୧ (ଡି.ଏନ.ଏ)




ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

ବରଗଡ଼ ଜିଲା ପଦ୍ମପୁରରେ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ୍ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିବସରେ ସୋଲାର କଟକ ଏବଂ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା । ପ୍ରଥମ ଟି-୨୦ରେ ସୋଲାର ଦଳ ଟସ୍ ଜିଣି ବ୍ୟାଟିଂ କରି ୧୪୪ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରମେଶ ତାଣ୍ଡି ୫୬ ବଲରେ ୬୬, ପ୍ରୟାସ ଠାକୁର ୨୫ ବଲରେ ୩୮, ଅନିଶ ୨୧ ବଲରେ ୧୭ ରନ କରିଥିଲେ । ଜବାବରେ ୟୁନିୟନ ସ୍ପୋର୍ଟିଂ କଟକ ୧୯.୨ ଓଭରରେ ଆବଶ୍ୟକ ରନ୍ କରି ମ୍ୟାଚ ଜିଣିଥିଲେ। ଦଳ ପକ୍ଷରୁ ଭେଙ୍କଟେଶ ୫୬ ବଲରେ ୧୦୧ ଏବଂ ଜ୍ୟୋତିରଞ୍ଜନ ୨୪ ବଲରେ ୨୫ ରନ କରିଥିଲେ । ସେହିପରି ଟି-୧୦ ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୨୬ ରନ କରିଥିଲା । ଜବାବରେ ସୋଲର ଦଳ ୯ ଉଇକେଟ ହରାଇ ୫୧ ରନ କରି ୭୫ ରନରେ ପରାସ୍ତ ହୋଇଥିଲା। ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ଭୁଏ ଅତିଥି ଭାବେ ଯୋଗଦେଇ ୟୁନିୟନ ସ୍ପୋର୍ଟିଂ ଦଳର ଭେଙ୍କଟେଶ ଭାଣ୍ଡେଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ, ବଳରାମ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ । ଶାଶ୍ୱତ ଦାସ ଓ ରୋହିନୀ ପାଣ୍ଡେ ଧାରା ବିବରଣୀ ଏବଂ ଅମରେଶ ବେହେରା ସ୍କୋରିଂ କରିଥିଲେ। ମଙ୍ଗଳବାର ସେଲ ରାଞ୍ଚି ଓ କଟକ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ।

## ଫିଞ୍ଚ୍, ପେନ୍ ନୁହେଁ ଲାଙ୍ଗରଙ୍କ ଦଳ

ଗୌତମ ଗମ୍ଭୀର

ମୁଁ ଯେତେବେଳେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କଲି ବୋର୍ଡର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଲି। ସେତେବେଳେ ନିଜର ଦକ୍ଷତା ବୃଦ୍ଧି ଲାଗି କେତେଜଣ ପୂର୍ବତନ କ୍ରିକେଟର ଏବଂ ଅଷ୍ଟ୍ରେଲିଆର ବର୍ତ୍ତମାନ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଚାହିଁଥିଲି। ଲାଙ୍ଗର ମୋ ଭଳି ଜଣେ ବାମହାତୀ ଏବଂ ଓପ୍‌ନିଂ ବ୍ୟାଟ୍ସମ୍ୟାନ ଥିଲେ। ତେଣୁ ଆମ ମଧ୍ୟରେ କ୍ରିକେଟ ଖେଳ, ବ୍ୟାଟିଂ ଏବଂ ମାନସିକ ଚାପ ବ୍ୟତୀତ ବ୍ୟକ୍ତିଗତ ଜୀବନ ଉପରେ ଉତ୍ତମ ଭାବର ଆଦାନପ୍ରଦାନ ହୋଇଥିଲା। ମୋତେ ଲାଙ୍ଗରଙ୍କ ଗବେଷଣା ସବୁଠାରୁ ଆଶ୍ଚର୍ଯ୍ୟଚକିତ କରିଥିଲା। ପର୍ଥସ୍ଥିତ ୱେଷ୍ଟର୍ନ ଅଷ୍ଟ୍ରେଲିଆ କ୍ରିକେଟ ଆସୋସିଏଶନ (ୱାକା)ଷ୍ଟାଡିୟମର ଅଫିସ କ୍ୟାବିନ୍‌ରେ ତାଙ୍କ ସହିତ ମୋର ପ୍ରଥମ ଦେଖାହୋଇଥିଲା। ସେତେବେଳେ ସେ ୱେଷ୍ଟର୍ନ ଅଷ୍ଟ୍ରେଲିଆ ପ୍ରାଦେଶିକ ଦଳର କୋଚ୍ ଥିଲେ। ଉଭୟଙ୍କ ମଧ୍ୟରେ ଖୁବ୍ କମ୍ ସମୟ ଧରି କଥାବାର୍ତ୍ତା ହୋଇଥିଲା। ସେ ତାଙ୍କ ଛୋଟିଆ ଅଫିସ ଟେବୁଲରେ ଥିବା ଏକ କମ୍ପ୍ୟୁଟର ସ୍କ୍ରିନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ତରଫରୁ ମୁଁ ଖେଳୁଥିବାର ଏକ ବ୍ୟାଟିଂ କ୍ଲିପ୍ ମୋତେ ଦେଖାଇଥିଲେ। ମାତ୍ର ୫ ମିନିଟ୍ ମଧ୍ୟରେ ମୋ ବ୍ୟାଟିଂରେ ରହିଥିବା ସମସ୍ୟା ସମ୍ପର୍କରେ ସେ କହି ପକାଇଥିଲେ। ସେ ମଧ୍ୟ ମୋ ପୁରୁଣା ଟେକ୍‌ନିକ୍ ବିଷୟରେ ଜାଣିଥିଲେ। ପରବର୍ତ୍ତୀ ସମୟରେ ମୋ ଟେକ୍‌ନିକ୍‌ରେ କିପରି ପରିବର୍ତ୍ତନ ଘଟିଛି ତାହା ମଧ୍ୟ ସେ ଜାଣିଥିଲେ। ପରବର୍ତ୍ତୀ ୨୦ ଦିନ ଲାଙ୍ଗରଙ୍କୁ ମୁଁ ବିଭିନ୍ନ ଦୃଷ୍ଟିକୋଣରୁ ପରଖିଥିଲି। କେକେଆର୍‌ର କୋଚ୍ ହେବା ଲାଗି ସେ ଯୋଗ୍ୟ ବୋଲି ମୁଁ ବିଚାରିଥିଲି। ମୁଁ ତାଙ୍କୁ କୋଚ୍ ହେବାଲାଗି ପ୍ରସ୍ତାବ ମଧ୍ୟ ଦେଇଥିଲି।

#WhatDrivesYou
EXIDE

ସେତେବେଳେ ତାଙ୍କ ସ୍ୱର୍ଗତ ମା' କର୍କଟ ରୋଗରେ ପୀଡ଼ିତ ଥିଲେ। ତେଣୁ ସେ ପାରିବାରିକ କାରଣ ଦର୍ଶାଇ ଲୋଭନୀୟ ଆଇପିଏଲ୍ କୋଚ୍ ଅଫରକୁ ଟାଳି ଦେଇଥିଲେ। ୱାକାଠାରେ ଲାଙ୍ଗରଙ୍କ କୋଚିଂ ୱାର୍କଶପ୍‌ରେ ଅଂଶଗ୍ରହଣ ଲାଗି ମୋତେ ଏକ ସୁଯୋଗ ମିଳିଥିଲା। ତାଙ୍କ ପ୍ରତିଟି ଦିନର କାର୍ଯ୍ୟଶୈଳୀ ଉପରେ ମୋର ନଜର ରହିଥିଲା। ଅଷ୍ଟ୍ରେଲିଆ କ୍ରିକେଟ୍‌କୁ ଆଗେଇ ନେବାର ସାମର୍ଥ୍ୟ ଏହି ବ୍ୟକ୍ତିଙ୍କ ନିକଟରେ ରହିଛି ବୋଲି ମୋର ଧାରଣା ସୃଷ୍ଟି ହୋଇଥିଲା। ତେଣୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳର ବର୍ତ୍ତମାନର ପ୍ରଦର୍ଶନରେ ମୁଁ ବିସ୍ମିତ ନୁହେଁ। ସେ ଅଷ୍ଟ୍ରେଲିଆ ଦଳକୁ କ୍ରମେ ଠିକଣା ପଥକୁ ଆଣିବାରେ ସଫଳ ହୋଇଛନ୍ତି। ଅଷ୍ଟ୍ରେଲିଆର ଏହି ଟୁର୍‌ରେ ଲାଙ୍ଗର ସାମିଲ ହୋଇନାହାନ୍ତି, ହେଲେ ବର୍ତ୍ତମାନର ଅଷ୍ଟ୍ରେଲିଆ ଫିଞ୍ଚ୍ ଅବା ପେନ୍‌ଙ୍କର ନୁହେଁ, ଲାଙ୍ଗରଙ୍କ ଟିମ୍ ବୋଲି ମୁଁ କହିବି। ମୋ ହିସାବରେ ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିବା ଉଚିତ, କିନ୍ତୁ ସହଜ ନୁହେଁ। ମୁମ୍ବାଇ, ରାଜକୋଟ ଏବଂ ବେଙ୍ଗାଲୁରୁର ଟ୍ରାକ୍ ଫ୍ଲାଟ୍ ଥିଲେ ମଧ୍ୟ ଉଭୟ ଦଳରେ ବିଶ୍ୱଶ୍ରେଣୀୟ ବୋଲର ଥିବାରୁ ସେମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିବ ନାହିଁ। ମୋ ମତରେ ଭାରତ ତରଫରୁ କେ.ଏଲ୍. ରାହୁଲ ଏବଂ ରୋହିତ ଶର୍ମା ଇନିଂସ୍ ଓପନ୍ କରିବା ଉଚିତ। ଶିଖର ଧାୱନ ସମୟକୁ ଅପେକ୍ଷା କରନ୍ତୁ। ଅନେକେ ବିରାଟ କୋହଲି ଏବଂ ଷ୍ଟିଭ୍ ସ୍ମିଥ୍ଙ୍କ ମଧ୍ୟରେ ତୁଳନା କରିବେ। କିନ୍ତୁ ମୁଁ କହିବି, କୋହଲି ତାଙ୍କଠାରୁ ଯଥେଷ୍ଟ ଉନ୍ନତ ବ୍ୟାଟ୍ସମ୍ୟାନ।

–(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)

## ଦୁର୍ଘଟଣାରେ ଟ୍ରକ ଚାଳକ ମୃତ

**ଭଣ୍ଡାରିପୋଖରୀ, ୧୩।୧(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର କହରାପୋଖରୀ ଛକ ନିକଟରେ ରବିବାର ରାତିରେ ଏକ ହାଇୱା ସହ ଧକ୍କା ଦେବାରୁ ଘଟଣାସ୍ଥଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟ୍ରକ ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବାବେଳେ ରାସ୍ତାପାର୍ଶ୍ୱରେ ଠିଆ ହୋଇ ରହିଥିବା ଏକ ହାଇୱାକୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ଜେସିବି ସାହାଯ୍ୟରେ ଟ୍ରକ ଚାଳକଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାକୁ ପଠାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ। ତେବେ ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

## ମଣ୍ଡିରେ ଧାନ ପଡିରହିବାର ପ୍ରତିବାଦ

# ସିଏସ୍‌ଓ ଅଫିସ ଘେରିଲେ ଚାଷୀ

**ବଲାଙ୍ଗୀର ଅଫିସ, ୧୩।୧**

ବଲାଙ୍ଗୀର ଜିଲା କୃଷକ ମହାସଂଘ ପକ୍ଷରୁ ସଭାପତି ଡା ସୁଧୀର କୁମାର ପରିଚ୍ଛାଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ବହୁ ଚାଷୀ ସୋମବାର ଘେରାଉ କରିଥିଲେ । ମଣ୍ଡିରେ ଚାଷୀଙ୍କ ଧାନ ଦୀର୍ଘ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିଲେ ମଧ କ୍ରୟ କରାଯାଇ ନଥିଲା। ଏହାର ପ୍ରତିବାଦରେ ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଉପରେ ଧାରଣାରେ ବସିଥିଲେ । ଚଳିତ ବର୍ଷ ଜିଲାରେ ପ୍ରଚୁର ଧାନ ଅମଳ ହୋଇଛି । ତେବେ ପ୍ରାରମ୍ଭରୁ ଧାନକିଣା ପ୍ରକ୍ରିୟା ଢ଼େର ବିଳମ୍ବିତ ହେବା ସହ ଚାଷୀଙ୍କୁ ଟୋକନ ଏବଂ ମଣ୍ଡିକୁ ଟାର୍ଗେଟ ପ୍ରଦାନ ନାଁରେ ଘୋର ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ଆଗଲପୁର ବ୍ଲକ ନଅଗାଁ (କ) ମଣ୍ଡି ଅନ୍ତର୍ଗତ ଚାଷୀମାନେ ଦୀର୍ଘ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ହେଲା ତାଙ୍କ ଧାନକୁ ବିକ୍ରି କରିବା ପାଇଁ ମଣ୍ଡିକୁ ଆଣିଥିଲେ। ତେବେ ଟାର୍ଗେଟ ମିଳୁ ନ ଥିବା କହି ମଣ୍ଡିରେ ଧାନ କିଣାଯାଉନାହିଁ । ଫଳରେ ଚାଷୀମାନେ ବାଧହୋଇ ମଣ୍ଡିରେ ଧାନକୁ ରଖିଛନ୍ତି । ବିକ୍ରୟ ହେବ ଭାବି ପ୍ରାୟ ପ୍ରତିଦିନ ମଣ୍ଡିକୁ ଦୌଡ଼ୁଛନ୍ତି । ମାତ୍ର ଟାର୍ଗେଟ ମିଳୁ ନ ଥିବା କହି ମଣ୍ଡି କର୍ମଚାରୀମାନେ ଧାନ କିଣୁନାହାନ୍ତି । ସେହିପରି ପାଟଣାଗଡ ଉପଖଣ୍ଡ ଦେଉଳଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁନାମୁଦି ମଣ୍ଡିରେ ମଧ ସମଦଶା ଲାଗି ରହିଛି । ଚାଷୀମାନେ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ହେଲା ମଣ୍ଡିକୁ ଧାନ ଆଣି ରଖିଥିଲେ ମଧ କ୍ରୟ କରାଯାଉନାହିଁ । ଟାର୍ଗେଟ ଆସି ନ ଥିବାରୁ ଧାନ କ୍ରୟ ହେଉ ନ ଥିବା


ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କୃଷି ମହାସଂଘ ଚାଷୀଙ୍କ ଧାରଣା ।

### ଜିଲା ଯୋଗାଣ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ପ୍ୟାକ୍ସ କର୍ମଚାରୀମାନେ ଚାଷୀଙ୍କୁ ସୂଚନା ଦେଉଛନ୍ତି। ଏଠାରେ ମଧ ଚାଷୀ ହଇରାଣ ହରକତ ହେଉଛି। ଏନେଇ ବାରମ୍ବାର ହାରିଗୁହାରି କଲେ ମଧ କେହି କିଛି ଶୁଣୁନାହାନ୍ତି। ଜିଲା ଅନ୍ୟ ବ୍ଲକର ବିଭିନ୍ନ ମଣ୍ଡିରେ ଏଭଳି ସମସ୍ୟା କାରଣରୁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିବା ପରେ ଜିଲା କୃଷକ ମହାସଂଘ ପକ୍ଷରୁ ବିଭିନ୍ନ ମଣ୍ଡିର ପ୍ରଭାବିତ ଚାଷୀଙ୍କୁ ନେଇ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଯୋଗାଣ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତା ଉପରେ ଚାଷୀମାନେ ଧାରଣାରେ ବସି ଯୋଗାଣ ବିଭାଗ ବିରୋଧରେ ନାରାବାଜି କରିଥିଲେ। ମହାସଂଘ ସଭାପତି ଡା ପରିଚ୍ଛା ଚାଷୀଙ୍କୁ ଜାଣିଶୁଣି ଶୋଷଣ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଟାର୍ଗେଟ ଓ ଟୋକନ୍ ନାଁରେ ହଇରାଣ ଓ ଶୋଷଣ ହିଁ ଯୋଗାଣ ବିଭାଗ ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । ଧାନବିକ୍ରି ବିଳମ୍ବ କଲେ ଚାଷୀ ବାଧହୋଇ କମ୍ ଦରରେ ମିଲର୍ସଙ୍କୁ ଧାନ ବିକ୍ରି କରିଦେବ ଏହାହିଁ ଯୋଜନା ବୋଲି ସମାଲୋଚନା କରିଥିଲେ । ଏଦିଗରେ ଯୋଗାଣ ଅଧିକାରୀ ତୁରନ୍ତ ସୁବ୍ୟବସ୍ଥା କରା ନ ଗଲେ ଜିଲାବ୍ୟାପୀ ଚାଷୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାପରେ ଜିଲା ଯୋଗାଣ ଅଧିକାରୀ ଅଭିରାମ ପ୍ରଧାନ ବିଭିନ୍ନ ମଣ୍ଡିକୁ ଫୋନ୍ କରି ସ୍ଥିତି ସମ୍ପର୍କରେ ବୁଝିବା ପରେ ମଙ୍ଗଳବାରଠାରୁ ମଣ୍ଡିର ଧାନ ବିକ୍ରୟ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର କରାଯାଇଥିଲା। ଏହି ଧାରଣାରେ ଚାଷୀ ମହେଶ୍ୱର ପଟେଲ, ପ୍ରବଳ ନାଗ, ବିଭୀଷଣ ପଟେଲ, ଅଶୋକ ବେହେରା, ଧରମ ରାଉତ, ଦୈତାରୀ ପଟେଲ, ପୂର୍ଣ୍ଣଚନ୍ଦ୍ର ସାହୁ, ମାଖିନୁ ପୁଟା, ବିପିନ ପଟେଲ, ମଧୁ ବିଶି, ଗୋପୀ ସାହୁ, ରମାକାନ୍ତ ସାହୁ ପ୍ରମୁଖ ଚାଷୀ ବସିଥିଲେ ।

# ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

**ଅତାବିରା/ ସରଣ୍ଡା, ୧୩।୧ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଭୋଇପୁରା ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଜଣେ ବନ୍ଧୁକ ମୁନରେ ଅନ୍ୟ ଜଣଙ୍କୁ ଭୟଭୀତ କରି ମାରି ଦେବାକୁ ଧମକ ଦେବା ଘଟଣାରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ରୋଶନ ତ୍ରିପାଠୀ(୨୨) । ତାଙ୍କ ପାଖରୁ ଏକ ବନ୍ଧୁକକୁ ମଧ୍ୟ ଜବତ କରାଯାଇଛି । ଅତାବିରା ଥାନା ପୋଲିସ ତାଙ୍କ ବିରୋଧରେ ଏକ ମାମଲା (ନଂ.୧୨/୨୦୨୦) ରୁଜୁ କରିଛି । ସୂଚନା ଅନୁଯାୟୀ, ଗତ ୧୧ତାରିଖରେ ରୋଶନ ଜମି ବିବାଦକୁ ନେଇ ଭୋଇପୁରା ଟାଙ୍ଗରପଡ଼ା ଗ୍ରାମର ଦେବାଶିଷ ଷଣ୍ଢଙ୍କ ମୁଣ୍ଡ ଉପରେ ବନ୍ଧୁକ ରଖି ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଦେବାଶିଷ ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ ସହିତ ଘଟଣାର ଅନୁସନ୍ଧାନ ଚଳାଇଥିଲା ।


ଅଭିଯୁକ୍ତ ରୋଶନ ତ୍ରିପାଠୀ ।


ଜବତ ବନ୍ଧୁକ ।




## ୪ ବଖରା ଜଳିଗଲା

**ବନ୍ତ,୧୩।୧(ଡି.ଏନ.ଏ.)**

ବନ୍ତ ହାଟସାହିରେ ସୋମବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ମିର୍ଜା ଅନ୍‌ୱାରଙ୍କ ୨, ମଫିରନ୍ ବିବି ଓ ମୀର୍ କରିମଙ୍କ ବଖରାଏ ଲେଖାଏ ପୋଡ଼ି ଯାଇଛି। ଆଗରପଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସେମାନଙ୍କ ଘରର ଆସବାବପତ୍ର ସମେତ ପ୍ରାୟ ୫୫ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୪ ଜାନୁୟାରୀ, ୨୦୨୦



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।

- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଉଲୁଣ୍ଡା, ୧୩।୧(ଡି.ଏନ.ଏ.): ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ଏସ୍‌ପି ଦେବୀପ୍ରଶାଦ ଦାସ, ଉପଜିଲାପାଳ ଅଶୋକ କୁମାର ଭୋଇ, ଡେପୁଟି କଲେକ୍ଟର ଶ୍ରୀମ୍ୟାଂଶୁ ରୁଟ ଯୋଗଦେଇ ଅଭିଯୋଗର ସମାଧାନ କରିଥିଲେ। ୧୯୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୧୮୩ ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଥିଲା। ୨୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜଳ ଓ ପରିମଳ ବିଭାଗ ଅବହେଳାରୁ ବିଭାଗୀୟ ମୋଟିଭେଟରମାନଙ୍କୁ ତାଙ୍କ ପାରିଶ୍ରମିକ ଦେବାରେ ବିଳମ୍ବ ଅଭିଯୋଗ ପରେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ତାଗିଦ୍ କରିଥିଲେ। କଇରାଝୁଲି ସରକାରୀ ବିଦ୍ୟାଳୟର ଜମି କବଜା ଅଭିଯୋଗ ପରେ ୭ ଦିନରେ ଏହାର ସମାଧାନ କରିବାକୁ ବୀରମହାରାଜପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷା ମିତାଲୀ ମହାକୁର, ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।

### ପଞ୍ଚମହଲା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

# ଏକାଗ୍ରତା ସଫଳ ନାଗରିକ ଗଠନରେ ସହାୟକ ହୁଏ

ଉଲୁଣ୍ଡା, ୧୩।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନର ସଭାପତି ବନମାଳୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ କର୍ତ୍ତବ୍ୟ ପାଳନ, ଏକାଗ୍ରତା ଏବଂ ତ୍ୟାଗ ଛାତ୍ରୀଛାତ୍ରଙ୍କୁ ଏକ ସଫଳ ନାଗରିକ ଗଠନ କରିବାରେ ସହାୟକ ହୁଏ ବୋଲି କହିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ନୀଳମ୍ବର ଶତପଥୀ, ଏଡିଏମ ଶରତ ଚନ୍ଦ୍ର ପଣ୍ଡା, ଡ. ଭିକାରୀ ଚରଣ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି କୈଳାଶ ଚନ୍ଦ୍ର ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।



ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

ମୁଖ୍ୟବକ୍ତାଭାବେ ସୋନପୁର ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ସୌରଭ ଚନ୍ଦ୍ର ଖମାରୀ ଯୋଗଦେଇ କଠିନ ପରିଶ୍ରମ, ଅଧ୍ୟବସାୟ ଓ ଶୃଙ୍ଖଳିତ ଜୀବନ ଶିକ୍ଷାରେ ପୂର୍ଣ୍ଣତା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସୁବାଷ ଚନ୍ଦ୍ର ପାଣ୍ଡିଆ, ଯଜ୍ଞେଶ୍ୱର ପୁଜାହାରୀ, ପ୍ରଫୁଲ୍ଲ ପୂଜାହାରୀ ଏବଂ ଅଣଶିକ୍ଷକ କର୍ମଚାରୀ ନାରାୟଣ ପଣ୍ଡା, ଗୋବିନ୍ଦ ପାଣ୍ଡିଆ, କେଶବ ଚନ୍ଦ୍ର ପାଣ୍ଡିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ପ୍ରସାଦ ପାଣ୍ଡିଆ, ଦାମୋଦର ମିଶ୍ରଙ୍କ ସମେତ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ସ୍ୱର୍ଗତ ଭାଗିରଥି ପାଣ୍ଡିଆ ଏବଂ କୁଞ୍ଜବିହାରୀ ପାଣ୍ଡିଆଙ୍କ ବଂଶଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲୁଣ୍ଡା ବ୍ଲକରେ ବିଭିନ୍ନ ସେବାକାର୍ଯ୍ୟରେ ନିୟୋଜିତ ଥିବା ଉଲୁଣ୍ଡା ଯୁବ ମହାସଂଘକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଅରୁଣାରାଣୀ ପୁରୋହିତ ଓ ରାଜଲକ୍ଷ୍ମୀ ଗୁରୁଙ୍କ ସଂଯୋଜନାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋଇସିଂହାର ଶଙ୍କର ଦାଶ ଏବଂ ଗ୍ରୁପ ଏବଂ ଫୁଲବାଣୀର ଦୁଲଦୁଲୀ, ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ମାନ୍ୟବର ଗାଡଭାଲୁ ସହିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ସରୋଜ ପାଢ଼ୀ, ଶିବରାମ ମିଶ୍ର, ହରିଶଙ୍କର ପୁରୋହିତ, ରାମ ପୁରୋହିତ, ଆଦିତ୍ୟ ପୁରୋହିତ, ମାନସ ପାଣ୍ଡିଆ, ଅରବିନ୍ଦ ବଣ୍ଡକି ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ହୋଇଥିବା ରକ୍ତଦାନ ଶିବିରରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ବାଘ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜୈବିକ କୃଷି ପ୍ରଦର୍ଶନୀ, ଆଲୋଚନାଚକ୍ର

ଡୁଙ୍ଗୁରିପାଲି/ବିନିକା, ୧୩।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ୍ ପଣ୍ଡକିଟାଲ ଆର୍‌ଏମ୍‌ସିଠାରେ ଅର୍ଗାନିକ ଫାଇଟର ତରଫରୁ ପ୍ରାକୃତିକ ଜୈବିକ କୃଷି ପ୍ରଦର୍ଶନୀ ଓ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗ ବିଶେଷଜ୍ଞ ଡଃ ସସ୍ମିତା ଦାଶ ଯୋଗଦେଇ ରାସାୟନିକ ଚାଷର କୁପ୍ରଭାବ ଯୋଗୁଁ କ୍ୟାନସର ଆଦି ରୋଗର ଉତ୍ପନ୍ନ ହେଉଛି କହିଥିଲେ। ଅଗ୍ରଣୀ ଜୈବିକ ବିଶେଷଜ୍ଞ ସୁଦାମ ସାହୁ ଜୈବିକ ଚାଷ କିପରି ରାସାୟନିକ ଚାଷ ପଦ୍ଧତିଠାରୁ ଲାଭଜନକ ସାବ୍ୟସ୍ତ ହୋଇଥାଏ ସେ ବିଷୟରେ ବୁଝାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ସାମାଜିକ କର୍ମୀ ରମେଶ ପୂଜାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମୁରଲୀଧର ସାହୁ। ଏହି ଅବସରରେ ପ୍ରଦର୍ଶିତ ପାଇଁ ରହିଥିବା ଦେଶୀ ଧାନବିହନ ଦେଖିବା ପାଇଁ ଚାଷୀଙ୍କ ପ୍ରବଳ ଭିଡ ଜମିଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ରମେଶ ଭୋଇ।

## ରାଜ୍ୟସ୍ତରୀୟ ଯୁବ ଡୁମାଲ ସମାବେଶ ପାଇଁ ପ୍ରସ୍ତୁତି

ଅମରପାଲି, ୧୩।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇଠାରେ ରାଜ୍ୟସ୍ତରୀୟ ଯୁବ ଡୁମାଲ ସମାବେଶ ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଡୁମାଲ ପରିଷଦର ସଭାପତି ସମିତ ମହାକୁରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା ଉକ୍ତ ପ୍ରସ୍ତୁତି ବୈଠକ। ଜିଲା ଡୁମାଲ ପରିଷଦ ସଭାପତି ଭୂଷଣ କୁମାର ପାତ୍ରଙ୍କ ଅନୁମୋଦନ କ୍ରମେ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ୨୦ଟି କେନ୍ଦ୍ରର ସଭାପତି ଓ ସମ୍ପାଦକଙ୍କୁ ବୈଠକରେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ବୈଠକରେ ରାଜ୍ୟ ଯୁବ ଡୁମାଲ ସମାବେଶ- ୨୦୨୦କୁ ସଫଳ କରିବା, ଅର୍ଥ ସଂଗ୍ରହ ଓ ବ୍ୟୟ ଅଟକଳ ପ୍ରସ୍ତାବକୁ ଅନୁମୋଦନ କରିବା ସହ ସମାବେଶର ଆୟୋଜନ ଏକ ସୁନ୍ଦର ପଦକ୍ଷେପ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ରାଜ୍ୟ ଯୁବ ଡୁମାଲ ପରିଷଦର ସଭାପତି ସୁରେଶ କର୍ଣ୍ଣ ଉପସ୍ଥିତ ରହି ପରିଷଦର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଗାମୀ ଫେବୃୟାରୀ ୮ ଓ ୯ ତାରିଖରେ ହେବାକୁ ଥିବା ଉକ୍ତ ସମାବେଶ ପାଇଁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜାନକୀରାମ ଦେହୁରୀ, ବିଜୟ କୁମାର ମେଣ୍ଡିଲି, ସତ୍ୟଜିତ ଗଡ଼ୁଆ, ଧନଞ୍ଜୟ ମହାକୁର, ଅର୍ଜୁନ ପଧାନ, କାର୍ତ୍ତିକ ଖଣ୍ଡଗିରୀ, ଦିଲୀପ ବାରିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ଯୁବ ଡୁମାଲ ପରିଷଦର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ଭାଜପାର ସିଏଏ ସପକ୍ଷ ରାଲି, ସଭା

## ଦେଶର ସ୍ୱାର୍ଥ ପାଇଁ ଆଇନର ସଂଶୋଧନ

ସୋନପୁର,୧୩।୧(ନି.ପ୍ର.)

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ପାରିତ ହେବା ପରେ ଗୁଜବକୁ କେନ୍ଦ୍ର କରି କେତେକଙ୍କ ମଧ୍ୟରେ ବିରୋଧାଭାସ ସୃଷ୍ଟି ହୋଇଛି। ଲୋକଙ୍କ ମନରୁ ଭ୍ରମ ଧାରଣା ଦୂର କରିବା ଓ ସିଏଏ ସପକ୍ଷରେ ସଚେତନତା ସୃଷ୍ଟି ପାଇଁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ସୋମବାର ସୁବର୍ଣ୍ଣପୁର ଜିଲା ଭାଜପା ଶାଖା ପକ୍ଷରୁ ସହରରେ ଜନଜାଗରଣ ପଦଯାତ୍ରା ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଭୀମଭୋଇ କଳାମଣ୍ଡପରେ ଆୟୋଜିତ ସଭାରେ ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ଯୋଗଦେଇ କହିଥିଲେ ଯେ, ଏହି ଆଇନ ଯୁକ୍ତିଯୁକ୍ତ। ଦେଶର ସ୍ୱାର୍ଥ ପାଇଁ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ନାଗରିକତ୍ୱ ଆଇନରେ ସଂଶୋଧନ କରାଯାଇଛି। ଏହାଦ୍ୱାରା ଦେଶର ଲାଭ ହେବ। ସଂଖ୍ୟାଲଘୁ ଉପକୃତ ହେବେ। ବିରୋଧିମାନେ ରାଜନୈତିକ ଅଭିସନ୍ଧି ରଖି ଜନସାଧାରଣଙ୍କୁ ଭୁଲ ବାର୍ତ୍ତା ଦେଉଛନ୍ତି। ତେଣୁ ସିଏଏକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ପାଣି ସଚେତନ କରିଥିଲେ। ବ୍ରଜରାଜନଗରର ପ୍ରାକ୍ତନ ବିଧାୟିକା ରାଧାରାଣୀ ପଣ୍ଡା ସଭାରେ ଯୋଗଦେଇ କହିଥିଲେ ଏହି ଆଇନରେ ଧର୍ମ ଆଧାରରେ ଉତ୍ପୀଡନର ଶିକାର ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁ ସମୁଦାୟ ଭାରତର ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଏଥିଲାଗି କୌଣସି ଭାରତୀୟ ଭୟଭୀତ ହେବାର କାରଣ ନାହିଁ। କଂଗ୍ରେସ, ବାମପନ୍ଥୀ ଓ ତୃଣମୂଳ କଂଗ୍ରେସ ଭଳି ରାଜନୈତିକ ଦଳ ନିଜ ଭୋଟ ବ୍ୟାଙ୍କକୁ ସୁରକ୍ଷା ଦେବା ସକାଶେ ଉକ୍ତ ଆଇନ ସମ୍ପର୍କରେ ଲୋକଙ୍କୁ ମିଥ୍ୟା ତଥ୍ୟ ଦେଇ ଦେଶ ବିରୋଧରେ ଷଡଯନ୍ତ୍ର କରୁଛନ୍ତି। ଜିଲା ଭାଜପା ସଭାପତି ପ୍ରମୋଦ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ମହାପାତ୍ର କହିଥିଲେ ଏହା ଏକ ଐତିହାସିକ ଆଇନ। ବାଂଲାଦେଶ, ଆଫଗାନିସ୍ତାନ ଓ ପାକିସ୍ତାନରେ ଧର୍ମୀୟ ବିଦ୍ୱେଶର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ତାରିଖ ସୁଦ୍ଧା ଭାରତରେ ଶରଣାର୍ଥୀ ଭାବେ ରହିଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ, ଜୈନ, ପାର୍ସି, ଖ୍ରୀଷ୍ଟିଆନ ଓ ବୌଦ୍ଧ ମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ସିଏଏର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଳଦେବ ପ୍ରସାଦ ବେଦ୍‌ବାକ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ୟମ


ଭାଜପା ନେତା ଓ କର୍ମୀ ମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

କ୍ରମେ ୩ ମୁସଲମାନ ଦେଶର ନିର୍ଯ୍ୟାତିତ ସଂଖ୍ୟାଲଘୁ ସୁଫଳ ପାଇବାର ବାଟ ଫିଟିଛି। ଅଶୋକ ପୂଜାରୀ, ଇଂ ରଘୁନାଥ ଜଗଦଲା, ପ୍ରାକ୍ତନ ଜିଲା ସଭାପତି ରାଜକିଶୋର ମେଣ୍ଡିଲି, ବିଜୟ ମହାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁରେଶ ଚନ୍ଦ୍ର ମହଲା, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଓ ଜିଲା ପରିଷଦ ଉପାଧ୍ୟକ୍ଷା ରୁଦ୍ର ମହଲା ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପୂର୍ବରୁ ଜନଜାଗରଣ ପଦଯାତ୍ରା ନଳିନି ଛକରୁ ଆରମ୍ଭ ହୋଇ ଥନାପତିପଡା, ବଡବଜାର, ଗୁଣ୍ଡିଚାମନ୍ଦିର ଛକ, ବସଷ୍ଟାଣ୍ଡ ହୋଇ ଟାଉନ ହଲ ସମ୍ମୁଖରେ ପହଞ୍ଚି ଥିଲା। ଏଥିରେ ଜିଲାର ୨ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆସିଥିବା ଦଳୀୟ ନେତା, କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ଜୟନାରାୟଣ ନେଗୀ, ସାନନ୍ଦ ମେହେର, କିଶୋର ହୋତା, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ତାଲୁକ ଆଇନ ସେବା ସମିତିର ସଚେତନତା ଶିବିର

ଅମରପାଲି, ୧୩।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମହଦା ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ସବଜଜ୍ ଅବକାଶ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସରକାରୀ ଓକିଲ ଶ୍ରୀନିବାସ ଚାନ୍ଦ, ଆଇନଜୀବୀ ହିମାଂଶୁଶେଖର ଭୋଇ, ବୀରମହାରାଜପୁର ଓକିଲ ସଂଘର ସମ୍ପାଦକ ସନ୍ତୋଷ ଚାନ୍ଦ ଓ ମହଦା ସରପଞ୍ଚ ଫିରୋଜ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ଏବଂ କିନ୍ନରମାନଙ୍କର ଅଧିକାର ଉପରେ ସଚେତନ କରାଯାଇଥିଲା। ଏଥିରେ ଅଞ୍ଚଳର ମହିଳା, ପୁରୁଷ ଏବଂ ଏସଏଚଜି ଦଳର ସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଚାର ବିଭାଗୀୟ ସଞ୍ଜିବ ବାରିକ, ରଞ୍ଜନ ଦାଶ, ଅରୁଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।


ତାଲୁକ ଆଇନସେବା ସମିତିର ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

## ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

ଡୁଙ୍ଗୁରିପାଲି, ୧୩।୧(ଡି.ଏନ୍.ଏ.)

ଡୁଙ୍ଗୁରିପାଲିରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ସୋମବାର ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳ୍ପନା ପଣ୍ଡା ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ବିଡିଓ ସହଦେବ ସମାଧିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଇଓ ରାଧାକାନ୍ତ ଗଡତ୍ୟା, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ପଞ୍ଚବଟୀ ବିଦ୍ୟାନିକେତନର ରାଧାବଲ୍ଲଭ ଷଡଙ୍ଗୀ, ସରସ୍ୱତୀ ମନ୍ଦିରର ଆଚାର୍ଯ୍ୟ ପୌଲସ୍ତୀ କୁମାର ହୋତା, ଫରେଷ୍ଟର କୀର୍ତ୍ତିବାସ ସେଠ୍, ବିପ୍ରଚରଣ ସାହୁଙ୍କ ସମେତ ବ୍ଲକର ସମସ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ୨୬ତାରିଖ ସକାଳ ଘ.୪.୩୦ରେ ରାମଧୂନ ଗାନ, ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପରେ ବିଭିନ୍ନ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଭାତ ଫେରି, ସକାଳ ୮।୩୦ରେ ବିଇଓ ଅଫିସ କାର୍ଯ୍ୟାଳୟ ସମ୍ମୁଖ ସଂଗ୍ରାମୀ ମଣ୍ଡପରେ ଜାତୀୟ ପତାକା ଉତ୍ତୋଳନ ଓ ପରେଡ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ଜୟ୍ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ

## ଲୁତୁରପଙ୍କ ସେମିଫାଇନାଲରେ

ଅମରପାଲି, ୧୩।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ବିଶାଲପାଲି ପଡିଆରେ ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଶାଲପାଲି, ପାତ୍ରପାଲି ଓ ଚିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟକୁ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟଅତିଥି ଏବଂ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ଦନ୍ତା, ଦେଉଲଝୁରୀ ମଠର ମଠାଧିଶ, ଶିକ୍ଷକ ସୁଶିଲ ପଧାନ, ଗ୍ରାମ ରୋଜଗାର ସେବକ ଲଳିତ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କ୍ଷୀରୋଦ ପଧାନ ସଭାପତିତ୍ୱ କରିଥିବା ବେଳେ ବବୁଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଲୁତୁରପଙ୍କ ଓ ମୋଚିବାହାଲ ମଧ୍ୟରେ ହୋଇଥିଲା। ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୪ ଉଇକେଟ ହରାଇ ୧୩୩ ରନ କରିଥିଲେ। ଦଳର ଲିଙ୍ଗା ୪୧ ଓ ଦୀପକ ୪୨ ରନ କରିଥିଲେ। ମୋଚିବାହାଲ ଦଳ ଲିପୁଙ୍କ ୮୦ ରନ ସତ୍ତ୍ୱେ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୩୦ ରନ କରି ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଘିଚାପାଲି ଦଳ ଡାହାଣିପାଲିକୁ ପରାସ୍ତ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ଲୁତୁରପଙ୍କ ଦଳ ଘିଚାପାଲିକୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି।


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

## ଏସ୍‌ଡିସିଏ ସୋନପୁର ଚାମ୍ପିୟନ

ଅମରପାଲି, ୧୩।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ବିକଳପୁରଠାରେ ଚାଲିଥିବା ୧୪ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ସିଣ୍ଡୋଲକୁ ହରାଇ ଏସଡିସିଏ ସୋନପୁର ଚାମ୍ପିୟନ ହୋଇଛି। ସିଣ୍ଡୋଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରିଥିଲା। ଦଳର ସୁନୀଲ ସେବକ ୩୨ ଓ ଦୀପକ ୨୪ ରନ କରିଥିଲେ। ସୋନପୁରର ରାକେଶ ସାହୁ ୫ଟି ଓ ଆକାଶ ପାତ୍ର ୪ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୧୭.୩ ଓଭରରେ ୫ଉଇକେଟ ହରାଇ ଆବଶ୍ୟକ ୧୨୮ ରନ କରି ବିଜୟୀ ହୋଇଥିଲା। ଦଳର ଉମାଶଙ୍କର ହୋତା ୩୬ ରନ କରିଥିଲେ। ସିଣ୍ଡୋଲର ଦେବାଶିଷ ୨ଟି ଓ ସୁବ୍ରତ ୩ଟି ଉଇକେଟ ନେଇଥିଲେ। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ ଭୋଇ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। କମିରା ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ସମିତି ସଭ୍ୟା ପ୍ରତିନିଧି ସପନ ପଧାନ, ଲୁତୁରପଙ୍କ ସରପଞ୍ଚ ପ୍ରତିନିଧି ରାଧାମାଧବ ବେହେରା, ଜିଲା କ୍ରିକେଟ ସଂଘର ସଭାପତି ରାମଶଙ୍କର ସାହୁ, ରାମ ପ୍ରସାଦ କର୍ଣ୍ଣ, ତ୍ରିଲୋଚନ ମେହେର, ପଠାନ ପଣ୍ଡା, ଧରଣୀଧର ପାଢ଼ୀ, ସିଆରସିସି ସୁନୀଲ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନବନିର୍ମିତ ଖେଳ ମଣ୍ଡପକୁ ମୁଖ୍ୟଅତିଥି ଭୋଇ ଉଦ୍‌ଘାଟନ କରିଥିଲେ। ସୋନପୁରର ଉମାଶଙ୍କର ହୋତାଙ୍କୁ ମ୍ୟାନ ଅଫ୍ ଦି ସିରିଜ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ସିକ୍ସର ରାକେଶ ସାହୁଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ଓ ଏମରଜିଂ ପ୍ଲେୟାର, ଆକାଶ ପାତ୍ରଙ୍କୁ ଶ୍ରେଷ୍ଠ ବୋଲର ଏବଂ ସିଣ୍ଡୋଲର ଦୀପକଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସୋନପୁର ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ରନର୍ସ ଅପ୍ ସିଣ୍ଡୋଲକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଫାଇନାଲ ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ପରକ୍ଷିତ କର୍ଣ୍ଣ ସ୍କୋରିଂ ଏବଂ ସଂକୀର୍ତ୍ତନ୍ୟ ସାହୁ ଓ ଅମିତ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ସହିତ ଚାମ୍ପିୟନ ସୋନପୁର ଦଳ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।

-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ..

### ଗଞ୍ଜେଇ ଚାଲାଣ ବେଳେ ୩ ଗିରଫ

ପଦ୍ମପୁର, ୧୩।୧ (ଡି.ଏନ.ଏ)

ଗଞ୍ଜେଇ ଚାଲାଣ ବେଳେ ପଦ୍ମପୁର ପୋଲିସ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସାନରାହାଜୋର ଗ୍ରାମର ଅଜିତ ସାହୁ (୩୦) ଓ ବଲାଙ୍ଗୀର ଜିଲା ଲୁଇସିଂହା ଥାନା କେଉଁଟିପାଲି ଗ୍ରାମର ସୁନୀଲ ନନ୍ଦ (୨୩) । ସେମାନଙ୍କଠାରୁ ୨୧.୭୨ କେଜି ଗଞ୍ଜେଇ ଓ ଏକ ବାଇକ୍ ଜବତ କରାଯାଇଛି । ଏ ସମ୍ପର୍କରେ ପଦ୍ମପୁର ଥାନାରେ ଏକ ମାମଲା (ନଂ. ୭/୨୦) ରୁଜୁ ହୋଇଛି । ସେହିପରି ବିଜେପୁର ଥାନା ପୋଲିସ ଖରମୁଣ୍ଡା ଗ୍ରାମର ସୁଦାମ ସେଠ (୩୫)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩ କେଜି ଗଞ୍ଜେଇ ଜବତ କରିଛି । ଏ ନେଇ ବିଜେପୁର ଥନାରେ ଏକ ମାମଲା (ନଂ. ୮/୨୦) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଅତାବିରା, ୧୩।୧ (ଡି.ଏନ.ଏ)

ଅତାବିରା ବ୍ଲକ ଟାମ୍ପରସରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ୩୧ତମ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମ ବିଷୟରେ ବୁଝାଇଥିଲେ। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରି କୃତୀ ଛାତ୍ରୀ ବୀଣାପାଣୀ ମାଝୀ, ପ୍ରମିତ ନାୟକ, ଲୋକଜନନୀ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଶୁଭ୍ରାଂଶୁ ଶେଖର ସାହୁ, ଶିକ୍ଷକ ଉପେନ୍ଦ୍ର କର, ନରେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ତ୍ରିନାଥ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୋଲିଲାନି ଚିନିକଳ

# ଆଖୁ ବିକି ନ ପାରି ଚାଷୀ ହଇରାଣ

ବରଗଡ଼ ଅଫିସ୍, ୧୩।୧

ବରଗଡ଼ ସହର ଉପକଣ୍ଠ ଡୋରା ସମବାୟ ଚିନିକଳକୁ କାର୍ଯ୍ୟକ୍ଷମ କରାଯାଇ ନାହିଁ। ଫଳରେ ଏହାର ପ୍ରଭାବ କେବଳ ଚିନିକଳ କର୍ମଚାରୀଙ୍କ ଉପରେ ପଡ଼ିଛି ତାହା ନୁହେଁ, ଏଥିପାଇଁ ଜିଲାର ଆଖୁଚାଷଙ୍କୁ ବହୁବିଧ ଅସୁବିଧାରେ ଛନ୍ଦି ହେବାକୁ ପଡ଼ିଛି। ଆଖୁଚାଷୀମାନେ ସେମାନଙ୍କ ଅମଳ ଆଖୁକୁ ବିକ୍ରି କରି ପାରୁ ନାହାନ୍ତି। ଅନ୍ୟପଟେ ବିଲରେ ଦୀର୍ଘଦିନ ପଡ଼ିରହି ଆଖୁ ନଷ୍ଟ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସୋମବାର ବରଗଡ଼ ଜିଲା ଆଖୁଚାଷୀ ସଂଘର କର୍ମକର୍ତ୍ତା, ସଦସ୍ୟବୃନ୍ଦ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇଥିଲେ। ଏ ନେଇ ଜିଲାପାଳଙ୍କୁ ଏକ ସେମାନେ ସ୍ମାରକପତ୍ର ପ୍ରଦାନ ସହିତ ସେମାନଙ୍କ ଅମଳ ଆଖୁ ବିକ୍ରି ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଅନୁରୋଧ କରିଛନ୍ତି ।

ପ୍ରକାଶ ଯେ, ବରଗଡ଼ ସମବାୟ ଚିନିକଳ ଦ୍ୱାରା ପଞ୍ଜିକୃତ ହୋଇ ଜିଲାର ଅନେକ ଚାଷୀ ଆଖୁଚାଷ କରିଛନ୍ତ। ମାତ୍ର ଏପର୍ଯ୍ୟନ୍ତ ଚିନିକଳ ଖୋଲାଯାଇ ନାହିଁ। ଏ ନେଇ ପୂର୍ବରୁ ଚିନିକଳ ପରିଚାଳନା ନିର୍ଦ୍ଦେଶକଙ୍କୁ ମଧ୍ୟ ଚାଷୀମାନେ ଫେରାଦ ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ଅପରପକ୍ଷେ ଜିଲାର ଚାଷୀଙ୍କ ପାଖରେ କାରଖାନାରେ ପେଡ଼ା ହେବା ପାଇଁ ପ୍ରାୟ ୬ଶହ ଟନ୍ ଆଖୁ ରହିଛି । ସେହିପରି ଆଖୁ ବିହନ ଆକାରରେ ବିଲରେ ୮ଶହ ଟନ୍ ଆଖୁ ରହିଛି । ତେବେ ଚିନିକଳ କାର୍ଯ୍ୟକ୍ଷମ ନ ଥିବା ଯୋଗୁ ତାକୁ ବିକ୍ରି କରିବାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି। ଅନ୍ୟପଟେ ଆଖୁ ଏକ ଅର୍ଥକାରୀ ଫସଲ ହୋଇଥିବାରୁ ସରକାରୀ ପ୍ରୋତ୍ସାହନ ଯୋଗୁ ସେମାନେ ଏହି ଚାଷ କରି ଆସୁଥିବା ଚାଷୀମାନେ କହିଛନ୍ତି। ଫଳରେ ଚିନିକଳକୁ କାର୍ଯ୍ୟକ୍ଷମ କରାଯିବା ସହିତ ସେମାନଙ୍କ ଅମଳ ଆଖୁର ବିକ୍ରି ବ୍ୟବସ୍ଥା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ବରଗଡ଼ ଜିଲା ଆଖୁଚାଷୀ ସଂଘର ସଭାପତି ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଚାଷୀମାନେ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ ।

ପ୍ରକାଶଥାଉକି, ୧୯୭୪ ମସିହାରୁ ପ୍ରତିଷ୍ଠିତ ଡୋରା ସମବାୟ ଚିନିକଳ ବନ୍ଦ ଯୋଗୁ ଉଭୟ ଚିନିକଳ କର୍ମଚାରୀ ଏବଂ ଆଖୁଚାଷୀମାନଙ୍କୁ କ୍ଷତି ସହିବାକୁ ପଡୁଛି। ଚିନିକଳ କର୍ମଚାରୀମାନେ ଦୀର୍ଘମାସ ହେଲା ସେମାନଙ୍କ ଦରମା ପାଇ ପାରି ନହାନ୍ତି । ସେହିପରି ଚିନିକଳ ଖୋଲୁ ନ ଥିବାରୁ ଚାଷୀଙ୍କ ଆଖୁ ନଷ୍ଟ ହେବାରେ ଲାଗିଛି । ଫଳରେ ଚିନିକଳକୁ କାର୍ଯ୍ୟକ୍ଷମ କରିବା ଦାବିରେ ଚାଷୀ, କର୍ମଚାରୀ ସମନ୍ୱୟ ସମିତି ବାରମ୍ବାର ଆନ୍ଦୋଳନ, ସ୍ମାରକପତ୍ର ପ୍ରଦାନ ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି । ମାତ୍ର କିଛି ସୁଫଳ ମିଳୁନାହିଁ। ଅନ୍ୟପଟେ ଗତ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସୋହେଲା ଇଚ୍ଛାପାଲି ସମାବେଶରେ ଚିନିକଳ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଫମ୍ପା ପ୍ରତିଶ୍ରୁତି ସାବ୍ୟସ୍ତ ହୋଇଛି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆଖୁଚାଷୀବୃନ୍ଦ ।

## ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକୋତ୍ସବରେ ମତପ୍ରକାଶ

# କଠିନ ପରିଶ୍ରମ ହିଁ ସଫଳତାର ମାପକାଠି

ଅମ୍ବାଭୋନା, ୧୩।୧ (ଡି.ଏନ.ଏ)

ଦୃଢ଼ ଇଚ୍ଛାଶକ୍ତି ଏବଂ ଆତ୍ମ ବିଶ୍ୱାସ ମଣିଷକୁ ଶିଖରରେ ପହଞ୍ଚାଇଥାଏ। କଠିନ ପରିଶ୍ରମ ହିଁ ସଫଳତାର ମାପକାଠି ବୋଲି ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭୁକ୍ତାର ୩୫ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ଇଏସ୍ଆଇ ମନ୍ତ୍ରୀ ସୁଶାନ୍ତ ସିଂ ମତପ୍ରକାଶ କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂ ପ୍ରଥମେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବାର୍ଷିକୋତ୍ସବକୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଧ୍ରୁବଚରଣ ସାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଓଡିଆ ଅଧାପକ ଡ. ଲକ୍ଷ୍ମଣ ମେହେର ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବିଶ୍ୱଜିତ ଶତପଥି, ରାଜନୀତି ବିଜ୍ଞାନ ଅଧାପକ କିଶନ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅଧାପକ ଜଗଦୀଶ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ହିନ୍ଦୀ ଅଧାପକ ରାଧାକୃଷ୍ଣ ବିଶ୍ୱକର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଗୀତର ଆସର ଜମିଥିଲା।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ପଦ୍ମପୁର, ୧୩।୧ (ଡି.ଏନ.ଏ)

ରାଜବୋଡାସମ୍ବର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବରଗଡ ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ରଣା, ରାଜବୋଡାସମ୍ବର ବିଡିଓ ତ୍ରିବିକ୍ରମ କୁମୁରା, ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ ପ୍ରମୁଖ ଯୋଗଦାନ କରି ଜନସାଧାରଣଙ୍କଠାରୁ ଆପତ୍ତି ଅଭିଯୋଗ ଗ୍ରହଣ କରି ସେଗୁଡିକର ଆଶୁ ସମାଧାନ ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୬୯ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ଶିବିରରେ ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ନଳିନୀ ବଳବନ୍ତରାୟ, ଡିପିସି ସୁଶାନ୍ତ ଚୌପଦାରଙ୍କ ସମେତ ଜିଲା ଏବଂ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଶିବିରରେ ଅଭିଯୋଗର ଶୁଣାଣି କରାଯାଉଛି ।

## ମହେନ୍ଦ୍ର ମେମୋରିଆଲ କ୍ରିକେଟ, ଜମୁର୍ଡ଼ା ଚାମ୍ପିୟନ

ଭେଡ଼େନ, ୧୩।୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅରେଇଗୁଡ଼ି ଖେଳ ପଡ଼ିଆରେ ଚାଲିଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଜମୁର୍ଡ଼ା ଦଳ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଏହି ଦଳ ଡୋରା ଏକାଦଶକୁ ୫୪ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜମୁର୍ଡ଼ା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୩୫ ରନ କରିଥିଲା। ଜବାବରେ ଡୋରା ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୮୧ ରନ କରିବାକୁ ସମର୍ଥ ହୋଇଥିଲା। ଏହା ପୂର୍ବରୁ ଜମୁର୍ଡ଼ା ଦଳ ମହାକୁର ଟିକ୍ରାକୁ ଏବଂ ଡୋରା ଦଳ କୁର୍ଲା ଏକାଦଶକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ଖେଳକୁ ଅରବିନ୍ଦ ବିଶ୍ୱାଳ, ସୁରେନ୍ଦ୍ର ବିଶି ଓ ଅକ୍ଷୟ ସାହୁ ପରିଚାଳନା କରିଥିବା ବେଳେ ସୁବ୍ରତ ବିଶି ଓ ଅଭିଲାଶ ନାୟକ ସ୍କୋରର ଥିଲେ। ରମେଶ କର୍ଣ୍ଣ ମୁଖ୍ୟ ଅତିଥି ଏବଂ ସରପଞ୍ଚ ସୁନୀଲ ମେହେର, ରାଜେଶ କରନ, ସୀତାରାମ ପଧାନ, ବିନୋଦ ସାହୁ ଶ୍ୟାମ ସୁନ୍ଦର ଭୋଇ ଏବଂ ସୂର୍ଯ୍ୟ ମାଝୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

# ବିଜେପୁରରେ ପୁଷ୍‌ପୁନି ତିହାର




ପୁଷ୍‌ପୁନି ତିହାରରେ ପରିବେଷିତ ଲୋକନୃତ୍ୟ ।

ବିଜେପୁର, ୧୩।୧ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ସଂକର୍ଷଣ ଟିଓୟୁପି ସ୍କୁଲ ପଡିଆରେ ପୁଷପୁନି ତିଆର କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସିନେ ଅଭିନେତା ତଥା ସାହିତ୍ୟିକ ଡ. ଅଟଳ ବିହାରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଫଟାଇ ଖାଇଲି ବେଲ ଗୀତର ସ୍ରଷ୍ଟା କ୍ଷିତିପତି ସାହୁ, ସଙ୍ଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜୀବନ ବ୍ୟାପୀ ସାଧନା ପାଇଁ ତିନି ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭା ପ୍ରାରମ୍ଭରେ ପୁଷପୁନିର ପିଠା ପ୍ରତିଯୋଗିତା ହୋଇଥିଲା । ରମେଶ ପଧାନଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକାକୁ ଅତିଥିଗଣ ଲୋକାର୍ପିତ କରିଥିଲେ । କଳାହାଣ୍ଡିର ରିଦମ୍ ସ୍କିଲ ଡ୍ୟାନ୍ସ ଗ୍ରୁପ, ପୁରୀର ଗୋଟିପୁଅ ଡ୍ୟାନ୍ସ ଗ୍ରୁପ୍‌ର ଦଶଭୁଜା, ଲୋଇସିଂହା ଶଙ୍କର ବେହେରା ଓ ସାଥିଙ୍କ ପଞ୍ଚରସି, ବିଜେପୁର ନୃତ୍ୟାଞ୍ଜଳିର ଡାଲଖାଇ, ଅତାବିରା କୁଠିଶାଳ ନୃତ୍ୟ ଦଳର ସମ୍ବଲପୁରୀ ଫ୍ୟୁଜନ ଶୈଳୀର ଲୋକନୃତ୍ୟ ଦର୍ଶକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା । ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗ ତଥା ନୃତ୍ୟାଞ୍ଜଳି ଅନୁଷ୍ଠାନର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଭାପତି ସମୀର ମେହେର, ମାନସ ରଞ୍ଜନ ମେହେର, ଅଞ୍ଜନ କୁମାର ପଧାନ, ବିଜୟ ବେଶ୍ରା ପ୍ରମୁଖ ପରିଚାଳନା କରିଥିଲେ ।

## ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଭେଡ଼େନ, ୧୩।୧ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଟିଟିଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ବଜରଙ୍ଗ ପଡ଼ା ସ୍ଥିତ ଶନିଧାମର ପ୍ରଥମ ବାର୍ଷିକୋତ୍ସବ ତଥା ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାଲିଛି। ଏହି କ୍ରମରେ ସୋମବାର ମାମୁ ଘର ହୋଇଥିବା ଟାଙ୍ଗରପାଲିର ରାଧାକାନ୍ତ ସେଠଙ୍କ ଘରୁ ମଉଳା ଭାର ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିବାପରେ ଶନିଧାମରେ ପହଞ୍ଚିଛି। ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ ସୋମବାର ଲକ୍ଷ୍ମୀ, ନାରାୟଣ, ଗଣେଷ ବିଗ୍ରହ ପ୍ରାଣ ପ୍ରତିଷ୍ଠା, ଷୋଡ଼ଷ ଉପଚାର ପୂଜା, ମହାରୁଦ୍ରାଭିଷେକ ଆଦି ପୂଜା ହୋଇଥିଲା। ରବିବାର କବି ନାରାୟଣ ଭୋଇଙ୍କ ସଂଯୋଜନାରେ କବି ସମ୍ମିଳନୀ ହୋଇଥିଲା। ଏଥିରେ ଭେଡ଼େନ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଶନିବାର କଳସଯାତ୍ରା ହୋଇଥିଲା। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଟିଟିଣ୍ଡା ସରପଞ୍ଚ ସୁଶାନ୍ତ ପ୍ରଧାନଙ୍କ ସମେତ ବହୁ ମହିଳା ପୁରୁଷ ଭାଗ ନେଇଥିଲେ।

# ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ

ଗଣ୍ଡତୁରୁମ, ୧୩।୧ (ଡି.ଏନ.ଏ)

ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ମହୁଲେ କାଳେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସୁନୀଲ ହୋତା ସ୍ମାରକୀ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅମଲିପାଲି ଦଳକୁ ୧-୦ ଗୋଲରେ ହରାଇ ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଛି । ପ୍ରଥମ ସେମିଫାଇନାଲରେ ମହୁଲେ ଦଳକୁ ଡୁଙ୍ଗୁରିପାଲି ଏବଂ ଦ୍ୱିତୀୟ ସେମିଫାଇନାଲରେ ଗଣ୍ଡିଆପାଲି ଦଳକୁ ପରାସ୍ତ କରି ଅମଲିପାଲି ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷାବିତ୍ ରାଧାକାନ୍ତ ବାବୁଙ୍କ ସଭାପତିତ୍ୱ କରିଥିଲେ । ଜିଲା ପରିଷଦ ସଭ୍ୟ ସୁବାଷ ହୋତା ମୁଖ୍ୟଅତିଥି ସରପଞ୍ଚ ସୁରୁବାବୁ ମାଝୀ, ଶିକ୍ଷାବିତ୍ ପ୍ରହଲ୍ଲାଦ ହୋତା, ଲଳିତ ହୋତା, ଗୌରଚନ୍ଦ୍ର ପାଣିଗ୍ରାହୀ, ସାମାଜିକ କର୍ମୀ ଚୈତନ୍ୟ ସାହୁ, ରୁବୁଲ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଅମଲିପାଲି ଦଳର ତେଜରାଜ ଭୁଏଁଙ୍କୁ ଟୁର୍ନାମେଣ୍ଟର ଉତ୍ତମ ଗୋଲରକ୍ଷକ ଏବଂ ଡୁଙ୍ଗୁରିପାଲି ଦଳର ଲିଟିଙ୍କୁ ଭଲ ଖେଳ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା । ଜଗତ ଜଗଦଲା, ଆର୍ତ୍ତ ପ୍ରଧାନ, ଯଦୁ ଭୋଇ ଖେଳ ପରିଚାଳନା କରିଥିଲେ ।



ଅତିଥିମାନଙ୍କ ଗହଣରେ ଫାଇନାଲ ଖେଳର ଉଭୟ ଦଳର ଖେଳାଳି ।

## ପର୍ଯ୍ୟଟନ ସ୍ଥଳୀ

# ମାଁ ପଥରାସେନୀ



ଅମ୍ବାଭୋନା, ୧୩।୧ (ଡି.ଏନ.ଏ)

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ବାଞ୍ଜିପାଲି ଗ୍ରାମପଞ୍ଚାୟତ ମହାନଦୀ ତଟସ୍ଥ ଅର୍ଜୁଣ୍ଡା ବୁଡି ଅଞ୍ଚଳରେ ରହିଛି ମାଁ ପଥରାସେନୀ ମନ୍ଦିର। ଏହା ପଶ୍ଚିମ ଓଡିଶାର ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଅନ୍ୟତମ। ପଥରାସେନୀ ମନ୍ଦିରର ଉତ୍ତର ଦିଗରେ ମାତା ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ମହାନଦୀ ଜଳଭଣ୍ଡାରକୁ ମୁହଁ କରି ରହିଛନ୍ତି। ଅନ୍ୟ ତିନୋଟି ଦିଗ ବାରପାହାଡ ଜଙ୍ଗଲ ପରିବେଷ୍ଟିତ । ଏହି ମନ୍ଦିରରେ କେବଳ କୈବର୍ତ୍ତ ଶ୍ରେଣୀର ଲୋକେ ପୂଜା କରିଥାନ୍ତି । ଏଠାକାର ଚିରସ୍ରୋତା ମହାନଦୀର ନୀଳ ଜଳ ରାଶିରେ ନୌକା ବିହାର ବେଶ୍ ମଜା ଦେଇଥାଏ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏଠାରେ ଡିସେମ୍ବର ଓ ଜାନୁୟାରୀ ମାସରେ ଶହ ଶହ ପର୍ଯ୍ୟଟକଙ୍କ ସମାଗମ ଦେଖିବାକୁ ମିଳେ। ପର୍ଯ୍ୟଟକମାନେ ଭ୍ରମଣ ସହିତ ଭୋଜି କରିଥାନ୍ତି । ଏହି ପୀଠରେ ପାନ୍ଥନିବାସ, ପାର୍କ, ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା, ପାର୍କିଂ ସ୍ଥାନର ଉନ୍ନତିକରଣ ସାଙ୍ଗକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଅଞ୍ଚଳର ସଂକୀର୍ତ୍ତନ ପଧାନ, ବାଞ୍ଛା ଭୁଏ, ପ୍ରେମରାଜ ପଧାନ, ସରପଞ୍ଚ ଗୋବିନ୍ଦ ମଲ୍ଲିକ, ଜିଲା ପରିଷଦ ସଭ୍ୟ ସାର ପଧାନ ପ୍ରମୁଖ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

**କେମିତି ଯିବେ :** ବରଗଡ ସହରରୁ ୩୫ କିମି ଗଲେ ପ୍ରଥମେ ରାସ୍ତା ପାର୍ଶ୍ୱରେ ଅମ୍ବାଭୋନାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ପୀଠ କେଦାରନାଥ ମନ୍ଦିର ପଡିବ। ସେଠାରୁ ମୁଖ୍ୟ ରାସ୍ତାରେ ପ୍ରାୟ ୧୫ କିମି ଗଲେ ପଥରାସେନୀ ମନ୍ଦିରରେ ପହଞ୍ଚିହେବ ।

## ଅର୍ଜୁଣ୍ଡା ନୂଆଟିକ୍ରାରେ ଫ୍ୟାଶନ ଶୋ

# ସ୍ୱୟଂପ୍ରଭା ହେଲେ ମିସ୍ ଭେଡ଼େନ

ଭେଡ଼େନ, ୧୩।୧ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ଜୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଟିକ୍ରାରେ ଅଲେଖ ମହିମା ସଂଘ ତରଫରୁ ପ୍ରଥମ ଥର ପାଇଁ ଫ୍ୟାସନ ଶୋ ରବିବାର ରାତ୍ରିରେ ଆୟୋଜନ କରାଯାଇଥିଲା। ଏଥିରେ ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମର ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଥୁଆପାଲି ସ୍ଥିତ ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀ ସ୍ୱୟଂପ୍ରଭା ହୋତା ପ୍ରଥମ ସ୍ଥାନ ଅଧିକାର କରି ମିସ୍ ଭେଡ଼େନ ଉପାଧି ହାସଲ କରିବା ସହ ୫୦୦୦ ଟଙ୍କାର ପୁରସ୍କାର ଜିତିଛନ୍ତି। ସେହିପରି ଅନ୍ନଶ ପତି ଏବଂ ଅଶ୍ୱଦା ପତି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଡୁଙ୍ଗୁରିପାଲିର ପୂର୍ବତନ ମଡ଼େଲ ରାଜେନ୍ଦ୍ର ବାଗ ବିଚାରକ ଦାୟିତ୍ୱ ତୁଲାଇଥିଲେ । ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଏବଂ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ସରପଞ୍ଚ ଚିତ୍ରରେଖା ଡ଼ନସନା, ସୁଶାନ୍ତ ସାହୁ, ସୁଶାନ୍ତ ପ୍ରଧାନ, ସମିତିସଭ୍ୟ ତ୍ରିବେଣୀ ସେଠ, ପ୍ରତାପ ହୋତା, ମୁକେଶ ସାହୁ, ଯୁବ କର୍ମୀ ସୁରେନ୍ଦ୍ର କର୍ମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଲେଖ ମହିମା ସଂଘ ନୂଆଟିକ୍ରା, ମାଁ ସମଲେଶ୍ୱରୀ ପୂଜା କମିଟି ଅର୍ଜୁଣ୍ଡା, ସିଏସି ସଂଘ ଭେଡ଼େନ, ଭେଜିପାଲି ଫୁଟବଲ ଦଳର ସଦସ୍ୟମାନେ ସହଯୋଗ କରିଥିଲେ । ଶେଷରେ ରାଜୀବ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ ।




ଅର୍ଜୁଣ୍ଡାରେ ଅନୁଷ୍ଠିତ ଫ୍ୟାଶନ ଶୋ ର ବିଜୟିନୀ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୪ ଜାନୁୟାରୀ, ୨୦୨୦



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



# କଳାକାର ଭତାରୁ ବଁଚିତ୍ କନିଷ୍ଠ

## ଅଦରକାରୀ ପାଲଟିଛେ ୧୩ ଖଁଡ଼ ମାନପତର

ଲାଠୋର, ୧୩।୧ (ଡି.ଏନ୍.ଏ.)



ଗଣ୍ଡାବଜା କଳାକର କନିଷ୍ଠ କୁମ୍ଭାର।

ସରକାର କଳାକାରମାନକୁ ମାସିକ ୧୨ଶହ ଟଁକା ଭତା ଯୁଗେଇ ଦେବାର ବେବସ୍ତା କରିଛନ୍। ହେଲେ ଅନେକ ଗାଁଗଁଡ଼ାରେ କଳାକାରମାନେ ଭତା ପାଏବାରୁ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ। ସେ ହିସାବେ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁହିବାହାଲ ପଁଚେତ୍ ଅଧୀନ ବାଞ୍ଜିପାଲି ଗାଁର ଗଣ୍ଡାବଜା କଳାକାର କନିଷ୍ଠ କୁମ୍ଭାର ଭତାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ କନିଷ୍ଠକଁର ପରିବାର କହେଲେ ମାଏକିନା ବିଳମତୀ, ଝିଁ'ବନିତା ଆର ପୁଓ ଟୁନାକେ ନେଇ ତାକର ସଁସାର। ଜମିବାଡ଼ି ବଲି କିଛି ନାଇଁ, ପରିବାରଟା ମୂଲୁ ସୁଖ୍‌ବାସୀ ଆଏ। ଦମ୍ପତି ପରହର କାମବୁତା କରି ଦୁଇପଏସା ରୁଜ୍‌ଗାର କରୁଛନ୍। ସେଥିରେ ତାକର ପରିବାରର ତେଲ୍‌ନୁନ, କପଡ଼ାଲତା, ଉଷୋକଷା ଖରଚ୍ ତୁଲଉଛନ୍। ହେଲେ ଅଭାବ ଅନାଟନ ଘରେ ସବୁବେଲେ ଲାଗି ରହିଛେ। ଏନ୍‌ତାଥି ଝିଁ' ବନିତା ପଁଚମ ଶ୍ରେଣୀରୁ ପାଠ୍‌ପଢ଼ା ଛାଡ଼ି ଘରେ ମା'ବାପ୍‌କେ ସାହାଯ୍ କରୁଛନ୍। ପୁଓ ଟୁନାକେ କଷ୍ଟେମଷ୍ଟେ ନବମ ଶ୍ରେଣୀରେ ପଢ଼ଉଛନ୍। ଇତାର ବାହାରେ କନିଷ୍ଠ ବଛରକ ପାଖାପାଖି ୧୦ ଜାଗାରେ ବଜା ବଜାବାର ଡକ୍‌ରା ପାଉଛନ୍। ସେଥିରୁ ସେ ବଛରକ ୧୦ ହଜାର ଟଁକା କମାନି କରୁଛନ୍। କୁଲିମଜୁରି ଆର ବଜା ବଜେଇ କନିଷ୍ଠ ବଛରକ ପାଖାପାଖି ୩୦ ହଜାର ଟଁକା କମାନି କରୁଛନ୍। ହେଲେ ସେଟା ପରିବାରର ଦିହିକେ ଅଁଟ୍‌ଲେ ପେଟ୍‌କେ ନାଇଁ। ଏନ୍‌ତାଥି ସେ ରୁଜ୍‌ଗାର ବଢ଼ାବାର ଚିନ୍‌ତା କଲେ ବି ସେ ବାଟ୍ ନାଇଁ ପାଏବାର। ସେନ୍‌ତା କଳାକାର ଭତା ପାଏବାର ଲାଗି ସେ ଅନେକ ଥର ଅନେକ ଲୁକ୍‌କୁ ଭେଟି ଗୁହାରି କରି ନିରାଶ ହେଇଛନ୍। ଦିନ୍‌ଥିଲା କନିଷ୍ଠ ଗଣ୍ଡାବଜା ବଜେଇ ଭିନେ ଭିନେ ଜାଗାରୁ ପାଖାପାଖି ୧୩ ଖଁଡ୍ ମାନପତର ପାଇଥିଲେ। ହେଲେ ସେସବୁ ଆଏଜ୍ ତାକର ଲାଗି ଅଦରକାରୀ ପାଲଟିଛେ। କଳାକାର ଭତା ପାଏବାର ଆଶ୍‌ରେ ବଛରେ ତଲେ ଝନେ ଲୋକ୍‌କେ କନିଷ୍ଠ ଦରକାରୀ କାଗଜପତର ସହିତେ ୩ ହଜାର ଟଁକା ଦେଇଥିଲେ। ହେଲେ ସେ ଲୋକ୍ ଭତା ତ କରେଇ ନାଇଁପାରଲେ, ପଏସା ବି ନାଇଁ ଫିରାଲେ। ତୁରେକେଲା ବ୍ଲକ ଅଂଚଲରେ କେହି ଝନେ ନିରିହ କଳାକାରମାନକୁ ଭୁରଚେଇ ଭତା କରେଇ ଦେବାର ବାହାନାରେ ୩ ହଜାର ଟଁକା ଲେଖେଁ ଠକୁଥିବାର ଅନେକ କଳାକାର ଅଭିଯୋଗ କରିଛନ୍। ଇ ଦିଗେ ଥାନୀଅ ପରଶାସନ ଦୃଷ୍ଟି ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ସେନ୍‌ତା ଜିଲା ପରଶାସନ ଗଁଗାଁଲିରେ ଥିବାର ପୁରଖା କଳାକାରମାନକୁ ଚିନ୍‌ହଁଟ କରି କଳାକାର ଭତା ଯୁଗେଇଦେବାକେ ଅଂଚଲର କଳାକାରମାନେ ଦାବି କରିଛନ୍।

# ଟ୍ରେନ୍‌ରେ ମହିଳା ଦାଦନ ଶ୍ରମିକଙ୍କ ମୃତ୍ୟୁ

## ଝିଅର ମୃତଦେହ ଧରି ଗାଁକୁ ଫେରିଲେ ବାପା

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୧୩।୧(ଡି.ଏନ୍.ଏ.)

ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରକୁ ଇଟା ଗଢ଼ିବାକୁ ଯାଇ ଅସୁସ୍ଥ ହେବା ପରେ ଘରକୁ ଫେରୁଥିବା ଜଣେ ମହିଳା ଦାଦନ ଶ୍ରମିକଙ୍କ ଟ୍ରେନ୍‌ରେ ମୃତ୍ୟୁ ଘଟିଛି। ପରେ ଝିଅର ମୃତଦେହକୁ ନେଇ ବାପା ଗାଁକୁ ଫେରିଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପୁତଲାମହୁଲ ଗାଁର ସନ୍ତୋଷିନୀ ସାହୁ (୨୫) ପ୍ରାୟ ୩ ବର୍ଷ ହେବ ଶ୍ୱଶୁର ଘରୁ ଚାଲିଆସି ବାପାଙ୍କ ଘରେ ରହୁଥିଲେ। କିଛି ମାସ ତଳେ ଦାଦନ ସର୍ଦ୍ଦାର ପପୁ ଖାନ୍ ୧ ଲକ୍ଷ ୪୦ ହଜାର ଟଙ୍କା ଦେଇ ସନ୍ତୋଷିନୀ, ତାଙ୍କ ୪ ବର୍ଷର ପୁଅ, ଦୁଇ ଭଉଣୀ ଓ ବାପାଙ୍କୁ ଆନ୍ଧ୍ରପ୍ରଦେଶର ଟୁକୁଗୁଜା ଥାନା ଅନ୍ତର୍ଗତ ରଭିଲାଲଠାରେ ଥିବା ଏକ ଇଟାଭାଟିକୁ କାମ କରିବାକୁ ନେଇଥିଲେ। କିଛିଦିନ ତଳେ ସେଠାରେ ସନ୍ତୋଷିନୀ ଅସୁସ୍ଥ ହୋଇପଡିଥିଲେ। ଅସୁସ୍ଥତା ପରେ ଦାଦନ ସର୍ଦ୍ଦାରଙ୍କୁ ଜଣାଇବାରୁ ସନ୍ତୋଷିନୀକୁ ତାଙ୍କ ବାପାଙ୍କ ସଙ୍ଗେ ଗାଁକୁ ପଠାଇବା ବ୍ୟବସ୍ଥା ସର୍ଦ୍ଦାନ ଖାନ୍ କରିଥିଲେ। ଝିଅ ଓ ନାତିକୁ ଧରି ଟ୍ରେନ୍‌ରେ ବାପା ଫେରୁଥିବାବେଳେ ବିଶାଖାପାଟଣା ନିକଟରେ ଟ୍ରେନରେ ଝିଅର ମୃତ୍ୟୁ ହୋଇଯାଇଥିଲା। ଏହାପରେ ସନ୍ତୋଷିନୀଙ୍କ ମୃତଦେହ ଓ ୪ ବର୍ଷର ନାତିକୁ ଧରି ବାପା ପୁତଲାମହୁଲ ଗାଁରେ ସୋମବାର ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ଖପ୍ରାଖୋଲ ଥାନା ସବ୍‌ଇନ୍ସପେକ୍ଟର ପଞ୍ଚାନନ ନେଗୀ, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରକେଟା, ଶ୍ରମ ନିରୀକ୍ଷକ ସୁଧୀର ସାହୁ ପୁତଲାମହୁଲ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏହାପରେ ଗାଁରେ ମୃତଦେହ ସତ୍କାର କରାଯାଇଥିଲା। ପଞ୍ଚାୟତରୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପୀଡିତ ପରିବାରକୁ ଦିଆଯାଇଛି। ଆନ୍ଧ୍ର ଇଟାଭାଟରେ ସନ୍ତୋଷିନୀଙ୍କ ଅନ୍ୟ ଦୁଇ ଭଉଣୀ ରହିଯାଇଥିବା ଜଣାପଡିଛି।



ପୋଲିସ ଓ ଶ୍ରମ ବିଭାଗ କର୍ମଚାରୀ ପୁତଲାମହୁଲ ଗାଁରେ ତଦନ୍ତ କରୁଛନ୍ତି।

# ସଡ଼କ ଦୁର୍ଘଟଣାରେ ଗୁରୁତର ବାଇକ ଆରୋହୀ ମୃତ

ବେଲପଡା, ୧୩।୧(ଡି.ଏନ.ଏ.): ବେଲପଡା ବ୍ଲକ ରାଡବାହାଲ ଛକ ନିକଟରେ ରବିବାର ରାତିରେ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇଥିଲେ ରାଡବାହାଲର ତପସ୍ୟା ବାରଲେବଡିଆ। ସୋମବାର ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ବୁର୍ଲା ପୋଲିସ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛି। ମୃତଦେହ ରାଡବାହାଲ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସୂଚନାଯୋଗ୍ୟ ଯେ, ତପସ୍ୟା ମଣ୍ଡଳ ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା।

# ଟିଟିଲାଗଡ଼ ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ

ଟିଟିଲାଗଡ, ୧୩।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରୁ ଜିଆରପି ୩୦ କେଜି ୨୩୦ ଗ୍ରାମ ଗଞ୍ଜେଇ ଚାଲାଣ ବେଳେ ଜବତ କରିଛି। ଶିବରାମ ଡାକୁଆ (୨୬) ନାମକ ବ୍ୟକ୍ତି ବ୍ରହ୍ମପୁରଠାରୁ ରାଉରକେଲା ସହରକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ମଙ୍ଗଳବାର ଅଭିଯୁକ୍ତ କୋର୍ଟ ଚାଲାଣ କରାଯିବ ବୋଲି ଓଆଇସି ଅବନୀ ସାହୁ କହିଛନ୍ତି।


## OFFICE OF JAGATSINGHPUR MUNICIPALITY, JAGATSINGHPUR

No. 127 Dt. 10.01.2020

**QUOTATION CALL NOTICE**

No.C-440:- Sealed quotations are invited by way of retendering from the Agencies & vehicle owner for providing 1(One) **Tractor with Trolly having Hydraulic facility** till the financial year 2020-21, for official use in this departments/office on monthly rental basis. The quotation completed in all respect should reach/ drop before dt. 21.01.2020 by 4 PM through registered post/ in person respectively and shall be opened on same day at 4.30 PM in presence of the bidders or their authorized representatives in the chamber of the undersigned. The quotation paper along with the details specification, terms and conditions is available in the Jagatsinghpur district portal i.e., **www.jagatsinghpur.nic.in**.

Sd./- Executive Officer
Jagatsinghpur Municipality

13087/11/0007/1920

## OFFICE OF THE NOTIFIED AREA COUNCIL HINDOL

No.17 e-Procurement Date: 06/01/2020

**Tender reference No. HDL-NAC-06/2019-20**

Bid documents consisting of work, estimated cost, cost of Tender Paper, E.M.D, time of completion, class of contractors and the set of terms and condition of contract and other necessary documents can be seen in Govt. website i.e **www.tendersorissa.gov.in**

| | | |
|---|---|---|
| Name of the work | : | Civil works & other |
| No. of works | : | 12 nos |
| Estimated Cost | : | Rs. 2.74 Lakhs to 14.14 Lakhs |
| Date & time of availability of Bid Document in the portal | : | From 5.00 P.M of dt. 13.01.2020 to 24.01.2020 Up to 5.00 P.M |
| Last Date of receive of Bid through Online | : | On or before 24.01.2020 up to 5.00 P.M |
| Bid received online shall be opened on | : | At 12.00 A.M on 27.01.2020 |

Sd./- Executive Officer, Hindol, N.A.C

## DIRECTORATE GENERAL FIRE SERVICES, HOME GUARDS & CIVIL DEFENCE, ODISHA

No.D-258:- SHORT TENDER CALL NOTICE NO.-5/2019-20

1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of clothing articles during 2019-20. The details of items with requirement are as follows.

| Sl No. | Name of the item | Approximate Quantity |
|---|---|---|
| 1 | Khaki Terry Cotton Cloth | 14991 Mtrs |
| 2 | Sports Shoe | 4997 Prs |
| 3 | Ground Sheet | 973 Nos. |
| 4 | Mosquito Net | 1926 Nos. |

2. Sale of tender document w.e.f. dt. 14.01.2020.
3. Last date for sale of tender document dt. 28.01.2020, 5.30 PM.
4. Last date for receipt of tender document dt. 28.01.2020, 5.30 PM.
5. Date for opening of tenders/ Technical Bids dt. 29.01.2020, 11.00 AM onward.
6. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in. The tender document may be obtained by depositing Rs. 300/- (Rupees three hundred) only between 11.00 AM to 5.30 PM on each working day, from 14.01.2020 to 28.01.2020.
7. Adderss
Directorate General of F.S, H.Gs & C.D., At- 3rd Floor of Vigilance Directorate, Nuapatna, Cuttack, Pin-753001, Fax- 0671-2300201/ 2303387.

I.G of Police, Fire Service,
Home Guards & Civil Defence,
Odisha, Cuttack

12006/11/0005/1920

## SAMBALPUR MUNICIPAL CORPORATION

Sambalpur, Odisha-768001
Phone No.- 0663-2411316, E- Mail : sambalpurm.hud@nic.in
RFP No.335 /SMC Dated: 10.01.2020

**REQUEST FOR PROPOSALS FOR SELECTION OF SHELTER MANAGEMENT AGENCY FOR OPERATION AND MANAGEMENT OF 3 SHELTERS FOR URBAN HOMELESS**

Sambalpur Municipal Corporation invites sealed proposal from the interested eligible bidders for "Operation & Management of the Shelter for Urban Homeless in Sambalpur Corporation Area", as delineated in the RFP document. For further details, eligibility criteria and any queries, please refers to the RFP documents available in the **www.smcsambalpur.nic.in** from 10th January 2020 and can be downloaded for reference. The RFP document supported by the relevant details and proof of their eligibility will be submitted to Commissioner, Sambalpur Municipal Corporation, Kacheri Road, Sambalpur. The last date of submission of proposal is 20th January 2020 till 4 PM by Speed Post. All bidders are requested to go through the website before submission of proposal.

Sd./- Commissioner
Sambalpur Municipal Corporation
Sambalpur

## ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ

D-259

ପୂର୍ବାଭାଷ: ଦଣ୍ଡବିଧି ତଦନ୍ତ ବିଭାଗ ଅପରାଧ ଶାଖା ନିଖୋଜ ବ୍ୟକ୍ତି ଅନୁସନ୍ଧାନ ବିଭାଗ ନଥି ସଂଖ୍ୟା– ୬୩/୨୦୧୯

| ସମ୍ପୂର୍ଣ୍ଣ ନାମ ଓ ଠିକଣା | ମହମଦ୍ ଅବୁ ନୌସାଦ ଓରଫ ଅଫି | ସଂକ୍ଷିପ୍ତ ବିବରଣୀ |
|---|---|---|
| ନାମ: ମହମଦ୍ ଅବୁ ନୌସାଦ ଓରଫ ଅଫି, ପିତା– ମହମଦ୍ ବୋଖାରି, ସା: କୁମ୍ଭାରପଡ଼ା, ନିର୍ବାଣି ଲେନ୍, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ |  | ବୟସ: ୨୮ ବର୍ଷ ଉଚ୍ଚତା: ୫'୭'' ରଙ୍ଗ: ଶ୍ୟାମଳ ପରିଧାନ: ଗଲାବେଳେ ଗୋଟିଏ ହଳଦିଆ ରଙ୍ଗର ଗଞ୍ଜି ଓ କଳା ରଙ୍ଗର ଫୁଲ୍ ପ୍ୟାଣ୍ଟ। ସେ ଓଡ଼ିଆ, ହିନ୍ଦୀ ଭାଷାରେ କଥାବାର୍ତ୍ତା କରିପାରନ୍ତି। ତାଙ୍କର ମାନସିକ ସ୍ଥିତି ଠିକ୍ ନାହିଁ। |

ମହମଦ୍ ବୋଖାରି, ସା: କୁମ୍ଭାରପଡ଼ା, ନିର୍ବାଣି ଲେନ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀଙ୍କ ଅଭିଯୋଗକ୍ରମେ ତାଙ୍କ ପୁଅ ମହମଦ୍ ଅବୁ ନୌସାଦ ଓରଫ ଅଫି ତା୧୩।୧୨।୨୦୧୯ରିଖ ଫୁଟବଲ ଖେଳିବା ପାଇଁ ତାଳବଣିଆ ଫୁଟବଲ ଗ୍ରାଉଣ୍ଡକୁ ଯାଇ ସେଠାରୁ କେଉଁଆଡ଼େ ଚାଲିଯାଇଅଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ନିଖୋଜ ବ୍ୟକ୍ତିଙ୍କର କୌଣସି ସନ୍ଧାନ ମିଳିନାହିଁ।

ଏଣୁ ଜନସାଧାରଣଙ୍କୁ ଅନୁରୋଧ, ସେମାନେ ମହମଦ୍ ଅବୁ ନୌସାଦ ଓରଫ ଅଫିଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇଲେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ଯୋଗାଯୋଗ କରିବା ଠିକଣା:
ଦଣ୍ଡବିଧି ତଦନ୍ତ ବିଭାଗ,
ଅପରାଧ ଶାଖା, ବକ୍ସିବଜାର, କଟକ–୭୫୩୦୦୧ (ଓଡ଼ିଶା)
ଫୋନ ନମ୍ବର: ୦୬୭୧–୨୩୦୪୩୧୪
ଇମେଲ୍: spcidcb.odpol@nic.in, mpscidcb.odpol@nic.in

*If traced, please contact:*
Superintendent of Police,
CID, Crime Branch, Buxi Bazar, Cuttack (Odisha)
Phone No. 0671-2304314, Mobile No. 09437365727
Email: spcidcb.odpol@nic.in, mpscidcb.odpol@nic.in

12050/11/0007/1920

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନି
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କସିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ 50% ଛାଡ଼
ଲୋନ୍ ଧମାକା
ATM Card ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନାଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

BUSINESS

ASTROLOGY

EDUCATION

ରିଟେଲ ଔଷଧ ଦୋକାନ ପାଇଁ ଫାର୍ମାସିଷ୍ଟ ଲାଇସେନ୍ସ ଦରକାର ଥିଲେ ଯୋଗାଯୋଗ କରନ୍ତୁ।
8 to 10 A.M, P.M
୭୦୦୮୧୯୦୭୪୩

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଜା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଜା, କୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BALAJI FINANCE
(Reg.No. KA4535FDH852KL)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9415512879

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗରେ ନିଯୁକ୍ତି ସୁବିଧା ଉପଲବ୍ଧ
Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା। ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

SUCCESS
DHARITRI Career appointment Every Wednesday and Saturday

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର

## ସଂକ୍ଷେପରେ

### ଶ୍ୟାମଳ ସୁନା ସାମାଜିକ ପରିବର୍ତ୍ତନ ମଞ୍ଚ ଅଧକ୍ଷ ନିଯୁକ୍ତ

**ଲାଠୋର, ୧୩।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଗ୍ରାମର ଧିମାନ ଶ୍ୟାମଳ ସୁନା ରାଷ୍ଟ୍ରୀୟ ସାମାଜିକ ପରିବର୍ତ୍ତନ ମଞ୍ଚର ଓଡିଶା ରାଜ୍ୟ ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଖପ୍ରାଖୋଲ ବ୍ଲକ ଅଞ୍ଚଳରୁ ସୁନା ସାମାଜିକ ପରିବର୍ତ୍ତନ ବିଚାରଧାରା, ଆମ୍ବେଡକର ବିଚାର ଧାରା ମାଧ୍ୟମରେ ପ୍ରତିଭା ପାତ୍ର ହୋଇ ସୁନାମ ଅର୍ଜନ କରିଛନ୍ତି। ଗତ ୨୦୧୮ ମସିହାରେ ସେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ତରଫରୁ ସମ୍ମାନଜନକ ବାବା ସାହେବ ଆମ୍ବେଡକର ଜାତୀୟ ଫେଲୋଶିପ ସମ୍ମାନ ପାଇଛନ୍ତି। ଏବେ ରାଷ୍ଟ୍ରୀୟ ସାମାଜିକ ପରିବର୍ତ୍ତନ ମଞ୍ଚ ଦିଲୀ ମୁଖ୍ୟାଳୟରୁ ସୁନାଙ୍କୁ ଓଡିଶା ରାଜ୍ୟ ସାମାଜିକ ପରିବର୍ତ୍ତନ ମଞ୍ଚର ଅଧକ୍ଷ ଭାବେ ନିଯୁକ୍ତି କରାଯାଇଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

**ଟିଟିଲାଗଡ଼, ୧୩।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ସ୍ୱାଧୀନ ପଡା ବେଦ ପ୍ରଚାର ସମିତି ପକ୍ଷରୁ ରବିବାର ସ୍ଥାନୀୟ ଗୋବିନ୍ଦ ବାଟିକା ପରିସରରେ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତ ବୈଦିକ ମହାଯଜ୍ଞ ସମ୍ପନ୍ନ ହୋଇଛି। ବ୍ରହ୍ମା ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ଶୁକଦେବ ପରିବ୍ରାଜକ, ବୈକୁଣ୍ଠନାଥ ବ୍ରହ୍ମଚାରୀ, ପଣ୍ଡିତ କବିନ୍ଦ୍ର ବ୍ରହ୍ମଚାରୀ ଯଜ୍ଞ କର୍ମ ସମାପନ କରିଥିଲେ। ଏଥିରେ ୩୧୫ ଯୋଡି ଯଜମାନ ଯଜ୍ଞ କୁଣ୍ଡରେ ଆହୂତି ପ୍ରଦାନ କରିଥିଲେ। ଅଭ୍ୟର୍ଥନା ସମିତି ପକ୍ଷରୁ ଅଧକ୍ଷ ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ଉପସଭାପତି ବୃନ୍ଦାବନ ପାଢୀ ଏବଂ ସତ୍ୟନାରାୟଣ ଗୁପ୍ତା, ଶୃତିନ୍ୟାସ ସମ୍ପାଦକ ପଦ୍ମନାଭ ସ୍ୱାଇଁ, ଇଂ କୁମାରସ୍ୱାମୀ, ସଂଯୋଜକ ଆନନ୍ଦ ସାମନ୍ତରାୟ, ସଂରକ୍ଷକ ଆଚାର୍ଯ୍ୟ କୁଞ୍ଜବିହାରି ବାନପ୍ରସ୍ଥି, ଆରତି ସାହୁ ତଥା ବହୁ ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ଥିଲେ। ଟିଟିଲାଗଡ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷ ଭୋଦର ମାଝୀ, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ଶଙ୍କର ଛୁରା ପ୍ରମୁଖ ଅନୁଷ୍ଠାନରେ ସାମିଲ ହୋଇଥିଲେ।

### ଛନଛଡ଼ା ଫୁଟବଲ ଟୁର୍ନାମେଣ୍ଟ: କେନ୍ଦୁଉଡ଼ାର ବିଜୟୀ

**ଟିକ୍ରାପଡା, ୧୩।୧ (ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ ରେଙ୍ଗାଲି ଦଳକୁ ୧-୦ ଗୋଲରେ ହରାଇ କେନ୍ଦୁଉଡାର ବିଜୟୀ ହୋଇଥିଲା। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ। ସୁବ୍ରତ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଟିକ୍ରାପଡା ବନାମ ନାରିକଟା ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

# ପୋଖରୀ ଭିତରେ ଇଟାଭାଟି

- ଗ୍ରାମବାସୀଙ୍କ କାମରେ ଲାଗୁନି ଜଳାଶୟ
- କବ୍ଜା କରିଛନ୍ତି ଜଣେ ମୁଷ୍ଟିମେୟ ବ୍ୟକ୍ତି
- ହୁଡ଼ାରେ କରାଯାଇଛି ହରଡ଼ ଚାଷ
- କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛି : ଆର୍.ଆଇ
- କ୍ଷେତ୍ର ପରିଦର୍ଶନ ପରେ ହେବ କାର୍ଯ୍ୟାନୁଷ୍ଠାନ: ତହସିଲଦାର

**ସଇଁତଲା, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ଚାଷୀ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ବର୍ଷା ଭଲ ହେଲେ ଚାଷ ଭଲ ହେଉଥିବାବେଳେ ବର୍ଷା ନ ହେଲେ ଚାଷ ବାଧାପ୍ରାପ୍ତ ହୋଇଥାଏ। ସରକାର ବିଭିନ୍ନ ପୋଖରୀରେ ବର୍ଷା ଜଳ ଗଚ୍ଛିତ ରଖିବା ଉଦ୍ୟମ କରି ବିଭିନ୍ନ ଅଞ୍ଚଳରେ ଥିବା ପୋଖରୀର ପୁନରୁଦ୍ଧାର କରିଥାନ୍ତି। ଡିରୋଟ ସମୟରେ ଜମିକୁ ଉକ୍ତ ପୋଖରୀରୁ ପାଣି ମଡ଼ାଇ ଚାଷ କରିବାକୁ ଲୋକଙ୍କୁ ସୁବିଧା ହୋଇଥାଏ। ହେଲେ ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତର ଟୁର୍ଚ୍ଛାଉପେର ଗ୍ରାମ ପୋଖରୀରେ ଓଲଟା କାର୍ଯ୍ୟ ଦେଖିବାକୁ ମିଳିଛି। ପୋଖରୀରେ ମାଛ ଚାଷ ବଦଳରେ ଇଟାଭାଟି ଚାଲିଥିବା ଦେଖିବାକୁ ମିଳିଛି। ଜିଲାର ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସମ୍ପର୍କୀୟମାନେ ଇଟା ଗଢ଼ାଉଥିବା ଅଭିଯୋଗ ହେଉଛି। ଗ୍ରାମର କେତେକ ଲୋକଙ୍କ କହିବା ଅନୁସାରେ ଖରାଦିନେ ପ୍ରାୟ ୨ଏକର ପରିମିତ ଉକ୍ତ ପୋଖରୀ ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିଥାଏ।





ପୋଖରୀ ଭିତରେ ଇଟା ନିର୍ମାଣ କାମ ଚାଲିଛି (ବାମ)। ମୋଟର ଯୋଗେ ପୋଖରୀରୁ ପାଣି ଉଠାଯାଉଛି ।

ସ୍ନାନଶୌଚଠାରୁ ଆରମ୍ଭ କରି ଗୃହପାଳିତ ପଶୁମାନେ ମଧ୍ୟ ଉକ୍ତ ପୋଖରୀରୁ ପାଣି ପିଇଥାନ୍ତି। ଇଟା ନିର୍ମାଣ ପାଇଁ ଉକ୍ତ ପୋଖରୀର ପାଣି ବ୍ୟବହାର ହେଉଥିବା ଯୋଗୁ ଗ୍ରୀଷ୍ମଋତୁରେ ଗ୍ରାମବାସୀ କିଭଳି ଜଳକଷ୍ଟକୁ ସାମନା କରିବେ ସେ ନେଇ ଚିନ୍ତା ପ୍ରକଟ କଲେଣି ।

ଉକ୍ତ ପୋଖରୀ ନିର୍ମାଣ ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରିଛନ୍ତି। ହେଲେ ଉକ୍ତ ନିର୍ବାଚିତ ପ୍ରତିନିଧି ଜଣକ ମଧ୍ୟ ନିଜ ପାଣ୍ଠିରୁ ମଧ୍ୟ ପୋଖରୀ ଉନ୍ନତିକରଣ ପାଇଁ ଅର୍ଥ ପ୍ରଦାନ କରିଥିବା କହିଛନ୍ତି। ପୋଖରୀ ଆଡ଼ି(ହୁଡ଼ା)ରେ ନିର୍ବାଚିତ ପ୍ରତିନିଧି ନିଜେ ଏବଂ ତାଙ୍କ ସମ୍ପର୍କୀୟମାନେ ହରଡ଼ ଚାଷ କରିଥିବାରୁ ଜଳାଶୟକୁ ଯିବା ପାଇଁ ରାସ୍ତା ନାହିଁ । ଏ ନେଇ ସମ୍ପୃକ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ପଚାରିବାରୁ ଇଟାଭାଟି ମୋର ସମ୍ପର୍କୀୟମାନେ କରୁଛନ୍ତି, ହେଲେ ଏଥିପାଇଁ ସେମାନେ ପୋଖରୀରୁ ପାଣି ନେଉନାହାନ୍ତି। ଇଟା ନିର୍ମାଣ ପାଇଁ ପୋଖରୀ ନିକଟରେ ଏକ କୂଅ ଖୋଳି ସେହି ପାଣିକୁ ବ୍ୟବହାର କରୁଛନ୍ତି। ଏଥିସହିତ ପୋଖରୀକୁ ଆହୁରି ଗଭୀର କରିବା ପାଇଁ ଇଟା ନିର୍ମାଣ ଚାଲିଥିବା କହିଥିଲେ। ହେଲେ ଧରିତ୍ରୀ ପକ୍ଷରୁ ସ୍ଥିତି ପରଖିବାକୁ ଘଟଣାସ୍ଥଳକୁ ଯାଇଥିବା ବେଳେ ଉକ୍ତ ପୋଖରୀରୁ ମୋଟର ଯୋଗେ ପାଣି ଉଠୁଥିଲା ଏବଂ ନିକଟରେ ଥିବା ଏକ ପାହାଡ଼ରୁ ମାଟି ଆଣି ପୋଖରୀ ମଧ୍ୟରେ ପକାଇ ଇଟା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ସଇଁତଲା ଆରଆଇ ପ୍ରତାପ ଭୋଇଙ୍କୁ ପଚାରିବାରୁ ମୁଁ ଉକ୍ତ ଇଟା ଭାଟି ଦେଖିଛି। ବର୍ତ୍ତମାନ ଇଟା ପୋଡ଼ାଯାଇ ସେଠାରୁ ଅଧାରୁ ଅଧିକ ଇଟା ନିଆଯାଇ ସାରିଛି। ଘଟଣା ସମ୍ପର୍କରେ ତହସିଲଦାରଙ୍କ କାର୍ଯ୍ୟାଳୟକୁ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଆକାରରେ ଦେଇଛି ବୋଲି କହିଥିଲେ। ପୋଖରୀରେ ବେଆଇନ ଇଟାଭାଟି ବିଷୟରେ ସ୍ଥାନୀୟ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ସରକାରୀ ନିୟମ ଅନୁସାରେ ଇଟା ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ନିକଟକୁ ନୋଟିସ୍ ପଠାଯିବ ବୋଲି କହିଥିଲେ ।

## ମଦ ଜବତ, ୫ଗିରଫ

**ଦେଓଗାଁ, ୧୩।୧ (ଡି.ଏନ.ଏ)**

ଦେଓଗାଁ ବ୍ଲକ ଅଫାମରା, ଗୌରଗୋଠ ଓ ରତାଖଣ୍ଡିରେ ପୋଲିସ ଓ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ଦେଶୀ ଓ ବିଦେଶୀ ମଦ ସହ ୫ କୁଟିଆ ବିକ୍ରେତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଦେଓଗାଁ ପୋଲିସ ଏସଆଇ ବିଚିତ୍ରାନନ୍ଦ ପଧାନଙ୍କ ନେତୃତ୍ୱରେ ସାରସାମାଲ ପଞ୍ଚାୟତ ଅନ୍ତର୍ଗତ ଅଫାମରାରେ ଚଢ଼ାଉ କରି ପ୍ରକାଶ ଚନ୍ଦ୍ର ମିଶ୍ରଙ୍କଠାରୁ ୪୫ ଲିଟର ବିଦେଶୀ ମଦ ଜବତ କରି ଥାନାରେ ଏକ ମାମଲା (ନଂ.୧୧/୨୦)ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ତୁଷୁରା ଅବକାରୀ ବିଭାଗ ଅଧିକାରୀ ଅରୁଣ କୁମାର ଯୋଶୀଙ୍କ ନେତୃତ୍ୱରେ ଗୌରଗୋଠ ଓ ରତାଖଣ୍ଡି ଗ୍ରାମରେ ସୋମବାର ଚଢ଼ାଉ କରାଯାଇଥିଲା । ଏଥିରେ ଗୌରଗୋଠର ପରେଶ କୁମାର ଧରୁଆଙ୍କଠାରୁ ୭ଲିଟର, ପ୍ରେମରାଜ ବାରିକଙ୍କଠୁ ୮ଲିଟର, ବିଦ୍ୟାଧର ରଣାଙ୍କଠୁ ୬ଲିଟର ଓ ରତାଖଣ୍ଡି ଗ୍ରାମର କ୍ଷୀରସିନ୍ଧୁ ରଣାଙ୍କଠୁ ୩୫ଲିଟର ଦେଶୀମଦ ଜବତ କରାଯାଇଥିଲା। ୭୩, ୭୪, ୭୫ ଓ ୭୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଯୋଶୀ ସୂଚନା ଦେଇଛନ୍ତି।

## ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କଣ୍ଟାବାଞ୍ଜି, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ କ୍ରୀଡା ପତାକା ଉତ୍ତୋଳନ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେ.ଭି.ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ.ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ମୁକୁନ୍ଦିଲାଲ ଅଗ୍ରୱାଲ, ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ଅଧକ୍ଷା ରୀତା ଗୁରୁ, ଅଧ୍ୟାପିକା ସଞ୍ଜୀବନୀ ସୁଧା ରଥ ମଞ୍ଚାସୀନ ଥିଲେ। ସଭାରେ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ କ୍ରୀଡା ବିଭାଗ କୋଅର୍ଡିନେଟର ନେପାଲ ସେଠୀ ଖେଳ ପରିଚାଳନା କରିଥିଲେ।



ଡିଗ୍ରୀ ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଲାଗି ପତାକା ଉତ୍ତୋଳନ ବେଳେ ଉପସ୍ଥିତ ଛାତ୍ରୀମାନେ।

## ଶ୍ରୀରାମ ରଥଯାତ୍ରା ଉଦ୍‌ଯାପିତ

**ଦେଓଗାଁ, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ କୁଠୁର୍ଲାରେ ପୁଷ୍ୟାଭିଷେକ ଉପଲକ୍ଷେ ଚାଲିଥିବା ଶ୍ରୀରାମ ରଥଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ସୀତାରାମ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଆୟୋଜନରେ ଅନୁଷ୍ଠିତ ତୃତୀୟ ବର୍ଷ ରଥଯାତ୍ରା ଅବସରରେ ଅପରାହ୍ନ ୪ଟାରେ ସୀତାରାମ ମନ୍ଦିରଠାରୁ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ରଥାରୂଢ଼ କରି ସଂକୀର୍ତ୍ତନ୍ୟ ଦଳ ସହ ଗ୍ରାମ ପରିକ୍ରମା କରାଯାଇଥିଲା ।ଏଥିରେ ସନ୍ଧିଯୋର, କୁଠୁର୍ଲା, ସର୍ଗିପାଲି, ନାଇକେନସିରା ଗ୍ରାମର ସଂକୀର୍ତ୍ତନ୍ୟ ପାର୍ଟି ସହଯୋଗ କରିଥିଲେ । ରଥରେ ପୂଜକ ଭାବେ ସରୋଜ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ। ରଥସାରଥି ଭାବେ ନେହେରୁ ପାତ୍ର ଓ ହନୁମାନ ଭୂମିକାରେ ବରିଷ୍ଠ କଳାକାର ତ୍ରୀବିକ୍ରମ ଭିଲ କାର୍ଯ୍ୟନିର୍ବାହ କରିଥିଲେ । ଉତ୍ସବକୁ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ପ୍ରବଚନ, ବୈଠକୀ ସଂକୀର୍ତ୍ତନ,ମିକ୍ସଚର ରାମଲୀଳା ଓ ବୁଡିବାହାଲର ଦଣ୍ଡନୃତ୍ୟ ଅଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଭାରତ ବିକାଶ ପରିଷଦର ବିବେକାନନ୍ଦ ଜୟନ୍ତୀ

**ଟିଟିଲାଗଡ଼, ୧୩।୧ (ଡି.ଏନ.ଏ.)**

ଭାରତ ବିକାଶ ପରିଷଦ ଟିଟିଲାଗଡ ଶାଖା ପକ୍ଷରୁ ସ୍ଥାନୀୟ ଏସଡିଏମଟି ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦ ଜୟନ୍ତି ପାଳନ ହୋଇଯାଇଛି। ପରିଷଦ ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶୃତିନ୍ୟାସ ଓଡିଶାର ଅଧକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶକୁ ପାଥେୟ କଲେ ମାନବ ସମାଜର ବୃହତର କଲ୍ୟାଣ ସାଧିତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡିଏଭି ସ୍ୱୟଂ ଶାସିତ କଲେଜ ଅଧ୍ୟାପକ ଡ. ଉମାକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜେପି ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବନ୍ଦେମାତରଂ ଗାନ କରାଯାଇଥିଲା। ପରିଷଦର ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ ବାର ଆସୋସିଏସନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷାବିତ୍ ଜଗନ୍ନାଥ ପଣ୍ଡା, ବିଶ୍ୱରାମ ଠାକୁର, ସେବକଚରଣ ଦାଶ, ଅଧ୍ୟାପକ ଡ. ଦୋଳଗୋବିନ୍ଦ ବିଶି, ଡ. ଗୋବର୍ଦ୍ଧନ ସାହୁ, ବରିଷ୍ଠ ଆଇନଜୀବୀ ରବିକିରଣ ସ୍ୱାଇଁ, ମେଜର ଡ. ମଧୁସୂଦନ ମିଶ୍ର, ଡା. ଘନଶ୍ୟାମ ଜୈନ, ଡା ଜୟପ୍ରକାଶ ଜୈନ, କମଲାକାନ୍ତ ସାହୁ, ହିମାଂଶୁ ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାରତ କୋ ଜାନୋ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପଡା, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ୩୭ତମ ବାର୍ଷିକୋତ୍ସବର ସୋମବାର ଥିଲା ଉଦଘାଟନୀ ଦିବସ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ। ଅଧ୍ୟାପକ ସୁରେଶ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ପାଟଣାଗଡ ଜବାହରଲାଲ କଲେଜ ଅଧକ୍ଷ ଦେବରାଜ ମିଶ୍ର, ବେଲପଡା କଲେଜ ଅଧକ୍ଷ ନବୀନ ମେହେର, ଯୁକ୍ତଦୁଇ ସାଂସ୍କୃତିକ ଅନୁଷ୍ଠାନ ଉପସଭାପତି ମନୋଜ କୁମାର ମହାଖୁଡ, ବୀରବଲ ପ୍ରସାଦ ଜୈନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମଧୁସୂଦନ ଦାଶ ମଞ୍ଚାସୀନ ଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ମଣିଷର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ସମାଜ ସେବାରେ ଛାତ୍ରୀଛାତ୍ରମାନେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ବାର୍ଷିକ କ୍ରୀଡାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ଅମୀୟ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାସ୍ତରୀୟ କରାଟେରେ ଟିଟିଲାଗଡ଼ର ସଫଳତା

**ଟିଟିଲାଗଡ଼, ୧୩।୧ (ଡି.ଏନ.ଏ.)**

ବଲାଙ୍ଗୀର ନୂତନ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ୨୯ତମ ଜିଲାସ୍ତରୀୟ କରାଟେ ପ୍ରତିଯୋଗିତାରେ ଟିଟିଲାଗଡର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଟିଟିଲାଗଡରୁ ମୋଟ ୬୬ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବା ବେଳେ ୬୧ଟି ପଦକ ହାସଲ କରିଛନ୍ତି। ବିଭିନ୍ନ ବିଭାଗରେ ୩୧ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଓ ୧୩ ଗୋଟି ତାମ୍ର ପଦକ ବିଜେତା ହୋଇଛନ୍ତି। ପ୍ରତିଯୋଗିତାରେ ଟିଟିଲାଗଡରୁ ଚିଫ ରେଫରି ଓ ଜଜ ଭାବରେ ସେନସାଇ ସୁରେଶ ଜାଲ ଯାଦବ ତଥା ବ୍ୟୋମକେଶ ବେହେରା, କେଦାର କବାଟ, ଜିତେନ୍ଦ୍ର ପୃଷ୍ଟି, କ୍ଷୀରୋଦ ସୁନା, ପ୍ରହଲ୍ଲାଦ ସାହୁ, ଦେବେନ୍ଦ୍ର ଜୈନ, ବୈଷ୍ଣବ କବାଟ, ମୁକେଶ ସାହୁ, ଶ୍ରଦ୍ଧାଞ୍ଜଳି ଜାଲ, ରାହୁଲ ଜାଲ, ସାଧାରଣ ଜଜ ଓ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତିଯୋଗୀଙ୍କ ବିଶେଷ ସଫଳତା ନେଇ ସ୍ଥାନୀୟ କ୍ରୀଡାବିତ ମହଲରେ ପ୍ରଶଂସା କରାଯାଇଛି।



ଜିଲାସ୍ତରୀୟ କରାଟେରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ।

## ସିଏଏ ସମର୍ଥନରେ ଭାଜପାର ଜନଜାଗରଣ ପଦଯାତ୍ରା

### ଧାନ କଟ୍‌ନୀ ଛଟନୀ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୩।୧**

ନାଗରିକତା ସଂଶୋଧନ ଆଇନ (ସିଏଏ) ସମର୍ଥନରେ ଭାଜପା ପକ୍ଷରୁ ସୋମବାର ବଲାଙ୍ଗୀରରେ ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୃଥ୍ୱୀରାଜ ହାଇସ୍କୁଲଠାରୁ ଶତାଧିକ ଭାଜପା ନେତା ଓ କର୍ମୀ ସଚେତନତା ରାଲିରେ ସହର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ । ସେଠାରେ ଅନୁଷ୍ଠିତ ସଚେତନତା ସଭାରେ ନାଗରିକତା ସଂଶୋଧନ ଆଇନ କ'ଣ, ଏହା କିଭଳି ନାଗରିକ ଓ ଦେଶକୁ ସୁରକ୍ଷା ଦେବ ଓ ସାମ୍ପ୍ରତିକ ସମୟରେ ଏହାର ଆବଶ୍ୟକତା କ'ଣ ବୁଝାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ଲକ୍ଷ୍ମଣ ବାଗ, ଅନନ୍ତ ଦାଶ, ପୁଷ୍ପା ବାଲି, ପଙ୍କଜିନୀ ପଣ୍ଡା ବକ୍ତବ୍ୟ ରଖିଥିଲେ । ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଦଳୀୟ ନେତାମାନେ ଜନଜାଗରଣ ପଦଯାତ୍ରାର ଆଭିମୁଖ୍ୟ କହିଥିଲେ। ଆଗାମୀ ଦିନରେ ୧୦ ହଜାର ପରିବାର ପାଖକୁ ପହଞ୍ଚି ସିଏଏ କ'ଣ ଓ ଏହାର ଆବଶ୍ୟକତା ଉପରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ । କଂଗ୍ରେସ ଓ ବିରୋଧୀ ଦଳଗୁଡିକ ସିଏଏକୁ ନେଇ କିଭଳି ବିଭ୍ରାନ୍ତି କରୁଛନ୍ତି ସେନେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ ବୋଲି ନେତାମାନେ କହିଥିଲେ।

ଏହି ସଭା ପରେ ଜିଲାର ଧାନକିଣା ଅବ୍ୟବସ୍ଥାକୁ ନେଇ ଦଳ ପକ୍ଷରୁ ଜିଲାପାଳ ଅଫିସ ଘେରାଉ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲା ସଭାପତି ମହାନ୍ତି କଟନୀ ଛଟନୀ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ କରିଥିଲେ । ଏମପି ସିଂଦେଓ ଜିଲାର ଚାଷୀଙ୍କୁ ନ୍ୟାୟ ମିଳିବା ଉପରେ ଜୋର ଦେଇ କଟନୀ ଛଟନି ବନ୍ଦ ଦାବି କରିଥିଲେ । ଟ୍ରାକ୍ଟରରେ ଧାନ ଆଣି ଅଭିନବ ପ୍ରତିବାଦ କରିବା ସହ ସରକାର ଚାଷୀଙ୍କ ସମସ୍ତ ଧାନ କିଣୁ ବୋଲି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀଙ୍କୁ ଦେଇଥିଲେ।





ଭାଜପା ପକ୍ଷରୁ ସିଏଏ ସମର୍ଥନରେ ଜନଜାଗରଣ ପଦଯାତ୍ରା କରାଯାଉଛି।

### ଆର୍‌ପିଏଫ୍ ଆଇଜିଙ୍କ ଟିଟିଲାଗଡ଼ ଗସ୍ତ

## ସୁରକ୍ଷା ବ୍ୟବସ୍ଥାର କଲେ ସମୀକ୍ଷା

**ଟିଟିଲାଗଡ଼, ୧୩।୧ (ଡି.ଏନ.ଏ.)**

ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷା ବଳ(ଆରପିଏଫ) ଆଇଜି ରାଜା ରାମ ଦୁଇଦିନିଆ ଗସ୍ତରେ ଟିଟିଲାଗଡରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି। ରେଳବାଇ ସମ୍ପତି, ରେଳ ଯାତ୍ରୀଙ୍କ ସୁରକ୍ଷା ନେଇ ଜନ ସଚେତନତା, ରେଳବାଇ କଲୋନୀ ପରିସରରେ ଏକ ଜିମର ଉଦ୍‌ଘାଟନ, ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ କର୍ମଚାରୀଙ୍କ ଅଭିଯୋଗ ଶୁଣାଣୀ ଆଦି କାର୍ଯ୍ୟକ୍ରମରେ ସେ ଭାଗ ନେଇଥିଲେ। ଏହା ସହ ଏକ ଖବରଦାତା ସମ୍ମିଳନୀରେ ସାମ୍ପ୍ରତିକ ପରିସ୍ଥିତିରେ ଆରପିଏଫ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମାନବ ଚାଲାଣ, ଶିଶୁ ତଥା ମହିଳାଙ୍କ ସହାୟତା ନେଇ ଆରପିଏଫ କର୍ମଚାରୀ ତତ୍ପରତା ପ୍ରଦର୍ଶନ କରିଆସିଛନ୍ତି। ଆରପିଏଫ ଦ୍ୱାରା ୨୦୧୯ରେ ଟ୍ରେନ ତଥା ପ୍ଲାଟଫର୍ମରୁ ୪୧୧ ଶିଶୁଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି। ବେଆଇନ ଭାବରେ ମହିଳା ଏବଂ ଦିବ୍ୟାଙ୍ଗ କୋଚରେ ଯାତ୍ରା ନେଇ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଅସୁଲ କରାଯାଇଛି। ବିନା ଟିକେଟ ଯାତ୍ରା ନେଇ ପ୍ରାୟ ୫ କୋଟି ଜରିମାନା ଅସୁଲ ହୋଇଛି। ଆରପିଏଫ ହେଲ୍ପ ଲାଇନ ୧୮୨ ଯୋଗେ ୪୮୩ଟି ସଂଖ୍ୟକ ଏବଂ ଟ୍ୱିଟର ଯୋଗେ ୪୭୨ଟି ସୂଚନା ଆଧାରରେ ସମସ୍ୟାରେ ପଡିଥିବା ଯାତ୍ରୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ଟ୍ରେନରେ ଯାତ୍ରୀ ଛାଡି ଯାଇଥିବା ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଗହଣା, ଟଙ୍କା, ଏଟିଏମ କାର୍ଡ ଆଦି ୫୨୮ ଜଣଙ୍କ ସାମଗ୍ରୀ ଶତ ପ୍ରତିଶତ ଫେରସ୍ତ ଦିଆଯାଇଛି। ଏହି ନୂତନ ପ୍ରଯୁକ୍ତିବିଦ୍ୟା ସହାୟତାରେ ଯାତ୍ରୀବାହୀ ଟ୍ରେନର କୌଣସି କୋଚରେ ସୁରକ୍ଷା ବଳ ଉପସ୍ଥିତ ନଥିଲେ ମଧ୍ୟ ସହାୟତା ପ୍ରଦାନ କରାଯାଇପାରିଛି। ରେଳବାଇ ପରିସରରୁ ୨୧୮ଟି ଜବରଦଖଲ ହଟାଯାଇଛି। ଚେନପୁଲିଂ ଘଟଣା ୨୦୧୮ରେ ୫୮୦୦ ତୁଳନାରେ ୨୦୧୯ରେ ୩୬୬୬କୁ ହ୍ରାସ ପାଇଛି। ଅଣଅଧିକୃତ ବ୍ୟକ୍ତି ଟ୍ରେନର ସଂରକ୍ଷିତ ବଗି ଟିକେଟ ବୁକ କରିବା ନେଇ ୫୦ ଜଣଙ୍କୁ ଗିରଫ ସହ ୨୯ ଲକ୍ଷ ଟଙ୍କାର ଟିକେଟ ରଦ୍ଦ କରାଯାଇଛି। ଆଇଆରସିଟିସି ଅନଧିକୃତ ବ୍ୟକ୍ତିଙ୍କ ଠାରୁ ଟିକେଟ ବୁକିଂ କଲେ ଅର୍ଥହାନୀ ସହ ଯାତ୍ରା ମଧ୍ୟ ବନ୍ଦ ହେବ ବୋଲି ଆଇଜି ସତର୍କ କରିଛନ୍ତି। ୫୨ଟି ମାମଲାରେ ୧୨୨୫ କେହି ଗଞ୍ଜେଇ ଜବତ, ବେଆଇନ ଭାବରେ ଚାଲାଣ ହେଉଥିବା ୫୧୫ଟି ଶୁଆ, ୫୫୦ଟି ପାରା ଜବତ, ୨୨୭ ଟ୍ରେନ ଚୋର ଗିରଫ, ରେଳବାଇ ବୁକିଙ୍ଗ ସାମଗ୍ରୀ ଚୋରି ମାମଲାରେ ୧୦୦ ଜଣ ଗିରଫ ସହ ୬, ୭୬ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଉଦ୍ଧାର ହୋଇଥିବା ବେଳେ ରେଳବାଇ ସମ୍ପତି ଚୋରି ଅଭିଯୋଗରେ ୯୧ଜଣଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ବିଶେଷ କରି ଟ୍ରେନରେ କୌଣସି ଯାଞ୍ଚ ପ୍ରକ୍ରିୟା ବିନା ବିକ୍ରୟ ହେଉଥିବା ସାମଗ୍ରୀକୁ ବାରଣ ନେଇ ସ୍ଥାନୀୟ ଭେଣ୍ଡର ଉଚ୍ଛେଦ କରାଯାଇଛି। ଅନେକ ସମୟରେ ଭେଣ୍ଡର ବେଶରେ ଚୋର, ଡକାୟତ ଦଳ ପ୍ରବେଶ ସହ ଯାତ୍ରୀଙ୍କୁ ଲୁଟ୍ କରୁଥିଲେ। ଯାତ୍ରୀଙ୍କୁ ନିଶାଯୁକ୍ତ ଖାଦ୍ୟ ପଦାର୍ଥ ଦେଇ ଅଚେତ କରି ସମସ୍ତ ସାମଗ୍ରୀ ଲୁଟ୍ ନେଇ ସୁରକ୍ଷା ଦୃଷ୍ଟିରୁ କେବଳ ଅଧିକୃତ ବିକ୍ରେତାଙ୍କୁ ଅନୁମତି ପ୍ରଦାନ କରାଯାଇଛି। ବିଶେଷ କରି ପୂର୍ବତଟ ରେଳବାଇର କେସିଙ୍ଗା ଅଞ୍ଚଳରେ ଟ୍ରେନ ଉପରକୁ ପଥର ମାଡ ଘଟଣା ବୃଦ୍ଧି ପାଇଛି। ଏନେଇ ୩୬ଟି ମାମଲା ରୁଜୁ ହୋଇଛି। ରେଳ ସେବା ନେଇ ଯାତ୍ରୀଙ୍କ ସୁବିଧା ତଥା ସୁରକ୍ଷା ଦୃଷ୍ଟିରୁ ଆରପିଏଫ, ଜିଆରପି ତଥା ସ୍ଥାନୀୟ ପୋଲିସର ମିଳିତ ଅଭିଯାନକୁ ସାଧାରଣ ଜନତା ସହଯୋଗ କରିବା ପାଇଁ ଆଇଜି ରାମ ଗଣମାଧ୍ୟମ ଜରିଆରେ ନିବେଦନ କରିଥିଲେ। ଖବରଦାତା ସମ୍ମିଳନୀରେ ଆରପିଏଫ ସିନିୟର ଡିଏସସି ସମ୍ବଲପୁର ଅଜିତ ବର୍ଣ୍ଣୱାଲ, ଇନ୍ସପେକ୍ଟର ଟିଟିଲାଗଡ ପି.ଏସ. ଧକାଡ, ଏସଆଇ ଆର.ସି.ପାତ୍ର, ଏଏସଆଇ ଏସ. ପଣ୍ଡା, ଏଏସଆଇ ସିଆଇବି ପି.ଏନ. ଭାଟି, ଏଚସି ଏସଆଇବି ଏଲ.ଏମ. ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ



### ଓବିସି ସଂଘର୍ଷ ସମିତି ପକ୍ଷରୁ ଦାବିପତ୍ର

**ଭବାନୀପାଟଣା,୧୩।୧(ଡି.ଏନ.ଏ.):** କଳାହାଣ୍ଡି ଓବିସି ସଂଘର୍ଷ ସମିତି ଜିଲା ସଭାପତି ପରମେଶ୍ୱର କାଣ୍ଡଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ କରିବା ସମୟରେ ରାଜ୍ୟ ଓବିସି ସଭାପତି ଗୋପାଳ ବାରିକ, ଓଡିଶା ଶୁଦ୍ର ସମାଜ ରାଜ୍ୟ ସଭାପତି ନାଦରାଜ ନାଏକ, ମଧୁସୁଦନ ମହାଖୁଡ, ଦୂବାଦଲ ବଚ୍ଛା, ଶୁଶିଲ ପ୍ରଧାନ, ଝରେନ ବାରିକ, ଜୟରାମ ଗହିର, ବାନଛା ସାହୁ, କୁନା ପାତ୍ର, ରବି ମାହାଖୁଡ, ବିଶ୍ୱନାଥ ବାଗ, ପତିରାମ ହଂସ ଉପସ୍ଥିତ ଥିଲେ।

### ବିଓଏଚ୍ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ କମ୍ବଳ ବଣ୍ଟନ

**ପଲମ,୧୩।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ପଲମ ପଞ୍ଚାୟତସ୍ଥିତ ପଲମ ବିଓଏଚ୍ ଛାତ୍ରୀଛାତ୍ରଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମ.ରାମପୁର ପୂର୍ବତନ ଉପଜିଲା ପରିଷଦ କିର୍ତ୍ତନ ସାହୁ, ସମ୍ମାନିତ ଅତିଥି ସିଆରପିଏଫ ପ୍ରଦୀପ କୁମାର ସାହୁ, ରୁପ୍ରା ଏସବିଆଇ କ୍ୟାସିୟର ଚିନ୍ମୟ ସାହୁ ଯୋଗଦେଇ ଛାତ୍ରୀଚାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରୋଜେକ୍ଟ କୋର୍ଡିନେଟର ଦୀପକ ବାଗ ଓ ସୋସିଆଲ କୋର୍ଡିନେଟର ଚନ୍ଦ୍ରଶେଖର କୁମ୍ଭାରଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯାଥିଲା। ବିଦ୍ୟାଳୟ ଶିକ୍ଷକ କୁଳମଣି ଭୋଇ, ନୀଳକଣ୍ଠ ସାହୁ, ଧନମତ ସାହୁ, ସୁଦର୍ଶନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା କମ୍ବଳ ବଣ୍ଟନ କରାଯାଇଥିଲା।

### ବିଜେପୁର ବ୍ଲକରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ଭବାନୀପାଟଣା,୧୩।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଗ୍ରାମପଞ୍ଚାୟତରେ ଚଳିତବର୍ଷ ବ୍ଲକର ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଟିଡିସିସିର ବିଏମ ନବଘନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଡିସିସି ପିଓ ଚୈତନ୍ୟ ପାଣିଗ୍ରାହୀ, ଆର୍‌ଏମ୍‌ସି ସମ୍ପାଦକ ଭାବନାଥ ରାୟଗୁରୁ, ଆରଏମସିର ଜୁନୁ ପାଣି, ଡିସିଓଏମଏମ ଆଦିତ୍ୟ ପ୍ରତାପ ସିଂଦେଓ, ବିଜେପୁର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ବିଜେପୁର ଏଓ ପୁଷ୍ପାଞ୍ଜଳି ମହାଖୁଡ, ବେନଗାଁ ଏଓ ନୀଳାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲାଞ୍ଜିଗଡ ବ୍ଲକରେ ୧୫ କୁଇଣ୍ଟାଲ ପାଇଁ ଅନୁମତି ଥିବା ବେଳେ ବିଜେପୁର ଓ ଲାଞ୍ଜିଗଡ ମଣ୍ଡି ପାଇଁ ୨୫୦ ଜଣ ଚାଷୀ ଅନଲାଇନ ରେଜିଷ୍ଟ୍ରେସନ କରିଛନ୍ତି। ଉଦଘାଟନୀ ଦିବସରେ ବିଜେପୁର ମଣ୍ଡିରେ ୭ ଜଣ ଚାଷୀଙ୍କଠାରୁ ୨୬ କୁଇଣ୍ଟାଲ ୭୫ କେଜି ମାଣ୍ଡିଆ କିଣାଯାଇଥିଲା। ଜନ ସାହାଯ୍ୟ ସଂସ୍ଥା ସିଆରପି ନିରାକାର ବାଗ ସହଯୋଗ କରିଥିଲେ। ଜନସାହାଯ୍ୟ ସଂସ୍ଥା ବିସି ପୂର୍ଣ୍ଣେନ୍ଦୁ ପନ୍‌ଡା, ମାଣ୍ଡିଆ ଚାଷୀ ବେଙ୍କଟା ମାଝି, ଲାଖମନ ମାଝି, ସଦା ମାଝି, ରୂପାଲି ମାଝି, ମିଥିଲା ବାଗ, ଉମ୍ଦେ ମାଝୀ ଓ ସାରଣ ମାଝିପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ମଝିରେ ପିସିଆର୍ ଭ୍ୟାନ୍ ପାର୍କିଂ

# ଅଟିକିଲା ୧୦୮ ଆମ୍ବୁଲାନ୍ସ, ଯାନବାହନ

**ଜୁନାଗଡ, ୧୩।୧ (ଡି.ଏନ.ଏ.)**

ଟ୍ରାଫିକ ନିୟନ୍ତ୍ରଣ ସହ ଦୁର୍ଘଟଣା ରୋକିବା ପାଇଁ ଚଳିତବର୍ଷଠାରୁ ସରକାର ସଡକ ସୁରକ୍ଷା ଆଇନକୁ କଡାକଡି କରିଛନ୍ତି। ଏହି ନିୟମକୁ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ ପୋଲିସ ପ୍ରଶାସନ କଡା ପଦକ୍ଷେପ ନେଉଛି। କିନ୍ତୁ ଖୋଦ୍ ପୋଲିସ ପ୍ରଶାସନ ଏହି ନିୟମକୁ ଉଲ୍ଲଂଘନ କରି ଜନସାଧାରଣଙ୍କୁ ଅସୁବିଧାରେ ପକାଇଥିବା ଘଟଣା ସାମନାକୁ ଆସିଛି। ରାସ୍ତା ମଝିରେ ପୋଲିସ ପିସିଆର ଭ୍ୟାନ୍‌ର ବେଆଇନ ପାର୍କିଂ ଯୋଗୁ ୧୦୮ ଆମ୍ବୁଲାନ୍ସ ଗାଡି ମଧ୍ୟ ବର୍ତ୍ତିପାରି ନ ଥିଲା। ଖାଲି ଆମ୍ବୁଲାନ୍ସ ନୁହେଁ ଏହାସହ ଅନେକ ଯାନବାହନ ମଧ୍ୟ ରାସ୍ତା ଉପରେ ଅଟକି ରହିଥିଲା।



ପିସିଆର ଭ୍ୟାନ ଯୋଗୁ ରାସ୍ତା ମଝିରେ ଅଟକି ରହିଛି ୧୦୮ ଆମ୍ବୁଲାନ୍ସ।

ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ସହର ପୋଷ୍ଟ ଅଫିସ ନିକଟ ୨୬ ନଂ ଜାତୀୟ ରାଜପଥ ଉପରେ ସୋମବାର ପୂର୍ବାହ୍ନରେ ଜୁନାଗଡ ଥାନାର ପିସିଆର ଭ୍ୟାନ ହଠାତ୍ କୌଣସି କାରଣ ପାଇଁ ଅଟକିଥିଲା। ରାସ୍ତା ମଝିରେ ଭ୍ୟାନ ଅଟକି ଥିବା ଯିବା ଯୋଗୁ ଯାନାବାହନ ଚଳାଚଳ ବ୍ୟାଘାତ ହୋଇଥିଲା। ଏପରିକି ପଛରେ ଆସୁଥିବା ୧୦୮ ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବର୍ତ୍ତିପାରି ନ ଥିଲା।

ଦୀର୍ଘ ସମୟ ଧରି ଯାନବାହନ

**ଜୁନାଗଡ଼ ପୋଲିସ**

ଅଟିକିବାରୁ ଯାତାୟାତ କରୁଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଭ୍ୟାନକୁ ରାସ୍ତା ଉପରେ ଛିଡା କରାଇ ପୋଲିସ ବାବୁମାନେ କୁଆଡେ ଅର୍ନ୍ତଧାନ ହୋଇଯାଇଥିଲେ। ଏପରିକି ପୋଲିସ ବାବୁମାନେ ଏତେବ୍ୟସ୍ତ ଥିଲେ ଯେ ଭ୍ୟାନର ଚାବିକୁ ମଧ୍ୟ ନେଇ ନ ଥିଲେ। ଟ୍ରାଫିକ ସମସ୍ୟା ଦେଖି ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଷ୍ଟାଟରେ ଥିବା ପୋଲିସ ଭ୍ୟାନକୁ ସାଇଟ (କଡକୁ) କରି ଦେଇଥିଲେ। ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏ ନେଇ ଜୁନାଗଡ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରାଯିବ ବୋଲି କହିଥିଲେ।

## ପର୍ଯ୍ୟଟନ ସ୍ଥଳୀରେ ଡୋକରିଚଞ୍ଚରା ସ୍ୱଚ୍ଛତା କାର୍ଯ୍ୟକ୍ରମ

**କୋକସରା,୧୩।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରୀଚଞ୍ଚରାରେ ପିକନିକର ଋତୁ ଚାଲିଥିବାରୁ ଗତ ଦୁଇ ମାସ ହେଲା ପ୍ରତିଦିନ ଶହଶହ ସଂଖ୍ୟାରେ ରାଜ୍ୟ ବାହାରୁ ଓ ଜିଲାରୁ ପର୍ଯ୍ୟଟକମାନଙ୍କ ଭିଡ ଲାଗି ରହିଛି। ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରି ବର୍ଜ୍ୟବସ୍ତୁ ଏଣେତେଣେ ଫିଙ୍ଗି ଦେବା ଦ୍ୱାରା ପ୍ରାକୃତିକ ପରିବେଶ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ହେଉଥିବା ଦେଖିବାକୁ ମିଳୁଛି। ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ କମିଟି ସୌଜନ୍ୟରୁ କୋକସରା ଡିଗ୍ରୀ ମହାବିଦ୍ୟାଳୟରୁ ଏନ.ସି.ସି ଓ ଏନଏସଏସ ଅନୁଷ୍ଠାନଙ୍କ ମିଳିତ ଉଦ୍ୟମରେ ଯୁବକମାନେ ରବିବାର ପର୍ଯ୍ୟଟନସ୍ଥଳିରେ ପଡିରହିଥିବା ବର୍ଜ୍ୟବସ୍ତୁଗୁଡିକୁ ସଫା କରିଥିଲେ। ସ୍ୱଚ୍ଛତା କାର୍ଯ୍ୟରେ ସାମାଜିକକ କର୍ମୀ ଘାସିରାମ ପାଟ୍ଟଯୋଷୀ ଓ ସ୍ୱେଚ୍ଛାସେବୀମାନେ ପର୍ଯ୍ୟଟକମାନଙ୍କୁ ମଇଳା ଏକାଠି ରଖି ଆବର୍ଜନା କୁଣ୍ଡରେ ପକାଇବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନଷ୍ଟ ନ କରିବାକୁ ବାର୍ତ୍ତା ଦେଇଥିଲେ।

ଏହି ଅବସରରେ ଉନ୍ନୟନ କମିଟି ସଭାପତି ଭଦ୍ରେଶ୍ୱର ପାତ୍ର, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପ୍ରଧାନୀ, ସମ୍ପାଦକ ଘନଶ୍ୟାମ ନାଏକ, ବିରଞ୍ଚି ନାରାୟଣ ପଣ୍ଡା, ଆଦିତ୍ୟ କୁମାର ପଣ୍ଡା, ଗୋବିନ୍ଦ ପାଟ୍ଟଯୋଷୀ, ଚକାଡୋଳା ପାତ୍ର, ସୁରେଶ ଅଗ୍ରୱାଲ, ଅର୍ଜୁନ ରାଉତ, ଗରୁଡଧ୍ୱଜ ମାଝି, ତିଳ ଧଙ୍ଗଡାମାଝି, ନୀଳାମ୍ବର ମାଝି, ଜୟଲାଲ ନାଏକ ଓ ଡିଗ୍ରୀ ମହାବିଦ୍ୟାଳୟ ପ୍ରୋଗ୍ରାମ ଅଫିସର ଅଇରୀନାଶନ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସି କଳାହାଣ୍ଡି ଏସ୍‌ପି, ଶକ୍ତି ବିଭାଗକୁ ରିପୋର୍ଟ ତଲବ

**ଭବାନୀପାଟଣା,୧୩।୧ (ଡି.ଏନ.ଏ.)**

**ଆଟିଗାଁ, ଉଛୁଲା ଗ୍ରାମ**

କଳାହାଣ୍ଡି ଜିଲା ଆଟିଗାଁ ଓ ଉଛୁଲା ଗ୍ରାମରେ ୨୦୧୯ ଅକ୍ଟୋବରରେ ଘଟିଥିବା ୨ଟି ବିଦ୍ୟୁତ୍ ଆଘାତ ଓ ମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କଳାହାଣ୍ଡି ଏସ୍‌ପି ଓ ଶକ୍ତି ବିଭାଗର ଶାସନ ସଚିବଙ୍କଠାରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି। ମାନବାଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ୨ଟି ଅଭିଯୋଗକୁ ଆଧାର କରି ମାନବାଧିକାର କମିଶନ ଏହି ରିପୋର୍ଟ କଳାହାଣ୍ଡି ଏସ୍‌ପି ଶକ୍ତି ବିଭାଗ ଶାସନ ସଚିବଙ୍କୁ ମାଗିଛନ୍ତି। ଗତ ୨୦୧୯ ଅକ୍ଟୋବର ୨ରେ ଆଟିଗାଁ ତେଲ ନଦୀ କୂଳରେ ଆଟିଗାଁର ସତ୍ୟ ପ୍ରଧାନଙ୍କ ଜମିରେ ଭାଗ ଚାଷୀ ନବୀନ ଦଣ୍ଡସେନା ବିଦ୍ୟୁତ୍ ଆଘାତରେ ଆହତ ହୋଇଥିଲେ। ତାଙ୍କର ଏକ ବଳଦ ଟ୍ରାନ୍ସଫରର୍ମର୍ ତାରରେ ଲାଗି ମୃତ୍ୟୁବରଣ କରିଥିଲା। ସେହିପରି ୨୦୧୯ ଅକ୍ଟୋବର ୨୦ରେ ଜୟପାଟଣା ବ୍ଲକ ଉଛୁଲା ପଞ୍ଚାୟତକୁ କିଛି ସାମଗ୍ରୀ ନେଇ ଯାଉଥିବା ଟ୍ରକ (ନଂ.ଓଆର୧୦ଏଫ୬୪୩୫)ର ହେଲପର ଲଦୁଗାଁ ଗ୍ରାମର ବିନୋଦ ନାଏକ ରାସ୍ତା ତଳକୁ ଝୁଲି ରହିଥିବା ୧୧ କେଭି ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଥିଲା। ଏହି ଦୁଇଟି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉକ୍ତ ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କଠାରେ ଅଭିଯୋଗ ଦାଖଲ କରିଥିଲେ। ଉଭୟ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିବା ସହିତ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ଫୌଜଦାରି ମକଦମା ଚଳାଇବା ପାଇଁ କମିଶନକୁ ଗୁହାରୀ କରିଥିଲେ। ଏହି ଆବେଦନ ପାଇବା ପରେ ଜାତୀୟ ମାନବାଧିକାର କମିଶନ କଳାହାଣ୍ଡି ଏସ୍‌ପି ଓ ଶକ୍ତି ବିଭାଗର ଶାସନ ସଚିବଙ୍କୁ ଚାରି ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ ଓ କାର୍ଯ୍ୟାନଷ୍ଠାନ ରିପୋର୍ଟ ତଲବ କରିଛନ୍ତି।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବରେ ଚରମ ଅବ୍ୟବସ୍ଥା

**ମ.ରାମପୁର, ୧୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ଆୟୋଜିତ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଅବ୍ୟବସ୍ଥା ମଧ୍ୟରେ ପାଳିତ ହୋଇଥିଲା। ଚଳିତବର୍ଷ ଆୟୋଜିତ ଉତ୍ସବରେ ସଂସ୍କୃତି, ଐତିହ୍ୟ, ପରମ୍ପରା, ବହୁବିଧ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆ ନ ଯାଇ କେବଳ ପ୍ରଶାସନିକ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ଯାଇ ଉତ୍ସବ ପାଳନ କରାଯାଇଥିବା ପରିଲକ୍ଷିତ ହୋଇଛି। ଏପରି କି ଜନସାଧାରଣଙ୍କୁ ସାମିଲ କରା ନ ଯାଇ ବ୍ଲକ ପ୍ରଶାସନର କାର୍ଯ୍ୟରତ ଅଧିକାର, କର୍ମଚାରୀ ଓ ତାଙ୍କ ହାତମୁଠାରେ ଥିବା କିଛି ମଧ୍ୟସ୍ଥତାକୁ ନେଇ ଉତ୍ସବ ପାଳନ କରାଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଆୟୋଜକମାନେ ହିଁ ଅତିଥି, ମୁଖ୍ୟଅତିଥି ସାଜିଥିଲେ। ଉଦଯାପନୀ ଉତ୍ସବରେ ଜିଲାର କୌଣସି ଅଧିକାରୀ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ନ ଥିବାବେଳେ ଚତୁର୍ଥ ତଥା ସମତୁଲ୍ୟ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରାଯାଇ ନ ଥିଲା। ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହୋଇଥିଲେ ମଧ୍ୟ ଉଭୟ ଶାସକ ଓ ପ୍ରଶାସକ ମଧ୍ୟରେ ସମନ୍ୱୟତା ଅଭାବରୁ କେବଳ ଦୁଇରୁ ତିନି ଶହ ଲୋକଙ୍କ ମଧ୍ୟରେ ଉତ୍ସବ ପାଳିତ ହେବା ଯୋଗୁ ଏହାର ମୂଳ ଉଦ୍ଦେଶ୍ୟ ଦୂରେଇ ଯାଇଥିବା ସମାଲୋଚନା କରାଯାଉଛି।

## କଲମପୁର ଅଞ୍ଚଳରେ ଶିକ୍ଷାର ବିକାଶ ନେଇ ବୈଠକ

**କଲମପୁର,୧୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅଞ୍ଚଳରେ ଶିକ୍ଷାର ବିକାଶ ନେଇ ସୋମବାର କର୍ମେଲ ଡଙ୍ଗରୀଗୁଡା ଶିବ ମନ୍ଦିରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଠାରେ ହେବାକୁ ଥିବା ଗ୍ରୀନ୍‌ଭେଲି ଏକାଡେମି ଇଂଲିଶ ମିଡିୟମ ସ୍କୁଲ କାର୍ଯ୍ୟକାରୀ କରିବା ସହ ଶିକ୍ଷାର ବିକାଶ ଯେପରି ହୋଇପାରିବ ସେ ନେଇ ଅଞ୍ଚଳର ବୁଦ୍ଧିଜୀବୀ, ଯୁବକ ତଥା ଅଭିଭାବକମାନେ ଆଲୋଚନା କରିଥିଲେ। ବୈଠକରେ କଲମପୁର ଜୋନ୍ ନଂ. ୧ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଟିଟିଲାଗଡ଼ ଓମ୍‌ଭେଲି ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷ ବଦ୍ରିନାରାୟଣ ମିଶ୍ର ଯୋଗଦେଇ କଲମପୁର ଅଞ୍ଚଳରେ କି କାର୍ଯ୍ୟ କଲେ ଶିକ୍ଷାର ଉନ୍ନତି ହେବ ସେହି ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ଅବସରପ୍ରାପ୍ତ ବିଇଓ ମୋହନ ସୁନ୍ଦର ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ନାଥ ସାହୁ, ସୁଭେନ୍ଦୁ ପଣ୍ଡା, ବିନୋଦ ପଟ୍ଟନାୟକ ପ୍ରମୁଖ ଅଞ୍ଚଳରେ କିପରି ଶିକ୍ଷାର ବିକାଶ ହେବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗ୍ରୀନଭେଲି ଏକାଡେମିର ମୁକେଶ ଅଗ୍ରୱାଲ, ସୁଶିଲ ଜେନ, ଦେବରାଜ ମିଶ୍ର, ମନୋଜ ଅଗ୍ରୱାଲ, ଶିବାନନ୍ଦ ସାହୁ ପ୍ରମୁଖ ଆୟୋଜନ କରିଛନ୍ତି। ବୈଠକରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ।

## ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ

**ଲାଞ୍ଜିଗଡ଼/କୋକସରା, ୧୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପୋଲିସ ପକ୍ଷରୁ ସୋମବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ତତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ ସଡକ ସୁରକ୍ଷା ଉପରେ ଏକ ଶୋଭାଯାଯାତ୍ରା କରାଯାଇଛି। ଲାଞ୍ଜିଗଡରୁ ଆଶ୍ରମପଡା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ଜନସାଧାରଣଙ୍କୁ ହେଲମେଟ ପିନ୍ଧିବା ଓ ସିଟବେଲ୍ଟ ବାନ୍ଧିବା ପାଇଁ ସଚେତନତା କରିଥିଲେ। ଯେଉଁ ଗାଡି ଚାଳକମାନେ ହେଲମେଟ ବ୍ୟବହାର କରୁଥିଲେ ଓ ସିଟ୍‌ବେଲ୍ଟ ବାନ୍ଧୁଥିଲେ ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। କଲେଜ ଛାତ୍ରୀଛାତ୍ର ଓ ଯୁବକ ଚାଳକମାନଙ୍କୁ ବାଇକ୍ ଚଳାଇବା ବେଳେ ମୋବାଇଲରେ କଥା ନ ହେବା ପାଇଁ ଅନୁରୋଧ କରିଥିଲେ। ଏଥିରେ ବିଭିନ୍ନ ଯୁବ ଅନୁଷ୍ଠାନ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ସାମିଲ ଥିଲେ। ଲାଞ୍ଜିଗଡ ପୋଲିସ ପକ୍ଷରୁ ଏସଆଇ ବିପିନ କୁମାର କୁଲଦିପ୍ ଓ ଥାନା କର୍ମଚାରୀମାନେ ଲୋକଙ୍କୁ ସଚେତନତା କରିଥିଲେ। କୋକସରା ପୋଲିସ ପକ୍ଷରୁ ସଡକ ସୁରକ୍ଷା ନେଇ ଏକ ସଚେତନତା ରାଲି କରାଯାଯାଇଛି। କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଟ୍ରାଫିକ ନିୟମମାନି ଗାଡି ଚଳାଇବାକୁ ସଚେତନତା କରିଥିଲେ। କୋକସରା ଥାନା ମହିଳା ଇନପେକ୍ଟର ଆନ୍ନା ମିଙ୍କ ନେତୃତ୍ୱରେ ଏଏସଆଇ ବୁଲୁ ସେଠି, ହାବିଲଦାର ରାମଚନ୍ଦ୍ର ଧଙ୍ଗଡାମାଝି, କନଷ୍ଟେବଳ ସବିତା ନାଏକ, ଶ୍ରୀକାନ୍ତ ଭୋଇ, ହୋମଗାର୍ଡ କୁଶଧ୍ୱଜ ନାଏକ, ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ସ୍କୁଲ ଖେଳ ଶିକ୍ଷକ ଅମିତ ମହାନ୍ତି, ଖଗେଶ୍ୱର ମାଝି, ବନିତାରାଣୀ ଦତ୍ତ, ସିମାରାଣୀ ସିଂ ପ୍ରମୁଖ ସହଯୋଗ କରିଥିଲେ।



ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ସଡ଼କ ସପ୍ତାହ ପାଳନ ବେଳେ ହେଲମେଟ ପିନ୍ଧିଥିବା ଚାଳକଙ୍କୁ ଜଣେ ଛାତ୍ର ଫୁଲ ଦେଉଛନ୍ତି।

## ଏବିଭିପି ପକ୍ଷରୁ ବିବେକାନନ୍ଦ ଜୟନ୍ତୀ

**ଭବାନୀପାଟଣା,୧୩।୧ (ଡି.ଏନ.ଏ.)**

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭବାନୀପାଟଣା ଶାଖା ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଯେଉଁ ଥିରେ ସର୍ବପ୍ରଥମେ ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏବିଭିପିର କଳାହାଣ୍ଡି ବିଭାଗ ପ୍ରମୁଖ ଅଶୋକ ସିଂ ଓ ଚିକିତ୍ସାଳୟ ଆକାଉଣ୍ଟାଣ୍ଟ ପ୍ରକାଶଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ପରେ ସରକାରୀ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ ଆବାସରେ ଶତାଧିକ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାମୀଜୀଙ୍କ ଜୟନ୍ତୀ ପାଳନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଭୟ ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟମାନେ ଉପସ୍ଥିତ ଥିଲେ। ଏଥି ସହିତ ସରକାରୀ ତାଲିମ ପ୍ରାପ୍ତ ବୈଷୟିକ ଅନୁଷ୍ଠାନ ସହ ଏବିଭିପି ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଧୁମଧାମରେ ପାଳିତ ହୋଇଥିଲା ଏବଂ ଆଗକୁ ଜାନୁୟାରୀ ୨୩ ନେତାଜୀ ସୁଭାସ ବୋଷଙ୍କ ଜୟନ୍ତୀ ଆସୁଥିବାରୁ ଏହି ଦିନଗୁଡିକୁ ଯୁବ ସପ୍ତାହ ରୂପେ ପାଳନ କରିବାକୁ ଏବିଭିପି ସ୍ଥିର କରିଛି ବୋଲି ଏବିଭିପି ନଗର ସହ ସମ୍ପାଦକ ହିତେଶ କୁମାର ମେହେର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଶଙ୍କର ପ୍ରଧାନ, ଲୋକେସ ମଙ୍ଗରାଜ, ପଙ୍କଜ ତାଣ୍ଡି, ହର୍ବଜନ ନାଏକ, ଟୁନା ନାଏକ, ବୁଟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମଦକୋଠି ବନ୍ଦ ଦାବିରେ ମହିଳାଙ୍କ ଥାନା ଘେରାଉ

**କେଗାଁ,୧୩।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତ ସୟଂସହାୟକା ଗୋଷ୍ଠୀ ପକ୍ଷରୁ ମଦ କୋଠି ବନ୍ଦ ଦାବିରେ ଏକ ରାଲି କରି କେଗାଁ ଥାନା ଘେରାଉ କରାଯାଇଛି। ନୂଆଁଗା ଗ୍ରାମପଞ୍ଚାୟତର ନୂଆଁଗା, ସିଙ୍ଗଭାଡି, ବାଗଦୋରି, କରକୋଟ, ଯୁବାପଦର, ଆଦି ଗ୍ରାମରେ ବ୍ୟାପକ ଭାବେ ମଦ କୋଠି ଥିବାରୁ ଗାଁ ନିଶାଗ୍ରସ୍ତ ବ୍ୟକ୍ତିମାନେ ଅନେକ ସମୟରେ ଗଣ୍ଡୋଗୋଳ କରୁଛନ୍ତି। ସାନଚେରଗାଁରେ ସରକାରୀ ଲାଇସେନ୍ସପ୍ରାପ୍ତ ମଦଭାଟିରୁ ମଦ ତିଆରି କରି ଗାଁରେ ଛତୁ ଫୁଟିଲା ଭଳି ମଦ କୋଟି ଖୋଲି ମଦ ବିକ୍ରି କରୁଥିବାରୁ ମହିଳାମାନେ ସୁରକ୍ଷିତ ମଣୁ ନାହାନ୍ତି। ସାନଚେରଗାଁଠାରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ଦେଶି ମଦ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବି କାରିଛନ୍ତି। ଉକ୍ତ ମଦ କୋଠ ସ୍ଥାନାନ୍ତର ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସିଛ। ନୂଆଁଗା ଗ୍ରାମପଞ୍ଚାୟତର ୧୫ଟି ସଂଯ ସାହାୟକ ଗୋଷ୍ଠୀର ଶତାଧିକ ମହିଳା ଏକତ୍ରିତ ହୋଇ ନୂଆଗାଁଠାରୁ ୫ କି.ମି. ରାଲି କରି କେଗାଁ ଥାନାକୁ ଆସି ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ।




ମଦକୋଠି ବନ୍ଦ ଦାବି ନେଇ ମହିଳାମାନେ ଥାନା ଘେରାଉ ପାଇଁ ରାଲିରେ ଯାଉଛନ୍ତି।

## ଅଜନା ରୋଗ୍‌ରେ ପୀଡ଼ିତ ଗୟାଧର

# ସରକାରୀ ଚିକିତ୍ସା ସାହାଯ୍ ଆଶ୍‌ରେ ମା'ବାପ୍

**ପର୍ଲା,୧୩।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗାଁର ଗୟାଧର ଲୋହାର(୨୫)। ସେ ଅନେକ୍ ଦିନ୍ ହେଲା କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ଚିକିତ୍ସା କରେଇ ନାଇଁପାରି କରି ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ସୂଚନା ଅନ୍‌ସାରେ ଜୟନ୍ତପୁର ଗାଁର ଧନସିଂ ଲୋହାର(୬୫)ଙ୍କର ପରିବାର କହେଲେ ମାଏକିନା ଧନମତି(୫୫), ଦୁଇ ପୁଓ କେଶରୀ(୩୦), ଗୟାଧର(୨୫)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍। ବାପ୍ ପୁଓ ସଭେ ମିଶି ଲୁହୁରା ସାଲେ କାମ୍ କରୁଛନ୍। ସେଥିରୁ ଯାହା କମାନି ହେଉଛେ ପରିବାରର ତେଲ୍‌ନୁନ୍ ଚଲୁଛେ। ଘରେ ଅଭାବ ଅନାଟନେ ସବୁବେଲେ ଲାଗି ରହିଛେ। ସରକାରୀ ସାହାଯ୍ ହିସାବେ ପରିବାରକେ ଫିମାସ ପଁଚେତ୍‌ରୁ ୨୦ କେ.ଜି. ଚାଉଲ ମିଲୁଛେ। ଏନ୍‌ତାଥି ଗଲା ୪ ବଛର ତଲେ ସାନ୍ ପୁଓ ଗୟାଧରଙ୍କର ଛାତିରେ ଗୁଟେ ଘା' ହେଇଥିଲା। ପରିବାର ଲୋକ୍ ତାହାକୁ ଆସର ପାସର ଡାକ୍ତରଖାନାରେ ଚିକିତ୍ସା କରେଇ ନିରାଶ ହେଇଛନ୍। ଇଆଡ଼େ ଡାକ୍ତରଙ୍କର କହେବାର ହେଲା ଉଚ ଚିକିତ୍ସା କଲେ ଗୟାଧରଙ୍କର ରୋଗ୍ ଭଲ ହେଇଯିବା। ହେଲେ ଟଁକା ପଏସା ଅଭାବୁ ପରିବାର ଲୋକ୍ ଗୟାଧରଙ୍କର ଉଚ ଚିକିତ୍ସା କରେଇ ନାଇଁପାରବାର। ଇଆଡ଼େ ଗୟାଧରଙ୍କର ଛାତିର ଘା' ଦିନୁଦିନ୍‌କେ ଚହଟି ଛାତି ସାରା ହେଇଗଲାନ। ଦରଦ୍‌ରେ ସେ ଅନେକ୍ ସମିଆରେ କିଲ୍‌ବିଲେଇ ଯାଉଛନ୍। ପରିବାର ପାସେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛେ। ହେଲେ ସେଟା କାମେ ନାଇଁ ଲାଗୁଥିବାର ପରିବାର ଲୋକ୍ ଅଭିଯୋଗ କରିଛନ୍। ଗଲା ମାସ୍‌କେତେ ତଲେ ପରିବାର ଲୋକ୍ ଗୟାଧରଙ୍କୁ ନେଇ ଜିଲା ମୁଖିଆ ଡାକ୍ତରଖାନା ଆର ନବରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା କରେଇଥିଲେ। ହେଲେ ଦିନାକେତେ ଚିକିତ୍ସା କରାଲା ଉତାରୁ ଟଁକା ପଏସା ଅଭାବୁ ତାହାକୁ ଘରକେ ଫିରେଇ ଆନ୍‌ଲେ। ପରିବାର ଲୋକ୍ ଡାକ୍ତରଖାନା କର୍ତୃପକ୍ଷଙ୍କୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା କାର୍ଡ ଦେଖେଇଥିଲେ ବି କାମେ ନାଇଁଲାଗି ବଲି କହିଛନ୍। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିଙ୍କର ଚିକିତ୍ସା ସୁବିଧା ଲାଗି ଅନେକ୍ ଲାଭ୍‌କାରୀ ଯୋଜନା କାଯ୍‌କାରୀ କରୁଥିଲାବେଲେ ଗୟାଧର ଲେଖେଁ ଝନେ ନିହାତି ଗରିବ୍ ପିଲା ଚିକିତ୍ସା ସୁବିଧାରୁ ବଁଚିତ୍ ହେଇ ରହିଛନ୍। ପୁଓର ଚିକିତ୍ସା ସାହାଯ୍ ଲାଗି ଧନସିଂ ଥାନିଅ ସରପଁଚ୍ ରମଣୀ ଦୁରିଆଙ୍କୁ ଗୁହାରି କରିଛନ୍। ସେ ଇ ବାବ୍‌ଦେ ଉପଜିଲାପାଲଙ୍କୁ କହି ରେଡ୍‌କ୍ରସରୁ କିଛା ଟଁକା ପଏସା ସାହାଯ୍ ଲାଗି କହିମି ବଲି କଥା ଦେଇଛନ୍। ସେନ୍‌ତା ଇ ବାବ୍‌ଦେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କୁ ପଚ୍‌ରାଲାରୁ ଯେତେ ଜଲ୍‌ଦି ହେବା ଗୟାଧରଙ୍କର ଉଚ ଚିକିତ୍ସା ଲାଗି ବେବସ୍‌ତା କରାଯିବା ବଲି ସେ କହିଛନ୍।



ଅଜନା ରୋଗ୍‌ରେ ପୀଡ଼ିତ ଗୟାଧର।



ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ। -ସ୍ୱାମୀ ବିବେକାନନ୍ଦ



## ରାଜଗାଙ୍ଗପୁରରେ ୧୧୨ ୟୁନିଟ ରକ୍ତ ସଂଗ୍ରହ

ରାଜଗାଙ୍ଗପୁର, ୧୩।୧ (ଡି.ଏନ.ଏ)

ରାଜଗାଙ୍ଗପୁର ଅଗ୍ରସେନ ଭବନରେ ସୋମବାର ମୋ ସରକାର ପକ୍ଷରୁ ୧୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏସ୍‌ପି ସୌମ୍ୟା ମିଶ୍ର, ରାଜଗାଙ୍ଗପୁର ଏସ୍‌ଡିପିଓ ବିଜୟ କୁମାର ନନ୍ଦ, ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳା ନନ୍ଦ ସାହୁ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, କାଂସବାହାଲ ଫାଣ୍ଡି ଅଧିକାରୀ ସୁକାନ୍ତ ନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

ବେଦବ୍ୟାସ, ୧୩।୧ (ଡି.ଏନ.ଏ.)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରେ ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଆରୋହୀ ଯୁବତୀ ଗୁରୁତର ହୋଇଛନ୍ତି। ହେଲେ ତାଙ୍କ ପରିଚୟ ଜଣାପଡି ନାହିଁ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଛି। ଏହାସହ ଟ୍ରକ୍ (ନଂ. ଓଡି ୧୪ ଏସ- ୮୨୯୬) ଓ ସ୍କୁଟି (ନଂ. ଓଡି ୧୪ ଏମ- ୨୪୭୫)କୁ ଜବତ କରିଛି। ଟ୍ରକ୍‌ଚାଳକ ଫେରାର ହୋଇ ଯାଇଛନ୍ତି।

# ସିଏଏ ସପକ୍ଷ-ବିପକ୍ଷବାଦୀ ମୁହାଁମୁହିଁ

ସୁନ୍ଦରଗଡ,୧୩।୧(ଡି.ଏନ୍.ଏ.)



ସୁନ୍ଦରଗଡ଼ରେ ସୋମବାର ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ)କୁ ବିରୋଧ କରି କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ବାହାରିଛି।

ସୁନ୍ଦରଗଡ଼ରେ ସୋମବାର ନାଗରିକତା ସଂଶୋଧନ ଆଇନ୍ (ସିଏଏ) ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଛନ୍ତି। ଜିଲା କଂଗ୍ରେସ କମିଟି ପକ୍ଷରୁ ସିଏଏକୁ ବିରୋଧୀ କରି ଏକ ଶୋଭାଯାତ୍ରା ବାହାରିଥିଲା। କଂଗ୍ରେସ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଡିଆରଡିଏ ଛକରେ ସିଏଏକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ଏହି ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜି ଥିଲା। ସିଏଏ ସପକ୍ଷବାଦୀ କିଛି ଯୁବକ ଏହାକୁ ବିରୋଧ କରିବାରୁ କଂଗ୍ରେସ କର୍ମୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଜଣେ ସପକ୍ଷବାଦୀ କଂଗ୍ରେସ କର୍ମୀଙ୍କୁ ଠେଲାପେଲା ଓ ଧସ୍ତାଧସ୍ତି କରିଥିଲେ। ଏହାକୁ ନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଦୁଇ ଗୋଷ୍ଠି ଧସ୍ତାଧସ୍ତି ହୋଇଥିଲେ। ଏହାକୁ ନେଇ ସେଠାରେ ଉପସ୍ଥିତ ଟାଉନ ଥାନା ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ମାତ୍ର କିଛିକ୍ଷଣ ଖଣ୍ଡଯୁଦ୍ଧ ପରେ ଟାଉନ ଥାନା ପୋଲିସ ଉଭୟ ପକ୍ଷକୁ କାବୁ କରି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ନାଗରିକତା ସଂଶୋଧନ ଆଇନ ବିରୋଧରେ ଅନୁଷ୍ଠିତ କଂଗ୍ରେସର ଏହି ବିକ୍ଷୋଭ ସଭାରେ ବରିଷ୍ଠ କଂଗ୍ରେସ ନେତା ନିମାଇଁ ନାଏକ, ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ତଳସରାର ପୂର୍ବତନ ବିଧାୟକ ଡାଃ ପ୍ରଫୁଲ୍ଲ ମାଝୀ, ପୂର୍ବତନ ପିସିସି ସାଧାରଣ ସଂପାଦକ ରାଜ କିଶୋର ଷଡଙ୍ଗୀ, ପୂର୍ବତନ ପିସିସି ସଂପାଦକ ପ୍ରଫୁଲ୍ଲ ସୁନାନୀ, ଆଲବର୍ଟ କୁଜୁର, ଅମିତା ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଇଫତିଆର ଅହମ୍ମଦ, ବେଣୁମାଧବ ତ୍ରିପାଠୀ, ବୀରେନ୍ ସେନାପତି, କୈଳାଶ ଚନ୍ଦ୍ର ସାହୁ, ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା, ଅଜିତ ପ୍ରସାଦ, ପ୍ରଶା' ସେଠୀ, ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ସଂଜୟ ସାହୁ, ପ୍ରଭାତ ଭୋଳ, ପୂର୍ବତନ ଜିଲାପରିଷଦ ସଭ୍ୟ ନିର୍ମଳ ନାଏକ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ। ସନ୍ଧ୍ୟାରେ କଂଗ୍ରେସର ଏକ ପ୍ରତିନିଧି ଦଳ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରାଙ୍କୁ ସାକ୍ଷାତ କରିଛନ୍ତି। ଶାନ୍ତିପୂର୍ଣ୍ଣ ସଭା ଚାଲିଥିବା ବେଳେ ଜଣେ କଂଗ୍ରେସ କର୍ମୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।



ଏମସିଏଲ ପ୍ରଦତ୍ତ ଅର୍ଥରେ ଦେବଗଡ ଜିଲା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ।

## ଦେବଗଡ ଜିଲା ରକ୍ତଭଣ୍ଡାରକୁ ଏମ୍‌ସିଏଲ୍ ଦେଲା ଆମ୍ବୁଲାନ୍ସ

ସମ୍ବଲପୁର,୧୩।୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଦେବଗଡ ଜିଲା ରକ୍ତଭଣ୍ଡାରକୁ ଏକ ଆମ୍ବୁଲାନ୍ସ କିଣିବା ପାଇଁ ୧୩ ଲକ୍ଷ ୨୯ ହଜାର ୬ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି ଟଙ୍କାରେ ଏକ ଆମ୍ବୁଲାନ୍ସ କିଣାଯାଇଛି। ଏହା ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟକ ହୋଇପାରିବ। ବିଭିନ୍ନ ଅଞ୍ଚଳରୁ ରକ୍ତ ସଂଗ୍ରହ କରାଯାଇ ଜିଲା ରକ୍ତଭଣ୍ଡାରରେ ଗଚ୍ଛିତ ହୋଇପାରିବ ବୋଲି ସୋମବାର ଏମ୍‌ସିଏଲ୍ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍କୁଲ, କଲେଜରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆଗାଁ, ୧୩।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ସୋମବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବୀରମିତ୍ରପୁର ଏସ୍‌ଡିପିଓ ନିବେଦିତା ସୋରେଙ୍ଗ ଓ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ପ୍ରମୁଖ ଉପସ୍ଥିତ ରହି ସଡକ ସଚେତନତା ଉପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ଅବଗତ କରିଥିଲେ। ପ୍ରଥମେ ହାତୀବାରି ହାଇସ୍କୁଲ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ । ପରେ ନୂଆଗାଁ କଲେଜ ପରିସରରେ ମଧ୍ୟ ଅନୁରୂପ ଭାବରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଡକ ସୁରକ୍ଷା ଜୀବନ ରକ୍ଷା ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ସମସ୍ତେ କିଭଳି ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବେ, ସିଟ୍‌ବେଲ୍ଟ ପିନ୍ଧିବେ, ଦ୍ରୁତଗାଡି ଚାଳନାରୁ ନିବୃତ ରହିବେ, ମଦ୍ୟପାନ କରି ଗାଡି ଚଳାଇବେ ନାହିଁ, ଗାଡି ଚଳାଇବା ସମୟରେ ଗାଡିର ଲାଇସେନ୍ସ ଓ କାଗଜପତ୍ର ସାଙ୍ଗରେ ରଖିବେ, ଟ୍ରାଫିକ ନିୟମକୁ ମାନି ଗାଡି ଚଳାଇବେ ସେ ନେଇ ସଚେତନତା କରାଯାଇଥିଲା।

## ଗାନ୍ଧୀ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ସୁନ୍ଦରଗଡ,୧୩।୧(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ରାଷ୍ଟ୍ରୀୟ ଯୁବ ସଂଗଠନ ଆନୁକୂଲ୍ୟରେ ଶାନ୍ତି, ସଂହତି, ସଦ୍‌ଭାବନା ଯାତ୍ରା ଆରମ୍ଭ ହୋଇଛି। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ଏହି ଅଭିଯାତ୍ରୀ ଦଳକୁ ସେମବାର ସ୍ୱାଗତ କରାଯାଇଥିଲା। କଲେଜ ଅଧକ୍ଷ ଡଃ କିଶୋର କୁମାର ଦାଶ ଅଧକ୍ଷତା ଏହି ଅଭିଯାତ୍ରୀ ଦଳଙ୍କୁ ସ୍ୱାଗତ ଜଣାଇ ଥିଲେ। ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଯାତ୍ରା ଗାନ୍ଧୀଙ୍କ ସଦ୍‌ଭାବନା ବାର୍ତ୍ତା ଦେବ। ବିଶେଷ କରି ଯୁବ ପିଢିଙ୍କୁ ଏହା ପ୍ରେରଣା ଦେବ ବୋଲି ସେ ଆଶାପ୍ରକାଶ କରିଥିଲେ। ଉତ୍କଳ ଗାନ୍ଧୀ ସ୍ମାରକନିଧିର ସଂପାଦକ ଡଃ ବିଶ୍ୱଜିତ କହିଥିଲେ ଯେ, ମହାତ୍ମା ଗାନ୍ଧୀ ଭାରତକୁ ପରାଧୀନତାରୁ ମୁକ୍ତ କରି କଷ୍ଟଲବ୍ଧ ସ୍ୱାଧୀନତା ଆଣିଛନ୍ତି। ଦେଶକୁ ସତ୍ୟ, ଅହିଂସା ମାର୍ଗରେ ଆଗେଇ ନେବା ପାଇଁ ସେ ସ୍ୱପ୍ନ ଦେଖିଥିଲେ । ତାହାକୁ ଆଜି ଏହି ଯାତ୍ରା ମାଧ୍ୟମରେ ଯୁବବର୍ଗଙ୍କ ମଧ୍ୟରେ ସଚେତନାର ବାର୍ତ୍ତା ପ୍ରଚାର କରିବାର ଆଭିମୁଖ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଦସ୍ୟ ବୈଦ୍ୟନାଥ ଦାସ, ଅଭୟ ଦାସ, ନିଶାକାର ଦାସ ପ୍ରମୁଖ ଗାନ୍ଧୀଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ରାଷ୍ଟ୍ରର ସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଏହି ସଦ୍‌ଭାବନା ଯାତ୍ରାର ସଦସ୍ୟମାନେ 'ଅଚିହ୍ନା ଶବ' ଶୀର୍ଷକରେ ଏକ ନାଟକ ପରିବେଷଣ କରିଥିଲେ। ସାଂପ୍ରତିକ ସମାଜର ଭ୍ରଷ୍ଟାଚାର, ବେରୋଜଗାରୀ ଆଦି ସମସ୍ୟାକୁ ଏଥିରେ ଉପସ୍ଥାପିତ କରି ଯୁବ ବର୍ଗଙ୍କୁ ଏଥିପ୍ରତି ସଚେତନ ହେବାକୁ ବାର୍ତ୍ତା ଦେଇଥିଲେ। ବିଦ୍ୟାଭୂଷଣ ଶାସନୀ, ଜାହ୍ନବୀ କୁସୁମ, ଦୈତାରୀ ପାଣ୍ଡିଆ, ଜିଲା ଓକିଲସଂଘ ସଭାପତି ଦୁଷ୍ମନ୍ତ ନାଏକ, ଡଃ ଲଳିତ ରଂଜନ ସାହୁ ପ୍ରମୁଖ ଯୋଗ ଦେଇ ଗାନ୍ଧୀ ଦର୍ଶନରେ ଛାତ୍ରଛାତ୍ରୀ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

## ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ଶେଷକୃତ୍ୟ ସମ୍ପନ୍ନ

ସୁନ୍ଦରଗଡ,୧୩।୧ (ଡି.ଏନ୍.ଏ.)

ସ୍ଥାନୀୟ ମିଶନଠାରେ ସୁନ୍ଦରଗଡର ପୂର୍ବତନ ଏମ୍‌ପି ମୋରିସ କୁଜୁରଙ୍କ ସୋମବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡାଃ ସି.ଏସ. ରାଜେନ ଏକ୍କା, ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ପୂର୍ବତନ ବିଧାୟକ ଡଃ ପ୍ରଫୁଲ୍ଲ କୁମାର ମାଝି, ରାଜକିଶୋର ଷଡଙ୍ଗୀ, ବୀରେନ୍ ସେନାପତି, କୈଳାଶଚନ୍ଦ୍ର ସାହୁ, ଅମିତା ବିଶ୍ୱାଳ, ପ୍ରଶାନ୍ତ ସେଠୀ, ପ୍ରଫୁଲ୍ଲ ସୁନାନୀ, ସରୋଜିନୀ ବାଙ୍କୁରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

■ ଜାନୁୟାରୀ ୧୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ

# ମୂଳୋତ୍ପାଟନ ହେବ ଫାଟୁଆରୋଗ

କୁଆଁରମୁଣ୍ଡା,୧୩।୧(ଡି.ଏନ.ଏ.)



କୁଆଁରମୁଣ୍ଡା ସରକାରୀ ଡାଏରୀଫାର୍ମରେ ଫାଟୁଆରୋଗ ନିରାକରଣ ନିମନ୍ତେ ଟିକାକରଣ କର୍ମଶାଳାରେ ତାଲିମଦାତାଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

- ■ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମରେ ତାଲିମ କର୍ମଶାଳା
- ■ ୩୬ରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଗଲା
- ■ ପୂର୍ବରୁ କେବଳ ଗୋରୁଗାଈଙ୍କୁ ଟିକା ଦିଆଯାଉଥିଲା
- ■ ଏବେ ଛେଳି, ମେଣ୍ଢା, ଘୁଷୁରି ସାମିଲ ହେବେ

ଗୃହପାଳିତ ପ୍ରାଣୀଙ୍କୁ ହେଉଥିବା ଫାଟୁଆରୋଗକୁ ସମଗ୍ର ରାଜ୍ୟ ଓ ଦେଶରୁ ମୂଳୋତ୍ପାଟନ କରିବା ପାଇଁ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜରିଆରେ ଚଳିତ ମାସ ୧୬ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଟିକାକରଣର ବ୍ୟବସ୍ଥା କରାଯାଉଛି। ସମଗ୍ର ଦେଶରୁ ଆଗାମୀ ୫ବର୍ଷ ମଧ୍ୟରେ ଗୃହପାଳିତ ପ୍ରାଣୀମାନଙ୍କଠାରେ ଦେଖା ଦେଉଥିବା ଫାଟୁଆରୋଗକୁ ଦୂର କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପୂର୍ବରୁ କେବଳ ଗୋରୁଗାଈଙ୍କୁ ଫାଟୁଆରୋଗର ଟିକା ଦିଆଯାଉଥିଲା। ଏବେ ଏହି କାର୍ଯ୍ୟକ୍ରମ ଜରିଆରେ ସମସ୍ତ ଗୃହପାଳିତ ପ୍ରାଣୀ ବିଶେଷ କରି ଗୋରୁଗାଈଙ୍କ ସମେତ ଛେଳି, ମେଣ୍ଢା, ଘୁଷୁରିଙ୍କୁ ମଧ୍ୟ ଟିକା ଦିଆଯିବ। ଏ ନେଇ କୁଆଁରମୁଣ୍ଡାସ୍ଥିତ ସରକାରୀ ଡାଏରୀ ଫାର୍ମରେ ସୋମବାର ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକର ପ୍ରାଣୀଧନ କର୍ମଚାରୀଙ୍କ ସହ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୩୬ରୁ ଉର୍ଦ୍ଧ୍ୱ ଅଣତାଲିମପ୍ରାପ୍ତ ଯୁବ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କିଭଳି ଗୃହପାଳିତ ପ୍ରାଣୀଙ୍କୁ ଫାଟୁଆ ରୋଗର ଟିକାକରଣ କରାଯିବ ସେ ନେଇ ତାଲିମ ଗ୍ରହଣ କରିଥିଲେ। ଏହି କର୍ମଶାଳାକୁ କୁଆଁରମୁଣ୍ଡା ସରକାରୀ ଡାଏରୀଫାର୍ମର ଅଧୀକ୍ଷକ ଡା. ମୁକ୍ତିକାନ୍ତ ଭୂୟାଁ ଉଦ୍‌ଘାଟନ କରି କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରିଥିଲେ। କୁଆଁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ଡା. ଧୀରେନ୍ଦ୍ର ବେହେରା ଓ ଡା. କୃତାଳି ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ।

## ରାଜଗାଙ୍ଗପୁର ବିକାଶ ପରିଷଦର ନିର୍ବାଚନ

ରାଜଗାଙ୍ଗପୁର, ୧୩।୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବିକାଶ ପରିଷଦର ସଭାପତି ଭାବେ ନରେଶ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ରାଜଗାଙ୍ଗପୁର ମାରୱାଡି ସମାଜ ପକ୍ଷରୁ ବିକାଶ ପରିଷଦ ପାଇଁ ଏହି ନିର୍ବାଚନ କରାଯାଇଥିଲା। ୪୮୯ ଜଣ ସଭ୍ୟଙ୍କ ଭିତରୁ ୨୦୯ଜଣ ଭୋଟର ନିର୍ବାଚନ ସମୟରେ ଉପସ୍ଥିତ ରହି ଭୋଟଦାନ କରିଥିଲେ । ନିର୍ବାଚନରେ ନରେଶ ଅଗ୍ରୱାଲଙ୍କୁ ୧୯୯ ଖଣ୍ଡ ଭୋଟ ପଡିଥିଲା। ରାଜକୁମାର ଅଗ୍ରୱାଲଙ୍କୁ ମାତ୍ର ୮ଖଣ୍ଡ ଭୋଟ ପଡିଥିବା ବେଳେ ୨ଖଣ୍ଡ ଭୋଟ ନାକଚ ହୋଇଥିଲା।

## ୧୦୪ ଅଭିଯୋଗ ପଞ୍ଜୀକୃତ



ଲୋକେ ଅଭିଯୋଗ କରୁଛନ୍ତି।

ଲହୁଣୀପଡା,୧୩।୧ (ଡି.ଏନ.ଏ.)

ଲହୁଣୀପଡା ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ସୋମବାର ଲୋକଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇଛି। ଏଥିରେ ୧୦୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ରାସ୍ତା, ପାନୀୟଜଳ, ଉଠାଜଳସେଚନ, ଜମିବାଡି, ବଦଳି, ଚିକିତ୍ସା ସହାୟତା ଆଦି ସାମୂହିକ ଅଭିଯୋଗ ରହିଥିଲା। ଅନ୍ୟପକ୍ଷେ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୪୫ ହଜାର ଟଙ୍କା ସହାୟତା ଦିଆଯାଇଛି। ସେହିଭଳି ରେଡ୍‌କ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ୧୭ଜଣଙ୍କୁ ଭତ୍ତା ଦିଆଯାଇଥିବାବେଳେ ୬ ଜଣଙ୍କୁ ତିନି ଚକିଆ ସାଇକେଲ ଦିଆଯାଇଛି। ଲହୁଣୀପଡା ଡାକ୍ତରଖାନା ଲାଗି ଜିଲା ଖଣିଜ ପାଣ୍ଠି ତରଫରୁ ୨ଟି ଆମ୍ବୁଲାନ୍ସର ଉଦ୍‌ଘାଟନ କରାଯାଇଛି। ଏଥିରେ ଜିଲାପାଳ ନିଖିଳ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସରୋଜ କୁମାର ମିଶ୍ର, ରାଉରକେଲା ଏସ୍‌ପି କେ. ଶିବା ଶୁବ୍ରମଣୀ, ବଣେଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି, ଲହୁଣୀପଡା ବିଡିଓ ଧାନାଇଚରଣ ଟୁଡୁ, ବଣେଇ ଡିଏଫଓ ସନତ କୁମାର ଏନ, ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ସିଏଏ ସପକ୍ଷରେ ଜନ ଜାଗରଣ ଯାତ୍ରା

ବଡଗାଁ, ୧୩।୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁରେ ସୋମବାର ସିଟିଜେନ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ତଥା ନାଗରିକତ୍ୱ ସଂଶୋଧନ ଆଇନ ଉପରେ ଆଲୋଚନା ସଭା ଓ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ଜିଲା ଭାଜପା ସଂଗଠନ ଉପସଭାପତି ଉପାଧ୍ୟାୟ ପାଣିଗ୍ରାହୀ, ଦିଲୀପ ସେନାପତି (ପିଙ୍କୁ), ଅଖିଳ ବେହେରା, ପିଣ୍ଟୁ ହୋତା, ରୂପେଶ ପଣ୍ଡା, ସୁନୀଲ ନାଏକ, ଭାଜପା ବଡଗାଁ ମଣ୍ଡଳ ସଭାପତି ବାବୁଲି କର୍ସେଲ, କୈଳାଶ ଭିତ୍ରିଆ ପ୍ରମୁଖ ଯୋଗ ଦେଇଥିଲେ । କର୍ମୀ, କର୍ମକର୍ତ୍ତା ଭାଜପା କାର୍ଯ୍ୟାଳୟରେ ସମବେତ ହେଲାପରେ ସେଠାରେ ସିଏଏ ଏବଂ ଏହାକୁ ନେଇ ଦେଶରେ ଦେଖା ଦେଇଥିବା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। କଂଗ୍ରେସ ଶାସନ ସମୟରେ ଏହା ଆରମ୍ଭ କରାଯାଇଥିଲେ ମଧ୍ୟ ଲାଗୁ କରାଯାଇ ନ ଥିଲା । ବାଙ୍ଗଲାଦେଶ, ପାକିସ୍ତାନରେ ନିର୍ଯାତିତ ହୋଇ ଭାରତକୁ ଆସିଥିବା ଶରଣାର୍ଥୀଙ୍କୁ ନାଗରିକତ୍ୱ ଦେବା ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ କଂଗ୍ରେସ ଏବଂ ବାମପନ୍ଥୀ ଦଳ ଗୁଡିକ ଅପପ୍ରଚାର କରି ଲୋକଙ୍କୁ ଭୟଭିତ କରାଉଛନ୍ତି ବୋଲି ବିଧାୟକ ଓ ଅନ୍ୟମାନେ ଆଲୋଚନା ଉପସ୍ଥାପନ କରିଥିଲେ । ଏହାପରେ ସେମାନେ ବଡଗାଁ ପୂର୍ତ୍ତ ଡାକ ବଙ୍ଗଳା ପର୍ଯ୍ୟନ୍ତ ଜାଗରଣ ଯାତ୍ରା କରିଥିଲେ।

ବାଲିଶଙ୍କରା,(ଡି.ଏନ.ଏ.)

ଭାଜପା ବାଲିଶଙ୍କରା ମଣ୍ଡଳ ପକ୍ଷରୁ ନାଗରିକତା ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଏକ ଜନଜାଗରଣ ପଦଯାତ୍ରା କରାଯାଇଛି। ବାଲିଶଙ୍କରା ଚାନ୍ଦନୀମାଳ ଛକଠାରୁ ଏହି ପଦଯାତ୍ରା ବାହାରି ବାଲିଶଙ୍କରାର ସମସ୍ତ ପଡା ପରିକ୍ରମା କରି ଗ୍ରାମବାସୀଙ୍କୁ ସିଏଏ ସପକ୍ଷରେ ସଚେତନ କରିଥିଲା । ଏହି ପଦଯାତ୍ରାରେ ବାଲିଶଙ୍କରା ମଣ୍ଡଳ ସଭାପତି ଉଚ୍ଛବ ତନ୍ତି, ସୁନ୍ଦରଗଡ ଜିଲା ସାଙ୍ଗଠାନିକ ସଭାପତି ତଥା ବିଧାୟକ ଭବାନୀଶଙ୍କର ଭୋଇ, ଶ୍ରଦ୍ଧାକର ସୁନାଏନ, ତିଲଡେଗା ମଣ୍ଡଳ ସଭାପତି ସୁରେନ୍ଦ୍ର ସାହୁ, ପର୍ଶୁରାମ ପଟେଲ, ସୁଜିତ ପଟେଲ, ବୈକୁଣ୍ଠ କାଲୋ, ଦୁର୍ଗାଚରଣ ପଟେଲ, ନନ୍ଦନ ସିଂ, ବୈରାଗୀ ତନ୍ତି, ଚୁମନ ପଟେଲ, ମହେନ୍ଦ୍ର ପଟେଲ ସବ୍ୟସାଚି ସା, ମନୋଜ ମିଶ୍ର, ବନମାଳୀ ବାରସତିଆ, ବେଦବ୍ୟାସ ବିଶ୍ୱାଳ, ସୁଶାନ୍ତ ପଟେଲ, ଉପେନ୍ଦ୍ର କୁଜୁର ପ୍ରମୁଖ ଯୋଗ ଦେଇଥିଲେ।





ବାଲିଶଙ୍କରାରେ ସିଏଏ ସମ୍ପର୍କରେ ସଚେତନ କରିବାକୁ ଜନ ଜାଗରଣ ଯାତ୍ରା ବାହାରିଛି (ବାମ)। ବଡଗାଁରେ ସିଟିଜେନ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ) ତଥା ନାଗରିକତ୍ୱ ସଂଶୋଧନ ଆଇନ ଉପରେ ଜାଗରଣ ଯାତ୍ରା ବାହାରିଛି।